


‘ରାମାୟଣ’ ସୁଟିଂ ସେଟ୍‌ରୁ ଆସିଲା ଯଶ୍‌ଙ୍କ ଫଟୋ
▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-335 ◆BHUBANESWAR ◆TUESDAY ◆3 JUNE 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୨ ◆ସଂଖ୍ୟା-୩୩୫ ◆ଭୁବନେଶ୍ୱର ◆ମଙ୍ଗଳବାର ◆୩ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଶେଷ ଜ୍ୟେଷ୍ଠରେ ସୂର୍ଯ୍ୟ କୋପ

## ତାତି, ଗୁଳୁଗୁଳିରେ ଅସ୍ତବ୍ୟସ୍ତ ସାରା ଓଡ଼ିଶା

■ **ଭୁବନେଶ୍ୱର, ୨।୬ (ସମିସ):** ମାତ୍ର କେଇ ଦିନର ଆଶ୍ୱସ୍ତି ପରେ ପୁଣି ରାଜ୍ୟକୁ ଫେରିଛି ତାତି। ମେଘମୁକ୍ତ ଆକାଶ, ପଶ୍ଚିମା ଉତ୍ତପ୍ତ ବାୟୁ ପ୍ରବାହ ରାଜ୍ୟରେ ତାପମାତ୍ରା ବୃଦ୍ଧି କରାଇବାକୁ ସକ୍ଷମ ହୋଇଛି । ଅନ୍ୟପକ୍ଷରେ ପୃଥିବୀ ଉପରେ ସିଧା ସୂର୍ଯ୍ୟକିରଣ ପଡ଼ିବା ସହ ଏହା ତାପମାତ୍ରା ବୃଦ୍ଧି କରାଉଛି। ତାପମାତ୍ରା ବୃଦ୍ଧି ସାଙ୍ଗକୁ ରାଜ୍ୟରେ ବର୍ତ୍ତମାନ ଆର୍ଦ୍ରତା ପରିମାଣ ଅଧିକ ରହୁଥିବାରୁ ଗୁଳୁଗୁଳି ପାଇଁ ଏହା ସହାୟକ ହେଉଛି।

ଏହି କ୍ରମରେ ସୋମବାର ରାଜ୍ୟର ଏକାଧିକ ସ୍ଥାନରେ ଭୀଷଣ ଗୁଳୁଗୁଳି ସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟର ପ୍ରମୁଖ ସହରରେ ତାପମାତ୍ରା ୩୯ ଡିଗ୍ରୀ ଅତିକ୍ରମ କରିବା ସହ ଆର୍ଦ୍ରତା ପରିମାଣ ୫୦ ପ୍ରତିଶତ ଉପରେ ରେକର୍ଡ ହୋଇଛି। ଫଳସ୍ୱରୂପ ରାଜ୍ୟବାସୀ ତାତି ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇଛନ୍ତି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ୩୯.୮ ଡିଗ୍ରୀ ସହ ବାଲେଶ୍ୱରରେ ରାଜ୍ୟର ସବୁଠୁ ଅଧିକ ତାପମାତ୍ରା ରେକର୍ଡ ହୋଇଛି। ୩୯.୬ ଡିଗ୍ରୀ ସହ ଭୁବନେଶ୍ୱର ରାଜ୍ୟର ଦ୍ୱିତୀୟ ଉତ୍ତପ୍ତ ସହରରେ ପରିଣତ ହୋଇଛି। ଆଜି ଦିନ ସାଢେ ୧୧ ସୁଦ୍ଧା ଭୁବନେଶ୍ୱରରେ ୩୭.୪ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ



- ୩୯.୮ ଡିଗ୍ରୀ ସହ ବାଲେଶ୍ୱର ସବୁଠୁ ଉତ୍ତପ୍ତ
- ୩୯.୬ରେ ଟକ୍‌ଟକ୍ ଫୁଟିଲା ରାଜଧାନୀ
- ୪ ଦିନରେ ୨ ଡିଗ୍ରୀ ବଢ଼ିପାରେ ତାପମାତ୍ରା


ବାଲେଶ୍ୱରରେ ତାପମାତ୍ରା ୩୮.୪ ଡିଗ୍ରୀ ପହଞ୍ଚିଥିଲା। ଏହା ସାଙ୍ଗକୁ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଆର୍ଦ୍ରତା ପରିମାଣ ଯୋଗୁଁ ଲୋକଙ୍କୁ ୫୦ ଡିଗ୍ରୀ ଭଳି ତାପମାତ୍ରା ଅନୁଭବ ହୋଇଛି। ଅନ୍ୟପକ୍ଷରେ ଝାରସୁଗୁଡାରେ ୩୯.୨, ସମ୍ବଲପୁରରେ ୩୯.୧, ହୀରାକୁଦ ୩୯.୧, ଚାନ୍ଦବାଲି ୩୮.୪, ରାଉରକେଲା ୩୭.୭, ପାରାଦ୍ୱୀପ ୩୭.୫ ଓ ପୁରୀରେ ତାପମାତ୍ରା ୩୭ ଡିଗ୍ରୀ ରେକର୍ଡ ହୋଇଛି।

ଆସନ୍ତା ୫ ଦିନ ଯାଏଁ ରାଜ୍ୟର ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ତାପମାତ୍ରା ବଢିବାକୁ ଥିବା ବେଳେ ପ୍ରାୟ ୧୦ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବ। ତେଣୁ ଆସନ୍ତା ୮ ଦିନ ପର୍ଯ୍ୟନ୍ତ ଏଭଳି ତାତି ଓ ଗୁଳୁଗୁଳି ଜାରି ରହିବାର ଆଶଙ୍କା ରହିଛି। ପ୍ରବଳ ଗରମ ଓ ଗୁଳୁଗୁଳି ହେବାର ସମ୍ଭାବନାକୁ ଆଖିରେ ରଖି ପାଣିପାଗ କେନ୍ଦ୍ର ଉପକୂଳବର୍ତ୍ତୀ ଜିଲ୍ଲା ଯେପରିକି ପୁରୀ, ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, କେନ୍ଦ୍ରାପଡା, ଗଞ୍ଜାମ ଓ ଗଜପତି ସାଙ୍ଗକୁ କଟକ ଓ ଖୋର୍ଦ୍ଧା ଆଦି ଜିଲ୍ଲାକୁ ସତର୍କ ରହିବା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଏହିସବୁ ଜିଲ୍ଲାର ଅନେକ ସ୍ଥାନରେ ଦିନର ସର୍ବାଧିକ ତାପମାତ୍ରା ୪୧ଡିଗ୍ରୀ ପର୍ଯ୍ୟନ୍ତ ଛୁଇଁପାରେ ବୋଲି ଆକଳନ କରାଯାଉଛି।

### ମାଡ଼ିଚାଲିଛି କରୋନା

## ୨୪ ଘଣ୍ଟାରେ ୬ ମୃତ

■ **ନୂଆଦିଲ୍ଲୀ, ୨।୬ (ଏଜେନ୍ସି):** ଦେଶରେ କରୋନା ମାମଲା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ୨୦୩ ନୂଆ ରୋଗୀ ଚିହ୍ନଟ ହୋଇଥିବା ବେଳେ ୪ ଜଣ ସଂକ୍ରମିତ ପ୍ରାଣ ହରାଇଛନ୍ତି। ଏଥିସହିତ ମୃତ୍ୟୁସଂଖ୍ୟା ୩୪ରେ ପହଞ୍ଚିଛି। ଆଜି ଅହମଦାବାଦର ୧୮ ବର୍ଷୀୟ ଗର୍ଭବତୀ ଏବଂ ୪୭ ବର୍ଷୀୟ ମହିଳା କରୋନାରେ ପ୍ରାଣ ହରାଇଛନ୍ତି। ଏହା ପୂର୍ବରୁ ରବିବାର ଦିଲ୍ଲୀର ୨୨ ବର୍ଷୀୟ ଯୁବତୀ ▶ପୃଷ୍ଠା-୭



ସଂକ୍ରମିତ ସଂଖ୍ୟା ୩୯୭୬

କେରଳରେ ସର୍ବାଧିକ ୧୪୩୫

### ଜେଇଇ ଆଡଭାନ୍ସଡ ପରୀକ୍ଷାଫଳ ପ୍ରକାଶିତ

## ଦେଶରେ ରଜିତ, ଓଡ଼ିଶାରେ ହଂସ ଟପ୍ପର

■ **ଭୁବନେଶ୍ୱର, ୨।୬ (ସମିସ):** ଜେଇଇ ଆଡଭାନ୍ସଡ୍ ପରୀକ୍ଷାଫଳ ଆଜି ପ୍ରକାଶ ପାଇଛି। ଆଇଆଇଟି କାନପୁର ପକ୍ଷରୁ ପରିଚାଳିତ ଏହି ପରୀକ୍ଷାରେ ରାଜସ୍ଥାନ କୋଟାର ରଜିତ ଗୁପ୍ତା ଟପ୍ପର ହୋଇଛନ୍ତି। ସମୁଦାୟ ୩୬୦ରୁ ୩୩୨ ମାର୍କ ରଖି ସେ ଦେଶରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ସେହି କୋଟାର ଛାତ୍ର ସକ୍ଷମ ଜିନ୍ଦଲ୍ ମଧ୍ୟ ୩୩୨ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଛାତ୍ରୀମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗର ଦେବଦତ୍ତ ମାଝୀ ପ୍ରଥମ ସ୍ଥାନରେ ଥିବା ବେଳେ ସର୍ବଭାରତୀୟ ସ୍ତରରେ ୧୬ତମ ସ୍ଥାନରେ ରହିଛନ୍ତି। ▶ପୃଷ୍ଠା-୭



ରଜିତ ଗୁପ୍ତା



ହଂସ ଦାରୁକା

### ରିପୋର୍ଟ କାର୍ଡ ରାଜନୀତି

## ଶାସକ-ବିରୋଧୀ ମୁହାଁମୁହିଁ

■ **ଭୁବନେଶ୍ୱର,୨।୬(ସମିସ):** ଆସନ୍ତା ୧୨ ତାରିଖରେ ରାଜ୍ୟରେ ବିଜେପି ସରକାର ନିଜର ପ୍ରଥମ ବର୍ଷ ପୂରଣ କରୁଛି। ବର୍ଷେ ପୂର୍ତ୍ତି ପୂର୍ବରୁ ରାଜ୍ୟ ସରକାରଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିଜ ନିଜର ରିପୋର୍ଟ କାର୍ଡ ଦେଇଛନ୍ତି। ବିଭାଗର ସଫଳତା ଓ ବିଫଳତାକୁ ମାପଦଣ୍ଡ କରି ମୁଖ୍ୟମନ୍ତ୍ରୀ ତାଙ୍କ ସରକାରର ମନ୍ତ୍ରୀଙ୍କ ଦକ୍ଷତା ମାପିବେ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଅଧିକାଂଶ ମନ୍ତ୍ରୀଙ୍କ ରିପୋର୍ଟ କାଡର୍‌କୁ ନେଇ ମୁଖ୍ୟମନ୍ତ୍ରୀ ଅସୁଖୀ। ଏହି ମନ୍ତ୍ରୀମାନେ ତାଙ୍କ ବିଭାଗର କାର୍ଯ୍ୟର ସୂଚାରୀ ସମ୍ପାଦନ କରିବାରେ ବ୍ୟର୍ଥ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଉପଲବ୍ଧି କରୁଥିବା କୁହାଯାଉଛି। ଆଗାମୀ ଦିନରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମୟରେ ସମ୍ପୃକ୍ତ ମନ୍ତ୍ରୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି ବୋଲି ଏହି ସୂତ୍ରରୁ ଜଣାପଡ଼ିଛି।

ସମ୍ପ୍ରତି ମୁଖ୍ୟମନ୍ତ୍ରୀଙ୍କୁ ବାଦ ଦେଲେ କ୍ୟାବିନେଟରେ ମୋଟ ମନ୍ତ୍ରୀ ସଂଖ୍ୟା ୧୬ ଓ ଏମାନଙ୍କ ମଧ୍ୟରେ ଦୁଇଜଣ ଉପମୁଖ୍ୟମନ୍ତ୍ରୀ। ଜଣେ ଦୁଇଜଣ ମନ୍ତ୍ରୀଙ୍କୁ ଛାଡ଼ିଦେଲେ ଅଧିକାଂଶ ଏକାଧିକ ବିଭାଗ ଦାୟିତ୍ୱରେ ରହିଛନ୍ତି। ବିଭାଗ ସଂଖ୍ୟା ଅନୁସାରେ ସେମାନଙ୍କୁ ଅନୁରୂପ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି। ଜଣେଜଣେ ▶ପୃଷ୍ଠା-୭

**ବର୍ଷେ ମଧ୍ୟରେ ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିଛୁ: ବିଜେପି**

**ସାର୍ବଜନୀନ କରାଯାଉ ମନ୍ତ୍ରୀମାନଙ୍କ ରିପୋର୍ଟ କାର୍ଡ: ବିଜେଡି**

### ଡ୍ରୋନ୍ ସର୍ଭେର ସଫଳତା

## ସରଣ୍ଡା ଜଙ୍ଗଲରୁ ମିଳିଲା ଅଢ଼େଇ ଟନ୍ ବିସ୍ଫୋରକ



■ **ରାଉରକେଲା, ୨।୬ (ସମିସ):** ଡ୍ରୋନ୍ ସର୍ଭେରୁ ମିଳିଛି ସଫଳତା। ସରଣ୍ଡା ଜଙ୍ଗଲରୁ ମିଳିଛି ଅଢ଼େଇ ଟନ୍ ବିସ୍ଫୋରକ। ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ସରଣ୍ଡା ଜଙ୍ଗଲସ୍ଥିତ ବାଙ୍କୋ ଷ୍ଟୋନ୍ କ୍ୱାରୀ ନିକଟରୁ ଗତ ୨୭ତାରିଖ ରାତିରେ ମାଓବାଦୀମାନେ ୫ଟନ୍ ବିସ୍ଫୋରକ ସାମଗ୍ରୀ ଲୁଟି ନେଇଥିଲେ। ଏହି ଘଟଣାରେ ଆଜି ରାଉରକେଲା ପୁଲିସ୍‌କୁ ବଡ଼ ସଫଳତା ମିଳିଥିବା କୁହାଯାଉଛି। ▶ପୃଷ୍ଠା-୭

**୨୭ରେ ୫ ଟନ୍ ବିସ୍ଫୋରକ ଲୁଟିଥିଲେ ମାଓବାଦୀ**

### ନିଶା ଉଜାଡ଼ିଦେଲା ସଂସାର

## ସ୍ତ୍ରୀକୁ ଠେଙ୍ଗାରେ ପିଟି ହତ୍ୟା; ସ୍ୱାମୀ ଗିରଫ

■ **ମୁନିଗୁଡ଼ା, ୨।୬(ସମିସ):** ପୁଣି ସଂସାର ଉଜାଡ଼ିଲା ମଦ। ସାମାନ୍ୟ କଳହକୁ କେନ୍ଦ୍ର କରି ନିଶାସକ୍ତ ସ୍ୱାମୀ ଠେଙ୍ଗାରେ ପିଟିପିଟି ନିଶାସକ୍ତ ସ୍ତ୍ରୀକୁ ହତ୍ୟା କରିଛି। ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ଅନ୍ତର୍ଗତ ମାତାବାରୁ ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତ ମହିଳା ହେଲେ, ରଘୁବାରି ପଞ୍ଚାୟତ ବିଲାଙ୍ଗଦୁନି ଗ୍ରାମର ତୃତୁ ମାଝୀଙ୍କ ଝିଅ ସବିତା ମାଝୀ। ପୁଲିସ୍ ଅଭିଯୁକ୍ତ ସ୍ୱାମୀ ଚିତ୍ର ମାଝୀକୁ ଗିରଫ କରି କୋର୍ଟଚାଲାଣ କରିବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ହତ୍ୟା ପରେ ଚିତ୍ର ଫେରାର୍ ହେବାକୁ ଉଦ୍ୟମ କରୁଥିବା ବେଳେ ଖବର ପାଇ ପୁଲିସ୍ ତାକୁ ବାଟ ମଝିରୁ ମାଡ଼ି ବସିଥିଲା। ଏହାସହ ପୁଲିସ୍ ସବିତାଙ୍କ ଶବକୁ ବ୍ୟବଚ୍ଛେଦ କରାଇବା ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନାନୁଯାୟୀ, ଗତ ରବିବାର ସନ୍ଧ୍ୟା ପ୍ରାୟ ୬ଟା ବେଳେ ସବିତା ଓ ଚିତ୍ର ଏକାଠି ବସି ମଦ ▶ପୃଷ୍ଠା-୭



## କିଶୋରୀଙ୍କ ‘ଖୁସି’ରେ ତାଲା

■ **ଭୁବନେଶ୍ୱର,୨।୬(ସମିସ):** ସ୍କୁଲ ଛାତ୍ରୀ ଓ କିଶୋରୀଙ୍କୁ ବିନାମୂଲ୍ୟରେ ସାନିଟାରୀ ନାପକିନ୍ ଯୋଗାଇ ଦେବା ନିମନ୍ତେ ରାଜ୍ୟ ସରକାର ଆରମ୍ଭ କରିଥିଲେ ‘ଖୁସି’ ଯୋଜନା। ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ଫେବ୍ରୁଆରୀ ୨୬ ତାରିଖରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ମାତ୍ର ରାଜ୍ୟରେ ସରକାର ବଦଳିବା ପରେ ବନ୍ଦ ହୋଇ ଯାଇଛି ଏହି ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ। ଫଳରେ ସାରା ରାଜ୍ୟରେ କିଶୋରୀ ବାଳିକାଙ୍କ ସହ ଛାତ୍ରୀମାନଙ୍କ ପାଖରେ ପହଞ୍ଚିନି ସାନୀଟାରୀ ନାପକିନ୍।

ମାସିକ ଋତୁସ୍ରାବ ସମୟରେ ଗ୍ରାମାଞ୍ଚଳରେ ସ୍କୁଲ ଛାତ୍ରୀମାନଙ୍କ ପରିଚ୍ଛନ୍ନତା ବଜାୟ ରଖିବା ଓ ସେମାନଙ୍କୁ ସୁସ୍ଥ ରଖିବା ନିମନ୍ତେ ତତକାଳୀନ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ବାଳିକାଙ୍କୁ ଋତୁସ୍ରାବ ସଂକ୍ରମଣରୁ ସୁରକ୍ଷା ଦେବା ଲାଗି ‘ଖୁସି’ ଯୋଜନା ଆରମ୍ଭ ହୋଇଥିଲା। ଏହି ଯୋଜନାରେ ୬ରୁ୧୨ ଶ୍ରେଣୀ ବାଳିକାଙ୍କୁ ମାସିକ ୧୮ଟି ନାପକିନ୍ ମାଗଣା ଯୋଗାଇ ଦିଆଯାଉଥିଲା। ସେହିପରି ଗ୍ରାମାଞ୍ଚଳର ମହିଳା ଓ କିଶୋରୀମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ଏହାକୁ ଯୋଗାଇ ଦିଆଯାଉଥିଲା। ପଞ୍ଚାୟତରେ ଏମଏମ୍ଏ ଓ ଆଶା କର୍ମୀମାନେ ଏହାକୁ ବଣ୍ଟନ କରୁଥିଲେ। ବଜାରରେ ସାନିଟାରୀ ନାପକିନ ପ୍ୟାକେଟ୍‌ର ମୂଲ୍ୟ ଅନ୍ୟୁନ ୪୦ ଟଙ୍କା ରହିଥିବାବେଳେ ମାତ୍ର ୬ ଟଙ୍କାରେ ଏହା ଗ୍ରାମାଞ୍ଚଳର କିଶୋରୀମାନଙ୍କ ପାଇଁ ଉପଲବ୍ଧ ହେଉଥିଲା। ୨ରୁ ୩ ମାସ ଲାଗି ପ୍ରତି ଛାତ୍ରୀଙ୍କୁ ୩ଟି ସାନିଟାରୀ ପ୍ୟାକେଟ (୫୪ଟି ନାପକିନ) ପ୍ରଦାନ କରାଯାଉଥିଲା। ରାଜ୍ୟର ୨୯୫୫୭ ବିଦ୍ୟାଳୟରେ ୧୬ଲକ୍ଷ ୮୯ହଜାର ୩୬୬ ଜଣଙ୍କୁ ଚିହ୍ନଟ କରାଯାଇ ୨୦୨୦-୨୧ ଆର୍ଥିକ ବର୍ଷରେ ୩୬ କୋଟି ୪୯ ଲକ୍ଷ ୩ ▶ପୃଷ୍ଠା-୭

**୬ଟଙ୍କାରେ ସରକାର ଯୋଗାଉଥିଲେ ସାନିଟାରୀ ନାପକିନ୍**

**ବିଦ୍ୟାଳୟରେ ଛାତ୍ରୀଙ୍କୁ ମାଗଣାରେ ମିଳୁଥିଲା**

**ବର୍ଷେ ହେଲା ବନ୍ଦ ହୋଇ ଯାଇଛି ‘ଖୁସି’ ଯୋଜନା**




# ବାଂଲାଦେଶ ନୋଟ୍‌ରୁ ହଟିଲା ମୁଜିବୁରଙ୍କ ଫଟୋ

ଢ଼ାକା,୨।୬(ଏଜେନ୍ସି): ଏକ ଉଲ୍ଲେଖନୀୟ ଘଟଣାକ୍ରମେ ବାଂଲାଦେଶ କେନ୍ଦ୍ରୀୟ ବ୍ୟାଙ୍କ୍ ରବିବାର ନୂଆ ୧୦୦୦, ୫୦ ଓ ୨୦ ଟଙ୍କା ନୋଟ୍ ଜାରି କରିଛି। ଏହି ନୋଟ୍‌ଗୁଡ଼ିକରୁ ବାଂଲାଦେଶ ପ୍ରତିଷ୍ଠାତା ତଥା ପୂର୍ବତନ ରାଷ୍ଟ୍ରପତି ଶେଖ ମୁଜିବୁର ରହମାନଙ୍କ ଚିତ୍ରକୁ ହଟାଇ ଦିଆଯାଇଛି। ପୁଣି ୫୦୦, ୨୦୦, ୧୦୦ ଓ ୧୦ ଟଙ୍କିଆ ନୋଟ୍ ଖୁବଶୀଘ୍ର ଜାରି କରାଯିବ ବୋଲି ବାଂଲାଦେଶ କେନ୍ଦ୍ରୀୟ ବ୍ୟାଙ୍କ ପ୍ରବକ୍ତା ଆରିଫ୍ ହୁସେନ ଖାନ୍ କହିଛନ୍ତି। ତେବେ ପୁରୁଣା ନୋଟ ପୂର୍ବପରି ପ୍ରଚଳିତ ରହିବ ବୋଲି କୁହାଯାଇଛି। ନୂଆ ନୋଟ୍‌ରେ ହିନ୍ଦୁ ଓ ବୌଦ୍ଧ ମନ୍ଦିରର ଚିତ୍ର ଦେଖିବାକୁ ମିଳିବ।

# ବେକେରୀ ଭିତରେ ବୀଭତ୍ସ ହତ୍ୟା

ବେଙ୍ଗାଲୁରୁ,୨।୬(ଏଜେନ୍ସି): କର୍ଣ୍ଣାଟକର କୋପ୍ପାଲ ଜିଲାରେ ଦିନ ଦ୍ୱିପହରେ ଏକ ବୀଭତ୍ସ ହତ୍ୟା ଘଟିଛି। ଏକ ବେକେରୀ (ପାଉଁରୁଟି କାରଖାନା) ଭିତରେ ପସି ୭ଜଣ ଲୋକ ଧାରୁଆ ଅସ୍ତ୍ରରେ ଜଣେ ବ୍ୟକ୍ତିଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ଗତ ଶନିବାର ଏହି ଅଭାବନୀୟ ଘଟଣା ଘଟିଥିଲା ବୋଲି ଜିଲ୍ଲା ପ୍ରଶାସନର ଜଣେ ଅଧିକାରୀ କହିଛନ୍ତି। ସିସିଟିଭି କ୍ୟାମେରାରେ ଏହି ଘଟଣାର ସମ୍ପୂର୍ଣ୍ଣ ଦୃଶ୍ୟ ରେକର୍ଡ ହୋଇଛି। ମୃତ ବ୍ୟକ୍ତି ଜଣକ ହେଉଛନ୍ତି ଚେନ୍ନାପ୍ପା ନରିନାଲ। ଆକ୍ରମଣରୁ ରକ୍ଷା ପାଇବା ପାଇଁ ସେ ବେକେରୀ ଭିତରେ ପସି ଯାଇଥିଲେ ମଧ୍ୟ ଦୁର୍ବୃତ୍ତମାନେ ତାଙ୍କୁ ଛାଡ଼ି ନଥିଲେ। ବେକେରୀ ଭିତରେ ସେ ଜୀବନ ବଞ୍ଚାଇବାକୁ ଦୌଡ଼ିବାରେ ଲାଗିଥିଲେ ମଧ୍ୟ ତାଙ୍କୁ ଗୋଡାଇ ଗୋଡାଇ ହତ୍ୟା କରାଯାଇଥିଲା। ସମ୍ପତ୍ତି ବିବାଦ କାରଣରୁ ଏହା ଘଟିଛି ବୋଲି କୁହାଯାଇଛି। ପୁଲିସ ଏହି ଘଟଣାର ତଦନ୍ତ କରି ସମ୍ପୃକ୍ତ ୭ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି।

# କମଲ ହାସନ ହାଇକୋର୍ଟଙ୍କ ଦ୍ୱାରସ୍ଥ

ଚେନ୍ନାଇ,୨।୬(ଏଜେନ୍ସି): ବର୍ଷିଆନ ତାମିଲ ଅଭିନେତା କମଲ ହାସନ ଏବେ କର୍ଣ୍ଣାଟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କର୍ଣ୍ଣାଟକରେ ତାଙ୍କ ସିନେମା 'ଠଗ୍ ଅଫ୍ ଲାଇଫ୍'ର ମୁକ୍ତିଲାଭ ପାଇଁ ସେ ନିବେଦନ କରିଛନ୍ତି। କନ୍ନଡ ଭାଷା ଉପରେ ବିବାଦୀୟ ମନ୍ତବ୍ୟ ଦେଇ ସେ ବିବାଦ ସୃଷ୍ଟି କରିଥିଲେ। କନ୍ନଡ଼ ଭାଷା ତାମିଲରୁ ସୃଷ୍ଟି ବୋଲି ସେ କହିଥିଲେ। ଏହାକୁ ବିରୋଧ କରି କର୍ଣ୍ଣାଟକର ଲୋକେ ତାଙ୍କ ଫିଲ୍ମକୁ ରାଜ୍ୟରେ ମୁକ୍ତିଲାଭ କରାଇ ନଦେବା ପାଇଁ ବିକ୍ଷୋଭ ଓ ଆନ୍ଦୋଳନ କରିଥିଲେ। କର୍ଣ୍ଣାଟକ ଫିଲ୍ମ ଚାମ୍ବର ଅଫ୍ କମର୍ସ (କେଏଫ୍‌ସିସି) ରାଜ୍ୟରେ 'ଠଗ୍ ଅଫ୍ ଲାଇଫ'ର ମୁକ୍ତିଲାଭକୁ ନିଷିଦ୍ଧ କରିଛି। ଫଳରେ ସିନେମାକୁ ରିଲିଜ୍ କରାଇବାକୁ ସେ ନ୍ୟାୟଳୟରେ ପହଞ୍ଚିଛନ୍ତି। ଏହି ସିନେମା ଜୁନ୍ ୫ ତାରିଖରେ ମୁକ୍ତିଲାଭ କରିବାର କାର୍ଯ୍ୟକ୍ରମ ରହିଥିଲା।

**ମଝି ଆକାଶରେ ଶାଗୁଣା ମାଡ଼**

# ବିମାନର ଜରୁରୀ ଅବତରଣ

ନୂଆଦିଲ୍ଲୀ,୨।୬(ଏଜେନ୍ସି): ୪,୦୦୦ ଫିଟ୍ ଉଚ୍ଚ ମଝି ଆକାଶରେ ଶାଗୁଣା ମାଡ ହେବାରୁ ଏକ ଇଣ୍ଡିଗୋ ବିମାନ ଅଳ୍ପକେ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ୧୭୫ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏହି ବିମାନ ସୁରକ୍ଷିତ ଭାବେ ରାଞ୍ଚିରେ ଜରୁରୀ ଅବତରଣ କରିଛି। କାହାର କୌଣସି କ୍ଷତି ଘଟିନାହିଁ ବୋଲି ଜଣେ ଅଧିକାରୀ କହିଛନ୍ତି। ଏହି ବିମାନ ପାଟନାରୁ ରାଞ୍ଚି ଯାଉଥିଲା। ଶାଗୁଣା ମାଡ଼ ହେବାରୁ ପାଇଲଟ୍‌ଙ୍କୁ ବିମାନକୁ ଅବତରଣ କରିବାକୁ ପଡିଥିଲା ବୋଲି ବିର୍ସାମୁଣ୍ଡା ବିମାନ ବନ୍ଦର ନିର୍ଦ୍ଦେଶକ ଆରଆର ମୌର୍ଯ୍ୟ କହିଛନ୍ତି।

# ୨୦୨୬ ସୁଦ୍ଧା ଭାରତକୁ ମିଳିବ ସବୁ ଏସ୍-୪୦୦ ସିଷ୍ଟମ

ମସ୍କୋ, ୨।୬ (ଏଜେନ୍ସି): 'ଅପରେସନ ସିନ୍ଦୂର'ରେ ଦମ୍ ଦେଖାଇ ଥିବା ଏସ୍-୪୦୦ ସୁଦର୍ଶନ ଚକ୍ରର ବାକି ୟୁନିଟ ଗୁଡ଼ିକୁ ରୁଷିଆ ୨୦୨୬ ସୁଦ୍ଧା ପ୍ରଦାନ କରିବ। ରୁଷିଆର ଭାରତୀୟ ମିଶନର ଉପମୁଖ୍ୟ ରୋମାନ ବାବୁସ୍କିନ ସୋମବାର ଏହି ସୂଚନା ଦେଇଛନ୍ତି। ପାକିସ୍ତାନ ସହ ସଂଘର୍ଷରେ ଏହି ସିଷ୍ଟମ ଅତ୍ୟନ୍ତ ପ୍ରଭାବୀ ପ୍ରଦର୍ଶନ କରିଥିଲା ବୋଲି ସେ କହିଛନ୍ତି। ଏହା ସହିତ ଏୟାର ଡିଫେନ୍ସ ଏବଂ ଆଣ୍ଟି-ଡ୍ରୋନ ସିଷ୍ଟମରେ ଭାରତ ସହ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି କରାଯିବ ବୋଲି ସେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଯେ ଭାରତ ଏସ-୪୦୦ର ୫ଟି ସ୍କ୍ୱାଡ୍ରନ ଆଣିବା ପାଇଁ ୨୦୧୮ରେ ରୁଷ୍ ସହ ଚୁକ୍ତି କରିଥିଲା। ଏଥିରୁ ତିନୋଟି ମିଳି ସାରିଥିବାବେଳେ ଆଉ ୨ଟି ୨୦୨୬ ସୁଦ୍ଧା ରୁଷ୍ ପ୍ରଦାନ କରିବ।

**● ଏଲ୍‌ଜିଙ୍କୁ ଭେଟିଲେ ମେହବୁବା**

# ଘାଟିକୁ ଫେରନ୍ତୁ କଶ୍ମୀର ପଣ୍ଡିତ

ଶ୍ରୀନଗର, ୨।୬ (ଏଜେନ୍ସି): ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି)ର ମୁଖ୍ୟ ମେହବୁବା ମୁଫତି ସୋମବାର ପ୍ରଥମ ଥର ପାଇଁ ଉପ-ରାଜ୍ୟପାଳ ମନୋଜ ସିହ୍ନାଙ୍କୁ ଭେଟିଛନ୍ତି। ଏହି ସମୟରେ ସେ ଘାଟୀକୁ କଶ୍ମୀର ପଣ୍ଡିତଙ୍କ ସପକ୍ଷରେ ମତ ଦେଇଛନ୍ତି। ପଣ୍ଡିତଙ୍କ 'ପ୍ରତ୍ୟାବର୍ତ୍ତନ ଏବଂ ପୁନର୍ବାସ' ଉପରେ ଧ୍ୟାନ ଦେବାକୁ ସେ ଉପରାଜ୍ୟପାଳ ମନୋଜ ସିହ୍ନାଙ୍କୁ ଅନୁରୋଧ କରିଛନ୍ତି। କାଶ୍ମୀର ପଣ୍ଡିତଙ୍କ ପ୍ରତ୍ୟାବର୍ତ୍ତନ ବିନା ଯେକୌଣସି ରାଜନୈତିକ ପ୍ରକ୍ରିୟା 'ଅସମ୍ପୂର୍ଣ୍ଣ' ରହିବ ବୋଲି ସେ ଉଲ୍ଲେଖ କରିଛନ୍ତି। ଘାଟୀରୁ ଫେରି ଯାଇଥିବା କଶ୍ମୀର ପଣ୍ଡିତ ଭାଇ ଭଉଣୀଙ୍କୁ ଫେରାଇ ଆଣି ସମସ୍ତ ସୁବିଧା ଯୋଗାଇ ଦେବା ଆମର ନୈତିକ ଏବଂ ସାମାଜିକ ଦାୟିତ୍ୱ। ସେ ଏ ସମ୍ବନ୍ଧରେ ଉପ-ରାଜ୍ୟପାଳଙ୍କୁ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି।

# ମିଳିଲା ସ୍ୱାମୀଙ୍କ ଶବ; ପତ୍ନୀ ନିଖୋଜ

ଶିଲଂ,୨।୬(ଏଜେନ୍ସି): ହନିମୁନ୍ ପାଇଁ ମେଘାଳୟ ଯାଇଥିବା ନବ ଦମ୍ପତି ନିଖୋଜ ହେବାର ୧୧ ଦିନ ପରେ ସ୍ୱାମୀଙ୍କ ଶବ ମିଳିଛି। କିନ୍ତୁ ପତ୍ନୀଙ୍କୁ ଖୋଜା ଚାଲିଛି। ମଧ୍ୟପ୍ରଦେଶର ଇନ୍ଦୋରରୁ ରାଜା ରଘୁବଂଶୀ ଓ ପତ୍ନୀ ସୋନମ ମେ ୨୩ ତାରିଖରେ ଚେରାପୁଞ୍ଜିରେ ନିଖୋଜ ହୋଇଥିଲେ। ଏହି ଦମ୍ପତି ଇଷ୍ଟ ଖାସି ହିଲ୍ସ ଜିଲ୍ଲାକୁ ହନିମୁନ ପାଇଁ ଯାଇଥିଲେ। ଏହି ସର୍ଚ୍ଚ ଅପରେସନରେ ୬ଟି ଭିନ୍ନ ଦଳ ନିୟୋଜିତ ହୋଇଛନ୍ତି। ଡ୍ରୋନ ସହାୟତାରେ ପୁଲିସ ଶବ ଚିହ୍ନଟ କରିଛି। ହାତର ଟାଟୁରୁ ଶବ ଚିହ୍ନଟ କରାଯାଇଛି। ଏହି ଘଟଣାର ଯାଞ୍ଚ ପାଇଁ ଏସ୍‌ଆଇଟି ଟିମ୍ ଗଠନ କରାଯାଇଛି। ଖୁବ୍‌ଶୀଘ୍ର ପତ୍ନୀଙ୍କ ଶବ ମିଳିବ ବୋଲି ଆଶା କରାଯାଉଛି।

# ଆମେରିକାରେ ରହୁଥିବା ଜିନ୍‌ପିଙ୍ଗ୍‌ଙ୍କ ଝିଅ ମିଙ୍ଗ୍‌ଜେଙ୍କୁ ନେଇ ଚର୍ଚ୍ଚା



ୱାସିଂଟନ, ୨।୬ (ଏଜେନ୍ସି): ଆମେରିକାରେ ରହୁଥିବା ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍‌ଙ୍କ ଏକମାତ୍ର ଝିଅ ସି ମିଙ୍ଗ୍‌ଜେଙ୍କୁ ନେଇ ଏବେ ସାରାବିଶ୍ୱରେ ଚର୍ଚ୍ଚା ଚାଲିଛି। ସେ ଆମେରିକାର ମାସାଚୁସେଟ୍ସରେ କଡ଼ା ନିରାପତ୍ତା ତଥା ସୁରକ୍ଷା ବଳୟରେ ରହୁଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଚୀନ୍ ଛାତ୍ରୀଛାତ୍ରଙ୍କୁ ଲକ୍ଷ୍ୟ ରଖି ନୂଆ ଭିସା ନୀତି ଜାରି କରିଛନ୍ତି। ଫଳରେ ମିଙ୍ଗ୍‌ଜେଙ୍କୁ ଆମେରିକାର ଡିପୋର୍ଟ ଅର୍ଥାତ ବାହାର କରିବାକୁ ନେଇ ଚର୍ଚ୍ଚା ହେଉଛି। ଏଭଳି ସ୍ଥିତିରେ ସେ ଆମେରିକା ଛାଡ଼ି ଚୀନ୍‌କୁ ପ୍ରତ୍ୟାବର୍ତ୍ତନ କରିବେ କି ବୋଲି ପ୍ରଶ୍ନ ଉଠୁଛି। କିନ୍ତୁ ସେ ନିଜର ପାଠପଢ଼ା ଜାରି ରଖିବାକୁ ପୁଣି ହାବାର୍ଡ ବିଶ୍ୱବିଦ୍ୟାଳୟ ଫେରିପାରନ୍ତି ବୋଲି ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ମିଙ୍ଗଜେ ମାସାଚୁସେଟ୍ସରେ ରହୁଛନ୍ତି ବୋଲି ଟ୍ରମ୍ପର ଜଣେ ସହଯୋଗୀ ତଥା ରାଜନୈତିକ ବିଶ୍ଳେଷକ ଲଉରା ଲୁମେର କହିଛନ୍ତି। ଫଳରେ ମିଙ୍ଗ୍‌ଜେଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି। ଅବଶ୍ୟ ଏ ନେଇ ସ୍ୱଷ୍ଟ ଭାବେ କିଛି କୁହାଯାଇନାହିଁ ଓ ତାଙ୍କୁ ନେଇ ରହସ୍ୟ ଲାଗି ରହିଛି।

ଚୀନ୍‌ର ଫୁଜିଆନ ରାଜ୍ୟର ଫୁଝୋରେ ୧୯୯୨ ଜୁନ୍ ୨୫ରେ ଜନ୍ମିତ ଜିନ୍‌ପିଙ୍ଗଙ୍କ ଝିଅ ମିଙ୍ଗଜେ କୌଣସ ଗୁପ୍ତ ରହସ୍ୟଠାରୁ ବି କମ୍ ନୁହଁନ୍ତି। ସେ ସବୁବେଳେ ଲାଇମ୍‌ଲାଇଟ୍‌ରୁ ଦୂରେଇ ରହିଥାନ୍ତି। ତାଙ୍କୁ ସର୍ବସାଧାରଣରେ ପ୍ରାୟ ଦେଖିବାକୁ ମିଳି ନଥାଏ। ୨୦୧୦ରୁ ୨୦୧୪ ପର୍ଯ୍ୟନ୍ତ ସେ ହାଭାର୍ଡ ବିଶ୍ୱବିଦ୍ୟାଳୟରେ ପଢ଼ା ଜାରି ରଖିଥିଲେ। ମନସ୍ତତ୍ତ୍ୱରେ ଡିଗ୍ରୀ ହାସଲ କରିଥିବା ମିଙ୍ଗଜେ ସବୁବେଳେ ନିଜର ପରିଚୟ ଗୁପ୍ତ ରଖିଥାନ୍ତି। ପୂର୍ବରୁ ସେ ଚୀନର ଜୋଜିୟଙ୍ଗ୍ ବିଶ୍ୱବିଦ୍ୟାଳୟ ଓ ହାଙ୍ଗଝୁ ଫରେନ ଲାଙ୍ଗୁଏଜ୍ ସ୍କୁଲ୍‌ରେ ଫ୍ରେଞ୍ଚ୍ ଭାଷା ପଢିଥିଲେ। ୨୦୧୪ ପରେ ସେ ଚୀନ ପ୍ରତ୍ୟାବର୍ତ୍ତନ କରିଥିଲେ। କିନ୍ତୁ ସେ ୨୦୧୯ରେ ଗ୍ରାଜୁଏସନ କରିବାକୁ ପୁଣି ହାଭାର୍ଡ ଫେରିଥିଲେ ବୋଲି ଏକ ରିପୋର୍ଟରୁ ଜଣାଯାଇଛି। ତେବେ ସେ ଏବେ କେଉଁଠି ରହୁଛନ୍ତି, ତାଙ୍କ କ୍ୟାରିଅର ଓ ବ୍ୟକ୍ତିଗତ ଜୀବନ ବିଷୟରେ କାହା ପାଖରେ କିଛି ଠୋସ ପ୍ରମାଣ କି ଖବର ନାହିଁ। ସେ ଚୀନ୍ ସରକାରଙ୍କ କଡ଼ା ସୁରକ୍ଷାରେ ମାସାଚୁସେଟ୍ସରେ ରହିଛନ୍ତି ବୋଲି ଅନୁମାନ କରାଯାଉଛି।

**ୟୁକ୍ରେନ ଆକ୍ରମଣରେ ଦୋହଲିଯାଇଛି ରୁଷ୍**

# ୧୮ ମାସର ଯୋଜନା ପରେ ୧୧୭ ଡ୍ରୋନ୍ ଆକ୍ରମଣ




କିଭ୍, ୨।୬ (ଏଜେନ୍ସି): ୟୁକ୍ରେନ-ରୁଷ୍ ମଧ୍ୟରେ ଯୁଦ୍ଧ ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି। ଦୁଇଦେଶର ସେନା ମଧ୍ୟରେ ସବୁଠାରୁ ବଡ଼ ଡ୍ରୋନ ସଂଘର୍ଷ ଜାରି ରହିଛି। ଏହି କ୍ରମରେ ୟୁକ୍ରେନ ରବିବାର କରିଥିବା ଜୋରଦାର ଆକ୍ରମଣରେ ରୁଷ୍ ସ୍ତବ୍ଧ ହୋଇଯାଇଛି। ତଦ୍‌ଜନିତ କ୍ଷୟକ୍ଷତି ବି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ପାଇଁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇଛି। ଫାଷ୍ଟ ପର୍ସନ ଭ୍ୟୁ (ଏଫପିଭି) ଡ୍ରୋନ ଦ୍ୱାରା ମୁର୍ମନସ୍କ, ଇର୍କୁଟସ୍କ, ଇଭାନୋଭୋ, ରେଜାନ ଏବଂ ଅମୁର କ୍ଷେତ୍ରରେ ଥିବା ୫ଟି ଏୟାରବେସ୍ ଉପରେ ଭୟଙ୍କର ଆକ୍ରମଣ ହୋଇଥିବା ରୁଷ୍ ମାନିଛି।କିନ୍ତୁ କେତେ ବିମାନ କ୍ଷତିଗ୍ରସ୍ତ ହୋଇଛି ତାହାର ସୂଚନା ଦେଇନାହିଁ। ପୂର୍ବରୁ ୪୦ଟି ଯୁଦ୍ଧ ବିମାନ ଧ୍ୱଂସ ହୋଇଯାଇଥିବା ୟୁକ୍ରେନ ପକ୍ଷରୁ ଦାବି କରାଯାଇଥିଲା। ଏବେ ରୁଷ୍ ଏହାକୁ ଆତଙ୍କବାଦୀ ଆକ୍ରମଣ କହିଛି। ପ୍ରଥମ ଥର ସେନାଘାଟୀ ନିକଟ ଦେଇ କିଛି ଡ୍ରୋନ ଯାଇଥିବା ସ୍ୱୀକାର କରିଛି। ଏହା ମଧ୍ୟରେ ୟୁକ୍ରେନର ଏଭଳି ଚକିତ କଲାଭଳି ଆକ୍ରମଣକୁ ନେଇ ସବୁଠି ଚର୍ଚ୍ଚା ହେଉଛି। କେଉଁ ଭଳି ଏହାକୁ ସଫଳ କରାଗଲା ତାହା ଜାଣିବା ପାଇଁ ଉତ୍ସୁକତା ପ୍ରକାଶ ପାଇଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲଡାମିର ଜେଲେନ୍‌ସ୍କି ନିଜେ ଏହାର ଗୁମର ଖୋଲିଛନ୍ତି।

ଜେଲେନ୍‌ସ୍କି ଏହାକୁ ସବୁଠାରୁ ସଠିକ୍ ଆକ୍ରମଣ କହିଛନ୍ତି। ଏଥିପାଇଁ ୧୮ ମାସ ହେଲା ଯୋଜନା କରାଯାଉଥିଲା। ୧୧୭ ଡ୍ରୋନରେ ଶତ୍ରୁର ଠିକଣାକୁ ନିଶାଣ କରି ଏହି ଆକ୍ରମଣ କରାଯାଇଥିଲା ବୋଲି ସୂଚନା ଦେଇଛନ୍ତି। ଏଥିରେ ରୁଷ୍‌ର ବିପୁଳ କ୍ଷୟକ୍ଷତି ହୋଇଛି। ଏହା ସବୁଠାରୁ ବିରଳ ଅଭିଯାନ ଥିଲା। ରୁଷ୍ ଉପରେ ଚାପ ପକାଇବା ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଥିଲା। ଏହା ମାଧ୍ୟମରେ ତାହା କରି ଦେଖାଇ ଦିଆଯାଇଛି।

**ମାନିଲା ରୁଷ୍; ୫ଟି ଏୟାରବେସ୍‌ରେ ହୋଇଛି ଆକ୍ରମଣ**

କଟକଣା, ସେନା ଏବଂ କୂଟନୀତି ମାଧ୍ୟମରେ ସବୁ ପ୍ରକାରର ଚାପ ପକାଯାଇ ଏହି ଅଭିଯାନକୁ ସମ୍ପୂର୍ଣ୍ଣ ସଫଳ କରାଯାଇଛି। ରିପୋର୍ଟ ଅନୁଯାୟୀ ଏହି ଅଭିଯାନର ନାମ 'ସ୍ପାଇଡର୍‌ସ ୱେବ' ରଖା ଯାଇଥିଲା। ୟୁକ୍ରେନ ସହରରେ ବୋମା ମାଡ଼ କରିବା ପାଇଁ ସିକ୍ୟୁରିଟି ସର୍ଭିସ (ଏସ୍‌ବିୟୁ) ୪୧ଟି ଡ୍ରୋନ ବ୍ୟବହାର କରିଥିଲା। ଏ ସବୁକୁ ଟ୍ରକ୍‌ରେ ଲୁଚାଇ ରୁଷ୍ ନିଆଯାଇଥିଲା। ଏହି ଡ୍ରୋନ୍ ହିଁ ରୁଷ୍‌ର ଟିୟୁ-୯୫, ଟିୟୁ-୨୨, ଏ-୫୦ ଭଳି ରାଡାର ଡିଟେକ୍ସନ ଏବଂ କମାଣ୍ଡ ଏୟାରକ୍ରାଫ୍ଟକୁ ଧ୍ୱଂସ କରିଦେଇଥିଲା। ଜେଲେନ୍‌ସ୍କି କହିଛନ୍ତି ଯେ ରୁଷିଆର ଗୁଇନ୍ଦା ଏବଂ ସୁରକ୍ଷା ଏଜେନ୍ସି ଏଫଏସ୍‌ବିର ମୁଖ୍ୟାଳୟ ନିକଟରେ ଥିବା ଏକ ଅଫିସରେ ଯୋଜନାକୁ କାର୍ଯ୍ୟକାରୀ କରାଯାଇଥିଲା। ୧୧୭ଟି ଡ୍ରୋନ ମଧ୍ୟରୁ ୩୪ ପ୍ରତିଶତ ସିଧାସଳଖ ଆକ୍ରମଣ କରାଯାଇଥିବା ସେନାଘାଟୀରେ ଓହ୍ଲାଇ ବୋମା ମାଡ଼ କରିଥିଲା। ରୁଷିଆର ବିଭିନ୍ନ କ୍ଷେତ୍ରରେ ରହିଥିବା ୟୁକ୍ରେନ ନାଗରିକ ଏହି ଅଭିଯାନରେ ସହାୟତା କରିଥିଲେ। ତାଙ୍କୁ ପ୍ରଥମେ ରୁଷ୍ ଅଞ୍ଚଳରୁ ବାହାର କରାଯାଇଥିଲା। ରୁଷ୍ ପୁଣି ବଡ଼ଧରଣର ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଥିବାର ଗୁଇନ୍ଦା ସୂଚନା ମିଳିବା ପରେ ଏହି ପଦକ୍ଷେପ ନିଆଯାଇଥିଲା।

## ଶାନ୍ତି ଆଲୋଚନା ଘଣ୍ଟାଏରେ ଶେଷ

ଇସ୍ତାନବୁଲ୍,୨।୬(ଏଜେନ୍ସି): ତୁର୍କୀର ଇସ୍ତାନବୁଲ୍‌ଠାରେ ସୋମାବାର ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟର ଶାନ୍ତି ଆଲୋଚନା ମାତ୍ର ଏକ ଘଣ୍ଟା ମଧ୍ୟରେ ଶେଷ ହୋଇଛି। ପୂର୍ବରୁ ଦୁଇ ଦେଶର ଏକ ୧୬ ଜଣିଆ ପ୍ରତିନିଧି ମଣ୍ଡଳୀ ଏଠାରେ ଶାନ୍ତି ଆଲୋଚନା ପାଇଁ




ଏକାଠି ହୋଇଥିଲେ ମଧ୍ୟ ଦୁଇ ଘଣ୍ଟାରେ ଏହି ଆଲୋଚନା ଶେଷ ହୋଇଥିଲା। ରୁଷ୍ ଉପରେ ୟୁକ୍ରେନର ଡ୍ରୋନ ମାଡ ହେବାର ମାତ୍ର କେତେ ଘଣ୍ଟା ପରେ ହିଁ ଏହି ଆଲୋଚାନା ହୋଇଥିଲା। ଏ ନେଇ ପ୍ରଶ୍ନ ହେବାରୁ ରୁଷ ଅଧିକାରୀ ମାନେ କାଲି ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ବୋଲି କହିଛନ୍ତି।

# ଆଧାର ଜାଲିଆତି କରି କନଷ୍ଟେବଲ ପରୀକ୍ଷା

ଭୋପାଳ, ୨।୬ (ଏଜେନ୍ସି): ଜାଲିଆତି ଏମିତି ଯାହା ଚଳଚ୍ଚିତ୍ରକୁ ବଳି ଯାଇଛି। ବଲିଉଡର ମୁନ୍ନା ଭାଇ ଫିଲ୍ମକୁ ବି ମାତ୍ ଦେଇ ଦେଇଛି। ପୁଣି ଏହି ଜାଲିଆତି ଚୋର ଧରୁଥିବା ପୁଲିସ ଚାକିରି ପାଇଁ ଚୋରିଛପି କରାଯାଇଛି। ଏହା ପଛରେ ଏକ ବଡ଼ ନେଟୱର୍କ କାମ କରୁଛି। ପୁଲିସ ଚାକିରି କରିବାକୁ ଚାହୁଁଥିବା ପିଲାଙ୍କଠାରୁ ଟଙ୍କା ନେଇ ତାଙ୍କ ସ୍ଥାନରେ ଅନ୍ୟମାନଙ୍କୁ ପରୀକ୍ଷାରେ ବସାଯାଇଛି। କେବଳ ଜଣଙ୍କ ପାଇଁ ନୁହେଁ, ଅନେକଙ୍କ ପାଇଁ ଏପରି କରାଯାଇଛି। ଏଥିପାଇଁ ଆଧାର କାର୍ଡ ଏବଂ ଅନ୍ୟ ପ୍ରମାଣପତ୍ର ଜାଲିଆତି କରାଯାଇଛି। ଏହା ମାଧ୍ୟମରେ ଅସଲି ଆଶାୟୀଙ୍କ ପାଇଁ ନକଲି ବ୍ୟକ୍ତି ସବୁ ପରୀକ୍ଷା ଦେଇଛନ୍ତି। ସବୁ ପର୍ଯ୍ୟାୟରେ ପାସ୍ କରି ନିଯୁକ୍ତି ପତ୍ର ମଧ୍ୟ ମିଳିଯାଇଛି। କିନ୍ତୁ ଚାକିରିରେ ଯୋଗଦେବା ସମୟରେ ପ୍ରମାଣପତ୍ର ଯାଞ୍ଚବେଳେ ସବୁ କିଛି ପଦାରେ ପଡ଼ି ଯାଇଛି। ମଧ୍ୟପ୍ରଦେଶର ପୁଲିସ କନଷ୍ଟେବଲ ନିଯୁକ୍ତି ପରୀକ୍ଷା-୨୦୨୩ରେ ଏଭଳି ଜାଲିଆତି ହୋଇଛି। ଏହାକୁ ନେଇ ପୁଣିଥରେ ଏହି ପରୀକ୍ଷାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି।

ରିପୋର୍ଟ ଅନୁଯାୟୀ ଏଭଳି ଜାଲିଆତି ଗୋଟିଏ ଜିଲ୍ଲାରେ ସୀମିତ ରହିନାହିଁ। ରାଜ୍ୟର ବହୁ ଜିଲ୍ଲାକୁ ଏହାର ଚେର ବ୍ୟାପିଛି। ଏବେ ମଧ୍ୟପ୍ରଦେଶ କର୍ମଚାରୀ ନିଯୁକ୍ତି ବୋର୍ଡ (ଏମପିଏସଇବି) ଦ୍ୱାରା ପରିଚାଳିତ ଏହି ପରୀକ୍ଷା ଉପରେ ଗହନ ଯାଞ୍ଚ କରିବାକୁ ଦାବି କରାଯାଉଛି। ଏହି ମାମଲାରେ ତିନି ଜିଲ୍ଲାରୁ ୧୨ରୁ ଅଧିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରେ ଉଭୟ ଅସଲି ଏବଂ ନକଲି ପ୍ରାର୍ଥୀ ସାମିଲ ଅଛନ୍ତି। ସୂଚନା ଅନୁଯାୟୀ ୨୦୨୩ ଅଗଷ୍ଟ ୧୨ ରୁ ସେପ୍ଟେମ୍ବର ୧୨ମଧ୍ୟରେ ଏହି ନିଯୁକ୍ତି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୭,୦୯୦ ପଦବୀ ପାଇଁ ପ୍ରାୟ ୭ ଲକ୍ଷ ଆଶାୟୀ ପରୀକ୍ଷା ଦେଇଥିଲେ। ୨୦୨୪ ମାର୍ଚ୍ଚରେ ଲିଖିତ ପରୀକ୍ଷାର ଫଳାଫଳ ବାହାରିବା ପରେ ଶାରୀରିକ ପରୀକ୍ଷା ହୋଇ ଗତ ମାର୍ଚ୍ଚରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଜାରି କରାଯାଇଥିଲା। ଚାକିରିରେ ଯୋଗଦେବା ସମୟରେ ବାୟୋମେଟ୍ରିକ



ଯାଞ୍ଚବେଳେ ଏହି ଜାଲିଆତି ସାମନାକୁ ଆସିଥିଲା। ମୋରେନାର ରାମ ରୂପ ଗୁର୍ଜର କାର୍ଯ୍ୟଭାର ଗ୍ରହଣ କରିବାକୁ ଅଲିରାଜପୁରର ଏସପିଙ୍କ ଅଫିସରେ ପହଞ୍ଚି ଥିଲେ। କିନ୍ତୁ ଆଡମିଟ୍ କାର୍ଡ ଫଟୋ ତାଙ୍କ ବର୍ତ୍ତମାନର ଫଟୋ ସହ ମେଳ ଖାଉ ନ ଥିବାରୁ ଅଧିକାରୀମାନେ ସନ୍ଦେହ କରିଥିଲେ। ପରେ ଆଙ୍ଗୁଠି ଛାପରୁ ପରୀକ୍ଷା ଦେଇଥିବା ବ୍ୟକ୍ତି ଆଉ କିଏ ବୋଲି ଜଣା ପଡ଼ିଥିଲା। ପଚରାଉଚରା ସମୟରେ ବିହାରର ଅମରେନ୍ଦ୍ର ସିଂହ ନାମକ ଜଣେ ବ୍ୟକ୍ତିଙ୍କୁ ଲକ୍ଷେ ଟଙ୍କା ଦେଇ ପରୀକ୍ଷା ଦେବାକୁ କହିଥିଲେ ବୋଲି ସେ ସ୍ୱୀକାର କରିଥିଲା। ମାମଲାରେ ପୁଲିସ ଉଭୟଙ୍କୁ ଗିରଫ କରିଛି।

ସେହିପରି ମୋରେନାରେ ଆଶାୟୀ ରାଧା ଚରଣ ଏବଂ ଦିନେଶ ସିଂହ ଆଧାର ତଥ୍ୟକୁ ଜାଲିଆତି କରିଥିଲେ। ନିଜ ସହ ମେଳ ଖୁଆଇବା ପାଇଁ ପରୀକ୍ଷା ପୂର୍ବରୁ ଏବଂ ପରେ ବାୟୋମେଟ୍ରିକ୍ସ ତଥ୍ୟକୁ ଅପଡେଟ୍ କରିଥିଲେ। ଏହା ବ୍ୟତୀତ ସେଓପୁର ଜିଲ୍ଲାରୁ ୭ ଜଣଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରେ ଆଶାୟୀ ସୋନୁ ରାୱତ, ସନ୍ତୋଷ ରାୱତ, ଅମନ ସିଂହ ଏବଂ ସେମାନଙ୍କର ସମାଧାନକାରୀ ସାମିଲ ଅଛନ୍ତି। ବାୟୋମେଟ୍ରିକ୍ ପରିବର୍ତ୍ତନ କରିଥିବା ଆଧାର ଏଜେଣ୍ଟମାନଙ୍କୁ ମଧ୍ୟ ଗିରଫ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ ସୁସଂଗଠିତ ଭାବେ ଏହି ଜାଲିଆତି କରାଯାଉଥିଲା। ପ୍ରଥମେ ଆଶାୟୀଙ୍କୁ ନିଜ ପାଇଁ ଉପଯୁକ୍ତ ନକଲି ପ୍ରାର୍ଥୀ ଖୋଜିବାକୁ ପଡୁଥିଲା। ଏହା ପରେ ଇଣ୍ଟରନାଲ ଆସେସ୍ ମାଧ୍ୟମରେ ଆଙ୍ଗୁଠି ଛାପ ଏବଂ ମୁହଁର ତଥ୍ୟ ମାଧ୍ୟମରେ ବାୟୋମେଟ୍ରିକ ବଦଳା ଯାଉଥିଲା।

# ସିକିମ୍ ସେନା କ୍ୟାମ୍ପରେ ଭୂସ୍ଖଳନ: ୩ ଯବାନଙ୍କ ମୃତ୍ୟୁ, ୬ ନିଖୋଜ

**ପୂର୍ବୋତ୍ତର ରାଜ୍ୟରେ ବର୍ଷା-ବନ୍ୟାରେ ଗଲାଣି ୩୭ ଜୀବନ**

ନୂଆଦିଲ୍ଲୀ, ୨।୬ (ଏଜେନ୍ସି): ସିକିମରେ ରବିବାର ସନ୍ଧ୍ୟା ୭ଟାରେ ଏକ ସେନା ଶିବିରରେ ବଡ଼ଧରଣର ଭୂସ୍ଖଳନ ହୋଇଛି। ଏଥିରେ ତିନି ଜଣ ଯବାନ ପ୍ରାଣ ହରାଇଛନ୍ତି। ସମସ୍ତଙ୍କ ମୃତଦେହ ଉଦ୍ଧାର କରାଯାଇଛି। ୬ ଜଣ ମଧ୍ୟ ନିଖୋଜ ଅଛନ୍ତି। ଅବଶେଷ ତଳୁ ୪ ଜଣଙ୍କୁ ଜୀବିତ ଉଦ୍ଧାର କରାଯାଇଛି। ଏବେ ବି ତଲାସୀ ଅଭିଯାନ ଜାରି ରହିଛି। ପ୍ରତିକୂଳ ପରିସ୍ଥିତିରେ ବି ସେନା କର୍ମୀ ଦିନରାତି ଉଦ୍ଧାରକାର୍ଯ୍ୟରେ ଲାଗିଛନ୍ତି। ସେନା ପକ୍ଷରୁ ସୋମବାର ଏହି ସୂଚନା ଦିଆଯାଇଛି। ମୃତକଙ୍କ ମଧ୍ୟରେ ହାଭିଲଦାର ଲଖୱିନ୍ଦର ସିଂହ, ଲାନ୍ସ ନାୟକ ମନୀଷ ଠାକୁର ଏବଂ ପୋର୍ଟର ଅଭିଷେଖ ଲାଖଡା ସାମିଲ ଅଛନ୍ତି। ମୃତକଙ୍କ ପରିବାର ଏବଂ ସମ୍ପର୍କୀୟଙ୍କ ପ୍ରତି ସେନା ପକ୍ଷରୁ ଗଭୀର ସମବେଦନା ପ୍ରକାଶ କରାଯାଇଛି। ପୀଡ଼ିତ ପରିବାରମାନଙ୍କୁ ସେନା ପକ୍ଷରୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯିବ। ଯବାନଙ୍କ ସୁରକ୍ଷା ଏବଂ ମଙ୍ଗଳ ପାଇଁ ସେନା ପ୍ରତିବଦ୍ଧ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ସିକିମର ଲାଚେନ ଏବଂ ଲାଚୁଙ୍ଗରେ ଗତ ୩୦ ତାରିଖରୁ ଫସିଥିବା ୧୬୭୮ ପର୍ଯ୍ୟଟକଙ୍କୁ ଆଜି ଉଦ୍ଧାର କରାଯାଇଛି।

ସିକିମ ସହିତ ପୂର୍ବୋତ୍ତର ରାଜ୍ୟଗୁଡ଼ିକରେ ଗତ ୪ ଦିନ ହେଲା ପ୍ରବଳ ବର୍ଷା ଜାରି ରହିଛି। ବର୍ଷା, ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ସ୍ଥିତି ଅତ୍ୟନ୍ତ ସଙ୍ଗୀନ ହୋଇପଡ଼ିଛି। ଏଥିରେ ଏ ପର୍ଯ୍ୟନ୍ତ ୩୭ ଜଣ ପ୍ରାଣ ହରାଇଲେଣି। ମୃତକଙ୍କ ମଧ୍ୟରେ ଆସାମର ୧୦ଜଣ, ଅରୁଣାଚଳ ପ୍ରଦେଶର ୯ ଜଣ, ମେଘାଳୟରେ ୬ ଜଣ ଏବଂ ମିଜୋରାମର ୫ ଜଣ ସାମିଲ ଅଛନ୍ତି।

ଉଦ୍ଧାରକାର୍ଯ୍ୟରେ ଭାରତୀୟ ସ୍ଥଳ ସେନା, ବାୟୁସେନା ଏବଂ ଆସାମ ରାଇଫଲ୍‌ସର ଯବାନଙ୍କୁ ମୁତୟନ କରାଯାଇଛି। ଆସାମ ବନ୍ୟାରେ ୩.୬୪ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଥିବାବେଳେ ବ୍ରହ୍ମପୁତ୍ର, ବରାକ ସମେତ ୧୦ ପ୍ରମୁଖ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସେହିପରି ମଣିପୁରରେ ୧୯ ହଜାରରୁ ଅଧିକ ଏବଂ ତ୍ରିପୁରାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ପ୍ରବଳ ବର୍ଷା ଯୋଗୁଁ ମିଜୋରାମର ରାଜଧାନୀ ଆଇଜୋଲରେ ସ୍କୁଲ, କଲେଜ ବନ୍ଦ କରିଦିଆଯାଇଛି। ଗତ ୩୦ ତାରିଖରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ଭୂସ୍ଖଳନର ୨୧୧ଟି ମାମଲା ସାମ୍ନାକୁ ଆସିଲାଣି।

# କୋହଲିଙ୍କ ରେସ୍ତୋରାଁ ବିରୋଧରେ ମାମଲା ରୁଜୁ

ବେଙ୍ଗାଲୁରୁ,୨।୬(ଏଜେନ୍ସି): ଭରାତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲିଙ୍କ ସହ-ମାଲିକାନରେ ଥିବା 'ୱାନ୮ କମୁନ' ନାମକ ଏକ ବାର ଓ ରେସ୍ତୋରାଁ ବିରୋଧରେ କବନ ପାର୍କ ପୁଲିସ ମାମଲା ରୁଜୁ କରିଛି। ଧୂମପାନ ନିଷେଧ କ୍ଷେତ୍ରର ଉଲ୍ଲଂଘନ ପାଇଁ ଏହି ପଦକ୍ଷେପ ନିଆଯାଇଛି ବୋଲି ପୁଲିସ ତରଫରୁ କୁହାଯାଇଛି। ଏକ ସ୍ଥାନୀୟ କୋର୍ଟରୁ ଅନୁମତି ନେବାପରେ ପୁଲିସ ଆଇପିସି ସେକ୍ସନ ୪ ଓ ୨୧ ଧାରାକୁ ପାଥେୟ କରି ରେସ୍ତୋରାଁର ମ୍ୟାନେଜର ଓ ଅନ୍ୟ କର୍ମଚାରୀଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି। କୋହଲିଙ୍କ ସହ ଜଡିତ କୌଣସି ସଂସ୍ଥା ବିରୋଧରେ ପ୍ରଥମ ଥର ପାଇଁ ଏଭଳି ପଦକ୍ଷେପ ନିଆଯାଇନାହିଁ। ପୂର୍ବରୁ ୨୦୨୪ ଡିସେମ୍ବରରେ 'ୱାନ୮ କମୁନ' ବିରୋଧରେ ଫାୟାର ସେଫ୍ଟି ନିୟମର ଉଲ୍ଲଂଘନ ନେଇ ମଧ୍ୟ ଏତଲା ଦାୟର କରାଯାଇଥିଲା।

# ଏସ୍‌ପି ନେତାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ୍

ପ୍ରୟାଗରାଜ, ୨।୬ (ଏଜେନ୍ସି): ପ୍ରୟାଗରାଜରେ ସମାଜବାଦୀ ପାର୍ଟି (ଏସ୍‌ପି)ର ଜଣେ ନେତାଙ୍କର ଅଶ୍ଳୀଳ ଭିଡିଓ ଭାଇରାଲ୍ ହୋଇଛି। ଏଥିରେ ନେତା ଜଣକ ଜଣେ ଯୁବତୀଙ୍କ ସହ ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଛି। ସେହିପରି ଯୁବତୀ ଜଣକ ହାତରେ ମଦ ବୋତଲ ଧରିବା ସହ ବିଛଣାରେ ନେତାଙ୍କ କୋଳ ଉପରେ ବସିଥିବାର ଦେଖାଯାଇଛି। ଏହି ଏସ୍‌ପି ନେତା ହେଉଛନ୍ତି ରାମସାଗର ଓରଫ୍ ମୁଖିଆ ଯାଦବ। ସେ ମେଜା ଲୋହାରୀରେ ରହୁଛନ୍ତି ଓ ସାଧନ ସହକାରୀ କମିଟିର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଛନ୍ତି। ଭିଡିଓ ସାମ୍ନାକୁ ଆସିବା ପରେ ଯମୁନା ନଗର ଡିସିପି ବିବେକ ଚନ୍ଦ୍ର ଯାଦବ ଏନେଇ ମେଜା ଥାନାରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ଭିଡିଓ ନକ୍‌ଲି ବୋଲି ନେତା ଜଣକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ମୋତେ ବଦ୍‌ନାମ କରିବାକୁ ଆମ ଦଳର ଜଣେ ବିଧାୟକ ଷଡଯନ୍ତ୍ର କରିଛନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି। ଏହା ବିରୋଧରେ ଅଭିଯୋଗ କରିବି ବୋଲି ସେ କହିଛନ୍ତି।

ବନ୍ଦ କୋଠରୀର ଏହି ଭିଡିଓରେ ୪୫ ବର୍ଷୀୟ ମୁଖିଆ ଯାଦବଙ୍କ ସହ ତାଙ୍କର ଅନ୍ୟ ୪-୫ ଜଣ ସହଯୋଗୀଙ୍କୁ ମଧ୍ୟ ଦେଖିବାକୁ ମିଳିଛି। ଏହି ଭିଡିଓର ଯାଞ୍ଚ୍ କରାଯିବ ବୋଲି ଡିସିପି କହିଛନ୍ତି। ଉଲ୍ଲେଖଥାଉ କି, ପୂର୍ବରୁ ବିଜେପିର ଜଣେ ବରିଷ୍ଠ ନେତ୍ରୀଙ୍କ ପୁଅର ୧୩୦ଟି ଅଶ୍ଳୀଳ ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା ଓ ଏହାକୁ ନେଇ ବେଶ୍ ଚର୍ଚ୍ଚା ସୃଷ୍ଟି ହୋଇଥିଲା।

# ସ୍କ୍ରୁଡ୍ରାଇଭର୍‌ରେ ୧୮ ଥର ଭୁସି ପ୍ରେମିକାଙ୍କୁ ହତ୍ୟା



ମୋରାଦାବାଦ୍,୨।୬(ଏଜେନ୍ସି): ଗାଇ ପାଇଁ ଖାଦ୍ୟ ଆଣିବାକୁ ଗତ ଶନିବାର ବାହରକୁ ଯାଥିବା ଜଣେ ମହିଳା ଆଉ ଘରକୁ ଫେରି ନଥିଲେ। ଉତ୍ତରପ୍ରଦେଶର ମୋରାଦାବାଦ୍‌ସ୍ଥିତ କୋଟୱାଲି ମେନାଥେରର ଏକ ଗାଁ ପଡିଆରେ ମହିଳାଙ୍କ ରକ୍ତଭିଜା ଶବ ଦେଖିବାକୁ ମିଳିଥିଲା। ମହିଳାଙ୍କ ପ୍ରେମିକ ଏହି ହତ୍ୟାକାଣ୍ଡ ଘଟାଇଛି ବୋଲି କୁହାଯାଇଛି। ଏକ ସ୍କ୍ରୁଡ୍ରାଇଭରରେ ସେ ମହିଳାଙ୍କୁ ୧୮ଥର ଭୁସି ଏହି କାଣ୍ଡ ଘଟାଇଛି। ସାଇରା ନାମକ ଏହି ମହିଳା ଘରକୁ ନ ଫେରିବା ପରେ ତାଙ୍କ ପରିବାର ଲୋକେ ତାଙ୍କୁ ଖୋଜିବାକୁ ବାହାରୁ ଯାଇଥିଲେ। ତେବେ ପରଦିନ ତାଙ୍କ ମୃତଦେହକୁ ଠାବ କରାଯାଇଥିଲା। ମହିଳାଙ୍କ ସହ ଦୁଷ୍କର୍ମ କରାଯାଇଛି ବୋଲି ପୁଲିସ ପ୍ରଥମେ ସନ୍ଦେହ କରିଥିଲା। ତାଙ୍କ ଗୁପ୍ତାଙ୍ଗରେ ରକ୍ତ ଦେଖିବାକୁ ମିଳିଥିଲା। କିନ୍ତୁ ପୋଷ୍ଟମର୍ଟମ ପରେ ତାଙ୍କ ସହ ଦୁଷ୍କର୍ମ ହୋଇନାହିଁ ବୋଲି ପୁଲିସ ସ୍ୱଷ୍ଟ କରିଛି। ତଦନ୍ତ ବେଳେ ସାଇରାଙ୍କ ମୋବାଇଲ ଫୋନ୍‌ରେ ୫ଟି ମିସ୍ କଲ୍ ଦେଖିବାକୁ ମିଳିଥିଲା। ଏହାକୁ ଆଧାର କରି ସେହି ଗାଁରେ ରହୁଥିବା ରଫି ନାମକ ଜଣେ ବ୍ୟକ୍ତିଙ୍କ ପାଖରେ ପୁଲିସ୍ ପହଞ୍ଚିଥିଲା। ସେ ମଧ୍ୟ ପୁଲିସ୍ ଆଗରେ ନିଜର ଦୋଷ ସ୍ୱୀକାର କରିଛି। ସେ ଏକତରଫା ପ୍ରେମ କରୁଥିଲା ଓ ସାଇରା କୌଣସି ପ୍ରତିକ୍ରୟା ଦେଉ ନଥିଲା। କିଛି ଦିନତଳେ ଜଣେ ବ୍ୟକ୍ତି ସାଇରାଙ୍କୁ ବାଡେଇଥିଲା। ତେଣୁ ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ସାଇରାଙ୍କ ସମ୍ପର୍କ ଅଛି ବୋଲି ରଫି ସନ୍ଦେହ କରିଥିଲା। ଏଥିରେ ସେ ଉତ୍କ୍ଷିପ୍ତ ହୋଇ ସାଇରାଙ୍କୁ ବୀଭତ୍ସ ଭାବେ ହତ୍ୟା କରିଥିଲା ବୋଲି ରଫି କହିଛି।

## ମା'ର ଶବ ସଂସ୍କାର କରିବାକୁ ମନା କରିଦେଲେ ପୁଅ-ଝିଅ

# ଟ୍ରଲିରେ ସ୍ତ୍ରୀର ମୃତଦେହକୁ ୫ଘଣ୍ଟା ଜଗି ରହିଲେ ସ୍ୱାମୀ



ବାରିପଦା,୨।୬(ସମିସ): ଯୋଉ ପୁଅ-ଝିଅଙ୍କୁ କାଖେଇ, କୋଳେଇ ବଡ଼ କରିଥିଲେ, ସେଇମାନେ ସାତପର କରିଦେଲେ। ମଲା ପରେ ବି ମା'ର ଶବ ସଂସ୍କାର କରିବାକୁ ରୋକଠୋକ୍ ମନା କରିଦେଲେ। ମୁହଁରେ ନିଆଁ ଦେବା ତ ଦୂରର କଥା, ସେମାନଙ୍କ ଆଖିରୁ ଲୁହ ଠୋପାଏ ବି ଗଡ଼ିଲାନି। ବୁଢ଼ା ବାପାଟା ଉପରେ ସବୁ କିଛି ଛାଡ଼ିଦେଇ କବାଟ କିଳିଦେଲେ। କିନ୍ତୁ, ପାଖରେ ବଳ କି ସମ୍ବଳ ନଥିବା ସ୍ୱାମୀ, ସ୍ତ୍ରୀର ଶବକୁ ଛାଡ଼ିପାରିଲେ ନାହିଁ। ଟ୍ରଲି ଉପରେ ପଡ଼ିଥିବା ସ୍ତ୍ରୀର ନିଶ୍ଚଳ ଶରୀରକୁ ୫ ଘଣ୍ଟା ଧରି ଜଗି ରହିଲେ। ଶବ ପାଖରେ ପାଖରେ ଦୀପ, ଧୂପ ଦେଇ ଭଗବାନ ଭରସାରେ ସେମିତି ପଡ଼ି ରହିଲେ। ସ୍ତ୍ରୀର ଶବ ଉପରେ ମାଛିଟିଏ ବି ବସିବାକୁ ଦେଲେ ନାହିଁ। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବଜାରଠାରୁ ମାତ୍ର କେଇ ମିଟର ଦୂରରେ ଏଭଳି ଏକ ହୃଦୟବିଦାରକ ଦୃଶ୍ୟ ଦେଖଣାହାରୀଙ୍କୁ ବିଚଳିତ କରିଛି।

ମିଳିଥିବା ସୂଚନାନୁଯାୟୀ, କପ୍ତିପଦା ବଜାରରୁ ମାତ୍ର କେଇ ମିଟର ଦୂରରେ ରହନ୍ତି ବିଶ୍ୱନାଥ ମୁର୍ମୁ। ଗତକାଲି ତାଙ୍କ ସ୍ତ୍ରୀ ସୀତା ମୁର୍ମୁଙ୍କ ମୃତ୍ୟୁ ଘଟିଥିଲା। ସୋମବାର ଉଦଳା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯିବା ପରେ ସୀତାଙ୍କ ଶବକୁ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ବିଶ୍ୱନାଥ ତାଙ୍କ ଶବକୁ ଟ୍ରଲିରେ ବୋହିବୋହି ଘରକୁ ଆଣିଥିଲେ। କିନ୍ତୁ, ଶବ ଆସି ଘର ଦୁଆରମୁହଁରେ ପହଞ୍ଚିବା ପରେ ପୁଅ-ଝିଅ ସୀତାଙ୍କ ମୃତଦେହ ସଂସ୍କାର କରିବେ ନାହିଁ ବୋଲି ରୋକଠୋକ୍ ବାପା ବିଶ୍ୱନାଥଙ୍କୁ ଶୁଣାଇଦେଲେ। ଏଭଳି ଏକ ଖରାପ ସମୟରେ ପୁଅ-ଝିଅଙ୍କଠାରୁ ଏକଥା ଶୁଣିବା ପରେ ବିଶ୍ୱନାଥଙ୍କ ଉପରେ ସତେଯେମିତି ଚଡ଼କ ପଡ଼ିଥିଲା। ଜୀବନସାରା ସୁଖଦୁଃଖର ସାଥୀ ହୋଇ ଆସିଥିବା ପତ୍ନୀର ଅନ୍ତିମ ସଂସ୍କାର କେମିତି କରିବେ, ତାଙ୍କ ମୁଣ୍ଡକୁ କିଛି ବୁଦ୍ଧିବାଟ ଦିଶିନଥିଲା। ତେଣୁ ଟ୍ରଲିରେ ପଡ଼ି ରହିଥିବା ମୃତଦେହକୁ ସେମିତି ଘଣ୍ଟାଘଣ୍ଟା ଧରି ଭଗବାନ ଭରସାରେ ଜଗି ରହିଲେ। ଏହି ଖବର ପ୍ରଚାରିତ ହେବା ପରେ କିଛି ସ୍ଥାନୀୟ ସମାଜସେବୀ ଓ ସାମ୍ବାଦିକ ସେଠାରେ ପହଞ୍ଚି ସୀତାଙ୍କ ଅନ୍ତିମ ସଂସ୍କାର କରାଇବାର ବ୍ୟବସ୍ଥା କରାଇଥିଲେ।

# ଅବକାରୀରୁ ରେକର୍ଡ ପରିମାଣର ରାଜସ୍ୱ ଆଦାୟ ଲକ୍ଷ୍ୟ

## ଆହ୍ୱାନ ସାଜିଲାଣି ଗଳିକନ୍ଦିରେ ଚୋରାମଦ ବନ୍ୟା

ଭୁବନେଶ୍ୱର, ୨।୬(ସମିସ): ଚଳିତ ମାସ ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ରାଜ୍ୟରେ ନୂଆ ଅବକାରୀ ଆସିବ। ନୂଆ ନୀତି ଅନୁଯାୟୀ, ରାଜ୍ୟରେ ଆଉ ନୂଆ ମଦ ଦୋକାନ (ଅଫ୍ ସପ) ଖୋଲିବ ନାହିଁ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେହିପରି ଏଣିକି ବର୍ଷିକିଆ ନୀତି ବଦଳରେ ନୂଆ ନୀତି ୩ ବର୍ଷ ଅବଧି ବିଶିଷ୍ଟ ହେବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ, ରାଜ୍ୟରେ ଅବକାରୀ ପରିଚାଳନାକୁ ନେଇ ରାଜ୍ୟ ସରକାରଙ୍କ ଆଚରଣ ଏବଂ ଉଚ୍ଚାରଣ ମଧ୍ୟରେ ଫରକ୍ ସଂପୂର୍ଣ୍ଣ ପରିସ୍ଥିତିକୁ ଗୋଳିଆ କଲାଣି। ଏପରିକି, ନୂଆ ନୀତିର ସ୍ୱରୂପକୁ ନେଇ ନିଜେ ସରକାର ସନ୍ଦିହାନ ଏବଂ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ମଧ୍ୟରେ ଅଛନ୍ତି ବୋଲି ବିଶେଷଜ୍ଞ ମହଲରେ ଅଭିଯୋଗ ହେଲାଣି।

ଗୋଟିଏପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବ୍ୟାପୀ ନିଶା ନିବାରଣ ଅଭିଯାନ ଆରମ୍ଭ କରିଛନ୍ତି। ଗାଁ ଗାଁରେ ଦାସକାଠିଆ, ଘୋଡ଼ାନାଚ, ଲୋକକଳା ମାଧ୍ୟମରେ ଲୋକଙ୍କ ପାଖରେ ନିଶା ନିବାରଣର ବାର୍ତ୍ତା ପହଞ୍ଚାଇବାକୁ ଅବକାରୀ ବିଭାଗ ଲକ୍ଷ୍ୟ ରଖିଛି। ଅପରପକ୍ଷେ, ସମାନ ସମୟରେ ଅବକାରୀ ରେକର୍ଡ ୯୭୫୩କୋଟି ଟଙ୍କା ରାଜସ୍ୱ ଲକ୍ଷ୍ୟ ରଖିବା ରାଜ୍ୟ ସରକାରଙ୍କ ନିଶା ନିବାରଣ ପ୍ରତି ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ଅବକାରୀ ରାଜସ୍ୱ ବୃଦ୍ଧି ନୁହେଁ, ମଦ ବିକ୍ରେତାମାନେ ମଧ୍ୟ ନିଜ କୋଟାରେ ମଦ ଉଠାଣକୁ ଅବକାରୀ ବିଭାଗ ଅନୁମତି ପ୍ରଦାନ କରିଛି।

ଏପରିସ୍ଥଳେ ନିଶା ନିବାରଣ ଅଭିଯାନ କେତେଦୂର ଫଳପ୍ରଦ ହେବ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ଏପରିକି ରାଜ୍ୟରେ ନିଶା ନିବାରଣ ଏବଂ ଅବକାରୀ ନୀତିକୁ ନେଇ ସରକାର ନିଜେ ଦ୍ୱନ୍ଦ୍ୱରେ ଅଛନ୍ତି ବୋଲି ସାମାଜିକ କର୍ମୀ ଅଭିଯୋଗ ବାଢ଼ିଛନ୍ତି।

ରାଜ୍ୟରେ ନୂଆ ସରକାର ଆସିବା ପରଠାରୁ ଚୋରାମଦ କାରବାର ଆକାଶଛୁଆଁ ହୋଇଛି। ରାଜ୍ୟରେ ଗଳି କନ୍ଦିରେ ଚୋରାମଦ ସହଜରେ ଉପଲବ୍ଧ ହେଉଥିବା ବେଳେ ବ୍ରାଉନସୁଗାର କାରବାର ମଧ୍ୟ ସମାଜକୁ ବେଶ୍ କ୍ଷତିଗ୍ରସ୍ତ କଲାଣି। ଅତଏବ୍ ସରକାର ଏହା ଉପରେ ସରକାର ସବୁଠୁ ଅଧିକ ଧ୍ୟାନ ଦେବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

- ସରକାରଙ୍କ ଆନ୍ତରିକତାକୁ ନେଇ ପ୍ରଶ୍ନବାଚୀ
- ନୂଆ ଅବକାରୀ ନୀତିକୁ ନେଇ ସରକାର ଦ୍ୱନ୍ଦ୍ୱରେ

ମନ୍ତ୍ରୀଙ୍କ କହିବାନୁଯାୟୀ, ବିଭିନ୍ନ ରାଜ୍ୟରେ କେମିତି ଅବକାରୀ ନୀତି କାର୍ଯ୍ୟକାରୀ ହେଉଛି, ତାହାକୁ ରାଜ୍ୟ ସରକାର ଅନୁଧ୍ୟାନ କରୁଛନ୍ତି। ଏଥିପାଇଁ ଅବକାରୀ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ନେଇ ତିନୋଟି ଟିମ୍ ଗଠନ କରାଯାଇଥିଲେ ସେମାନେ ବିଭିନ୍ନ ରାଜ୍ୟକୁ ଗସ୍ତ କରି ସେଠାକାର ନୀତିର ଅନୁଧ୍ୟାନ କରିବେ। ଏହାକୁ ତର୍ଜମା କରାଯାଇ ଆବଶ୍ୟକସ୍ଥଳେ ନୂଆ ଅବକାରୀ ନୀତିରେ କେତେକ ପ୍ରସ୍ତାବକୁ ଆପଣାଯାଇପାରେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ଅପରପକ୍ଷେ, ରାଜ୍ୟରେ ଆସିବାକୁ ଥିବା ଅବକାରୀ ନୀତିକୁ ନେଇ ବିଶେଷଜ୍ଞମହଲରେ ଚର୍ଚ୍ଚା, ଆଲୋଚନା ଆରମ୍ଭ ହୋଇଛି। ରାଜ୍ୟରେ ବିଜେପି ସରକାରରେ ଆସୁଆସୁ ଚିକିଟିରେ ବିଷାକ୍ତ ମଦମୃତ୍ୟୁ ଘଟଣା ଘଟିଲା। ଏହାପରେ ରାଜ୍ୟରେ ଆଉ ଚୋରାମଦ ବ୍ୟବସାୟ କିମ୍ବା ବ୍ୟବସାୟୀ ରହିବେ ନାହିଁ ବୋଲି ସରକାର ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ହେଲେ ମାତ୍ର କିଛି କୁଟିଆ ତଥା ମଦଭାଟି ଉପରେ କାର୍ଯ୍ୟାନୁଷ୍ଠାନ ପରେ ସରକାର ଚୁପଚାପ ବସିପଡ଼ିଲେ। ବର୍ତ୍ତମାନ ରାଜ୍ୟରେ ସ୍ଥିତି ଏପରି ହେଲାଣି ଯେ ଲାଇସେନ୍ସପ୍ରାପ୍ତ ମଦ ଦୋକାନଠାରୁ ଅଧିକ ବେପାର ଚୋରା ମଦ ବ୍ୟବସାୟୀମାନେ କରୁଛନ୍ତି। ଗାଁ ଗହଳିରେ ମଦର ବନ୍ୟା ଛୁଟୁଥିବା ବେଳେ ଅବକାରୀ ଏବଂ ପୁଲିସ ବିଭାଗ ଏକପ୍ରକାର ନିଷ୍କ୍ରିୟ ହୋଇପଡ଼ିଲାଣି। ଅତଏବ୍, ସରକାର ନୂଆ ନୀତିରେ ଚୋରାମଦ କାରବାର ବିରୋଧରେ କଡ଼ା ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

ରାଜ୍ୟରେ ବର୍ତ୍ତମାନ ମଦ ବ୍ୟବହାର ଧୀରେଧୀରେ ବଢ଼ିବାରେ ଲାଗିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟରେ ୧୨.୯କୋଟି ଲିଟର ବିଅର ବିକ୍ରି ହୋଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୧୫.୩୫କୋଟି ଲିଟରକୁ ବୃଦ୍ଧି ପାଇଥିଲା। ସେହିପରି ବିଦେଶୀ ମଧ ବ୍ୟବହାର ମଧ ୫.୮୩ କୋଟି ଲିଟରରୁ ୫.୮୮ କୋଟି ଲିଟରକୁ ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷରେ ସରକାର ଅବକାରୀରୁ ରେକର୍ଡ ୯୭୫୩କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି। ରାଜ୍ୟର ବର୍ତ୍ତମାନ ୩୦ପ୍ରତିଶତ ଲୋକ ମଦ୍ୟପାନ କରୁଥିବାର ଚିନ୍ତା ଉଦ୍ରେକକାରୀ ଚିତ୍ର ସାମ୍ନାକୁ ଆସିଲାଣି।

ନିର୍ବାଚନୀ ପ୍ରଚାର ବେଳେ ବିଜେପି ରାଜ୍ୟରୁ ମଦ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ତେଣୁ ଅବକାରୀ ନୀତିରେ କ'ଣ ରହିଛି ଏବଂ ରାଜ୍ୟରେ ମଦ ବ୍ୟବହାରକୁ ନିୟନ୍ତ୍ରଣରେ ରଖିବାକୁ ସରକାରଙ୍କ କେତେ ଆନ୍ତରିକତା ରହିଛି, ତାହା ନୂଆ ନୀତିରୁ ସ୍ପଷ୍ଟ ଜଣାପଡ଼ିବ ବୋଲି ବିଶେଷଜ୍ଞ ମହଲରେ ମତ ପ୍ରକାଶ ପାଉଛି।

# ୪ଯାଏଁ ବଢ଼ିଲା +୩ ଆବେଦନ ଅବଧି

ଭୁବନେଶ୍ୱର,୨।୬(ସମିସ): +୩ରେ ନାମଲେଖା ପାଇଁ ଥିବା ସମୁଦାୟ ସିଟ୍ ତୁଳନାରେ ଆବେଦନ ସଂଖ୍ୟା କମ୍ ରହିଛି। +୨ ପରୀକ୍ଷାଫଳ ପ୍ରକାଶ ପାଇବାର ବହୁ ପୂର୍ବରୁ ଆବେଦନ ଆରମ୍ଭ ହୋଇଥିବା ବେଳେ ଆଶାନୁରୂପ ଆବେଦନ ହୋଇପାରିନି। ଏହି ପରିପ୍ରେକ୍ଷୀରେ ଆବେଦନ ଅବଧିକୁ ଆଉ ୩ଦିନ ପାଇଁ ବଢ଼ାଯାଇଛି। ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଅନୁରୋଧକ୍ରମେ ଆବୋଦନ ଅବଧିକୁ ଆସନ୍ତା ୪ ତାରିଖପର୍ଯ୍ୟନ୍ତ ବଢ଼ାଯାଇଥିବା ଉଚ୍ଚଶିକ୍ଷା ବିଭାଗପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ନିର୍ଦ୍ଧାରିତ ସମୟରେ କେବଳ ପଞ୍ଜୀକରଣ କରିଥିବା ଛାତ୍ରଛାତ୍ରୀଙ୍କୁ ଆବେଦନ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦିଆଯାଇଛି। ଚଳିତବର୍ଷ ନାମଲେଖା ପାଇଁ ସମୁଦାୟ ୨ଲକ୍ଷ ୭୪ହଜାର ୫୬୯ଟି ସିଟ୍ ରହିଛି। ଏଥିପାଇଁ ୨ଲକ୍ଷ ୫୯ହଜାର ୭୩୨ଜଣ ଆବେଦନ କରିଥିବା ବେଳେ ତନ୍ମଧ୍ୟରୁ ୨ଲକ୍ଷ ୫୧ହଜାର ୭୭୪ ପିଲା ଆବଶ୍ୟକ ଫି' ଦାଖଲ କରି ଆବେଦନ ସମ୍ପୂର୍ଣ୍ଣ କରିଛନ୍ତି। ସମୁଦାୟ ସିଟ୍ ତୁଳନାରେ ଆବେଦନ ସଂଖ୍ୟା ପ୍ରାୟ ୨୨ହଜାର କମ୍ ରହିଛି।

# ହାତୀଦାନ୍ତ ଡିଲ୍ ବେଳେ ଶିକାରୀକୁ ଧରିଲା ଏସ୍‌ଟିଏଫ୍



ଭୁବନେଶ୍ୱର,୨।୬(ସମିସ): ହାତୀଦାନ୍ତ ଡିଲ ବେଳେ ଏସ୍‌ଟିଏଫ୍ ହାତରେ ଧରା ପଡ଼ିଛି ଜଣେ ଶିକାରୀ। ସୋନପୁର ରାସ୍ତା ତେଲିବନ୍ଧ ଛକ ନିକଟରେ ପ୍ରମୋଦ ପରିଡ଼ା ନାମକ ଏହି ଶିକାରୀକୁ ଗିରଫ କରିବା ସହ ୨ଟି ହାତୀଦାନ୍ତକୁ ଏସ୍‌ଟିଏଫ ଜବତ କରିଛି। ଯାହାର ମୂଲ୍ୟ ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ। ଏହି ହାତୀ ଦାନ୍ତ ରାଜ୍ୟ ବାହାରକୁ ଚାଲାଣ କରାଯିବାକୁ ଯୋଜନା କରାଯାଇଥିଲା; ଏ ସମ୍ପର୍କରେ ସୂଚନା ପାଇ ପୂର୍ବରୁ ଛକି ରହିଥିବା ଏସ୍‌ଟିଏଫ ଅଧିକାରୀ ତାଙ୍କୁ ମାଡ଼ି ବସିଥିଲେ। ଏକ ଅଖା ବ୍ୟାଗ୍‌କୁ ଯାଞ୍ଚ କରିବା ପରେ ସେଥିରୁ ଦୁଇଟି ହାତୀ ଦାନ୍ତ ଜବତ କରାଯାଇଥିଲା। ଶିକାରୀଙ୍କୁ ପଚରାଉଚରା କରାଯିବା ପରେ ସେମାନେ ହାତୀ ଶିକାର କରିଥିବା ସ୍ୱୀକାର କରିଥିଲେ। ଏନେଇ ଏକ ମାମଲା ରୁଜୁ କରାଯାଇ ଶିକାରକୁ ଗିରଫ କରାଯାଇଛି। ଏହା ପଛରେ ଏକ ରାକେଟ କାମ କରୁଥିବା ଜଣାପଡିଛି। ତେଣୁ ଏହି ଶିକାରୀ ରାକେଟ ପାଖରେ ପହଞ୍ଚିବା ପାଇଁ ଏସ୍‌ଟିଏଫ ଖୋଳତାଡ଼ କରୁଛି।

# ନିଖିଲ ପୱନକଲ୍ୟାଣ ଜନଗଣନା ନିର୍ଦ୍ଦେଶକ ନିଯୁକ୍ତ



ଭୁବନେଶ୍ୱର,୨।୬(ସମିସ): ଆଇଏଏସ୍ ଅଫିସର ନିଖିଳ ପୱନକଲ୍ୟାଣଙ୍କୁ ମିଳିଛି ଗୁରୁଦାୟିତ୍ୱ। ୨୦୧୨ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଆଇଏଏସ୍ ନିଖିଳ ପୱନକଲ୍ୟାଣଙ୍କୁ ଓଡ଼ିଶାରେ ଜନଗଣନା ନିର୍ଦ୍ଦେଶକ/ନାଗରିକ ପଞ୍ଜୀକରଣ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଙ୍କୁ ଏହି ନିଯୁକ୍ତି ମିଳିଥିବା ବେଳେ ଆସନ୍ତା ଡିସେମ୍ବର ୩୧ ପର୍ଯ୍ୟନ୍ତ ସେ ଏହି ପଦରେ ରହିବେ ବୋଲି କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି। ଏହାସହିତ ତାଙ୍କୁ ତୁରନ୍ତ ଦାୟିତ୍ୱମୁକ୍ତ କରିବାକୁ କେନ୍ଦ୍ର ପକ୍ଷରୁ ରାଜ୍ୟ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କ୍ୟାବିନେଟ ନିଯୁକ୍ତି କମିଟି ନିର୍ଦ୍ଦେଶାବଳୀ ଅନୁଯାୟୀ, ଏପରି ଭୂମିକାରେ ନିଯୁକ୍ତ ଅଧିକାରୀମାନେ ନିଯୁକ୍ତି ବିଜ୍ଞପ୍ତିର ତିନି ସପ୍ତାହ ମଧ୍ୟରେ କାର୍ଯ୍ୟରେ ଯୋଗଦେବା ଉଚିତ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ସୂଚନା ଥାଉକି, ନିଖିଳ ପୱନ କଲ୍ୟାଣ ଅଗଷ୍ଟ ୨୦୨୪ରୁ ଓଡ଼ିଶାରେ ମୃତ୍ତିକା ସଂରକ୍ଷଣ, ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି।




# ବସ୍ ଓଲଟି ୨୫ରୁ ଊର୍ଦ୍ଧ୍ୱ ଆହତ

## କ୍ଷମତାଠାରୁ ଅଧିକ ଯାତ୍ରୀ ପରିବହନ ଅଭିଯୋଗ

ମାଲକାନଗିରି,୨।୬(ସମିସ):



ହାଇଦ୍ରାବାଦରୁ ଭବାନିପାଟଣା ଅଭିମୁଖେ ଯାଉଥିବା ଏକ ଘରୋଇ ବସ୍ ମାଲକାନଗିରି ଥାନା ବିଜାଘାଟିରେ ଓଲଟି ପଡିଛି। ଏଥିରେ୨୫ରୁ ଅଧିକ ଯାତ୍ରୀ ଆହତ ହୋଇଥିବା ଜଣାପଡିଛି। ସମସ୍ତ ଆହତଙ୍କୁ ସ୍ଥାନୀୟ ଲୋକ ଓ ପୁଲିସ ଉଦ୍ଧାର କରି ପାଣ୍ଡରିପାଣି ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ତେବେ ବସ୍‌ଟିରେ କ୍ଷମତାଠାରୁ ଦୁଇଗୁଣ ଅଧିକ ଯାତ୍ରୀ ରହିଥିବା ଜଣାପଡ଼ିଛି। ବ୍ରେକ୍ ଫେଲ ହେବାରୁ ଏହି ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ସୂଚନାନୁଯାୟୀ, ହାଇଦ୍ରାବାଦରୁ ଯାତ୍ରୀ ନେଇ ଶ୍ରୀ ବାଲାଜୀ ନାମକ ଘରୋଇ ବସ୍ ଭବାନିପାଟଣା କଣ୍ଟାବାଞ୍ଜିକୁ ଫେରୁଥିବା ସମୟରେ ମାଲକାନଗିରି ବିଜାଘାଟି ଠାରେ ସକାଳେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡିଥିଲା। ବସ୍‌ରେ ପ୍ରାୟ ୭୦ ଜଣ ଯାତ୍ରୀ ଯାତ୍ରା କରୁଥିଲେ। ବସ୍ ମଧ୍ୟରୁ ଯାତ୍ରୀଙ୍କୁ ସ୍ଥାନୀୟ ଲୋକେ ଓ ପୁଲିସ ଉଦ୍ଧାର କରିଥିଲେ। ଦୁର୍ଘଟଣା ସକାଳ ୮ ଟାରେ ଘଟିଥିବା ବେଳେ ଦିନ ୧୦ ଟା ଯାଏଁ ସୁରକ୍ଷିତ ଥିବା ଯାତ୍ରୀମାନେ ରାସ୍ତାକଡରେ ବସି ରହିଥିଲେ। ସେମାନଙ୍କ ନିକଟରେ ପ୍ରଶାସନ ପକ୍ଷରୁ କୌଣସି ସୁବିଧା ଯୋଗାଇ ଦିଆଯାଇ ନଥିବା ବେଳେ କିଛି ସ୍ଥାନୀୟ ସ୍ୱେଚ୍ଛାସେବୀ ସେମାନଙ୍କୁ ଖାଦ୍ୟ ଓ ପାନୀୟ ଜଳ ଯୋଗାଇଥିଲେ। ପରେ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କ ଖାଦ୍ୟ ପେୟର ବ୍ୟବସ୍ଥା କରି ଗନ୍ତବ୍ୟ ସ୍ଥଳକୁ ପଠାଯାଇଥିଲା। ଅପରପକ୍ଷରେ ଉପଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ ଓ ପୁଲିସ ଅଧିକାରୀମାନେ ଚିକିତ୍ସାଳୟକୁ ଯାଇ ଆହତ ଯାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ତଦାରଖ କରିଥିଲେ। ଏହି ବସ୍‌ରେ ହାଇଦ୍ରାବାଦରୁ ୩ ଟି ଇଟା ଭାଟିରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ଫେରୁଥିବା ବେଳେ ସେମାନେ ଅତ୍ୟନ୍ତ ଦୟନୀୟ ପରିସ୍ଥିତିର ସାମ୍ନା କରିଥିବା କହିଛନ୍ତି। ତେବେ ପ୍ରତିଦିନ ଜିଲ୍ଲା ଦେଇ ଏପରି ଅନେକ ବସ୍ ହାଇଦ୍ରାବାଦକୁ ଯାଉଥିବା ବେଳେ ସେଥିରେ ଏପରି କ୍ଷମତା ଠାରୁ ଅଧିକ ଯାତ୍ରୀଙ୍କୁ ନିଆଯାଉଥିବା ନଜିର ରହିଛି। ପୂର୍ବରୁ ମଧ୍ୟ ଏହି ବସ୍ ଗୁଡିକରେ ଅଧିକ ସଂଖ୍ୟକ ଯାତ୍ରୀଙ୍କୁ ନିଆଯାଉଥିବା ନେଇ ଅଭିଯୋଗ ହୋଇଥିଲା। ପ୍ରଶାସନ ପକ୍ଷରୁ ନାମକୁ ମାତ୍ର ଯାଞ୍ଚ ଓ ଫାଇନ କରି ବସ୍‌ଗୁଡିକୁ ଛାଡି ଦିଆଯାଇଥିଲା। ଫଳରେ ଏହି ବସ୍‌ଗୁଡିକ କ୍ଷମତାଠାରୁ ଅଧିକ ଯାତ୍ରୀଙ୍କୁ ବସ୍‌ରେ ନେଉଥିବା ଅଭିଯୋଗ ହୋଇଛି। ପ୍ରଶାସନ ଓ ଆରଟିଓଙ୍କ ପକ୍ଷରୁ ସଠିକ ଭାବେ ଯାଞ୍ଚ ହେଉ ନଥିବାରୁ ବସ୍ ମାଲିକ ଓ କର୍ମଚାରୀଙ୍କର ମନମାନି ବଢିବାରେ ଲାଗିଥିବା ଅଭିଯୋଗ ହୋଇଛି।

# ସୁଧ ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ



କାଲିମେଲା,୨।୬(ସମିସ): ହଜାର କି ଦୁଇ ହଜାର ନୁହେଁ ସୁଧ ଲାଳସାରେ ଲକ୍ଷ ଲକ୍ଷ ଟଙ୍କା ଦେଇ ଫେରସ୍ତ ନ ପାଇ ହଟହଟା ହୋଇଛନ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା। ଅର୍ଥ ଫେରିପାଇବା ପାଇଁ ଶେଷରେ ଥାନାର ଦ୍ୱାରସ୍ଥ ହେବା ସହ ଜଣେ ମହିଳାଙ୍କ ବିରୋଧରେ ଠକେଇ ଅଭିଯୋଗ ଆଣିଛନ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୧୦ ମହିଳା। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ଅନ୍ତର୍ଗତ କାଲିମେଲା ବ୍ଲକସଦର ମହକୁମାକୁ ଲାଗି ରହିଥିବା ପୁଷ୍ପଗୁଡା ଗ୍ରାମରେ। ସୂଚନାମୁତାବକ, ଏହି ଗ୍ରାମର ବିଭା ବିଶ୍ୱାସ ନାମକ ଜଣେ ମହିଳା ସୁଧ ଦେବାର ପ୍ରଲୋଭନ ଦେଖାଇ ସେହି ଅଞ୍ଚଳର ବବଲୀ ବୈରାଗୀ, ଅନୁ ମଣ୍ଡଳ, ରିଙ୍କୁ ରାୟ, ରୂପା ବିଶ୍ୱାସ, ମୁକ୍ତା ହାଲଦାର, ଜୟନ୍ତୀ ଚୌଧୁରୀ, ଜୟମନ୍ତି ହାଲଦାର, ପ୍ରତିମା ପ୍ରଧାନ, ମଞ୍ଜୁ ବାଗଚୀ ଓ ସୁମିତ୍ରା ବିଶ୍ୱାସଙ୍କ ଠାରୁ ପ୍ରାୟ ୮.୫ ଲକ୍ଷ ଟଙ୍କା ଧାର ନେଇଥିଲେ। ଏହି ଧାର ଟଙ୍କା ଫେରାଇବା ପୂର୍ବରୁ ବିଭା ବିଶ୍ୱାସ କାଲିମେଲା ଛାଡିବାକୁ ପ୍ରୟାସ କରୁଥିବା ଜାଣିପାରି ଉକ୍ତ ମହିଳାମାନେ ପ୍ରଥମେ ବିଭା ବିଶ୍ୱାସଙ୍କୁ ଟଙ୍କା ମାଗିଥିଲେ। ସେଠାରେ ଏହି କଥାକୁ ନେଇ ଯୁକ୍ତିତର୍କ ହେବାରୁ ମହିଳାମାନେ କାଲିମେଲା ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନାରେ ବିଭା ଆସନ୍ତା କିଛିଦିନ ମଧ୍ୟରେ ସମସ୍ତ ଟଙ୍କା ଫେରାଇବା ନେଇ ସ୍ୱୀକାର କରିବା ସହ ଲିଖିତ ଭାବେ ମଧ୍ୟ ଜଣାଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ହେବେ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ଏହି ଘଟଣାରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଭିନ୍ନ ଭାବେ ଲକ୍ଷଲକ୍ଷ ଟଙ୍କା ସୁଧ ଲୋଭରେ ଜଣେ ଏକାକୀ ମହିଳାଙ୍କୁ କାହିଁକି ପ୍ରଦାନ କରିଛନ୍ତି

## ଏସ୍‌ଏଚ୍‌ଜି ମହିଳା ଥାନାର ଦ୍ୱାରସ୍ଥ

କହିଛନ୍ତି। ତେବେ ଏହି ଘଟଣା ସମ୍ପର୍କରେ ବିଭା ବିଶ୍ୱାସଙ୍କୁ ଯୋଗାଯୋଗ କରିବାରୁ, ସେ ଏହି ଘଟଣାରେ କୌଣସି ନେଣଦେଣରେ ସାମିଲ ନାହାନ୍ତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ତାଙ୍କ ଭାଇଙ୍କୁ ସୁଧ ଆକାରରେ କିଛି ଟଙ୍କା ଧାର ଦେଇଥିବା ସ୍ୱୀକାର କରିଛନ୍ତି। ଅନ୍ୟପଟେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପୁଣି ଥାନାର ଦ୍ୱାରସ୍ଥ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭା ବିଶ୍ୱାସ କୌଶଳ କରି ଲକ୍ଷାଧିକ ଟଙ୍କା ହଡପ କରିଥିବା ମଧ୍ୟ ଆଲୋଚନା ହେଉଛି। ଏହି ଘଟଣାକୁ ଗୁରୁତର ସହ ଗ୍ରହଣ କରି ପୁଲିସ ପକ୍ଷରୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଲକ୍ଷାଧିକ ଟଙ୍କା ନେଣଦେଣର ଏହି ସ୍କାଣ୍ଡାଲ ଉପରୁ ପରଦା ଉଠିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ସୀମାନ୍ତରେ ୧୬ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି,୨।୬(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମାରେ ୧୬ ଜଣ ମାଓବାଦୀଙ୍କ ଆତ୍ମସମର୍ପଣ କରିଛନ୍ତି। ସୂଚନାନୁଯାୟୀ, ସୁକମା ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଏସ୍‌ପି କିରଣ ଚୌହାନଙ୍କ ସମ୍ମୁଖରେ ଏହି ୧୬ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ପିଏଲଜିଏ ବାଟାଲିୟନର ଏହି ମାଓବାଦୀମାନେ ହୋଇଥିବା ବେଳେ ଏମାନଙ୍କ ମଧ୍ୟରୁ ଜଣେ ମହିଳା ଓ ପୁରୁଷ ମାଓବାଦୀ ନାମରେ ୮ ଲକ୍ଷ ଲେଖାଏଁ ପୁରସ୍କାର ରହିଥିଲା। ଏଥିସହ ୬ ଜଣ ମାଓବାଦୀ ନାମରେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା। ଦିନକୁ ଦିନ ମାଓ ସଙ୍ଗଠନ ଦୁର୍ବଳ ହୋଇ ନିଜର ନୀତି ଆଦର୍ଶରୁ ଓହରି ଯାଇଥିବାରୁ ଏମାନେ ନିଜର ଜୀବନ ବଞ୍ଚାଇ ସାଧାରଣ ଜୀବନ ଯାପନ କରିବାରୁ ନିଷ୍ପତ୍ତି ନେଇ ଓ ସରକାରଙ୍କ ଆତ୍ମସମର୍ପଣ ନୀତିରେ ଆକର୍ଷିତ ହୋଇ ଏମାନେ ଆତ୍ମସମର୍ପଣ କରିଥିବା କୁହାଯାଇଛି। ସମସ୍ତ ମାଓବାଦୀଙ୍କୁ ୫୦ ହଜାର ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଥିବା ଓ ଆଗାମୀ ଦିନରେ ଥଇଥାନ ନୀତି ଅନୁଯାୟୀ ସହାୟତା ପ୍ରଦାନ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ନାବାଳିକା ଗର୍ଭବତୀ ମାମଲା; ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୨।୬(ସମିସ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନାଞ୍ଚଳରେ ନାବାଳିକାଙ୍କୁ ଦୁଷ୍କର୍ମ ଏବଂ ୫ ମାସ ଗର୍ଭବତୀ କରିବା ମାମଲାରେ ଫେରାର ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ମହିଳା ଥାନା ପୁଲିସ। ରବିବାର ସନ୍ଧ୍ୟାରେ ଫେରାର ଅଭିଯୁକ୍ତ ରାଜେନ୍ଦ୍ର ଭତ୍ରା (୨୯)ଙ୍କୁ ବୋରିଗୁମ୍ମା ଥାନା ସାଉନିଗୁଡ଼ା ଗ୍ରାମସ୍ଥିତ ଘରୁ ପୁଲିସ ଗିରଫ କରିଛି। ସୋମବାର ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଡାକ୍ତରମାଇନା ପରେ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି। ରବିବାର କୌଣସି ସୂତ୍ରରୁ ଖବରପାଇଁ ଜିଲ୍ଲା ଏସ୍‌ପି ରୋହିତ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ଜୟପୁର ସଦର ଥାନା ଅଧିକାରୀ ତଥା ତଦନ୍ତକାରୀ ଅଧିକାରୀ ସଚ୍ଚିଦ୍ର ପ୍ରଧାନ ପୁଲିସ ଟିମ୍ ସହ ଚଢ଼ଉ କରି ଅଭିଯୁକ୍ତକୁ ଗିରଫ କରିଥିଲେ। ଗତମାସ ୨୩ ତାରିଖରେ ମାମଲା ରୁଜୁ ପରେ ଅଭିଯୁକ୍ତ ଫେରାର ଥିଲା। ଗତ ୩୦ ତାରିଖରେ ପୁଲିସ ପକ୍ଷରୁ ତାଙ୍କ ଘର ଉପରେ ଚଢ଼ଉ କରାଯାଇ ଦୁଇଟି କାର, ଗୋଟିଏ ବାଇକ୍‌କୁ ଜବତ କରିଥିଲା।

ସୂଚନାଯୋଗ୍ୟ, ବୋରିଗୁମ୍ମା ଥାନାଞ୍ଚଳର ଜୈନିକ ନାବାଳିକାଙ୍କୁ ଦୁଷ୍କର୍ମ କରିବା ଓ ୫ ମାସର ଗର୍ଭବତୀ କରାଇବା ଅଭିଯୋଗରେ କୋଟପାଡ଼ ବିଧାୟକ ପ୍ରତିନିଧି ତଥା ସାଉନିଗୁଡ଼ା ପଞ୍ଚାୟତର ସଦର ଗ୍ରାମର ରାମକୃଷ୍ଣ ଭତ୍ରାଙ୍କ ପୁଅ ଅଭିଯୁକ୍ତ ରାଜନ୍ଦ୍ରଙ୍କ ନାମରେ ଜୟପୁର ମହିଳା ଥାନାରେ ଗତ ୨୩ ତାରିଖରେ ମାମଲା ରୁଜୁ ହୋଇଥିଲା। ସ୍ଥାନୀୟ ବୋରିଗୁମ୍ମା ଥାନାଞ୍ଚଳର ଜଣେ ବିଧବା ମହିଳାଙ୍କ ୧୬ ବର୍ଷିୟା ନାବାଳିକା ଝିଅକୁ ବିବାହ ପ୍ରତିଶ୍ରୁତି ଦେଇ ଗତ ୨ ବର୍ଷ ଧରି ଅଭିଯୁକ୍ତ ଦୁଷ୍କର୍ମ ଓ ଶାରିରୀକ ସମ୍ପର୍କ ରଖି ୫ ମାସର ଗର୍ଭବତୀ କରିଥିବା ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଗ୍ରାମରେ ବୈଠକ ଡକାଯାଇ ସମାଧାନ ପାଇଁ ପ୍ରୟାସ କରାଯାଇଥିଲେ ମଧ୍ୟ ଅଭିଯୁକ୍ତ ଗାଁ ବୈଠକକୁ ଆସିନଥିବା ଓ ପାଲଟା ତାଙ୍କ ବାପା ରାଜନୈତିକ ଚାପ ପକାଇ ଘଟଣାକୁ ଚପାଇବା ପାଇଁ ପରିବାର ଉପରେ ଚାପ ସୃଷ୍ଟି କରୁଥିବା ଅଭିଯୋଗ ହୋଇଥିଲା। ଘଟଣା ୧୬ ତାରିଖରେ ପ୍ରଘଟ ହୋଇଥିବା ବେଳେ ବୋରିଗୁମ୍ମା ଥାନାକୁ ପୀଡ଼ିତାଙ୍କ ମାଆ ଅଭିଯୋଗ ନେଇ ବାରମ୍ବାର ଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା। ଶେଷରେ ପୀଡ଼ିତାଙ୍କ ମାଆ ଜୟପୁର ମହିଳାଥାନାରେ ଅଭିଯୋଗ ପରେ ମାମଲା ରୁଜୁ ହୋଇଥିଲା। ପୀଡ଼ିତା ଏବଂ ତାଙ୍କ ମାଆଙ୍କ ଉପରେ ଏତଲା ଫେରସ୍ତ ନେବାକୁ ଚାପ ଓ ଧମକ ଦିଆଯାଉଥିବାରୁ ପୀଡ଼ିତାଙ୍କ ପରିବାର ଭୟଭୀତ ହୋଇ ଜୟପୁର ଜୟନଗର ଅଞ୍ଚଳରେ ଜଣେ ସମ୍ପର୍କିୟଙ୍କ ଗୃହରେ ରହୁଛନ୍ତି। ଏନେଇ ଗତମାସ ୨୯ ତାରିଖରେ ବିଜେଡିର ରାଜ୍ୟ ମହିଳା ସଭାପତି ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ବିଜେଡି ମହିଳା ଦଳକୁ ନେଇ ତଥ୍ୟ ଅନୁସନ୍ଧାନ ଟିମ୍ ପୀଡ଼ିତା ଓ ତାଙ୍କ ମାଆଙ୍କୁ ସାକ୍ଷାତ କରିବା ସହ ସୁରକ୍ଷା ପ୍ରଦାନ କରିବା ନେଇ ଆଶ୍ୱସନା ଦେଇଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଜିଲ୍ଲା ଏସ୍‌ପିଙ୍କୁ ସାକ୍ଷାତ କରି ଦାବି କରିଥିଲେ। ପରେ ପୁଲିସ ଉପରେ ଅଭିଯୁକ୍ତକୁ ଗିରଫ କରିବା ନେଇ ପ୍ରବଳ ଚାପ ସୃଷ୍ଟି ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

# ନୂତନ ତହସିଲଦାରଙ୍କ ଯୋଗଦାନ



ଡାବୁଗାଁ,୨।୬(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ଭାବେ ଗୀତା ମୁର୍ମୁ ସୋମବାର ଯୋଗଦାନ କରିଛନ୍ତି। ସେ ପୂର୍ବରୁ ବାଲେଶ୍ୱର ଜିଲ୍ଲା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି ଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିଲେ। ପୂର୍ବତନ ତହସିଲଦାର ହରିଓମ ଭୋଇ ତାଲିମ ପାଇଁ ଭୁବନେଶ୍ୱର ଯିବାପରେ ଉକ୍ତ ପଦବୀ ଖାଲି ପଡ଼ିଥିଲା। ବର୍ତ୍ତମାନ ପୂର୍ବତନ ତହସିଲଦାର ହରିଓମ ଭୋଇଙ୍କର ସମ୍ବଲପୁର ମହାନଗର ନିଗମର ଡେପୁଟି କମିଶନର ଭାବେ ନିଯୁକ୍ତି ହୋଇଥିବା ସୂଚନା ମିଳିଛି।

# ଅଗ୍ନିଗଙ୍ଗା ମା'ଙ୍କ ବାର୍ଷିକ ଘଟଯାତ୍ରାର ପ୍ରସାଦସେବନ କାର୍ଯ୍ୟକ୍ରମ

ସେମିଳିଗୁଡ଼ା,୨।୬(ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ସହରର ଆରାଧ୍ୟା ଦେବୀ ଅଗ୍ନିଗଙ୍ଗା ମା'ଙ୍କ ବାର୍ଷିକ ଘଟଯାତ୍ରାର ପ୍ରସାଦସେବନ କାର୍ଯ୍ୟକ୍ରମ ପୂଜା କମିଟି ପକ୍ଷରୁ ଅନୁଷ୍ଠିତ ହୋଇଛି। ମା'ଙ୍କ ମନ୍ଦିର ପଛପଟ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁତ୍ ସଂଖ୍ୟାରେ ଭକ୍ତ ଯୋଗଦେଇ ପ୍ରସାଦସେବନ କରିଥିଲେ। ଅଗ୍ନିଗଙ୍ଗା ମା'ଙ୍କ ବାର୍ଷିକ ଘଟଯାତ୍ରା ଗତ ମେ ମାସ ୧୧ରୁ ୨୧ତାରିଖ ପର୍ଯ୍ୟନ୍ତ ୯ ଦିନ ଅନୁଷ୍ଠିତ ହୋଇଥିଲା। ୫୦୦୦ ଲୋକ ଯୋଗଦେଇ ପ୍ରସାଦସେବନ କରିଥିଲେ। ପୂଜା କମିଟି ସଭାପତି ପ୍ରଦୀପ ପାତ୍ରଙ୍କ ନେତୃତ୍ୱରେ ସଭ୍ୟ ସୁବ୍ରତ ନାୟକ, ବି ସନ୍ତୋଷ, ଏ ରାମା କ୍ରିଷ୍ଣା, କିଶୋର, ଅଶୋକ ପ୍ରଧାନ, ଉମା, ଭେଙ୍କଟ, କୁନା ରାଉତ ଓ ସ୍ଥାନୀୟ ଯୁବକଗଣ କାର୍ଯ୍ୟକ୍ରମରେ ସାହାଯ୍ୟ କରିଥିଲେ।

# ନୂତନ କେନ୍ଦ୍ରୀୟ ବିଦ୍ୟାଳୟରେ ନାମଲେଖା ଆରମ୍ଭ

## ● ପ୍ରଥମ ଦିନରେ ୨୪୧ ଫର୍ମ ନେଲେ ଅବିଭାବକ

ଜୟପୁର,୨।୬(ସମିସ): ଜୟପୁରରେ ସ୍ଥାପିତ ନୂତନ କେନ୍ଦ୍ରୀୟ ବିଦ୍ୟାଳୟରେ ନାମଲେଖା ନିମନ୍ତେ ସୋମବାର ଫର୍ମ ପ୍ରଦାନର ପ୍ରଥମ ଦିନରେ ୨୪୧ଟି ଫର୍ମ ଅବିଭାବକମାନେ ବିଦ୍ୟାଳୟକୁ ଯାଇ ଗ୍ରହଣ କରିଛନ୍ତି। ସକାଳ ୮ଟାରୁ ଫର୍ମ ପ୍ରଦାନ ଆରମ୍ଭ କରାଯାଇ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲିଥିଲା। ବିଦ୍ୟାଳୟକୁ ଆସୁଥିବା ଅବିଭାବକମାନେ ଯେପରି ସୁବିଧାରେ ଫର୍ମ ସଂଗ୍ରହ କରିପାରିବେ ସେନେଇ ମୁଖ୍ୟଦ୍ୱାରରେ ବାରକୋର୍ଡ ଲଗାଯାଇଥିଲା। ଯାହାଫଳରେ ଅବିଭାବକ ମାନେ ସୁବିଧାରେ ଫର୍ମ ଡାଉନଲୋଡ କରିପାରିବେ। ସକାଳୁ ବିଭିନ୍ନ ସ୍ଥାନରୁ ଛାତ୍ରଛାତ୍ରୀଙ୍କୁ ଧରି ଅବିଭାବକମାନେ ବିଦ୍ୟାଳୟକୁ ଆସି ଫର୍ମ ସଂଗ୍ରହ କରିଥିଲେ। ଆଜିରୁ ଜୁନ ୧୬ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଫର୍ମ ଗ୍ରହଣ କରାଯିବ। ଫର୍ମ ଆବେଦନ ତାରିଖ ଶେଷହେବା ପରେ ଆସନ୍ତା ୨୧ ତାରିଖ ସୁଦ୍ଧା ସମସ୍ତ ଫର୍ମଗୁଡ଼ିକ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ। ଆସନ୍ତା ଜୁନ ୨୨ ଓ ୨୩ ତାରିଖରୁ ଛାତ୍ରଛାତ୍ରୀଙ୍କ ପ୍ରବେଶ ପ୍ରକ୍ରିୟା ଆରମ୍ଭ କରାଯାଇ ଜୁଲାଇ ପହିଲାରୁ ପାଠ୍ୟକ୍ରମ ଆରମ୍ଭ କରାଯିବ ବୋଲି ଜୟପୁର ନୂତନ କେନ୍ଦ୍ରୀୟ ବିଦ୍ୟାଳୟର ଭାରାପ୍ରାପ୍ତ ଅଧ୍ୟକ୍ଷ ହରିହର ପଣ୍ଡା ସୂଚନା ଦେଇଛନ୍ତି।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ

ଜୟପୁର,୨।୬(ସମିସ): ଜୟପୁର ରେଳଷ୍ଟେସନ ଛକ ଆର୍‌ଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ ଜାତୀୟ ରାଜପଥରେ ଦୁର୍ଘଟଣାରେ ନବରଙ୍ଗପୁର ସିଏସଓ ଅଫିସରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ଗତକାଲି ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଲେ ଗୋବିନ୍ଦ ପାଣିଗ୍ରାହୀ। ରବିବାର ରାତିରେ ଜୟପୁରରୁ ମଟରସାଇକଲରେ ନବରଙ୍ଗପୁର ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ କାର ସହ ଧକ୍କା ହୋଇଥିଲା। ଉଭୟ ମଟରସାଇକଲ ଓ କାର ରାସ୍ତାକଡ଼କୁ ଖସିଯାଇଥିବା ବେଳେ ବାଇକ ଚାଳକ ଗୋବିନ୍ଦଙ୍କୁ ଗୁରୁତର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଜିଲ୍ଲା ଚିକିତ୍ସାଳୟକୁ ନେବାରୁ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। କାରରେ ଥିବା ଲୋକ ସାମାନ୍ୟ ଆହତ ହୋଇଥିବା ସଦରଥାନା ଅଧିକାରୀ ସଚ୍ଚିଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ମୃତଙ୍କ ନିଜଘର କଳାହାଣ୍ଡି ଜିଲ୍ଲା ବୋଲି ଜଣାପଡ଼ିଛି।

# ଡମି ଚେକ୍ ଧରାଇ ଠକିଦେଲା ପ୍ରଶାସନ

କାଲିମେଲା,୨।୬(ସମିସ):

ମାଲକାନଗିରି ଜିଲ୍ଲାର ବିଭିନ୍ନ ବ୍ଲକରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲାର କାଲିମେଲା ବ୍ଲକରେ ମଧ୍ୟ ଏହି ମହୋତ୍ସବ ଧୁମଧାମରେ ପାଳିତ ହୋଇଥିଲା। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ଆୟୋଜିତ ଏହି ମାଲ୍ୟବନ୍ତ ମହୋତ୍ସବରେ ସୁନାମଧନ୍ୟ ଚଳଚ୍ଚିତ୍ର କଳାକାରଙ୍କୁ ଆଣି ବାହାବା ନେବା ପାଇଁ ଚେଷ୍ଟା କରିଥିଲା ବ୍ଲକ୍ ପ୍ରଶାସନ। ଏହି ମହୋତ୍ସବରେ ସ୍ଥାନୀୟ ଛାତ୍ରଛାତ୍ରୀମାନଙ୍କୁ ନେଇ ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ମଧ୍ୟ ହୋଇଥିଲେ। ହେଲେ ପୁରସ୍କୃତ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ମଞ୍ଚରେ ଅତିଥିମାନଙ୍କ ସମ୍ମୁଖରେ ପୁରସ୍କାର ସ୍ୱରୂପ ଅର୍ଥ ଦେବାକୁ ଘୋଷଣା କରାଯାଇଥିଲା। ତେବେ ଦୀର୍ଘ ୬ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ପୁରସ୍କୃତ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ବର୍ତ୍ତମାନ ସୁଧା କୌଣସି ଅର୍ଥ ଦିଆଯାଇ ନଥିବାର ଅଭିଯୋଗ ହୋଇଛି। ଏପରି ଅଭିଯୋଗ କରିଛନ୍ତି ପୁରସ୍କୃତ ହୋଇଥିବା ଜଣେ ୬ଷ୍ଠ ଶ୍ରେଣୀର ଛାତ୍ରୀ ଅଂଜନା ବଡ଼ନାୟକ। ସେ ୬ଷ୍ଠ ଶ୍ରେଣୀରେ ପାଠ ପଢୁଥିବା ବେଳେ ନୃତ୍ୟ ପ୍ରତିଯୋଗିତାରେ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ତାଙ୍କୁ ୭ ହଜାର ଟଙ୍କାର ଏକ ଡମି ଚେକ୍ ଧରାଇ ଦେଇ ପରେ ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ବ୍ଲକ କର୍ତ୍ତୃପକ୍ଷ। ତେବେ ଦୀର୍ଘ ୬ ମାସ ବିତିଯାଇଥିଲେ ମଧ୍ୟ ଟଙ୍କାଟିଏ ମିଳିନାହିଁ ବୋଲି ବ୍ଲକ୍ କାର୍ଯ୍ୟାଳୟକୁ ଡମି ଚେକ୍ ଧରି ଛାତ୍ରୀ ଜଣଙ୍କ ଆସିଥିବାର ଦେଖିବାକୁ ମିଳିଥିଲା।




# ବିଦ୍ୟୁତ୍ କାଟ୍‌ନେଇ ଗ୍ରୀଡ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ପ୍ରତିବାଦ



ପାପଡ଼ାହାଣ୍ଡି,୨।୬(ସମିସ): ଦୁଇ ମାସ ହେଲା ରାତ୍ରି ସମୟରେ ତଣ୍ଡାଗୁଡା ଗାଁରେ ବିଦ୍ୟୁତ୍ କାଟକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଗ୍ରୀଡ଼ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଛି। ଘଟଣାସ୍ଥଳରେ ବ୍ଲକ ଉପାଧ୍ୟକ୍ଷ ପହଞ୍ଚି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଫେରିଥିଲେ। ସୂଚନାନୁଯାୟୀ, ପାପଡ଼ାହାଣ୍ଡି ପଞ୍ଚାୟତ ଅଧୀନ ତଣ୍ଡାଗୁଡ଼ା ଗାଁରେ ୨୦୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଉପଭୋକ୍ତା ରହିଛନ୍ତି। ପ୍ରତେକ ମାସରେ ନିୟମିତ ବିଦ୍ୟୁତ୍ ବିଲ ପୈଠ କରୁଥିବା ଗ୍ରାମବାସୀ କହିଛନ୍ତି। କିନ୍ତୁ ଦୁର୍ଭାଗ୍ୟ ଯେ ଦିନକୁ ୨୪ ଘଣ୍ଟାରେ ଦୁଇ ଘଣ୍ଟା ମଧ୍ୟ ବିଦ୍ୟୁତ ପାଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତଣ୍ଡାଗୁଡ଼ାରେ ଗ୍ରୀଡ଼ କାର୍ଯ୍ୟାଳୟ ରହିଛି। ଏହିଠାରୁ ଅନେକ ଅଞ୍ଚଳସହ ପାପଡ଼ାହାଣ୍ଡି ସଦରକୁ ବିଦ୍ୟୁତ ସଂଯୋଗ ରହିଛି। ସମସ୍ତେ ବିଦ୍ୟୁତ୍ ସେବା ଠିକ୍‌ରେ ପାଉଥିବା ବେଳେ ତଣ୍ଡାଗୁଡ଼ା ଗ୍ରାମବାସୀ ଏଥିରୁ ବଞ୍ଚିତସ ରହୁଥିବା ଅଭିଯୋଗ ହେଉଛି। ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ସମସ୍ୟାର ସମାଧାନ ହୋଇ ପାରୁନାହିଁ। ବିଦ୍ୟୁତ ନଥିବା ଯୋଗୁ ବିବାହ କାର୍ଯ୍ୟ, ଛାତ୍ରଛାତ୍ରୀଙ୍କ ପାଠପଢା ଏବଂ ରାତ୍ରି ସମୟରେ ହିଂସ୍ର ଜନ୍ତୁଙ୍କ ଭୟ ଲାଗି ରହୁଛି। ପ୍ରତିବାଦରେ ଘଟଣାସ୍ଥଳରେ କୌଣସି ବିଦ୍ୟୁତ ଅଧିକାରୀଙ୍କ ଉପସ୍ଥିତ ଦେଖିବାକୁ ମିଳିନଥିଲା। ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା ପହଞ୍ଚି ଗ୍ରାମବାସୀଙ୍କୁ ବୁଝେଇ ଫୋନଦ୍ୱାର ପାପଡ଼ାହାଣ୍ଡି ଏସଡିଓଙ୍କୁ ଯୋଗାଯୋଗ କରିଥିଲେ। ଗ୍ରାମବାସୀ ଲିଖିତ ଅଭିଯୋଗ ଦେବାସହ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କଲେ ସମସ୍ୟାର ସମାଧାନ ତୁରନ୍ତ କରାଯିବ ବୋଲି ଏସଡିଓ ବ୍ରହ୍ମାନନ୍ଦ ସାହୁ ସୂଚନା ଦେଇଥିବା ଉପାଧ୍ୟକ୍ଷ ଗ୍ରାମବାସୀଙ୍କୁ କହିଥିଲେ। ଉପାଧ୍ୟକ୍ଷଙ୍କ ପ୍ରଚେଷ୍ଟାରେ ତୁରନ୍ତ ସମସ୍ୟାର ସମାଧାନ କରିବେ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଫେରିଥିଲେ।

# ଠାକୁରାଣୀଙ୍କ ଘଣ୍ଟଯାତ୍ରା ଆରମ୍ଭ

ପାପଡ଼ାହାଣ୍ଡି,୨।୬(ସମିସ): ପାପଡ଼ାହାଣ୍ଡିର ବୁଢ଼ୀ ଠାକୁରାଣୀଙ୍କ ଘଣ୍ଟ ଯାତ୍ରା ଆଜି ଆରମ୍ଭ ହୋଇଛି। ମା'ଙ୍କ ତିନୋଟି ଘଟ ଅପରାହ୍ଣରେ ବଡ଼ ଆଡ଼ମ୍ବରରେ ବାହାରିଥିଲା। ଗାଁ ଲୋକେ ଦୀପ, ଧୂପ ଓ ନଡ଼ିଆ ଭାଙ୍ଗି ମା'ଙ୍କ ଘଟକୁ ପୂଜାର୍ଚ୍ଚନା କରିଥିଲେ। ୯ ଦିନ ଧରି ବିଭିନ୍ନ ଗ୍ରାମ ପରିକ୍ରମାର ଶେଷ ଦିନରେ ମାଝୀଗୁଡ଼ା ପହଞ୍ଚିବା ପରେ ମା'ଙ୍କ ଘଟ ବିସର୍ଜନ ହେବ। ପ୍ରତ୍ୟକ ଅଞ୍ଚଳରେ ଚୈତ୍ର ମାସରେ ଘଟ ଯାତ୍ରା ହେଉଥିବା ବେଳେ ପାପଡ଼ାହାଣ୍ଡିରେ ଜ୍ୟୋଷ୍ଠ ମାସରେ ଘଟଯାତ୍ରା ହେଉଥିବାରୁ ପ୍ରବଳ ଜନ ସମାଗମ ହୋଇଥାଏ। ସ୍ଥାନୀୟ ପୂଜା କମିଟି ପକ୍ଷରୁ ମନ୍ଦିର ସହ ତୋରଣ ଓ ଆଲୋକୀକରଣ କରାଯାଇଛି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ମା'ଙ୍କ ଘଟ ଫେରିବା ବେଳେ ମହିଳା ଓ ପୁରୁଷମାନେ ଢେମସା ନାଚ ଓ ବାଦ୍ୟ ବଜାଇ ଆଣିଥାନ୍ତି।

# ନିଜ ଧର୍ମ ରୀତିନୀତିରେ ଶୁଦ୍ଧିକ୍ରିୟା କରିବାରୁ ଆକ୍ରମଣ

## ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲେ ପୀଡିତ ପରିବାର

ମାଲକାନଗିରି,୨।୬(ସମିସ): ନିଜ ସ୍ୱାମୀଙ୍କ ମୃତ୍ୟୁପରେ ଆତ୍ମାର ସଦ୍‌ଗତି ପାଇଁ ନିଜ ଧର୍ମର ରୀତିନୀତି ଅନୁଯାୟୀ ଶୁଦ୍ଧି କ୍ରିୟା କରିବାରୁ ଆଉ ଏକ ଧର୍ମର ଲୋକେ ଜୋରଜବରଦସ୍ତ ମୃତକଙ୍କ ପରିବାର ଲୋକଙ୍କୁ ମାଡ ମାରିବା ସହ ପୁନଃ ଜୋରଜବରଦସ୍ତି ଅନ୍ୟ ଧର୍ମର ରୀତିନୀତି ଅନୁଯାୟୀ ଶୁଦ୍ଧିକ୍ରିୟା କରିବା ସହ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ପୀଡିତ ପରିବାର ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟଭିକ୍ଷା କରିଛି। ଅନ୍ୟପଟରେ ଏହି ଘଟଣାକୁ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ବିରୋଧ କରାଯିବା ସହ ଆଜି ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ପୀଡିତ ପରିବାରକୁ ନ୍ୟାୟ ଦେବାକୁ ଅନୁରୋଧ କରାଯାଇଛି। ଅଭିଯୋଗ ଅନୁଯାୟୀ, ମାଲକାନଗିରି ଜିଲ୍ଲା କାଲିମେଲା ନିବାସୀ ନନି ଗୋପାଳ ବିଶ୍ୱାସଙ୍କ ଗତ ମେ ୧୭ ତାରିଖରେ ମୃତ୍ୟୁ ହୋଇଥିଲା। ପରିବାର ଲୋକମାନେ ଦୀକ୍ଷିତ ହୋଇଥିବା



ମତୁଆ ଧର୍ମାନୁଯାୟୀ କ୍ରିୟା କର୍ମ କରିଥିଲେ। ଗତ ମେ ୩୦ ତାରିଖରେ ଶ୍ରଦ୍ଧାଞ୍ଜଳି ଭୋଜିର ଆୟୋଜନ କରିଥିଲେ। ସେହିସମୟରେ ହଠାତ ଉତ୍ତମ ଓଝା ନାମକ ବ୍ୟକ୍ତି ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ନେଇ ଭୋଜି ସ୍ଥଳକୁ ଯାଇ ଜୋର ଜବରଦସ୍ତ ଟେଣ୍ଟ ବାହାର କରି ଜିନିଷ ପତ୍ର ଫିଙ୍ଗା ଫିଙ୍ଗି କରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାରଧର କରିଥିଲେ। ମତୁଆ ଧର୍ମର କେନ୍ଦ୍ରୀୟ କମିଟି ସଧାରଣ ସମ୍ପାଦକ ଅନୀମେଶ ମଣ୍ଡଳ ଓ ମତୁଆଚାର୍ଯ୍ୟ ରବୀନ୍ଦ୍ର ନାଥ ବିଶ୍ୱାସଙ୍କୁ ମଧ୍ୟ ମାରିଦେବା ପାଇଁ ଧମକ ଦେଇ ଥିଲେ। ତୁରନ୍ତ ଏନେଇ କାଲିମେଲା ଥାନକୁ ପରିବାର ଲୋକେ ଖବର ଦେବା ପରେ ଥାନା ଅଧିକାରୀ ଘଟଣା ସ୍ଥଳକୁ ଯାଇ ଉତ୍ତମ ଓଝାଙ୍କୁ ବୁଝାଇଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। ଘଟଣା ପରଦିନ ସକାଳେ ପୁଣି ଉତ୍ତମ ଓଝା ନାମକ ବ୍ୟକ୍ତି ଏକ ବ୍ରାହ୍ମଣ ପୁରୋହିତଙ୍କୁ ନେଇ ମୃତ ନନି ଗୋପାଳ ବିଶ୍ୱାସଙ୍କ ଘରେ ଆସି ଭୟଦେଇ ଅନ୍ୟ ଧର୍ମର ରୀତିନୀତି ଅନୁଯାୟୀ ପୁନର୍ବାର ଶୁଦ୍ଧିକ୍ରିୟା କର୍ମ କରିଥିଲେ। ଯାହାକୁ ନେଇ ମୃତକଙ୍କ ପରିବାର ଲୋକେ ମାନସିକ ଚାପ ମଧ୍ୟରେ ରହିଥିବା କହିଛନ୍ତି। ଆଇନକୁ ହାତକୁ ନେଇଥିବା ଉତ୍ତମ ଓଝା ଓ ଅନ୍ୟ ସହକର୍ମୀଙ୍କ ବିରୁଦ୍ଧରେ ପୁଲିସ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୋମବାର ହୋଟେଲ ସ୍ୱାଗତ ସଭା ଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୃତକଙ୍କ ପରିବାର ଲୋକଙ୍କ ସହ ବିଭିନ୍ନ ସଙ୍ଗଠନ ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସର୍ବ ଭାରତୀୟ ମତୁଆଚାର୍ଯ୍ୟ ରବୀନ୍ଦ୍ର ନାଥ ବିଶ୍ୱାସ, ସ୍ୱର୍ଗତ ନନୀ ଗୋପାଳ ବିଶ୍ୱାସଙ୍କ ପତ୍ନୀ ସାରଥୀ ବିଶ୍ୱାସ, ଗୁରୁ ଚାନ୍ଦ ଆମ୍ବେଦକର ଚେତନା ମଞ୍ଚ ସଭାପତି ଲକ୍ଷ୍ମଣ ଚନ୍ଦ୍ର ଘରକ୍ଷଣୀ, ଆଦିବାସୀ ନେତା ଘନ ଶ୍ୟାମକାମୀ, ଅନୁସୂଚିତ ଜାତି ଜନଜାତି ସଂଘ ମିଳିତ କ୍ରିୟକ୍ଷନୁଷ୍ଠାନ କମିଟି ସଭାପତି ଜାରା ଶବର ମାଡ଼ି, ମୁଖ୍ୟ ଉପଦେଷ୍ଟା ପ୍ରଭାକର ହନ୍ତାଳ, ରାଜ ରାୟ ମଣ୍ଡଳ, ଶିଶିର ମଣ୍ଡଳ, ମତୁଆଚାର୍ଯ୍ୟ ପ୍ରକାଶ ଗୋସାଇ, ନିର୍ମଳ ମଣ୍ଡଳ ଓ ପରିମଳ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

# ପୌର ପ୍ରଶାସନର ଚଢ଼ଉ; ୯ କେଜି ପଲିଥିନ୍ ଜବତ



କୋରାପୁଟ,୨।୬(ସମିସ): ପଲିଥିନ୍ ଓ ପ୍ଲାଷ୍ଟିକ ଉପରେ ରୋକ ଲଗାଇବା ପାଇଁ ସହରର ଦୋକାନ ଉପରେ ପୌରପ୍ରଶାସନ ପକ୍ଷରୁ ଚଢ଼ଉ ଜାରିରହିଛି। କୋରାପୁଟ ସହରରେ ଏକକ ବ୍ୟବହାରଯୋଗ୍ୟ ପଲିଥିନ୍ ବ୍ୟବହାର କରୁଥିବା ଦୋକାନଗୁଡ଼ିକରେ ପୌରପରିଷଦ କର୍ମଚାରୀଙ୍କ ତରଫରୁ ଧରପଗଡ଼ କରାଯାଇଛି। କୋରାପୁଟ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଛକରୁ ଗୁଣ୍ଡିଚାମନ୍ଦିର ଛକ ଏବଂ ସିଟିକେଫ ଛକରୁ ପୋଷ୍ଟଅଫିସ ଛକ ପର୍ଯ୍ୟନ୍ତ ରହିଥିବା ଦୋକାନଗୁଡ଼ିକରେ ଚଢ଼ଉ କରାଯାଇଥିଲା। ଚଢ଼ଉରେ ୯କେଜି ପଲିଥିନ୍ ଜବତ କରାଯାଇଛି। ପରବର୍ତ୍ତୀ ସମୟରେ ଯଦି ଏକକ ବ୍ୟବହାରଯୋଗ୍ୟ ପଲିଥିନ୍ ଦୋକାନୀମାନେ ବ୍ୟବହାର କରିବେ ତାହାହେଲେ ସେମାନଙ୍କ ବିରୁଦ୍ଧରେ ଜରିମାନା ଆଦାୟ କରାଯିବ ବୋଲି ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ କହିଛନ୍ତି। ଆଗାମୀ ଦିନରେ ପୌରପ୍ରଶାସନ ପକ୍ଷରୁ ଚଢ଼ଉ ଜୋରଦାର ହେବ ବୋଲି ସେ କହିଛନ୍ତି। ସିଙ୍ଗଲ ବ୍ୟବହୃତ ପ୍ଲାଷ୍ଟିକ ନିଷେଧ ହୋଇଥିବାରୁ ଲୋକମାନେ କନା କିମ୍ବା ଝୋଟ ବ୍ୟାଗ ବ୍ୟବହାର କରିବାକୁ ସେ ଲୋକମାନଙ୍କୁ ଅନୁରୋଧ କରିଛନ୍ତି। ଏହି ପ୍ରକ୍ରିୟା ଆଗକୁ ଜାରି ରହିବ ବୋଲି ସେ କହିଛନ୍ତି। ସାଧାରଣ ଦୋକାନରେ ଚଢ଼ଉ କରି ପୌରପ୍ରଶାସନ ବାହାବାହା ନେଉଥିବା ବେଳେ କୋରାପୁଟ ବଜାରରେ କିନ୍ତୁ ମାତିଛନ୍ତି ପଲିଥିନ୍ ମାଫିଆ। ଗୋଦାମରେ ଗଦାଗଦା ପଲିଥିନ୍ ଗଚ୍ଛିତ ରଖି ବିକ୍ରି କରାଯାଉଥିବା ବେଳେ ଦେଖି ଅଣଦେଖା କରୁଛି ପୌର ପ୍ରଶାସନ ବୋଲି ଅଭିଯୋଗ ହେଉଛି। ପଲିଥିନ୍‌ର ବହୁଳ ବ୍ୟବହାର ପରିବେଶ ଉପରେ ଖରାପ ପ୍ରଭାବ ପକାଇ ଚାଲିଛି। ତେଣୁ ପଲିଥିନ୍‌କୁ ପୁରା ମୂଳପୋଛ କରିବା ପାଇଁ ପଲିଥିନ୍ ଗୋଦାମ ଉପରେ ଚଢ଼ଉ କରିବାକୁ ସାଧାରଣରେ ଦାବି ହେଉଛି। ପଲିଥିନ୍ ଉପରେ କଟକଣା ଲାଗିବା ପରେ କିଣାବିକା ପ୍ରକ୍ରିୟା ଉପରେ ଏହାର ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି। ପଲିଥିନ୍‌ରେ ଘରକୁ ସାମଗ୍ରୀ ଆଣିବାରେ ଅଭ୍ୟସ୍ତ ଖାଉଟିମାନେ ଏବେ ଅଡୁଆରେ ପଡ଼ିବେ। ଅପରପକ୍ଷରେ କପଡ଼ା ବ୍ୟାଗ ନେଇ ବଜାରକୁ ଯିବା ପାଇଁ ପୌରପାଳିକା ପକ୍ଷରୁ ଅନୁରୋଧ କରାଯାଇଛି। ପଲିଥିନ୍‌କୁ ସବୁସ୍ତରରେ ବାରଣ କରାଗଲେ ଖୁବଶୀଘ୍ର କୋରାପୁଟ ପଲିଥିନ୍ ମୁକ୍ତ ସହର ହେବ ବୋଲି ଆଶା କରାଯାଉଛି।

# ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର



କୋରାପୁଟ,୨।୬(ସମିସ): ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରଠାରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଏବଂ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ୱାସନ ଏବଂ କୋରାପୁଟ ଏସ୍‌ପି ରୋହିତ ବର୍ମାଙ୍କ ଉପସ୍ଥିତିରେ ଶିବିରରେ ୧୦ଟି ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ ବ୍ୟକ୍ତିଗତ ୭ଟି ରହିଥିବା ବେଳେ ୩ଟି ଗୋଷ୍ଠୀଗତ ଅଭିଯୋଗ ଶୁଣାଣି କରାଯାଇଥିଲା। ବିଶେଷକରି ରାସ୍ତା ସମସ୍ୟା, ଘର ଡିହ ପାଇଁ ଜମି ଯୋଗାଇବା ଭଳି ଅଭିଯୋଗ ଆସିଥିଲା। କୋରାପୁଟ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବରୋଦା କାନ୍ତ ମିଶ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, କୋରାପୁଟ ବିଡିଓ ଦେବାଶିଷ ଗୌଡ଼ ଉପସ୍ଥିତ ଥିଲେ। ବହୁ ଅସୁବିଧାରେ ଜୀବନଯାପନ କରୁଥିବା ୱାର୍ଡମେମ୍ବର ଜୟନ୍ତୀ ମୁଦୁଲି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ।

**୧୦ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ**

କୋରାପୁଟ ବ୍ଲକ ଅଧୀନ ଧଉଡ଼ାପଦର ଗ୍ରାମର ୧୦ଜଣଙ୍କୁ ପିଏମ ଆବାସ ଯୋଜନାରେ ଘର ନିର୍ମାଣ କରିବାକୁ ୨ ବର୍ଷ ତଳେ କାର୍ଯ୍ୟାଦେଶ ଆସିଛି। ହେଲେ ନିଜସ୍ୱ ଜମି ନ ଥିବାରୁ ଗୃହ ନିର୍ମାଣ କରି ନପାରି ଅନେକଥର ପଲ୍ଲୀସଭା, ଗ୍ରାମସଭା ଏବଂ ତହସିଲଦାରଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ଘରଡ଼ିହ ପଟ୍ଟା ନ ମିଳିବାରୁ ବାଧହୋଇ ଜିଲ୍ଲାପାଳଙ୍କୁ ଗୁହାରୀ କରିବାକୁ ଆସିଥିବା ସେ କହିଛନ୍ତି। ମାସେ ଭିତରେ ଜମି ପ୍ରଦାନ କରିବାକୁ ତହସିଲଦାରଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ସେ ଜଣାଇଛନ୍ତି। କୋରାପୁଟ ବ୍ଲକ ଅଧୀନ ବଗେଇପଦରରୁ ପୁରୁଣା ବଗେଇପଦର ପର୍ଯ୍ୟନ୍ତ ପକ୍କାରାସ୍ତା ନିର୍ମାଣ କରିବାକୁ ବାରମ୍ବାର ଅବଗତ କରାଯାଉଥିଲେ ସୁଦ୍ଧା କେହି କର୍ଣ୍ଣପାତ ନ କରିବାରୁ ବାଧହୋଇ ଜିଲ୍ଲାପାଳଙ୍କୁ ନିବେଦନ କରାଯାଇଥିବା ଗ୍ରାମର ଲଛମା ଜାନୀ କହିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟରୁ ବ୍ଲକ ପର୍ଯ୍ୟନ୍ତ ଗୁହାରୀ କଲେ ମଧ୍ୟ କେହି ଶୁଣୁନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ପକ୍କାରାସ୍ତା ନ ଥିବାରୁ ଗର୍ଭବତୀ ମହିଳାଙ୍କ ଠାରୁ ଆରମ୍ଭ କରି ଅଙ୍ଗନବାଡ଼ି ଏବଂ ସ୍କୁଲକୁ ଯାଉଥିବା ପିଲାମାନେ ବହୁ ଅସୁବିଧାରେ ଯିବାଆସିବା କରୁଥିବା ସେ କହିଛନ୍ତି। ବର୍ଷାହେଲେ ଚାଲିବା ବହୁ କଷ୍ଟ ହୋଇପଡ଼ିବ; ତେଣୁ ପକ୍କା ରାସ୍ତା ନିର୍ମାଣ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି। ଏବେ ପକ୍କା ରାସ୍ତା ନିର୍ମାଣ ହେବ ବୋଲି ସେ ଆଶା ରଖିଛନ୍ତି।

# ସରକାରୀ ଜମି ଚିହ୍ନଟ, ପରିବେଶ ସୁରକ୍ଷା ପାଇଁ ତହସିଲଦାରଙ୍କୁ ଦାବିପତ୍ର



ନନ୍ଦାହାଣ୍ଡି,୨।୬(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ତହସିଲ ଅଧୀନ ଡଙ୍ଗରଭେଜା ପଞ୍ଚାୟତର ସରୁଗୁଡ଼ା ଗ୍ରାମବାସୀ ସରୁଗୁଡ଼ାର ମୌଜାରେ ଥିବା ସରକାରୀ ଅବାଦ ଅଯୋଗ୍ୟ, ଅନାବାଦୀ ଜମି ସହିତ ଜବରଦଖଲକରୀଙ୍କୁ ଚିହ୍ନଟ କରିବା ଏବଂ ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ତହସିଲଦାର ଚନ୍ଦ୍ର ଦାସ ମହାନନ୍ଦିଆଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମରେ ଅନେକ ସରକାରୀ ଖାତା ଅଧୀନ ଜମି ଯାହା ଆବାଦ ଅଯୋଗ୍ୟ, ଅନାବାଦୀ ଓ ଅପଯୋଜିତ ଅବସ୍ଥାରେ ରହିଛି। ଏହି ଜମିଗୁଡ଼ିକୁ କେତେକ ଲୋକ ଅନଧିକୃତ ଭାବେ ବ୍ୟବହାର କରିବାର ଚେଷ୍ଟା କରୁଛନ୍ତି। ଏପରିସ୍ଥିତିରେ ଗ୍ରାମବାସୀ ସଂଘଠିତ ଉଦ୍ୟମ ରୂପେ ଏହି ଜମି ଉପରେ ପରିବେଶ ସୁରକ୍ଷା ପାଇଁ ଚାରାରୋପଣ କରିବା, ସ୍ୱଚ୍ଛ ଭାରତ ଓ ପରିବେଶ ସ୍ୱାସ୍ଥ୍ୟ ପ୍ରତି ନୂତନ ଦିଗ ଆଣିବାକୁ ପ୍ରୟାସ କରିଛନ୍ତି। ଏହାଦ୍ୱାରା ପରିବେଶ ରକ୍ଷା, ଜଳସଂରକ୍ଷଣ ଓ ଗ୍ରାମର ସୌନ୍ଦର୍ଯ୍ୟ ବୃଦ୍ଧି ହେବ ବୋଲି ଅଶା କରିଛନ୍ତି ଗ୍ରାମବାସୀ।

# ପିପିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ



ପୋଡ଼ାଗଡ଼,୨।୬(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧୀନ ପୋଡ଼ାଗଡ଼ ପଞ୍ଚାୟତ ସଦର ମହକୁମାରେ ପୋଡ଼ାଗଡ଼ ପ୍ରୀମିୟର-୨୦୨୫ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁଭାରମ୍ଭ ହୋଇଛି। ମ୍ୟାଚରେ ୫ଟି ଦଳ ଭାଗ ନେଇଥିବା ଜଣାପଡ଼ିଛି। ମ୍ୟାଚ୍ ପ୍ରାୟ ୧୦ ଦିନ ଧରି ଖେଳାଯିବାର ସୂଚନା ମିଳିଛି। ମ୍ୟାଚ୍‌ରେ ଭାଗ ନେଇଥିବା ଦଳଗୁଡ଼ିକୁ ସ୍ଥାନୀୟ ଦୋକାନୀ ଓ ସମାଜ ସେବୀ ମାନେ କିଣିଥିଲେ। ସୋମବାର ଆରମ୍ଭ ମ୍ୟାଚ୍‌ଟି ରୟାଲ ପ୍ରିନ୍ସେସ ଓ ଷ୍ଟ୍ରାଇକ ସ୍କୁଡ଼ା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ରୟାଲ ପ୍ରିନ୍ସେସ ଦଳ ଫିଲ୍ଡିଂ ନେଇଥିବା ବେଳେ ସ୍କୁଡାଦଳ ବ୍ୟାଟିଂ କରିଥିଲେ। ସ୍କୁଡାଦଳ ୧୦ ଓଭରରେ ୧୦ ୱିକେଟ ହରାଇ ୭୮ ରନ କରିଥିଲା। ଜବାବରେ ରୟାଲ ପ୍ରିନ୍ସେସ ଦଳ ଦ୍ୱିତୀୟ ବ୍ୟାଟିଂ କରି ୩ ୱିକେଟରେ ୭୯ ରନ କରି ବିଜୟ ହାସଲ କରିଛି। ରୟାଲ ପ୍ରିନ୍ସେସର ବିଜୟ ପରେ ଏହି ଦଳର ମାଲିକ ଭଗବାନ ବାରିକ ସମସ୍ତ ଖେଳାଳିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହା ସତ୍ତ୍ୱେ ଆଗାମୀ ଦିନରେ ନିଶ୍ଚୟ ଆମଦଳ ଶେଷ ମ୍ୟାଚ ଜିତିବ ବୋଲି ଦୃଢୋକ୍ତି କରିଛନ୍ତି।

# ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

ବୈପାରିଗୁଡ଼ା,୨।୬(ସମିସ): ବୈପାରିଗୁଡ଼ା ବ୍ଲକ ଅଧୀନ କୋଲାର ପଞ୍ଚାୟତର ଜଟିଆଗୁଡା ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ରବିବାର ଗ୍ରାମର ଭଗବାନଙ୍କ ପତ୍ନୀ ଦଉନା ତଲିଆ (୪୦) ଘରେ ରଖାଯାଇଥିବା କୀଟନାଶକ ଔଷଧ ପିଇ ଦେଇଥିଲେ। କିଛି ସମୟ ପରେ ଛଟପଟ ହୋଇ ପେଟ ଦରଜ ହେଉଥିବାରୁ ପାଟି କରିଥିଲେ। ପଡ଼ୋଶୀ ଏହା ଶୁଣି ଭଗବାନଙ୍କୁ ଖବର ଦେବାରୁ ସେ ପତ୍ନୀ ଦଉନାଙ୍କୁ ଗୁରୁତର ଅବସ୍ଥାରେ ବୈପାରିଗୁଡ଼ା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜୟପୁର ଜିଲ୍ଲା ହସପିଟାଲକୁ ସ୍ଥାନାନ୍ତର କରିଥିଲେ। ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ସୋମବାର ବୈପାରିଗୁଡ଼ା ପୁଲିସ ଜୟପୁର ଜିଲ୍ଲା ହସପିଟାଲକୁ ଯାଇ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର



ନବରଙ୍ଗପୁର,୨।୬(ସମିସ): ନବରଙ୍ଗପୁର ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦର୍ୱାନ, ଉପଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ ୩୬ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିବା ବେଳେ ସେଥିମଧ୍ୟରୁ ୨୧ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୫ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ଅଭିଯୋଗ ମୁଖ୍ୟତଃ ରାସନ୍ କାର୍ଡ, ଆବାସ ଗୃହ, ପାନୀୟ ଜଳ, ଆୟୁଷ୍ମାନ କାର୍ଡ, ବିଦ୍ୟୁତ୍ ଉପରେ ଥିଲା। ଜିଲ୍ଲାପାଳ ଅଭିଯୋଗ ଶୁଣାଣି ଶିବିରରେ ପୂର୍ବରୁ ଏପର୍ଯ୍ୟନ୍ତ ବକେୟା ସମସ୍ୟାର ସମାଧାନ କରି ନଥିବା ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିବାସହ ଶୀଘ୍ର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି ପରେ ଜିଲ୍ଲାରେ ଆସନ୍ତା ଜୁନ ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବିକାଶ ମେଳାରେ ବିଭାଗୀୟ ପ୍ରଦର୍ଶନୀ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ଡ. ମହାପାତ୍ର ସୂଚନା ଦେଇଥିଲେ।

# ମା' ସନ୍ତୋଷୀଙ୍କ ମନ୍ଦିର; ୧୨ବର୍ଷ ଧରି ଜଳୁଛି ଅଖଣ୍ଡ ଦୀପ



ଉମରକୋଟ,୨।୬(ସମିସ): ମା'ଙ୍କ ଶକ୍ତି, ଭକ୍ତଙ୍କ ଭକ୍ତି ଓ ବିଶ୍ୱାସ ଆଗରେ ହାର୍‌ମାନିଛି ପ୍ରକୃତି। ଅନେକ ଝଡ଼ଝଞ୍ଜା ସତ୍ତ୍ୱେ ମା'ଙ୍କ ମନ୍ଦିରରେ ଗତ ୧୨ ବର୍ଷ ହେବ ଗୋଟିଏ ଦୀପ ଅନବରତ ଭାବରେ ଜଳି ଚାଲିଛି। ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି ଉମରକୋଟ ସହର ଡିଏନକେରେ ଥିବା ମା' ସନ୍ତୋଷୀଙ୍କ ମନ୍ଦିରରେ। ଭକ୍ତଙ୍କ ହୃଦୟସ୍ପର୍ଶୀ କଥା ଶୁଣି ଅନେକ ଆଶ୍ଚର୍ଯ୍ୟ ହୁଅନ୍ତି, କିନ୍ତୁ ଏହା ସତ୍ୟ। ମନ୍ଦିର ମୁକୁଳାସହ ଅର୍ଦ୍ଧନିର୍ମିତ ଏବଂ ସ୍ଥିତି ଦେଖିଲେ ଯେକୌଣସି ଲୋକଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରିବ। ମା'ଙ୍କ ମନ୍ଦିରର ମୁଖ୍ୟ ସେବକ ଶାନ୍ତିଲତା ପାତ୍ରଙ୍କୁ ୧୨ ବର୍ଷ ପୂର୍ବେ ମା' ସ୍ୱପ୍ନାଦେଶ ଦେଲେ ଯେ; ତୁମେ ମୋ ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ କର। ଆଗାମୀ ଦିନରେ ଅଞ୍ଚଳରେ ଏହା ଶକ୍ତିପୀଠ ଭାବେ ପରିଚିତ ହେବ ବୋଲି ସ୍ୱପ୍ନରେ ମା'ଙ୍କ ଆଦେଶ ରହିଥିଲା ବୋଲି ସେ କହନ୍ତି। ସେହିଭଳି ଦୀପ ପ୍ରଜ୍ୱଳନ ପାଇଁ ଯାହା ଆବଶ୍ୟକ ମୁଁ ଯୋଗାଇ ଦେବି ବୋଲି ସ୍ୱପ୍ନ ଆସିବା ପରେ ୨୦୧୩ ଜୁନ ୧ ତାରିଖରେ ମନ୍ଦିରରେ ଲାଗିଥିଲା ଅଖଣ୍ଡ ଦୀପ। ଯାହାକି ଆଜକୁ ୧୨ ବର୍ଷ ହେଲା ଜଳୁଛି ବୋଲି କହିଛନ୍ତି ଭକ୍ତ। ଦୀର୍ଘ ୧୨ ବର୍ଷ ମଧ୍ୟରେ ଅନେକ ଝଡ଼, ତୋଫାନ, ପବନ, ବର୍ଷା ଆସିଛି; କିନ୍ତୁ ମନ୍ଦିରର ଦୀପ କେବେ ମଧ୍ୟ ଲିଭିନାହିଁ। ଅନ୍ୟପଟେ ୧୨ ବର୍ଷ ପୂର୍ତ୍ତି ଅବସରରେ ସୋମବାର ଗାୟତ୍ରୀ ପରିବାର ଓ ମନ୍ଦିର କମିଟି ପକ୍ଷରୁ ୧୦୦୮ ଦୀପ ପ୍ରଜ୍ୱଳନ କରି ଜଗତର ମଙ୍ଗଳକାମନା କରାଯାଇଛି ବୋଲି ଭକ୍ତମାନେ କହିଛନ୍ତି।

# କୁନ୍ଦୁରା ଲ୍ୟାମ୍ପସରେ ଧାନରଖି ତାଲା ଠୁଙ୍କିଲେ ଚାଷୀ



ଜୟପୁର,୨।୬(ସମିସ): ଚଳିତ ବର୍ଷ ରବିଋତୁରେ ଧାନମଣ୍ଡି ଆରମ୍ଭ ନେଇ ଜିଲ୍ଲାସ୍ତରୀୟ ପ୍ରକ୍ୟୁରମେଣ୍ଟ ବୈଠକରେ ଗତ ମେ'୨୫ ତାରିଖରେ ଶୁଭାରମ୍ଭ କରାଯାଇଛି। ହେଲେ ଆଜି ସୁଦ୍ଧା ମଣ୍ଡି ଶୁଭାରମ୍ଭ ହୋଇନାହିଁ, କିମ୍ବା ଚାଷୀଙ୍କ ଅମଳ ରହିବା ଧାନ କ୍ରୟ ହୋଇପାରିନାହିଁ। ଶେଷରେ କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକର ଲ୍ୟାମ୍ପସରେ ଚାଷୀମାନେ ସେମାନଙ୍କ ଅମଳ ଧାନ ରଖି ତାଲା ଦେଇଛନ୍ତି। ତୁରନ୍ତ ଜିଲ୍ଲା ଏବଂ କୁନ୍ଦୁରାରେ ମଣ୍ଡି ଶୁଭାରମ୍ଭ କରାଯାଇ ଚାଷୀଙ୍କ ଅମଳ ଧାନ କ୍ରୟ କରିବା ନେଇ ଗତ ମେ ୨୯ ତାରିଖରେ କୋରାପୁଟ ଜିଲ୍ଲାର ସମସ୍ତ ଚାଷୀ ଜୟପୁରସ୍ଥିତ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିବାସହ ଧାରଣା ଦେଇଥିଲେ। ଏହିପରି ଜୁନ ପହିଲାରେ ରବିଧାନ ମଣ୍ଡି ଶୁଭାରମ୍ଭ କରିବା ସହ ଚାଷୀଙ୍କ ଧାନକ୍ରୟ ଆରମ୍ଭ ହେବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜି ଜୁନ୍ ୨ ତାରିଖ ହୋଇଥିଲେ ସୁଦ୍ଧା ମଣ୍ଡି ଶୁଭାରମ୍ଭ ହୋଇନଥିବାରୁ ସ୍ଥାନୀୟ ଚାଷୀ ଅସନ୍ତୋଷ ବ୍ୟକ୍ତକରି ଲ୍ୟାମ୍ପରେ ତାଲା ଦେଇଛନ୍ତି। ଚାଷୀମାନଙ୍କ ନେତୃତ୍ୱ ନେଉଥିବା ଚାଷୀ ତଥା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ ଯୋଗାଣ ବିଭାଗ ଚାଷୀଙ୍କୁ ଅଣଦେଖା କରିବା ସହ ଶୋଷଣ କରୁଛନ୍ତି, ତେଣୁ ଆଜି ଚାଷୀ ଏହି ପଦକ୍ଷେପ ନେବାକୁ ବାଧ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଜିଲ୍ଲା କୃଷକ କଲ୍ୟାଣ ମଞ୍ଚର ସମ୍ପାଦକ ନରେନ୍ଦ୍ର ପ୍ରଧାନଙ୍କ ସୂଚନା ପ୍ରକାରେ ଜିଲ୍ଲାପାଳଙ୍କୁ ରବିଋତୁରେ ଧାନମଣ୍ଡି କରିବା ନେଇ ଜିଲ୍ଲା ଯୋଗାଣ ମୁଖ୍ୟ ଅଧିକାରୀ ଭୁଲ ରିପୋର୍ଟ ପ୍ରଦାନ କରିଥିବା ଯୋଗୁଁ ମଣ୍ଡି ଶୁଭାରମ୍ଭରେ ବିଳମ୍ବ ଘଟୁଛି। ସେହିପରି ରବିବାର କୁନ୍ଦୁରା ମଣ୍ଡି ଉଦ୍‌ଘାଟନ ସହ ୭୮ ଜଣ ଚାଷୀ ଧାନ ବିକ୍ରିନେଇ ଟୋକନ ପ୍ରଦାନ କରାଯାଇଥିଲା। ଏହିପରି ଯୋଗାଣ ବିଭାଗ ବିଳମ୍ବରେ ଧାନମଣ୍ଡି ଆରମ୍ଭ ହେଲେ ବର୍ଷା ଆଗମନରେ ଚାଷୀଙ୍କ ଧାନ ଓଦା ହେବ। ଏଥିସହ ଆଦ୍ରତା ଥିବା ବାହାନାରେ କଷ୍ଟମ ମିଲ ମାଲିକଙ୍କ ଦ୍ୱାରା କଟନୀଛଟନୀ କରାଯାଇ ଚାଷୀଙ୍କୁ ଶୋଷଣ କରାଯିବା ନେଇ ଚକ୍ରାନ୍ତ କରାଯାଇଛି; ବୋଲି ବରିଷ୍ଠ ଚାଷୀ ନେତା ରାଧାନାଥ ଭଟ୍ଟ କହିଛନ୍ତି। ବର୍ତ୍ତମାନ କୋରାପୁଟ ଜିଲ୍ଲାରେ ପ୍ରାୟ ୫୦ ପ୍ରତିଶତ ରବିଧାନ ଅମଳ ହୋଇଥିବା ବେଳେ ଆଉ ସପ୍ତାହ ମଧ୍ୟରେ ବଳକା ଅମଳ ଶେଷହେବ। ଖବର ପାଇ ଉତ୍ୟକ୍ତ ଚାଷୀଙ୍କ ନିକଟରେ କୁନ୍ଦୁରା ଅତିରିକ୍ତ ତହସିଲଦାର ପହଞ୍ଚି ବୁଝାସୁଝା କରିଥିବା ବେଳେ ପୁଲିସ ଉପସ୍ଥିତିରେ ଚାଷୀ ଲ୍ୟାମ୍ପସରେ ତାଲା ପକାଇ ଧାନ ରଖି ଧାରଣା ଦେଇଛନ୍ତି। ରାତି ସାଢେ ୮ଟାରେ ଲ୍ୟାମ୍ପସ ପକ୍ଷରୁ ଜଣେ ଚାଷୀଙ୍କ ୨୦ ପ୍ୟାକେଟ ଧାନକ୍ରୟ କରାଯାଇ ନିୟନ୍ତ୍ରିତ ବଜାର କମିଟିକୁ ରକ୍ଷଣାବେକ୍ଷଣ ପାଇଁ ହସ୍ତାନ୍ତର କରାଯିବା ନେଇ ଲିଖିତ ଭାବେ ପରିଚାଳନା ନିର୍ଦ୍ଦେଶକ ଦେଇଥିବା ବେଳେ ମିଲର୍ସଙ୍କୁ ଏହା ପ୍ରଦାନ କରାଗଲା ପରେ ତାଙ୍କର ଟଙ୍କା ଅନଲାଇନରେ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ପରେ ଧାରଣାରୁ ଚାଷୀମାନେ ଉଠିଥିଲେ।

**▶ ଆଜି ସୁଦ୍ଧା ମଣ୍ଡି ଆରମ୍ଭ ହୋଇନି**
**▶ ଯୋଗାଣ ବିଭାଗ ଚାଷୀଙ୍କୁ ଅଣଦେଖା କରୁଥିବା ଅଭିଯୋଗ**

# ମହିଳାଙ୍କ ଠାରୁ ସୁନା ଝାମ୍ପିନେଲେ ୨ ଦୁର୍ବୃତ୍ତ

ଲକ୍ଷ୍ମୀପୁର,୨।୬(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନାଞ୍ଚଳରେ ଲୁଟେରାଙ୍କ ଦୈରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ସୋମବାର ସକାଳେ ନିଲାଇ କଲେସିକା (୬୦) ନାମକ ଭାଲୁଯୋଡ଼ି ଗ୍ରାମର ଜଣେ ମହିଳାଙ୍କ ପାଖରୁ ସୁନା ଅଳଙ୍କାର ୨ଜଣ ଦୁର୍ବୃତ୍ତ ଝାମ୍ପିନେଇଛନ୍ତି। ମହିଳା ଜଣଙ୍କ ନିଜ ପୁତୁରା ସହିତ ବାଇକ୍‌ରେ ବିରିଗୁଡ଼ା ଆଦିବାସୀ ଗାଁରେ ଥିବା ଝିଅ ଘରକୁ ଯାଉଥିଲେ। ପୁତୁରା ବିରିଗୁଡା ଗାଁରୁ ଅଳ୍ପଦୂରରେ ମହିଳାଙ୍କୁ ଓହ୍ଲାଇ ଫେରିଯାଇଥିଲେ। ସେ ଚାଲିଚାଲି ଝିଅ ଘରକୁ ଯାଉଥିବା ବେଳେ ୨ ଦୁର୍ବୃତ୍ତ ବାଇକରେ ଆସି ଉକ୍ତ ମହିଳା ପିନ୍ଧିଥିବା ଦୁଇକାନ ଓ ନାକର ସୁନା ଗହଣା ଝାମ୍ପିନେଇ ପଳାଇଥିଲେ। ଏନେଇ ସେ ଲକ୍ଷ୍ମୀପୁର ଥାନାରେ ଅଭିଯୋଗ କରିଛନ୍ତି। ସୁନା ଝିକିନେବାରୁ ମହିଳାଙ୍କ କାନ ଓ ନାକ ଛିଣ୍ଡିଯାଇଥିବା ବେଳେ ଚିକିତ୍ସା ପାଇଁ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଲକ୍ଷ୍ମୀପୁର ଅଞ୍ଚଳରେ ଚୋରି ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ହେତୁ ଲୋକେ ଭୟଭୀତ ହେଉଥିବା ଦେଖିବାକୁ ମିଳିଛି।

# ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରଶିକ୍ଷଣ ଶିବିର




ନବରଙ୍ଗପୁର/ଉମରକୋଟ,୨।୬(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟସ୍ଥିତ ଏଜୀଆର୍ ପ୍ରତିରକ୍ଷା ଏବଂ ଶାରୀରିକ ଏକାଡେମୀରେ ଓଡ଼ିଶା ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁବପିଢ଼ିଙ୍କ ପାଇଁ ସନ୍ତରଣ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ଚନ୍ଦ୍ର ବର୍ମନ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ପାଣିରେ ବୁଡ଼ି କୌଣସି ପ୍ରାଣହାନୀ ଜନିତ ଦୁର୍ଘଟଣାକୁ ଏଡ଼ାଇବା ନିମନ୍ତେ ରାଜ୍ୟ ସରକାରଙ୍କର ଏହି ଅଭିନବ ପ୍ରୟାସ ନିଶ୍ଚିତ ଭାବେ ଯୁବପିଢ଼ିଙ୍କ ଉପରେ ପ୍ରଭାବ ପକାଇବ ବୋଲି ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବର୍ମନ ନିଜ ବକ୍ତବ୍ୟରେ କହିଛନ୍ତି। ଶିବିରର ପ୍ରଥମ ପର୍ଯ୍ୟାୟ ତଥା ଚଳିତ ମାସ ୨ରୁ ୭ ତାରିଖ ପର୍ଯ୍ୟନ୍ତ ୩୦ ଜଣିଆ ଅଂଶଗ୍ରହଣକାରୀଙ୍କୁ ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହିଭଳି ୧୦ଟି ଦଳ ହିସାବରେ ମୋଟ ୩୦୦ ଅଂଶଗ୍ରହଣକାରୀଙ୍କୁ ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ନବରଙ୍ଗପୁର ଜିଲ୍ଲାର ଉମରକୋଟରେ ପୂର୍ବତନ ଅବସରପ୍ରାପ୍ତ ନୌସେନା ଅଧିକାରୀ ଜି.ଗୋଲ୍ଡ ସ୍ମିଥ ନିଜସ୍ୱ ଉଦ୍ୟମରେ ସନ୍ତରଣ ପାଇଁ ଜଳାଶୟ ପ୍ରତିଷ୍ଠା କରି ବର୍ତ୍ତମାନ ପର୍ଯ୍ୟନ୍ତ ୧୪୪ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଛନ୍ତି। ଏଅବସରରେ ସେନାବାହିନୀରୁ ଅବସରଗ୍ରହଣ କରିଥିବା ସୁବେଦାର ମେଜର ସୁକାନ୍ତ କୁମାର ବେହେରାଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ଲୋକସଭା ସାଂସଦଙ୍କ ପ୍ରତିନିଧି ରାମ ନାୟକ, ଉମରକୋଟ ପୌରପାଳିକା ଅଧ୍ୟକ୍ଷା ରାଧା ଭାତ୍ରା, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ଶବର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଗୀତାଞ୍ଜଳି ବେହେରା, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜରୁରୀକାଳୀନ ବିଭାଗ ହିମାଂଶୁ ଶେଖର ପଟ୍ଟନାୟକ, ନିର୍ବାହୀ ଅଧିକାରୀ ପୌର ପରିଷଦ ଉମରକୋଟ ଆଲୋକ କୁମାର ଅନୁଗୁଳିଆ, ଝରିଗାଁ ତହସିଲଦାର ସୁମନ୍ତ ପାତ୍ର, ଡଃ ଅହମ୍ମଦ ଅଲ୍ଲୀ, ୱାର୍ଡମେମ୍ବର ଶିଖାରାଣୀ ସରକାର, ଶାରୀରିକ ପ୍ରଶିକ୍ଷକ ଶିକ୍ଷକ ଏମ୍ ବିଜୟ କୁମାର, ପ୍ରଭାତ କୁମାର ପଟ୍ଟନାୟକ, ବହୁମୁଖୀ ଇନଡୋର ଷ୍ଟାଡିୟମର ଭାରପ୍ରାପ୍ତ ଅଧିକାରୀ ଅଶୋକ କୁମାର ସାହୁ, ସପ୍ତମ ଭାରତୀୟ ସଂରକ୍ଷଣ ବାହିନୀ ଓଡ୍ରାଫ ଦଳର ହାବିଲଦାର ମହେଶ୍ୱର କଟ୍ରି, ମଙ୍ଗରାଜ ମହାଲି, ତପନ ସ୍ୱାଇଁ, ବାପିନା ପ୍ରଧାନ, ଆଶିଷ କୁମାର ପାତିକା ପ୍ରମୁଖ ସହଯୋଗ କରିଥିବା ବେଳେ ଇଂ.ଚନ୍ଦନା ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**୩୦୦ ଅଂଶଗ୍ରହଣକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ**

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି



ନନ୍ଦପୁର,୨।୬(ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଖେମୁଣ୍ଡୁଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୯ଟି ଗୋଷ୍ଠୀଗତ ଓ ଗୋଟିଏ ବ୍ୟକ୍ତିଗତ ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ପିଇଓ ଉଷାରାଣୀ ନାୟକଙ୍କ ପରିଚାଳନାରେ ନିଜେ ବ୍ଲକ ଉନ୍ନୟନ ଅଧିକାରୀ ଦୂର୍ଗାପ୍ରସାଦ ଦୋରା ଯୋଗଦେଇ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିବା ସହ ସମାଧାନ ପାଇଁ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଯନ୍ତ୍ରୀ ଯଶକେତନ ବେହେରା, ଚିକିତ୍ସାଧିକାରୀ ଧ୍ରୁବରାଜ ମୁର୍ମୁ, ସହକାରୀ ଶିକ୍ଷା ଅଧିକାରୀ ମମତା ଗୋମାଙ୍ଗୋ, ବନପାଳ ଗୋପୀନାଥ ପାଙ୍ଗିଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଓ ବ୍ଲକ କର୍ମଚାରୀ ଉପସ୍ଥିତ ରହିଥିଲେ। ସରପଞ୍ଚ, ସମିତି ସଭ୍ୟ, ସମସ୍ତ ୱାଡର୍ ସଭ୍ୟ/ସଭ୍ୟା, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ସ୍ଥାନୀୟ ଜନ ସାଧାରଣ ଯୋଗ ଦେଇଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ମୁଁ ଯେଉଁ 'ୱେବ୍ ଦୁନିଆ' ର ପରିକଳ୍ପନା କରିଥିଲି, ତାହା ଏପର୍ଯ୍ୟନ୍ତ ବାସ୍ତବ ରୂପ ନେଇନାହିଁ। ଏବେ ମଧ୍ୟ ଆମର ଭବିଷ୍ୟତ ଆମର ଅତୀତ ଅପେକ୍ଷା ବୃହଦାକାର ରୂପେ ଉଭା ହୋଇ ରହିଛି।
-ଟିମ୍ ବର୍ଣର୍ସ ଲୀ

## ଅର୍ଥନୀତି, ମନ୍ଥର ନା ପ୍ରଖର

ସମୟ ବଦଳିଛି। ବଦଳିଛି ଆମ ବ୍ୟବସ୍ଥା। ଆନୁଗତ୍ୟ ଓ ଅନୁଶୀଳନ ମଧ୍ୟରେ ସଂପର୍କ ଏମିତି ଯୋଡ଼ି. ହୋଇଗଲାଣି ଯେ ସତ ଓ ମିଛକୁ ବାରି ହେଉନି। ଭଲ ଓ ମନ୍ଦ ନିର୍ବିଶେଷରେ ଏବେ କୁହୁଡ଼ି ପହଁରିବାକୁ ଆମେ ଆଦରି ନେଇଛେ। ସବୁ ବ୍ୟବସ୍ଥିତ ପ୍ରଚାରତନ୍ତ୍ର ସତକୁ ମିଛ ଓ ମିଛକୁ ସତ କହିଲେ ବି କିଛି ଫରକ ପଡୁନି। ଆମ ଆନୁଗତ୍ୟ ତାହାକୁ ବିଶ୍ୱାସ କରିବା ପାଇଁ ବାଧ୍ୟ କରୁଛି। ଏକଥା ସତ ଯେ ସବୁକଥା ଘୂରେଇ ଫେରେଇ କହି ଜାଣିଲେ ଜଗତ ଜିତା ହେବ। ଖୋଲୁ ଗୁମର, ତା'କୁ ପୁଣି ଲିପାପୋଛା କରି ଚହଟ ଚିକ୍କଣ କରିଦେବାନି। ଏଇ ଯେମିତି ଆମ ଅର୍ଥନୀତି ଦୌଡୁଛି। ଅତିକ୍ରମଣ ଆମ ସହଜାତ ପ୍ରବୃତ୍ତି। ଜାପାନ୍‌କୁ ପଛରେ ପକାଇ ଆମେ ଏବେ ବିଶ୍ୱର ଚତୁର୍ଥ ଅର୍ଥନୀତି। ଅଥଚ ଆମ ଅଭିବୃଦ୍ଧି ହାର ଗତ ୪ ବର୍ଷ ମଧ୍ୟରେ ସବୁଠାରୁ ନିମ୍ନସ୍ତରରେ ପହଞ୍ଚିଛି। ଜାତୀୟ ପରିସଂଖ୍ୟାନ ବିଭାଗର ଏହି ତଥ୍ୟକୁ ଆମେ ଅସ୍ୱୀକାର କରିପାରିବାନି। ୨୦୨୪-୨୫ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକ ରିପୋର୍ଟରେ ଆଶାଠାରୁ ଅଧିକ ସଫଳତା ମିଳିଥିବାରୁ ଅଭିବୃଦ୍ଧି ହାର ୬.୫ ପ୍ରତିଶତ ହୋଇଛି।

ଗତ ଜାନୁଆରୀରୁ ମାର୍ଚ୍ଚ ମାସ ମଧ୍ୟରେ କ୍ରମାଗତ ରେପୋ ରେଟ ହ୍ରାସ ମାଧ୍ୟମରେ ବ୍ୟାଙ୍କର ସୁଧ କମିଥିବାରୁ ଅର୍ଥନୀତିରେ ଚଳଚଞ୍ଚଳ ଅନୁଭୂତ ହୋଇଛି। ଅର୍ଥନୈତିକ ବିଚାର ଦୃଷ୍ଟିରୁ କହିଲେ ରିଜର୍ଭ ବ୍ୟାଙ୍କ ମୁଦ୍ରା ପ୍ରଚଳନକୁ କିଛିଟା କଟକଣା ମୁକ୍ତ କରିଛନ୍ତି। ଏକଥା ସତ ଯେ ମୁଦ୍ରାସ୍ଫୀତି ହ୍ରାସ ଯୋଗୁଁ ଏହା ସମ୍ଭବ ହୋଇଛି। ଚତୁର୍ଥ ତ୍ରୈମାସିକ ରିପୋର୍ଟ ଅନୁଯାୟୀ ଦେଶର ଅଭିବୃଦ୍ଧି ହାର ୭.୪ ପ୍ରତିଶତ ହାସଲ କରିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ୯.୨ ପ୍ରତିଶତ ଥିବାବେଳେ ତାହା ଏବର୍ଷ. ୬.୫ ପ୍ରତିଶତକୁ ହ୍ରାସ ପାଇଛି। କରୋନା ମହାମାରୀ ପରବର୍ତ୍ତୀ ଆର୍ଥିକ ବର୍ଷଗୁଡ଼ିକରେ ଦେଶର ଅର୍ଥନୀତି ଦ୍ରୁତଗତିରେ ଅଭିବୃଦ୍ଧି ହାସଲ କରିଥିବା ବେଳେ ଚଳିତ ବର୍ଷର ମନ୍ଥରତା ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି। ଏକଥା ସତ ଯେ ଆର୍ଥିକବର୍ଷ ଆରମ୍ଭରୁ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଓ କଟକଣା ମଧ୍ୟରେ ପୁଞ୍ଜି ବିନିଯୋଗ ଓ କାର୍ଯ୍ୟାନ୍ୱୟନରେ ତାଳମେଳ ରହିଲାନି, ଯାହାର ପ୍ରତିକୂଳ ପ୍ରଭାବ ପଡ଼ିଥିଲା ଅର୍ଥନୀତି ଉପରେ। ବିଜେପିରୁ ପରିବର୍ତ୍ତିତ ହୋଇଥିବା ଏନ୍‌ଡିଏ ସରକାରଙ୍କ ପ୍ରାରମ୍ଭିକ ନୀତି ନିର୍ଦ୍ଧାରଣ ଆବଶ୍ୟକ ଗତିଶୀଳତା. ମଧ୍ୟ ହରାଇଥିଲା। ତେବେ ଶେଷ ପର୍ଯ୍ୟାୟରୁ ଅର୍ଥନୀତିର ଯେଉଁ ସକ୍ରିୟତା ପରିଲକ୍ଷିତ ହୋଇଛି ତାହା ଆଗକୁ ଅଧିକ ଗତିଶୀଳ ହେବ ବୋଲି ଆଶା କରାଯାଇଛି। ପୂର୍ବ ତିନିବର୍ଷର ଅଭିବୃଦ୍ଧି ରିପୋର୍ଟ ବେଶ ଉତ୍ସାହଜନକ ଥିଲା। ୨୦୨୧-୨୨ ରେ ୯.୭ ପ୍ରତିଶତ, ୨୦୨୨ – ୨୩ ରେ ୭.୯ ପ୍ରତିଶତ ଓ ୨୦୨୩-୨୪ ରେ ୯.୨୭ ପ୍ରତିଶତ ଅଭିବୃଦ୍ଧି ହାସଲ କରାଯାଇଥିବାରୁ ଆମ ଅର୍ଥନୀତି ଦ୍ରୁତଗତିରେ ଦୌଡୁଛି ଦାବି କରୁଥିବା ନେତାଙ୍କୁ ଏବର ରିପୋର୍ଟ ଏକ ଶକ୍ତି ପ୍ରହାର କହିଲେ ଭୁଲ ହେବନି।

ଏହି ଆର୍ଥିକ ଅଭିବୃଦ୍ଧିର କ୍ଷେତ୍ରୀୟ ସ୍ତର ସମ୍ପର୍କରେ ବିଚାର କଲେ ସ୍ପଷ୍ଟ ମନେ ହୁଏ ଯେ ଶିଳ୍ପ ଓ ବିନିର୍ମାଣ ସ୍ତରରେ ପରିଲକ୍ଷିତ ଶିଥିଳତା ଏହି ଦୁର୍ଗତିର ମୁଖ୍ୟକାରଣ। ଗ୍ରାମାଞ୍ଚଳରେ ଘରୋଇ ବ୍ୟବହାର କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ବେଶ ଉତ୍ସାହପ୍ରଦ ହୋଇଛି। ଏ କ୍ଷେତ୍ରରେ ୭.୨ ପ୍ରତିଶତ ଅଭିବୃଦ୍ଧି ପରିଲକ୍ଷିତ। ଅଥଚ ପୂର୍ବବର୍ଷ ଏହି ହାର ଥିଲା ୫.୬ ପ୍ରତିଶତ। ସେହିଭଳି କୃଷି ଉତ୍ପାଦନ ମଧ୍ୟ ବେଶ ବଢ଼ିଛି, ଯାହାକୁ କି ସରକାର କ୍ରମାଗତ ଭାବେ ଅବହେଳା କରିଚାଲିଛନ୍ତି। ପୂର୍ବବର୍ଷର ଅଭିବୃଦ୍ଧି ହାର ୨.୭ ପ୍ରତିଶତ ଥିବାବେଳେ ତାହା ୪.୬ ପ୍ରତିଶତକୁ ବୃଦ୍ଧିପାଇଛି। ଖାଉଟି ମୂଲ୍ୟସୂଚୀ ହ୍ରାସ ଘଟାଇବାରେ ଏହି ବର୍ଦ୍ଧିତ କୃଷି ଉତ୍ପାଦନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରିଜର୍ଭବ୍ୟାଙ୍କ ଏହି ମୁଦ୍ରାସ୍ଫୀତି ହ୍ରାସ ଭିତ୍ତିରେ ହିଁ ସୁଧହାର ହ୍ରାସ କରିଛନ୍ତି। ସରକାର ନିକଟରେ ବିଭିନ୍ନ କୃଷି ଉତ୍ପାଦର ସର୍ବନିମ୍ନ ମୂଲ୍ୟ ନିର୍ଦ୍ଧାରଣ କରଛନ୍ତି। ଏହାକୁ ଆଇନଗତ ସ୍ୱୀକୃତି ପ୍ରଦାନ ସକାଶେ କୃଷକଙ୍କ ପକ୍ଷରୁ ଚାଲିଥିବା ଆନ୍ଦୋଳନ ପ୍ରତି ସରକାରଙ୍କ ଅବଜ୍ଞାସୂଚକ ମନୋଭାବ ଏବେ ମଧ୍ୟ ଅପରିବର୍ତ୍ତିତ ରହିଛି। ଜିଡିପି ବୃଦ୍ଧିରେ . କୃଷିର ଅବଦାନ କ୍ରମେ ନିର୍ଣ୍ଣାୟକ ହେଉଥିଲେ ମଧ୍ୟ ସରକାରଙ୍କ ଶିଳ୍ପ ପ୍ରତି ପ୍ରାଧାନ୍ୟ ଅତୁଟ ରହିଛି। ଜିଡିପିରେ ଶିଳ୍ପ ଓ ବିନିର୍ମାଣ କ୍ଷେତ୍ରରେ ଅବଦାନ ମାତ୍ର ୪.୫ ପ୍ରତିଶତରେ ସୀମିତ ରହିଛି। ଅଥଚ ପୂର୍ବ ଆର୍ଥିକ ବର୍ଷରେ ଏହି ହାର ଥିଲା ୧୨.୩ ପ୍ରତିଶତ। ସରକାର ବୃହତ୍ ଶିଳ୍ପ ସଂସ୍ଥା ହସ୍ତୀମାନଙ୍କୁ ୧୬ ଲକ୍ଷ କୋଟି ଟଙ୍କା ଋଣ ଛାଡ଼ କରିବା ସହ କର୍ପୋରେଟ୍ ଟିକସ ମଧ୍ୟ ହ୍ରାସ କରିଛନ୍ତି। ବିନିମୟରେ ସମ୍ପ୍ରସାରଣ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ପ୍ରତି ଧ୍ୟାନ ନ ଦେଇ କର୍ପୋରେଟ୍ ସଂସ୍ଥା ନିଜର ଉପାର୍ଜନ ବଢ଼ାଇ ଚାଲିଛନ୍ତି। ଅଥଚ ଋଣଜାଲରେ ହନ୍ତସନ୍ତ ହୋଇ ଆତ୍ମହତ୍ୟା କରୁଥିବା ଚାଷୀଙ୍କ ପ୍ରତି ସରକାର ନିର୍ଦ୍ଦୟ ଓ ନିଷ୍କରୁଣ। ଦେଶର ଅର୍ଥନୀତି କାର୍ଯ୍ୟବିସ୍ତାର କରିବା ପଛରେ ଯଦି ସରକାରଙ୍କ ନିର୍ଭରଶୀଳତା କେବେଳ କର୍ପୋରେଟ୍ ସଂସ୍ଥା ହୁଏ, ତେବେ ଏଥିରୁ ଦେଶର ବୃହତ୍ତର ବର୍ଗ କି ଫାଇଦା ପାଇବେ? ଏ ପ୍ରକାର ଅର୍ଥନୀତି କେବଳ ନିପୀଡ଼ନ ଓ ଶୋଷଣକୁ ପ୍ରୋତ୍ସାହିତ କରିବ।

ପ୍ରତିଦ୍ୱନ୍ଦ୍ୱୀ ବା ପ୍ରତିଯୋଗୀର ଆର୍ଥିକ ଅବନତି ଓ ଦୁର୍ଗତିରୁ ସୁଯୋଗ ନେବା ଅପେକ୍ଷା ନିଜର ଅର୍ଥନୀତିକୁ ଗତି ଦେଇ ଅଧିକ ଶକ୍ତିଶାଳୀ ବା ସମୃଦ୍ଧି କରିବା ଜରୁରୀ। ଆମ ଅର୍ଥନୀତି ୪ ଟ୍ରିଲିୟନ ଡଲାର ଅତିକ୍ରମ କରି ବିଶ୍ୱର ଚତୁର୍ଥ ଅର୍ଥନୀତି ହୋଇଛି। ସମସାମୟିକ ବିଶ୍ୱାର୍ଥନୀତିକୁ ତର୍ଜମା କଲେ ସ୍ପଷ୍ଟ ମନେ ହୁଏ ଯେ ଜାପାନ୍ ଅର୍ଥନୀତି ଗତ ତିନିବର୍ଷ ଧରି ପ୍ରତିକୂଳ ପରିସ୍ଥିତି ଦେଇ ଗତି କରୁଛି। ସୁଧୁରିବା ପରିବର୍ତ୍ତେ ଦିନକୁ ଦିନ ଅର୍ଥନୀତି ବିଗୁଡୁ ଥିବାରୁ ଜାପାନ ଚତୁର୍ଥ ସ୍ଥାନରୁ ତଳକୁ ଖସିଆସିବା ସ୍ୱାଭାବିକ। ଏହି ପରିସ୍ଥିତି ଆମ ପାଇଁ ଚତୁର୍ଥ ସ୍ଥାନ ହାସଲ କରିବାକୁ ସୁଯୋଗ ସୃଷ୍ଟି କରିଛି। ଏହା ପଛରେ କୌଣସି ପ୍ରତିଯୋଗିତା ବା ପ୍ରତିଦ୍ୱନ୍ଦ୍ୱିତା ନଥିଲା। ତିନିବର୍ଷରେ ଆମେ ଜର୍ମାନୀକୁ ଅତିକ୍ରମ କରି ତୃତୀୟ ସ୍ଥାନ ହାସଲର ଯେଉଁ ଆସ୍ଫାଳନ କରାଯାଉଛି ସେଥିପାଇଁ ଆମର ପ୍ରାକ୍ ପ୍ରସ୍ତୁତି କ'ଣ? ସେ ଦିଗରେ ଅଗ୍ରଗତି ବିନା ନକ୍ସାରେ ହାସଲ କରିବା ଏତେ ସହଜ ନୁହେଁ। କେବଳ କର୍ପୋରେଟ ସଂସ୍ଥା ଆମକୁ ସେ ସ୍ଥିତିରେ ପହଞ୍ଚାଇ ଦେଇ ପାରିବେ ନି।

## ଶ୍ରୀଜଗନ୍ନାଥ ଧାମର ବୈଶିଷ୍ଟ୍ୟ ଓ ଶାସ୍ତ୍ରୀୟ ପ୍ରମାଣ

ଡ. ଭାରତ ଭୂଷଣ ରଥ

ଶ୍ରୀଜଗନ୍ନାଥ ସତ୍ୟ ଯୁଗର ଦେବତା। ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡ, ନୀଳାଦ୍ରି ମହୋଦୟ, କପିଳ ସଂହିତା, ବାମଦେବ ସଂହିତା ପ୍ରଭୃତି ପ୍ରାଚୀନ ଶାସ୍ତ୍ରାନୁଯାୟୀ, କୃତଯୁଗ ଅର୍ଥାତ୍ ସତ୍ୟଯୁଗରେ ଇନ୍ଦ୍ରଦ୍ୟୁମ୍ନ ନାମକ ଜଣେ ରାଜା ପୁରୁଷୋତ୍ତମ ଧାମରେ ଶ୍ରୀଜଗନ୍ନାଥଙ୍କୁ ପୂଜା କରିଥିଲେ। ମାଳବପ୍ରଦେଶରୁ ଶ୍ରୀବିଷ୍ଣୁଙ୍କର ଅନ୍ୱେଷଣରେ ଆସି ଇନ୍ଦ୍ରଦ୍ୟୁମ୍ନଙ୍କର ରାଜପୁରୋହିତଙ୍କର ଭ୍ରାତା ବିଦ୍ୟାପତି ପ୍ରଥମେ ଶବର ଭକ୍ତ ବିଶ୍ୱାବସୁଙ୍କ ସାହାଯ୍ୟରେ ନୀଳମାଧବଙ୍କୁ ଦର୍ଶନ କଲେ। କିନ୍ତୁ ଯେତେବେଳେ ଇନ୍ଦ୍ରଦ୍ୟୁମ୍ନ ନୀଳମାଧବଙ୍କୁ ଦର୍ଶନ କରିବା ପାଇଁ ଆସିଲେ ସେତେବେଳେ ନୀଳମାଧବ ଅନ୍ତର୍ଦ୍ଧାନ ହୋଇଗଲେ। ଏହାପରେ ଦେବର୍ଷି ନାରଦଙ୍କର ଉପଦେଶକ୍ରମେ ରାଜା ଇନ୍ଦ୍ରଦ୍ୟୁମ୍ନ ମହୋଦଧି କୂଳରେ ନୃସିଂହଙ୍କର ଉପାସନା ଓ ଯଜ୍ଞ ଆୟୋଜନ କଲେ। ଫଳତଃ ଶ୍ରୀବିଷ୍ଣୁ ସନ୍ତୁଷ୍ଟ ହୋଇ ଦାରୁବ୍ରହ୍ମ ରୂପରେ ଶ୍ରୀକ୍ଷେତ୍ରରେ ବିରାଜମାନ କଲେ।

ଏହି ପୁରୁଷୋତ୍ତମ କ୍ଷେତ୍ର ଦଶଯୋଜନ ବିସ୍ତୀର୍ଣ୍ଣ ଅଟନ୍ତି। ଏକ ଯୋଜନ ପ୍ରାୟତଃ ବାର କିଲୋମିଟର। ଅତଃ ଦଶଯୋଜନ ବିସ୍ତୀର୍ଣ୍ଣ ପୁରୁଷୋତ୍ତମ କ୍ଷେତ୍ର ପ୍ରାୟ ଏକ ଶହ କୋଡ଼ିଏ କିଲୋମିଟର ପରିବ୍ୟାପ୍ତ। ଶାସ୍ତ୍ର ଅନୁସାରେ ଏହି ଦଶ ଯୋଜନ ଭିତରେ ଅନେକ ପ୍ରସିଦ୍ଧ ତୀର୍ଥ ସ୍ଥାନ ମଧ୍ୟରୁ ଏକାମ୍ର କାନନର ଶ୍ରୀଲିଙ୍ଗରାଜ, ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ଚର୍ଚ୍ଚିକା, କଣ୍ଟିଲୋର ନୀଳମାଧବ, ଯାଜପୁର ବିରଜା, ରଣପୁର ମଣିନାଗ, ମହାନଦୀ ଓ ଚିତ୍ରୋତ୍ପଳା ପ୍ରଭୃତି ପବିତ୍ର ନଦୀ ଅନ୍ତର୍ଭୁକ୍ତ। ଏହି କ୍ଷେତ୍ରରେ ଯେତେବେଳେ ଯମଙ୍କ ଆଖି ଆଗରେ ଏକ କାକପକ୍ଷୀ ମୁକ୍ତି ପାଇଗଲେ ସେତେବେଳେ ଯମ ଶ୍ରୀବିଷ୍ଣୁଙ୍କ ପାଖକୁ ଯାଇ ଅନୁରୋଧ କରି କହିଲେ, ପ୍ରଭୁ! ମୁଁ ମୃତ୍ୟୁର ଦେବତା ଥାଉଥାଉ କାକପକ୍ଷୀ ମୋ ବିନା ସୂଚନାରେ ଏଠାରେ ମୁକ୍ତି ପାଇଗଲା। ଏହା ଶୁଣି ଭଗବାନ୍ ବିଷ୍ଣୁଙ୍କର ଇଙ୍ଗିତରେ ମା' ଲକ୍ଷ୍ମୀ ଯମଙ୍କୁ ବୁଝେଇ କହିଲେ, ହେ ଯମ! ଏହି ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀବିଷ୍ଣୁ ଏବଂ ତାଙ୍କ ବକ୍ଷ ସ୍ଥଳରେ ମୁଁ ଚିରନିବାସ କରୁ। କଳ୍ପର ଅନ୍ତ ହୋଇଗଲେ ମଧ୍ୟ ଏହି ସ୍ଥାନ ଛାଡ଼ି ଆମ୍ଭେ ଯାଉନାହୁଁ। ତେଣୁ ସ୍କନ୍ଦ ପୁରାଣ କୁହନ୍ତି, 'ଅତ୍ୟାଜ୍ୟମାବୟୋରେତତ୍ କ୍ଷେତ୍ରଂ ଶ୍ରୀପୁରୁଷୋତ୍ତମମ୍। କଳ୍ପାବସାନେପ୍ୟାବାଂ ବୈଧ୍ରୀୟତେ ପରମେଷ୍ଠିନା।' ଏହି କ୍ଷେତ୍ରର ବର୍ଣ୍ଣନା ଓ ମହତ୍ତ୍ୱ ସତ୍ୟଯୁଗରୁ ବିଦ୍ୟମାନ ଅଛି। ଯୁଗ ଆରମ୍ଭ ପୂର୍ବରୁ ପ୍ରତି କଳ୍ପରେ ମା'ଲକ୍ଷ୍ମୀଙ୍କ ସହିତ ବିଷ୍ଣୁଙ୍କର ନିବାସ ଏହି କ୍ଷେତ୍ରକୁ ଏକ 'ଧାମ'ର ମାନ୍ୟତା ଦେଇଛି। ଏ ସବୁ ଦିବ୍ୟରହସ୍ୟକୁ ଜାଣିବା ପରେ ତ୍ରେତୟା ଯୁଗ, ଦ୍ୱାପର ଯୁଗ ଓ କଳି ଯୁଗରେ ଶ୍ରୀଜଗନ୍ନାଥଙ୍କର ପୂଜା ହୋଇଆସିଛି 'ପୁରୁଷୋତ୍ତମଧାମ'ରେ।

ଆମେ ଜାଣୁ ଆର୍ଯ୍ୟାବର୍ତ୍ତ ଭାରତରେ ଏକଦା ସନାତନ ହିନ୍ଦୁ ଧର୍ମ ଉପରେ ଅନାର୍ଯ୍ୟମାନଙ୍କର ଲୋଲୁପ ଦୃଷ୍ଟି ପଡ଼ିଥିଲା। ତେଣୁ ସପ୍ତମ ଶତକର ଏକ ପରମପବିତ୍ର ମୁହୂର୍ତ୍ତରେ ଜନ୍ମ ନେଲେ ସିଦ୍ଧ ସାଧକ ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟ। ସେ ଜାଣିଥିଲେ ଧର୍ମର ହାନି ହେଲେ ଜନସାଧାରଣ କେହି କାହାକୁ ମାନିବେ ନାହିଁ। ନିୟମ ବୋଲି କିଛି ରହିବ ନାହିଁ। ଦେବତା, ଦିବ୍ୟକ୍ଷେତ୍ର, ଗୁରୁ, ପିତାମାତା ଏ ଦିବ୍ୟସତ୍ତା ବୁଡ଼ିଯିବ। ଶୃଙ୍ଖଳାବିହୀନ ସମାଜ ଭୁଶୁଡ଼ି ପଡ଼ିବ। ତେଣୁ ସେ ସମଗ୍ର ଭାରତ ବୁଲିବୁଲି ସନାତନ ଧର୍ମର ସୁରକ୍ଷା ପାଇଁ ନିଜର ତପୋବଳ ଏବଂ ସାଧନା ମାଧ୍ୟମରେ ଅନେକ ସଂସ୍କାର ଆଣିପାରିଲେ। ଭାରତରେ ଯେଉଁ ପ୍ରସିଦ୍ଧ ଧାମଗୁଡ଼ିକ ଚାରି ଯୁଗକୁ ପ୍ରତିନିଧିତ୍ୱ କରନ୍ତି ସେହି ଧାମଗୁଡ଼ିକରେ ବିଶେଷ ସଂସ୍କାର ଆଣିଲେ ଆଦି ଶଙ୍କରାଚାର୍ଯ୍ୟ। ତାଙ୍କର ପ୍ରେରଣା ଓ ପ୍ରଚେଷ୍ଟାରେ ଭାରତରେ ଚାରିଗୋଟି ଧାମ ବିଶେଷ ପରିଚୟ ପାଇଲେ।

ସତ୍ୟ ଯୁଗର ପ୍ରତିନିଧିତ୍ୱ କରୁଥିବା ବଦ୍ରିନାଥ ଭାରତର ଉତ୍ତରରେ ହିମାଳୟଶିଖର ନରନାରାୟଣ ପର୍ବତ ମଧ୍ୟରେ ଅବସ୍ଥିତ। ଏହିଠାରେ ଏକ ବଦରି ବୃକ୍ଷ ଅର୍ଥାତ୍ ବରକୋଳି ବୃକ୍ଷ ତଳେ ଭଗବାନ୍ ବିଷ୍ଣୁ ତପସ୍ୟାରତ ଥିଲେ। ଆଦି ଶଙ୍କରାଚାର୍ଯ୍ୟ ବଦ୍ରିନାଥରେ ପହଞ୍ଚି କଳାମୁଗୁନି ପ୍ରସ୍ତର ଶାଳଗ୍ରାମ ମୂର୍ତ୍ତି ବଦ୍ରିନାରାୟଣଙ୍କୁ ଅଳକାନନ୍ଦା ନଦୀଗର୍ଭରୁ ଉଦ୍ଧାର କରି ଅଳକାନନ୍ଦା ନଦୀ ସମୀପ ତପ୍ତକୁଣ୍ଡ ସ୍ଥିତ ଗୁମ୍ଫାରେ ପ୍ରତିଷ୍ଠା କଲେ। ଏହି ସ୍ଥାନରେ ଭଗବାନ୍ ବିଷ୍ଣୁ ସର୍ବଦା ତପସ୍ୟାରତ। ତ୍ରେତୟା ଯୁଗର ପ୍ରତିନିଧିତ୍ୱ କରୁଥିବା ରାମେଶ୍ୱର ଭାରତର ଦକ୍ଷିଣରେ ଅବସ୍ଥିତ। ଏହିଠାରେ ଶ୍ରୀରାମଙ୍କ ଦ୍ୱାରା ଭଗବାନ୍ ଶିବଙ୍କର ଲିଙ୍ଗ ପୂଜିତ ହୋଇଥିଲେ। ଆଦିଶଙ୍କର ଏହି ଧାମର ବୈଶିଷ୍ଟ୍ୟକୁ ଲୋକଲୋଚନକୁ ବିଶେଷଭାବରେ ଆଣିଲେ। ପଶ୍ଚିମରେ ଦ୍ୱାରକା ଧାମ, ଯାହା ଦ୍ୱାପର ଯୁଗର ପ୍ରତିନିଧିତ୍ୱ କରେ। ଭଗବାନ୍ ଶ୍ରୀକୃଷ୍ଣ ଦ୍ୱାରକାର ରାଜା ଥିଲେ। ପରବର୍ତ୍ତୀ ସମୟରେ ପଶ୍ଚିମ ସମୁଦ୍ର କୂଳରେ ଦ୍ୱାରକାଧୀଶଙ୍କର ଦିବ୍ୟ ବିଗ୍ରହ ପୂଜିତ ହେଉଛନ୍ତି। ପୂର୍ବରେ ପୁରୁଷୋତ୍ତମଧାମ, ଯାହା କଳି ଯୁଗର ପ୍ରତିନିଧିତ୍ୱ କରେ। ଏହିଠାରେ ଭଗବାନ୍ ନାରାୟଣ ଏବଂ ମା'ଲକ୍ଷ୍ମୀ ସର୍ବଦା ବିରାଜମାନ କରନ୍ତି। ଏହିଠାରେ ଥିବା ସମୁଦ୍ର ମହୋଦଧିର ମାନ୍ୟତା ପାଇଛି। ଶ୍ରୀବିଗ୍ରହଙ୍କର ଦାରୁ ଏହି ଉଦଧିରେ ଭାସୁଥିବାର ଦର୍ଶନ କରିଥିଲେ ରାଜା ଇନ୍ଦ୍ରଦ୍ୟୁମ୍ନ। ଏହାପରେ ରାଜା ଇନ୍ଦ୍ରଦ୍ୟୁମ୍ନ ସେହି ଦାରୁଙ୍କୁ ସଂଗ୍ରହ କଲେ ଏବଂ ସ୍ୱୟଂ ନାରାୟଣ ବୃଦ୍ଧବଢ଼େଇ ବେଶରେ ଆସି ନିଜ ବିଗ୍ରହ ନିଜେ ନିର୍ମାଣ କରି ଅନ୍ତର୍ଦ୍ଧାନ ହୋଇଗଲେ। ସେହି ଦିବ୍ୟବିଗ୍ରହଙ୍କୁ ଆମ୍ଭେ ପୁରୀରେ ଦର୍ଶନ କରୁଛେ।

ଯେଉଁ ବିଗ୍ରହ ଧର୍ମ-ଅର୍ଥ-କାମ-ମୋକ୍ଷ ସ୍ୱରୂପ ଚତୁର୍ବର୍ଗ ପୁରୁଷାର୍ଥ ପ୍ରଦାନ କରନ୍ତି ସେ ହେଉଛନ୍ତି ଶ୍ରୀମନ୍ଦିରରେ ବିରାଜିତ ଚତୁର୍ଦ୍ଧା ବିଗ୍ରହ। ଏହି ଦିବ୍ୟରହସ୍ୟକୁ ଅନୁଭବ କରି ଆଦି ଶଙ୍କରାଚାର୍ଯ୍ୟ ପୁରୀ ପୁରୁଷୋତ୍ତମ ଧାମରେ ଏକ ମଠ ସ୍ଥାପନା କରି ସାଧନା କଲେ। ଏହିଭଳି ଅନେକ ଶାସ୍ତ୍ରୀୟ ପ୍ରମାଣ ସୂଚେଇ ଦିଅନ୍ତି ଶ୍ରୀପୁରୁଷୋତ୍ତମ ଧାମ ସ୍ୱତଃ ସୃଷ୍ଟି ହୋଇଥିବା ଏକ ପରମ ପବିତ୍ର କ୍ଷେତ୍ର। ବିଶେଷକରି ପ୍ରାୟ ଅଠର ଶହ ବର୍ଷ ତଳୁ ଆଦି ଶଙ୍କରାଚାର୍ଯ୍ୟଙ୍କର ଆବିର୍ଭାବ ପରଠାରୁ ଏହି ଧାମ ଭାରତର ଚତୁର୍ଦ୍ଧାମ ସହିତ ଯୋଡ଼ି ହୋଇ ଅନ୍ୟ ତିନିଗୋଟି ଧାମର ଗୁରୁତ୍ୱ ସହିତ ନିଜ ଗୁରୁତ୍ୱକୁ ବର୍ଦ୍ଧନ କରିଆସୁଛନ୍ତି।

ଏହି ଧାମର ମହତ୍ତ୍ୱ କାରଣରୁ ସମୁଦ୍ରର ଅତି ସମୀପରେ ଥାଇ ମଧ୍ୟ ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ଶ୍ରୀମନ୍ଦିର ଆଜି ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ଓ ସୁରକ୍ଷିତ। ଏହି ଭବ୍ୟମନ୍ଦିର ନିର୍ମାଣ ହେବା ପୂର୍ବରୁ ଏଠାରେ ଅନେକ ମନ୍ଦିର ନିର୍ମାଣ ହୋଇଛନ୍ତି ଏବଂ ଶ୍ରୀଜଗନ୍ନାଥ ପୂଜା ପାଇ ଆସୁଛନ୍ତି। ଶ୍ରୀମନ୍ଦିରରେ ଅନ୍ୟ ଏକ ପ୍ରମୁଖ ରହସ୍ୟ ହେଉଛନ୍ତି ଦାରୁବିଗ୍ରହ। ବିଶ୍ୱର ସମସ୍ତ ଦେବତାଙ୍କର ବିଗ୍ରହ ପ୍ରସ୍ତର କିମ୍ବା ଧାତୁ ନିର୍ମିତ ହୋଇଥିବା ବେଳେ ପୁରୀ ଶ୍ରୀଜଗନ୍ନାଥ ଦାରୁ ନିର୍ମିତ। ଶ୍ରୀଜଗନ୍ନାଥଙ୍କର ନବକଳେବର ବିଶ୍ୱ ଧାର୍ମିକ ଇତିହାସରେ ଏକମାତ୍ର ବିରଳ ଐତିହ୍ୟ। ଶ୍ରୀକ୍ଷେତ୍ରରେ ପୂଜିତ ଶ୍ରୀଜଗନ୍ନାଥଙ୍କର ଶ୍ରୀବିଗ୍ରହରେ ବ୍ରହ୍ମ ରହିଛନ୍ତି। ଏହି ବ୍ରହ୍ମ ଏକ ରହସ୍ୟ। ସେଥିପାଇଁ ସେ ଦେବତା ଏତେ ଶକ୍ତିଶାଳୀ ଏବଂ ଏହି ଧାମ ଏତେ ଦିବ୍ୟ। ମହାପ୍ରସାଦ ପୁରୁଷୋତ୍ତମ ଧାମର ଅପର ବୈଶିଷ୍ଟ୍ୟ, ଯାହା ମୁକ୍ତି ପ୍ରଦାନ କରନ୍ତି। ମହାପ୍ରସାଦ ନିର୍ମାଣ ଶୈଳୀ ତଥା ପ୍ରସାଦରୁ ମହାପ୍ରସାଦ ହେବାରେ ଶ୍ରୀମନ୍ଦିରରେ ଯେଉଁ ପ୍ରକ୍ରିୟା, ତାହା ନିଶ୍ଚୟ ବିଶେଷତ୍ୱକୁ ଧାରଣ କରିଛି। ରଥଯାତ୍ରା ପୁରୀର ଅନ୍ୟ ଏକ ବିଶ୍ୱଐତିହ୍ୟ, ଯାହା ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ମନୁଷ୍ୟ ତଥା ସମସ୍ତ ପ୍ରାଣୀମାନଙ୍କୁ ଦର୍ଶନ ଦେବା ପାଇଁ ଶ୍ରୀଜଗନ୍ନାଥଙ୍କର ସ୍ୱୟଂଲୀଳା।

ପୁରୀକୁ ଆସିଛନ୍ତି ବିଶ୍ୱର ଅନେକ ବିଶିଷ୍ଟ ସାଧୁସନ୍ଥ। ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ବିଶ୍ୱଜନତା ସ୍ତବ୍ଧ ହୋଇଛନ୍ତି। ଏଠାରେ ଜ୍ଞାନ ଓ ଭକ୍ତି ଉଭୟ ତତ୍ତ୍ୱର ପରମ ନିଦର୍ଶନ ଦୃଷ୍ଟିଗୋଚର ହୁଏ। ଏଠାରେ ବୈଷ୍ଣବ, ଶୈବ, ଶାକ୍ତ, ଗାଣପତ୍ୟ, ବୌଦ୍ଧ ପ୍ରଭୃତି ଅନେକ ପରମ୍ପରା ଏବଂ ନାନାବିଧ ମତ ଏକ ହୋଇଯାଏ। ଏ ଧାମ ସ୍ୱତନ୍ତ୍ର। ଏହି ଧାମକୁ ନେଇ ଯଦି କେହି ପ୍ରତିଯୋଗିତା କରେ ତେବେ ହାସ୍ୟାସ୍ପଦ ବିନା ଅନ୍ୟ କିଛି ନୁହେଁ।

ଆଜି ଆମ୍ଭେ ଦେଖୁ ଶ୍ରୀମନ୍ଦିରକୁ ଛାଡ଼ି ଅନ୍ୟ କିଛି ଧାର୍ମିକ ସଂସ୍ଥା ମହାପ୍ରସାଦ ନାମ ଦେଇ ପ୍ରସାଦ ବିକ୍ରି କରୁଛନ୍ତି। କିନ୍ତୁ ସେମାନେ ଜାଣିବା ଆବଶ୍ୟକ ପୃଥିବୀରେ କେବଳ ପୁରୀ ଶ୍ରୀମନ୍ଦିର ବ୍ୟତୀତ ଅନ୍ୟ କେଉଁଠି ମହାପ୍ରସାଦ ନାହିଁ। ଏହାପଛରେ ଶାସ୍ତ୍ରୀୟ ରହସ୍ୟ ରହିଛି। ବେଳେବେଳେ ଦେଖାଯାଉଛି ଅଦିନିଆ ଜଗନ୍ନାଥ ରଥଯାତ୍ରା ପାଇଁ ପ୍ରସ୍ତୁତିକରଣ। ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା କେବେ ଅନୁଷ୍ଠିତ ହେବ ଏହା ସ୍ୱୟଂ ଜଗନ୍ନାଥ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ କହିଛନ୍ତି। ତାହା ହେଲା ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି। ଠିକ୍ ସେହିଭଳି ଜଗନ୍ନାଥଧାମ ବିଶ୍ୱରେ ଗୋଟିଏ। ତାହା ହେଲା ଓଡ଼ିଶା ରାଜ୍ୟର ପୁରୀ ଶ୍ରୀଜଗନ୍ନାଥ ଧାମ। ଅନ୍ୟ କେଉଁଠାରେ ଏହିସବୁ ଧାର୍ମିକ ଶୃଙ୍ଖଳାର ବ୍ୟତିକ୍ରମ ଅଶୋଭନୀୟ ଆଚରଣ। ଏହାର ଫଳ ବିନାଶଶୀଳ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରେ।

(ଉପନିର୍ଦ୍ଦେଶକ, ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି)
ମୋ: ୮୮୯୭୪୨୬୨୪୩

## ଏଆଇ ଆଧାରିତ ସାମ୍ବାଦିକତା

ଅଜିତ କୁମାର ପ୍ରଧାନ



ସୂଚନା ଓ ସାମ୍ବାଦିକତା ବର୍ତ୍ତମାନ ଦୁନିଆର ଅତ୍ୟନ୍ତ ଜରୁରୀ ଦିଗ। ଏହା ମଧ୍ୟ ଆଜିର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯେ ସାମ୍ବାଦିକତା ମାନବ ଜୀବନର ଦୈନନ୍ଦିନ ଅଂଶ ହୋଇପାରିଛି। ଆଜି ବିଶ୍ୱ ଯେଉଁ ଗତିରେ ଆଗକୁ ବଢୁଛି, ତାହା ତଥ୍ୟପ୍ରାପ୍ତିର ଆବଶ୍ୟକତା ବଢ଼ାଇଛି। ଏହି ପୃଷ୍ଠଭୂମିରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଆଧାରିତ ପ୍ରୟୋଗ ସାମ୍ବାଦିକତାରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଛି।

ସରଳ ଅର୍ଥରେ ବୁଝିବାକୁ ଗଲେ ଏଆଇ ହେଉଛି ଏକ ବୈଜ୍ଞାନିକ ପ୍ରକ୍ରିୟା ବା କମ୍ପ୍ୟୁଟର ବିଦ୍ୟା, ଯାହା ମଣିଷଙ୍କ ଭଳି ଭାବିପାରିବ, କରିପାରିବ ଓ ନିଷ୍ପତ୍ତି ନେଇପାରିବ। ଏହି ବୈଷୟିକ ଜ୍ଞାନକୌଶଳ ସାମ୍ବାଦିକତାରେ ଖବରସଂଗ୍ରହ, ବିଶ୍ଳେଷଣ ଓ ପ୍ରସ୍ତୁତିକୁ ସହଜ, ଦ୍ରୁତ ଓ ଦୃଢ଼ କରିଛି। ଏଆଇ ଆଧାରିତ ସାମ୍ବାଦିକତାର ଅନେକ ସୁବିଧା ରହିଛି। ପ୍ରଥମେ, ଏହାଦ୍ୱାରା ଖବର ବହୁତ ଦ୍ରୁତ ଭାବେ ପ୍ରସ୍ତୁତ କରାଯାଇପାରୁଛି। ଏଆଇ ସହାୟତାରେ ସଂସାରର ଅନେକ ଘଟଣାର ଖବରର ବୈଧତା ମଧ୍ୟ ସଠିକ୍ ଭାବେ ନିର୍ଣ୍ଣୟ ହୋଇପାରୁଛି। ମଣିଷର କାର୍ଯ୍ୟକାରିତା ତୁଳନାରେ ଏହାର ଦକ୍ଷତା ଅଧିକ ଥିବାରୁ ଶ୍ରମ ଓ ସମୟ ସଞ୍ଚୟ ହୋଇପାରୁଛି। ଦ୍ୱିତୀୟତଃ, ଏଆଇର ବିଶ୍ଳେଷଣ ଦକ୍ଷତା ବ୍ୟାପକ ଓ ନିର୍ଭୁଲ୍। ସାଧାରଣ ମଣିଷଙ୍କ ପାଇଁ ଯେଉଁ ତଥ୍ୟକୁ ବୁଝିବାରେ ଅସୁବିଧା ହୁଏ, ସେଗୁଡ଼ିକୁ ଏଆଇ ଦ୍ୱାରା ଖୁବ ଦ୍ରୁତ ଓ ସଠିକ୍ ଭାବରେ କରାଯାଇପାରେ। ତୃତୀୟରେ, ଯଦି ସଠିକ୍ ନୀତି ଓ ନିୟମ ରହିଥାଏ, ତେବେ ଏଆଇ ଭୁଲ ଓ ଭ୍ରମରହିତ ଖବର ପ୍ରସାରଣ ଓ ପ୍ରସ୍ତୁତ କରିପାରେ। ଏହା ଫଳରେ ଖବର ଅଧିକ ପ୍ରାମାଣିକ, ଗ୍ରହଣୀୟ ଓ ନିର୍ଭରଶୀଳ ହୁଏ।

ଏହାସତ୍ତ୍ୱେ କେବଳ ପ୍ରଦତ୍ତ ଓ ବା ଉପଲବ୍ଧ ତଥ୍ୟ ଉପରେ ଭିତ୍ତିକରି ଏଆଇ ଖବର ପ୍ରସ୍ତୁତ କରୁଥିବାରୁ ବେଳେବେଳେ ଏହା ପ୍ରମାଦ ସୃଷ୍ଟି କରେ। ଲୋକମାନେ ଭୁଲ ସୂଚନା ଆଧାରରେ ନିଷ୍ପତ୍ତି ନେବା ଫଳରେ ସମସ୍ୟା ବୃଦ୍ଧି ହୁଏ। ସେହିପରି ଏଆଇ ଯନ୍ତ୍ର ହୋଇଥିବାରୁ ଏକାରେ ମାନବୀୟ ଭାବନା, ସମ୍ବେଦନା ଓ ନୀତି ନାହିଁ। ଯେତେବେଳେ କୌଣସି ଦୁଃଖଦ କିମ୍ବା ସମ୍ବେଦନଶୀଳ ବିଷୟ ଉପରେ ସୂଚନା ଦେବା ଏବଂ ବିଶ୍ଳେଷଣ କରିବା ଆବଶ୍ୟକ ସେ କ୍ଷେତ୍ରରେ ଏଆଇଠାରୁ ମାନବ ସୁଲଭ ଗୁଣ ଓ ପ୍ରତିକ୍ରିୟା ଆଶା କରାଯାଇପାରିବ ନାହିଁ। ଫଳରେ ସମ୍ବାଦ ପରିବେଷଣର ଭାବାତ୍ମକ ଉପସ୍ଥାପନ ହୋଇପାରେ ନାହିଁ। ସାମ୍ବାଦିକତାରେ ଏଆଇ ବ୍ୟବହାର ପାଇଁ ଜଣାପଡୁଥିବା ନୀତି ଓ ନିୟମ ଯଦି ନଥାଏ, ତେବେ ଏହା ଅନ୍ୟାୟ ଓ ଦୁରୁପଯୋଗର ପରିବେଶ ସୃଷ୍ଟିର କାରଣ ହୋଇଥାଏ। ଏହା ମଧ୍ୟ ସାମାଜିକ ନ୍ୟାୟିକ ପ୍ରକ୍ରିୟାରେ ବିସଙ୍ଗତି ଆଣିପାରେ।

ତେଣୁ ସାମ୍ବାଦିକତାରେ ଏଆଇ ଓ ମଣିଷ ଭାବନା ଓ କାର୍ଯ୍ୟକଳାପର ସମନ୍ୱୟ ଓ ଉଚିତ ସକ୍ରିୟତା ରହିଲେ ଫଳାଫଳ ଉନ୍ନତ ହୁଏ। ଏ କ୍ଷେତ୍ରରେ ସମ୍ପାଦକମାନଙ୍କ ଭୂମିକା ହେଉଛି ତଥ୍ୟ ଓ ଖବରର ନୀତିଗତ ମୂଲ୍ୟାଙ୍କନ, ସମୟୋଚିତ ତଥ୍ୟ ପ୍ରଦାନ ଏବଂ ତ୍ରୁଟିପୂର୍ଣ୍ଣ ସୂଚନାରୁ ଲୋକଙ୍କୁ ସୁରକ୍ଷା ଓ ସଚେତନ ସୃଷ୍ଟି କରିବା। ଏଆଇର ଏହି ଦୁର୍ବଳତାକୁ ଦୂର କରିପାରିଲେ ସାମ୍ବାଦିକତା କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ସମ୍ଭବ। ଏଆଇ ଆଧାରିତ ସାମ୍ବାଦିକତା ପାଇଁ ମଧ୍ୟ ସଠିକ ନୀତି ଓ ନିୟମ ପ୍ରସ୍ତୁତ ହେବା ଦରକାର। ଯାହା ଏଆଇ ଆଧାରିତ ଖବରର ସତ୍ୟତା, ନ୍ୟାୟସଙ୍ଗତା ଓ ସକାରାତ୍ମକତାକୁ ସୁନିଶ୍ଚିତ କରି ସାମାଜିକ ସୁରକ୍ଷା ଓ ନ୍ୟାୟ ପ୍ରତି ଭରସା ବଢ଼ାଇବ। ଏଆଇ ଆଧାରିତ ସାମ୍ବାଦିକତା ଏକପକ୍ଷରେ ଦୃଢ଼, ଦ୍ରୁତ ଓ ସଠିକ ତଥ୍ୟ ପ୍ରଦାନ କରି ସାମାଜିକ ଜୀବନକୁ ସୁବିଧାଜନକ କରିପାରିଥିବା ବେଳେ ସାମାନ୍ୟ ଦୁର୍ବଳତା ଓ ଅସୁବିଧା ଯୋଗୁଁ ଜନମତକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ତେଣୁ ସଭ୍ୟତାର ବିକାଶ ସହିତ ସାମାଜିକ ଜନଜୀବନକୁ ଅଧିକ ସରସ କରିବା ପାଇଁ ଏ ଦିଗରେ ସମନ୍ୱୟ ଲାଗି ସୁଚିନ୍ତିତ ସକାରାତ୍ମକ ଚିନ୍ତନ ଆବଶ୍ୟକ।

ନୀଳଗିରି(ବାଲେଶ୍ୱର), ମୋ: ୯୭୭୭୮୧୪୫୪୧

## ହ୍ରାସ ପାଉଛି କି ମଣିଷର ବୁଦ୍ଧିମତ୍ତା!

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ନୃତତ୍ତ୍ୱବିତ୍‌ଙ୍କ ମତରେ ଆଜକୁ ପ୍ରାୟ ୨ ଲକ୍ଷ ବର୍ଷତଳେ ଆଧୁନିକ ମଣିଷ ପ୍ରଜାତିର ବିକାଶ ଘଟିଲା। ସେ ସମୟରୁ ଧୀରେ ଧୀରେ ବଢ଼ିବାକୁ ଲାଗିଲା ତାର ବୁଦ୍ଧିମତ୍ତା। ତେବେ ତା' ମସ୍ତିଷ୍କ ଆଧୁନିକ ରୂପନେଲା ବର୍ତ୍ତମାନଠାରୁ ପ୍ରାୟ ୧ ଲକ୍ଷ ବର୍ଷ ପୂର୍ବେ। ଏହା ଫଳରେ ତା'ଠାରେ ଜଟିଳ ବୋଧଶକ୍ତି ଓ ସୁସଙ୍ଗତ ଆଚରଣ ଶକ୍ତି ଜାତ ହେବାକୁ ଲାଗିଲା, ଯାହାକି ପ୍ରାୟ ୫୦ ହଜାରରୁ ୬୫ ହଜାର ବର୍ଷ ତଳେ ତା'କୁ ଅନ୍ୟମାନଙ୍କଠାରୁ ଭିନ୍ନ ହୋଇଥିବା ବୁଦ୍ଧିମାନ ତଥା ଚିନ୍ତାଶକ୍ତି ସଂପନ୍ନ ଜୀବରେ ପରିଣତ କଲା।

ଏହାପରେ ତା'ର ସାମାଜିକ ଜୀବନ ଦୃଢ଼ୀଭୂତ ହେବା ସଙ୍ଗେ ସଙ୍ଗେ ଜୀବନଧାରା ସମ୍ମୁନ୍ନତ ହୋଇ ତା'ଠାରେ ଉନ୍ନତ ବୁଦ୍ଧିମତ୍ତାର ଉଦ୍ରେକ ଘଟାଇଲା। ଫଳରେ ସେ ନୂଆ ନୂଆ କଥା ଚିନ୍ତା କରିପାରିଲା ଏବଂ ତାହା ତା'କୁ ଆଜି ରୂପାନ୍ତରିତ କରିଛି 'ବୈଜ୍ଞାନିକ ମଣିଷ'ରେ। ଇତିମଧ୍ୟରେ ପରିବର୍ତ୍ତିତ ପରିବେଶ ଏବଂ ବିବର୍ତ୍ତନର ପ୍ରଭାବରେ ତା'ର 'ଫ୍ରଣ୍ଟାଲ୍ ଏବଂ ପେରିଏଟାଲ୍ ଲୋବ୍' ସମେତ ମସ୍ତିଷ୍କର ବହୁ ଗୁରୁତ୍ୱପୂର୍ଣ୍ଣ ଅଂଶ ବୃଦ୍ଧିପ୍ରାପ୍ତ ହେଲା ଏବଂ ତନ୍ମଧ୍ୟରେ ସ୍ନାୟୁକୋଷମାନଙ୍କ ବାହକ ସଂପ୍ରସାରିତ ଓ ଘନ ହେଲା। ତା'ଠାରେ କେତେକ ଜିନୀୟ ପରିବର୍ତ୍ତନ ହେତୁ ଏ ପ୍ରକ୍ରିୟା ଅବ୍ୟାହତ ରହିଲା ବୋଲି ମତ ଦିଅନ୍ତି ବ୍ରିଟିଶ୍ ନୃତତ୍ତ୍ୱବିତ୍ ରବିନ୍ ଡୁନ୍‌ବାର। ତେବେ ବର୍ତ୍ତମାନ ମଣିଷର ବୁଦ୍ଧିମତ୍ତା ନିମ୍ନଗାମୀ ହେଉଥିବାର ଲକ୍ଷ୍ୟ କରାଯାଉଛି। ଆମେରିକାର ମିଚିଗାନ୍ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁଷ୍ଠିତ ଏକ ସର୍ବେକ୍ଷଣର ତଥ୍ୟାଧାରିତ ୨୦୨୪ ମସିହା ମାର୍ଚ୍ଚ ମାସରେ 'ଦ ଫାଇନାନ୍ସିଆଲ୍ ଟାଇମସ୍'ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ପ୍ରାୟ ସବୁବର୍ଗର ଲୋକଙ୍କଠାରେ ଏହା ଅନ୍ବେବହୁତ ପରିଲକ୍ଷିତ ହେଉଛି। ଫଳରେ ସେମାନେ ପଠନ କିମ୍ବା ଅନ୍ୟ କୌଣସି ଶିକ୍ଷା କରିବାରେ ମନୋନିବେଶ କରିବା କଷ୍ଟକର ହେଉଛି। ବିଶେଷକରି, ଯୁବଗୋଷ୍ଠୀ ମଧ୍ୟରେ ଏହା ଅଧିକ ପରିଲକ୍ଷିତ ହେଉଛି। ଏଥିରେ ୧୫ ୧୮ ବର୍ଷ ବୟସ୍କ କିଛି ଆମେରିକୀୟ ତଥା ଅନ୍ୟାନ୍ୟ ଦେଶର ଛାତ୍ରଛାତ୍ରୀମାନଙ୍କୁ ନିଆଯାଇଥିଲା। ୨୦୧୦ ମସିହାରୁ ଆରମ୍ଭ ହୋଇଥିବା ଏହି 'ପ୍ରୋଗ୍ରାମ୍ ଫର୍ ଇଣ୍ଟରନ୍ୟାସନାଲ୍ ଷ୍ଟୁଡେଣ୍ଟ୍ ଆସେସମେଣ୍ଟ' ପ୍ରକଳ୍ପରୁ ଜଣାପଡ଼ିଲା ଯେ ସେମାନଙ୍କଠାରେ ଅଧିକ ସମୟ ଧରି କୌଣସି କାର୍ଯ୍ୟରେ ମନୋନିବେଶ କରିବା ଏବଂ କୌଣସି ବିଷୟରେ ଗଭୀର ଭାବେ ଚିନ୍ତା କରିବାର କ୍ଷମତା ହ୍ରାସ ପାଇଛି।

ଏପରି ଘଟିବାର କାରଣ କଦାପି ଗୋଟିଏ ହୋଇ ନ ପାରେ ବୋଲି ମତ ଦିଅନ୍ତି ଏହି ଅଧ୍ୟୟନର ଗବେଷକମାନେ। ପଠନ ଅଭ୍ୟାସ ହ୍ରାସ ପାଇବା, ସୃଜନାତ୍ମକ କାର୍ଯ୍ୟକଳାପରୁ ନିବୃତ୍ତ ରହିବା, କୌଣସି ନୂଆ ବିଷୟ ନିଜେ ନିଜେ ବୁଝିବାର ପ୍ରବୃତ୍ତି ତଥା ଅଭ୍ୟାସ କମ୍ ହେବା, ମାନସିକ ଶ୍ରମ ପ୍ରତି ନିରୁତ୍ସାହିତ ହେବା ଇତ୍ୟାଦି ସାମଗ୍ରିକ ଭାବେ ଏଥିପାଇଁ ଦାୟୀ ବୋଲି ସେମାନେ ଅନୁଭବ କରନ୍ତି। ଆମେରିକାର 'ନ୍ୟାସନାଲ୍ ଏଣ୍ଡୱାମେଣ୍ଟ ଫର୍ ଆର୍ଟସ୍' ଦ୍ୱାରା ଅନୁଷ୍ଠିତ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ୨୦୧୨ ମସିହାରେ ୪୫.୨ ଶତାଂଶ ଏବଂ ୨୦୧୭ ମସିହାରେ ୪୧.୫ ଶତାଂଶ ଆମେରିକୀୟ ଯୁବଗୋଷ୍ଠୀ କ୍ଷୁଦ୍ରଗଳ୍ପ ବା ଉପନ୍ୟାସ ଆଦି ପଢ଼ିବାକୁ ଆଗ୍ରହୀ ହେଉଥିବା ବେଳେ ୨୦୨୨ ମସିହା ବେଳକୁ ତାହା ହ୍ରାସ ପାଇଥିଲା ୩୭.୬ ଶତାଂଶକୁ। ୨୦୨୩ରେ ପ୍ରକାଶିତ 'ଦ ଅର୍ଗାନାଇଜେସନ୍ ଫର୍ ଇକୋନୋମିକ୍ କୋ-ଅପରେସନ ଆଣ୍ଡ ଡେଭେଲପମେଣ୍ଟ' ସଂସ୍ଥାର ସର୍ବେକ୍ଷଣ ଫଳାଫଳରେ ପ୍ରାପ୍ତବୟସ୍କଙ୍କର ଗାଣିତିକ ପ୍ରଶ୍ନ ସମାଧାନ କରିବାର ସାମର୍ଥ୍ୟ ହାନି ବାର୍ଷିକ ୨୭ ରୁ ୩୭ ଶତାଂଶ ଅଧିକ। ପଠନ ଅଭ୍ୟାସ ହାନି, ଗଭୀର ଭାବେ ଚିନ୍ତା କଲା ଭଳି ମାନସିକ ବ୍ୟାୟାମ ଆଦିର ଅଭାବ ସହିତ ଦୀର୍ଘସମୟ ଧରି ମୋବାଇଲ୍, ଟିଭି କିମ୍ବା କମ୍ପ୍ୟୁଟର ପରଦାକୁ ଦେଖିବା ଏହାର କାରଣ ହୋଇପାରେ।

ତେବେ ଏ କ୍ଷେତ୍ରରେ ଗବେଷକମାନେ ଏକମତ ଯେ ମଣିଷର ବୁଦ୍ଧିମତ୍ତାର ଅବନତି ଜୈବିକ ଭାବେ ଘଟିନାହିଁ। ଅର୍ଥାତ୍ ମସ୍ତିଷ୍କ ବା ସ୍ନାୟୁ ବ୍ୟବସ୍ଥାରେ ଅବକ୍ଷୟ ପରିଦୃଷ୍ଟ ହୋଇନାହିଁ। କେବଳ ବୁଦ୍ଧିମତ୍ତାର ପ୍ରୟୋଗ ଯଥେଷ୍ଟ ଓ ସଠିକ୍ ଭାବେ କରାଯାଉ ନଥିବାରୁ ସେଭଳି ହେବାର ପ୍ରତୀୟମାନ ହେଉଛି।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଘରକୁ ଫେରିଲେ ଇତିଶ୍ରୀଙ୍କ ଭଉଣୀ ଓ ଝିଆରୀ

# ବଖାଣିଲେ କାଳ ରାତିର ଛାତିଥରା କଥା



ବ୍ୟାସନଗର,୨।୬(ସମିସ): ସୋମବାର ସକାଳୁ ଘରକୁ ଫେରିଛନ୍ତି ସିକ୍କିମ ଦୁର୍ଘଟଣାରୁ ବଞ୍ଚିଥିବା ଇତିଶ୍ରୀ ନାୟକଙ୍କ ପରିବାର। ତେବେ ଘରକୁ ଫେରିବା ପରେ ଶୁକ୍ରବାର ସିକ୍କିମରେ ଘଟିଥିବା ସେହି କାଳରାତିର ଭୟାନକ ତଥା ଲୋମହର୍ଷକ କାହାଣୀ କହିଛନ୍ତି ଇତିଶ୍ରୀଙ୍କ ୨ ଭଉଣୀ।

ସିକ୍କିମ ଘାଟିରେ ଦୁର୍ଘଟଣା ଘଟିବାର ୪ ଦିନ ପରେ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ଇତିଙ୍କ ଦୁଇ ଭଉଣୀ ମଞ୍ଜୁଲତା ଦେଓ ଓ ଝରଣା ଏବଂ ଦୁଇ ଝିଆରୀ ଭାଇ ଶିଶିରଙ୍କ ଦୁଇ ଝିଅ ଜାନୀ ଓରଫ ସ୍ମୃତିସୋହାନି ଓ ଗୁନି ଓରଫ୍ ଶ୍ୱେତାବୃତା ଘରକୁ ଫେରିଛନ୍ତି। ଯାଜପୁର ରୋଡ ରେଳଷ୍ଟେସନରେ ଓହ୍ଲାଇବା ପରେ ପରିବାର ଲୋକଙ୍କ ପାଖରେ ପହଞ୍ଚିଥିଲେ। ପରିବାର ଲୋକଙ୍କୁ ପାଇ ଆତ୍ମବିଭୋର ହୋଇଉଠିଥିଲେ। ଯେତେବେଳେ ଘଟଣା ବିଷୟରେ ପଚାରି ବୁଝୁଥିଲୁ ସେ କାନ୍ଦି କାନ୍ଦି ଗୋଟି ଗୋଟି କରି ସମସ୍ତ କଥା କହିଥିଲେ।

ଘାଟିର ଗିରୋ ପଏଣ୍ଟରୁ ତଳକୁ ଓହ୍ଲାଇବା ବେଳକୁ ସମୟ ହୋଇଯାଇଥିଲା ରାତି ପ୍ରାୟ ସାଢେ ୭ଟା। ଆଗପଛ ହୋଇ ଦୁଇଟି ଗାଡ଼ିରେ ଫେରୁଥିଲେ ୧୧ ଜଣ ସଦସ୍ୟ। ମାତ୍ର କିଛି ସମୟ ପରେ ଆଉ ଇତିଙ୍କ ଗାଡ଼ିର ଲାଇଟ୍ ଦେଖାଯାଇନଥିଲା। ଏହାପରେ ସେଠାରୁ ସେମାନଙ୍କ ଗାଡ଼ି ଫେରାଇଥିଲୁ। ଖୋଜୁଖୋଜୁ ରାତି ୧୦ଟା ବାଜି ଯାଇଥିଲା। ଏହାପରେ ସେଠାକାର ପୁଲିସ ସହିତ ଯୋଗାଯୋଗ କରିଥିଲୁ। ରାତି ତମାମ ଖୋଜାଖୋଜି ଚାଲିଥିଲା। ରାତି ପ୍ରାୟ ତିନିଟା ବେଳେ ଦୁଇ ବାଳକଙ୍କ ସନ୍ଧାନ ମିଳିଥିଲା। ସେମାନେ ଉଦ୍ଧାର ହୋଇ ଗାଙ୍ଗଟକ୍ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏବେ ସେମାନଙ୍କ ପାଖରେ ଇତିଶ୍ରୀଙ୍କ ବଡ଼ଭାଇ ଶିଶିର ନାୟକ ଉପସ୍ଥିତ ଅଛନ୍ତି। ତେବେ ପରିବାରର ୪ ଜଣ ଏବେ ବି ନିଖୋଜ ଅଛନ୍ତି। ଦୁଇ ଭଉଣୀ ଓ ଦୁଇ ଭାଇଙ୍କ ୪ଟି ପରିବାରରୁ ୧୧ଜଣ ସଦସ୍ୟ ସିକ୍କିମ ଭ୍ରମଣରେ ଯାଇଥିଲେ।

ତେବେ ଆଜି ଓଡ଼ିଶା ସରକାର ଓ ସିକ୍କିମ ସରକାରଙ୍କ ମିଳିତ ସହଯୋଗରେ ୪ ସଦସ୍ୟ ଫେରିବା ପରେ ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଇତିଶ୍ରୀଙ୍କ ସମେତ ବଡ଼ପୁଅ, ସାନଭାଇ ଭାଉଜ ମିଶି ୪ଜଣ ଏବେ ବି ନିଖୋଜ ଅଛନ୍ତି। ଓଡ଼ିଶା ଓ ସିକ୍କିମ ମୁଖ୍ୟମନ୍ତ୍ରୀଙ୍କ ମିଳିତ ସହଯୋଗରେ ସିକ୍କିମରୁ ପଶ୍ଚିମବଙ୍ଗ ନ୍ୟୁ ଜଲପାଇଗୁଡ଼ି ଜିଏସ୍ ଏମ୍‌ଭିପି ଏକ୍ସପ୍ରେସରେ ଏଠାକୁ ପଠାଯାଇଛି। ଇତିଙ୍କ ବଡ଼ଭାଇ ସହିତ ଆହତ ଦୁଇ ବାଳକଙ୍କୁ ଏଠାକୁ ଅଣାଯିବା ସହ ୪ଜଣ ନିଖୋଜଙ୍କୁ ଉଦ୍ଧାର କରିବାକୁ ନିବେଦନ ଜଣାଇଛନ୍ତି ପରିବାର ଲୋକ। ସେପଟେ ସ୍ଥାନୀୟ ବିଧାୟକ ଆକାଶ ଦାସନାୟକ ମଙ୍ଗଳବାର ପରିବାର ନିକଟରେ ପହଞ୍ଚି ଆଲୋଚନା କରିବା ସହ ଆଶ୍ୱାସନା ଦେଇଥିଲେ। ସେପଟେ ସେମାନଙ୍କ ପ୍ରୟାସ ସତ୍ତ୍ୱେ ଏଯାଏ ନିଖୋଜ ଚାରିଜଣଙ୍କ ସନ୍ଧାନ ମିଳୁନି। ଉଦ୍ଧାରକାରୀ ଦଳ ଦ୍ୱାରା ଖୋଜାଖୋଜି ଚାଲିଛି। ତୁରନ୍ତ ସେମାନଙ୍କୁ ଉଦ୍ଧାର ପାଇଁ ଆକୁଳ ନିବେଦନ କରିଛନ୍ତି ପରିବାର ଓ ଆତ୍ମୀୟ ସ୍ୱଜନ।

## ■ ଘରେ ପଶିବା ଆଗରୁ ଚାଳ ବାଜିଲା

# ଦିନକ ପୂର୍ବରୁ କୋଟିଆ କମିଟି ବୈଠକ ବାତିଲ



କୋରାପୁଟ, ୨।୬ (ସମିସ): ଓଡ଼ିଶା-ଆନ୍ଧ୍ର ସୀମାନ୍ତ ବିବାଦୀୟ କୋଟିଆର ବିକାଶ ପାଇଁ ରାଜ୍ୟ ସରକାର ଗତ ମାସରେ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ। ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ଦକ୍ଷିଣ-ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି, କୋରାପୁଟ ଜିଲ୍ଲାପାଳ ଏବଂ ଏସ୍‌ପି ସଦସ୍ୟ ରହିଛନ୍ତି। କମିଟି ଗଠନ ଘୋଷଣା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୋଟିଆ ବିବାଦର ସମାଧାନ ଅତି ଶୀଘ୍ର ହେବ ବୋଲି ଗଣମାଧ୍ୟମକୁ କହିଥିଲେ। ହେଲେ ବର୍ତ୍ତମାନ ଘରେ ପଶିବା ଆଗରୁ ମୁଣ୍ଡରେ ଚାଳ ବାଜିଲା ଭଳି ଘଟଣା ଦେଖିବାକୁ ମିଳିଛି।

ସୂଚନାନୁଯାୟୀ, ମଙ୍ଗଳବାର ଭୁବନେଶ୍ୱରରେ କୋଟିଆ କମିଟିର ପ୍ରଥମ ବୈଠକ ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାର ଥିଲା। ସେଥିପାଇଁ କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଭି କୀର୍ତ୍ତି ୱାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସପି ରୋହିତ ବର୍ମାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। କୋଟିଆରେ ଶିକ୍ଷା, ଗମନାଗମନ, ସ୍ୱାସ୍ଥ୍ୟ, ଶିଶୁ ଓ ମହିଳା ବିକାଶ, ବିଦ୍ୟୁତ୍ ସେବା ସହ ଉଦ୍ୟାନ ଭିତ୍ତିକ କୃଷିକୁ ଗୁରୁତ୍ୱ ଦିଆଯିବା ନେଇ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ଚୂଡ଼ାନ୍ତ ପ୍ରସ୍ତୁତି ସହ ସୋମବାର ଅପରାହ୍ଣରେ ଭୁବନେଶ୍ୱର ଯିବାକୁ ଜିଲ୍ଲାପାଳ ଭି କୀର୍ତ୍ତି ୱାସନ ଏବଂ ଏସପି ରୋହିତ ବର୍ମା ଜୟପୁର ବିମାନବନ୍ଦରରେ ପହଞ୍ଚିଥିଲେ। ତେବେ ବିମାନରେ ଚଢ଼ିବା ପୂର୍ବରୁ ମଙ୍ଗଳବାର ଦିନର ବୈଠକ ସ୍ଥଗିତ ହେବା ସୂଚନା ଜିଲ୍ଲାପାଳଙ୍କୁ ଦିଆଯାଇଥିଲା। ସୂଚନା ପାଇ ଉଭୟେ ବିମାନବନ୍ଦରରୁ କୋରାପୁଟ ଫେରି ଆସିଥିଲେ।

**ଜୟପୁର ବିମାନ ବନ୍ଦରରୁ ଫେରିଲେ ଜିଲ୍ଲାପାଳ ଓ ଏସ୍‌ପି**

## ■ ନାବାଳିକା ଦୁଷ୍କର୍ମ ମାମଲା

# ୭୦ ବର୍ଷର ବୃଦ୍ଧଙ୍କୁ ୨୦ ବର୍ଷ ଜେଲ

କେନ୍ଦ୍ରାପଡ଼ା,୨।୬(ସମିସ): ୯ ବର୍ଷର ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି କେନ୍ଦ୍ରାପଡ଼ା ସ୍ୱତନ୍ତ୍ର ପକ୍‌ସୋ କୋର୍ଟ ଜଜ ୭୦ ବର୍ଷର ବୃଦ୍ଧଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଆସାମୀ ଅଧିକ ଏକବର୍ଷ ସଶ୍ରମ କାରାଦଣ୍ଡ ଭୋଗିବ ବୋଲି ଜଜ୍ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇ ୨୦ ବର୍ଷ ଜେଲଦଣ୍ଡ ପାଇଥିବା ବ୍ୟକ୍ତି ଜଣକ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ବଟକୃଷ୍ଣ ସାହୁ (୭୦)।

ସୂଚନା ମୁତାବକ ୨୦୨୪ ନଭେମ୍ବର ୨୮ ତାରିଖରେ ନାବାଳିକାଙ୍କ ଘରେ କେହି ନ ଥିବା ବେଳେ ତାଙ୍କ ଘରକୁ ଯାଇଥିଲେ ବଟକୃଷ୍ଣ। ଘରେ କେହି ନ ଥିବା ସୁଯୋଗ ନେଇ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲେ। ନାବାଳିକା କାଳେ ପାଟି କରିବ, ତେଣୁ ତାଙ୍କ ପାଟିରେ ଗାମୁଛା ବାନ୍ଧି ଦେଇଥିଲେ। ଏହାର କିଛି ସମୟ ପରେ ଜଣେ ପଡ଼ୋଶୀ କବାଟ ବାଡ଼ାଇବାରୁ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏନେଇ ନାବାଳିକାଙ୍କ ମାଆ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ଦୁଷ୍କର୍ମ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରି ପୁଲିସ ଅଭିଯୁକ୍ତ ବଟକୃଷ୍ଣଙ୍କୁ ଗିରଫ କରିଥିଲା। ତଦନ୍ତକାରୀ ଅଧିକାରୀ ଜାନୁଆରୀ ୨୨ତାରିଖରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ଏହି ମାମଲାରେ ୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଜଜ୍ ପ୍ରଜ୍ଞା ପରମିତା ରାଉଳ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ଏଥିସହ ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ମନୋଜ କୁମାର ସାହୁ ମାମଲା ପରିଚାଳନା କରୁଥିଲେ।

# ଆଦର୍ଶ ହେବ ୫୦୦ ପ୍ରାଥମିକ ବିଦ୍ୟାଳୟ

ଭୁବନେଶ୍ୱର,୨।୬(ସମିସ): ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ୫ଶହ ପ୍ରାଥମିକ ବିଦ୍ୟାଳୟକୁ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା'ରେ ଉନ୍ନତୀକରଣ କରାଯିବ। ସରକାରଙ୍କ ବର୍ଷପୂର୍ତ୍ତି ଅବସରରେ ଅର୍ଥାତ୍ ଆସନ୍ତା ୧୨ତାରିଖରେ ରାଜ୍ୟବ୍ୟାପୀ ସମସ୍ତ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରଥମେ ପ୍ରତି ବ୍ଲକ୍‌ରେ ଅର୍ଥାତ୍ ୩୧୪ ବ୍ଲକ୍‌ରେ ଗୋଟିଏ ଲେଖାଏଁ ବିଦ୍ୟାଳୟକୁ ଏହି ଯୋଜନାରେ ଉନ୍ନତିକରଣ ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରତି ବ୍ଲକ୍‌ରେ ଗୋଟିଏ ଲେଖାଏଁ ବିଦ୍ୟାଳୟକୁ ମଧ୍ୟ ଚୟନ କରାଯାଇଥିଲା। ହେଲେ ଏହାକୁ ୫ଶହକୁ ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଛି ଗଣଶିକ୍ଷା ବିଭାଗ। ଅବଶିଷ୍ଟ ୧୮୬ଟି ବିଦ୍ୟାଳୟକୁ ଚିହ୍ନଟ କରିବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ୍ ଚିଠି ଲେଖିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ମୟୁରଭଞ୍ଜ ଜିଲ୍ଲାର ସର୍ବାଧିକ ୪୦ଟି ବିଦ୍ୟାଳୟ ଉନ୍ନତିକରଣ ତାଲିକାରେ ସ୍ଥାନ ପାଇଥିବାବେଳେ ଜଗତସିଂହପୁର ଜିଲ୍ଲାରେ ଦ୍ୱିତୀୟ ସର୍ବାଧିକ ୩୪ଟି ବିଦ୍ୟାଳୟକୁ ଚିହ୍ନଟ କରାଯାଇଛି। ସେହିପରି ବୌଦ୍ଧ ଓ ଦେବଗଡ଼ ଜିଲ୍ଲାରେ ସର୍ବନିମ୍ନ ୫ଟି ଲେଖାଏଁ ବିଦ୍ୟାଳୟ ତାଲିକାରେ ସ୍ଥାନ ପାଇଛି। ସୂଚନାଯୋଗ୍ୟ, ଏହି ଯୋଜନା ଅନୁଯାୟୀ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନତିକରଣ କରାଯିବ। ରାଜ୍ୟରେ ସମୁଦାୟ ୬,୭୯୪ଟି ବିଦ୍ୟାଳୟକୁ ଏହି ଯୋଜନାରେ ଉନ୍ନତିକରଣ କରାଯିବ। ନୂଆ ଶ୍ରେଣୀଗୃହ, ବାଳକ ଓ ବାଳିକାଙ୍କ ପାଇଁ ପୃଥକ ଶୌଚାଳୟ, ପ୍ରାଚୀର ନିର୍ମାଣ, ସବୁଜ ପରିବେଶ, ଡିଜିଟାଲ ଲାଇବ୍ରେରୀ ଓ ଲାଙ୍ଗୁଏଜ୍ ଲ୍ୟାବ୍, ଖେଳ ପଡିଆ, ଡାଇନିଙ୍ଗ ହଲ୍, କମ୍ପ୍ୟୁଟର, ସ୍ମାର୍ଟ ବୋର୍ଡ ଆଦିର ବ୍ୟବସ୍ଥା କରାଯିବ। ଏହା ସହିତ କ୍ରୀଡ଼ା, ଶାରୀରିକ ବ୍ୟାୟମ ଏବଂ ସାମାଜିକ ଓ ସାଂସ୍କୃତିକ ଶିକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨୪ ଘଣ୍ଟାରେ...

ଏବଂ ତାମିଲନାଡୁର ୨୫ ବର୍ଷୀୟ ଯୁବକଙ୍କ ମୃତ୍ୟୁ ହୋଇଥିଲା। ସେହିପରି ନୂଆ ସଂକ୍ରମିତଙ୍କୁ ମିଶାଇ ମୋଟ ରୋଗୀସଂଖ୍ୟା ୩୯୭୬ରେ ପହଞ୍ଚିଛି। ଗତ ୧୦ ଦିନରେ କରୋନା ମାମଲା ୧୫ ଗୁଣ ବୃଦ୍ଧି ପାଇଛି। ପୁଣିଥରେ କେରଳ କରୋନାର ହଟ୍‌ସ୍ପଟ୍ ପାଲଟିଛି।। ରାଜ୍ୟରେ ସର୍ବାଧିକ ୧୪୩୫ ରୋଗୀ ଚିକିତ୍ସାଧୀନ ଅଛନ୍ତି। ୫୦୬ ରୋଗୀଙ୍କ ସହ ମହାରାଷ୍ଟ୍ର ଦ୍ୱିତୀୟ ସ୍ଥାନରେ ରହିଛି। ଦିଲ୍ଲୀରେ ୪୮୩, ଗୁଜରାଟରେ ୩୩୮, ପଶ୍ଚିମବଙ୍ଗରେ ୩୩୧ ଏବଂ କର୍ଣ୍ଣାଟକରେ ୨୫୩ ରୋଗୀ ଚିକିତ୍ସାଧୀନ ଅଛନ୍ତି। କ୍ରମାଗତ ଭାବେ ମାମଲା ବୃଦ୍ଧିକୁ ଦେଖି କର୍ଣ୍ଣାଟକ ସରକାର ମାର୍ଗଦର୍ଶିକା ଜାରି କରିଛନ୍ତି। ଜନଗହଳି ପୂର୍ଣ୍ଣ ଅଞ୍ଚଳରେ ମାସ୍କ ଲଗାଇବାକୁ, ସାମାଜିକ ଦୂରତ୍ୱ ବଜାୟ ଏବଂ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦେବାକୁ କୁହାଯାଇଛି। ଥଣ୍ଡା, ଜ୍ୱର, କାଶ ହେଲେ ତୁରନ୍ତ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି। ଏହାମଧ୍ୟରେ ଦିଲ୍ଲୀ ହାଇକୋର୍ଟ ଏକ ମାମଲାର ଶୁଣାଣି କରି କହିଛନ୍ତି ଯେ କରୋନା ମହାମାରୀ ଏବେ ଶେଷ ହୋଇନାହିଁ। କୋର୍ଟ କେନ୍ଦ୍ର ସରକାରଙ୍କୁ ନମୁନା ସଂଗ୍ରହ, କରୋନା କେନ୍ଦ୍ର ଏବଂ ପରିବହନ ନୀତିର ପ୍ରସ୍ତୁତି ବିଷୟରେ ବିସ୍ତୃତ ବିବରଣୀ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଦେଶରେ ରଜିତ...

ଅନୁରୂପ ଭାବେ ହଂସ ଦାରୁକା ସର୍ବଭାରତୀୟ ସ୍ତରରେ ୩୯ ତମ ସ୍ଥାନରେ ରହିବା ସହ ଓଡ଼ିଶା ଟପ୍ପର ହୋଇଛନ୍ତି। ପ୍ରଥମ ପ୍ରୟାସରେ ହିଁ ୩୬୦ ରୁ ୩୦୦ ମାର୍କ ରଖି ସଫଳତା ପାଇଛନ୍ତି। ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି ଯେ ନବମ ଶ୍ରେଣୀରୁ ଏହି ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ନିୟମିତ ଭାବେ ପଢ଼ିବା ସହ ସାମାଜିକ ଗଣମାଧ୍ୟମରୁ ଦୂରେଇ ରହୁଥିଲେ। ତାଙ୍କ ଭାଇ ମଧ୍ୟ ଆଇଆଇଟିରେ ପଢୁଥିବାରୁ ତାଙ୍କୁ ପ୍ରସ୍ତୁତି କରିବାରେ ପ୍ରୋତ୍ସାହିତ କରିଥିଲା। ଆଗକୁ ଆଇଆଇଟି ବମ୍ବେରେ କମ୍ପ୍ୟୁଟର ସାଇନ୍ସରେ ପଢ଼ିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ସେହିପରି ଓଡ଼ିଶାର ଅନ୍ୟତମ ଛାତ୍ର ନବନିତ ପ୍ରିୟଦର୍ଶୀ ସର୍ବଭାରତୀୟ ସ୍ତରରେ ୯୭ତମ ସ୍ଥାନରେ ରହି ଓଡ଼ିଶାର ଗୌରବ ବଢ଼ାଇଛନ୍ତି। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ଜେଇଇ ଆଡଭାନ୍ସଡ୍ ପାଇଁ ସମୁଦାୟ ୧,୮୭,୨୨୩ ଜଣ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିବା ବେଳେ ୧,୮୦,୪୪୨ ଜଣ ପେପର-୧ ଓ ପେପର-୨ ପରୀକ୍ଷା ଦେଇଥିଲେ। ସମୁଦାୟ ୫୪,୩୭୮ ଜଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାସହ କାଉନସେଲିଂ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତନ୍ମଧ୍ୟରେ ୪୪,୯୭୪ ଜଣ ଛାତ୍ର ଥିବାବେଳେ ମାତ୍ର ୯,୪୦୪ ଜଣ ଛାତ୍ରୀ ରହିଛନ୍ତି। ମୋଟ୍ ୨୩ଟି ଆଇଆଇଟିରେ ପ୍ରାୟ ୧୮,୦୦୦ ସ୍ନାତକ ଇଞ୍ଜିନିୟରିଂ (ବିଟେକ୍ ପାଠ୍ୟକ୍ରମ) ସିଟ୍‌ରେ ପଢ଼ିବା ପାଇଁ ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବ। ଅର୍ଥାତ ପ୍ରତି ୩ଜଣଙ୍କ ମଧ୍ୟରୁ ଜଣେ ପ୍ରାର୍ଥୀ ନାମ ଲେଖାଇପାରିବେ। ଚଳିତବର୍ଷ କଟଅଫ୍ ମାର୍କ ସାଧାରଣ ବର୍ଗ ପାଇଁ ୭୬ ଯାଇଥିବା ବେଳେ ସାମାଜିକ ପଛୁଆ ବର୍ଗ (ଓବିସି) ଓ ଆର୍ଥିକ ଅନଗ୍ରସର ବର୍ଗଙ୍କ ପାଇଁ ୬୬ ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗ ପାଇଁ ୩୭ ମାର୍କ କଟଅଫ୍ ଯାଇଛି।

### ଶାସକ-ବିରୋଧୀ ...

ମନ୍ତ୍ରୀଙ୍କ ପାଖରେ ଏବେ ପାଞ୍ଚରୁ ଅଧିକ ସରକାରୀ ଗାଡ଼ି ଥିବା ଦେଖାଯାଉଛି। ପ୍ରତି ବିଭାଗ ପାଇଁ ବ୍ୟକ୍ତିଗତ ସଚିବ ଓ ଅନ୍ୟ ସରକାରୀ କର୍ମଚାରୀ ଯୋଗାଇ ଦିଆଯାଇଥିବାରୁ ଜଣେ ଜଣେ ମନ୍ତ୍ରୀଙ୍କ ସେବାରେ ଡ଼ଜନ ଡ଼ଜନ କର୍ମଚାରୀ ନିଯୁକ୍ତି ପାଇଛନ୍ତି। ମାତ୍ର ସମ୍ପୃକ୍ତ ମନ୍ତ୍ରୀମାନଙ୍କ ବିଭାଗଗୁଡ଼ିକର ପ୍ରଦର୍ଶନ ଆଶାନୁରୂପ ହୋଇ ପାରିନାହିଁ। ରାଜସ୍ୱ ସଂଗ୍ରହକାରୀ ବିଭାଗଗୁଡ଼ିକର ଆୟ ସନ୍ତୋଷଜନକ ନୁହେଁ। ସେହିପରି ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ମଧ୍ୟ ଅତ୍ୟନ୍ତ ନୈରାଶ୍ୟଜନକ । ଯାହା ସରକାରଙ୍କ ଶିରପୀଡ଼ା ବଢ଼ାଇ ଦେଇଛି।

ମନ୍ତ୍ରୀମାନଙ୍କ ରିପୋର୍ଟ କାର୍ଡରେ ଏହି ଅସଙ୍ଗତି ଓ ବିଫଳତାକୁ କଟାକ୍ଷ କରିଛି ବିଜେଡି । ମନ୍ତ୍ରୀମାନେ ନିଜର ରିପୋର୍ଟକୁ ସର୍ବସାଧାରଣ କରିବାକୁ ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ ଆହ୍ୱାନ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟର ଅପାରଗ ସରକାର ଚାଲିଛି ବୋଲି ବର୍ଷକ ମଧ୍ୟରେ ଲୋକେ ଅନୁଭବ କରିଛନ୍ତି। ଓଡ଼ିଶାର ବିକାଶ ସଂପୂର୍ଣ୍ଣ ଠପ ହୋଇଥିବା ବେଳେ ମନ୍ତ୍ରୀମାନେ ନିଜ ବିଭାଗ ସମ୍ଭାଳିବାରେ ବିଫଳ ହୋଇଛନ୍ତି । ରାଜ୍ୟପାଳଙ୍କ ପୁଅ ଓଡ଼ିଆ ଅଧିକାରୀଙ୍କୁ ମାଡ଼ ମାରିବା, ଚିକିଟି ମଦ ମୃତ୍ୟୁ ମାମଲା, ଭରତପୁର ଥାନା, ବଡ ଠାକୁର ପଡ଼ିଯିବା ଘଟଣାର ରିପୋର୍ଟ ଏଯାବତ୍ ପ୍ରକାଶ ପାଇଲାନି। ସେହିପରିକଟନୀ ଛଟନୀ, ଦରଦାମ, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ନାରୀ ନିର୍ଯାତନା, କଲେଜ ନିର୍ବାଚନ କରିବାରେ ବିଫଳ, ଆଦି ପ୍ରସଙ୍ଗ ମନ୍ତ୍ରୀମାନଙ୍କ ଦକ୍ଷତା ପ୍ରମାଣିତ କରିଛି ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ମଧ୍ୟ ଏହି ପ୍ରସଙ୍ଗରେ ସରକାରଙ୍କୁ ସମାଲୋଚନା କରିଛି। କୋଟିଆ ସୀମା ବିବାଦ, ପୋଲାଭରମ, ମହାନଦୀ ଆଦି ପ୍ରସଙ୍ଗରେ ରାଜ୍ୟ ସରକାର ଅସମ୍ଭବ ନିରବତା ଆଚରଣ କରୁଛନ୍ତି। ବର୍ଷେ ହେବ ଅଧିକାଂଶ ମନ୍ତ୍ରୀ ବିଭାଗୀୟ ବଜେଟ ଅର୍ଥକୁ ଖର୍ଚ୍ଚ ନକରିବା ସରକାରଙ୍କ ପାରିବା ପଣିଆକୁ ପ୍ରଦର୍ଶନ କରୁଛି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ତେବେ ବିଜେପି ନିଜ ସରକାରଙ୍କ ମନ୍ତ୍ରୀମାନଙ୍କୁ ସୁରକ୍ଷା ଦେବାକୁ ବାହାରି ପଡ଼ିଛି। ମନ୍ତ୍ରୀମାନେ ଦକ୍ଷତାର ସହ ନିଜର କାମ କରିଛନ୍ତି ଓ ଦଳ ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିଥିବା ନେଇ ବିଜେପି ବିଧାୟକ ସରୋଜ ପାଢ଼ୀ ଯୁକ୍ତି ବାଢିଛନ୍ତି। ଶାସକ ଦଳର ଏପରି ଯୁକ୍ତିକୁ କିନ୍ତୁ ଗ୍ରହଣ କରିନାହିଁ ବିଜେଡି। ବିଜେପି ସରକାର ବର୍ଷେ ହେବା କେବଳ ନାଁ ଓ ରଙ୍ଗ ପରିବର୍ତ୍ତନ କାମ କରିଛନ୍ତି। ତାହାକୁ ସେମାନେ ନିଜ ରିପୋର୍ଟ କାର୍ଡରେ ଉଲ୍ଲେଖ କରିବେ କି ବୋଲି ବିଜେଡି ବିଧାୟକ ପ୍ରଦୀପ ଦିଶାରୀ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ ରାଜନୈତିକ ସମୀକ୍ଷକଙ୍କ ଏନେଇ ମତ ପ୍ରକାଶ କରି କହିଛନ୍ତି ଯେ ପୂର୍ବ ସରକାର ସମୟରେ ବି ମନ୍ତ୍ରୀମାନେ ନିଜର ରିପୋର୍ଟ କାର୍ଡ ଦେଉଥିଲେ। ରିପୋର୍ଟ କାର୍ଡକୁ ଆଧାର କରି ମୁଖ୍ୟମନ୍ତ୍ରୀ ମନ୍ତ୍ରିମାନଙ୍କ ଦକ୍ଷତା ମାପିବାର ମାପକାଠି କରିପାରନ୍ତି ବୋଲି ସମୀକ୍ଷକ ଆକଳନ କରିଛନ୍ତି।

### ସରଣ୍ଡା ଜଙ୍ଗଲରୁ...

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଜରେଇକେଲା ଥାନା ସରଣ୍ଡା ଜଙ୍ଗଲ ଭିତରେ ମାଟି ତଳୁ ଅଢ଼େଇ ଟନ୍‌ରୁ ଊର୍ଦ୍ଧ୍ୱ ବିସ୍ଫୋରକ ସାମଗ୍ରୀକୁ ଜବତ କରିଛନ୍ତି ସୁରକ୍ଷାକର୍ମୀ। ରାଉରକେଲା ପୁଲିସ ଦ୍ୱାରା କରାଯାଇଥିବା ଡ୍ରୋନ୍ ସର୍ଭେରୁ ହିଁ ପୁଲିସକୁ ଏହି ସଫଳତା ମିଳିଥିବା କୁହାଯାଉଛି। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ କହିଛନ୍ତି ଯେ ମାଓବାଦୀଙ୍କ ଦ୍ୱାରା ବିସ୍ଫୋରକ ଲୁଟ୍ ଘଟଣାର ତଦନ୍ତ ପାଇଁ ସରଣ୍ଡା ଜଙ୍ଗଲ ଅନ୍ତର୍ଗତ ତିରିଲପୋଷି, ଥଲକୋବାଦ, ଜରେଇକେଲା ଅଞ୍ଚଳରେ ରାଉରକେଲା ପୁଲିସ୍‌ର ଏସ୍‌ଓଜି, ଡିଭିଏଫ୍ ସହ ଝାଡ଼ଖଣ୍ଡ ପୁଲିସ ସିଆର୍‌ପିଏଫ୍, କୋବ୍ରା ବାହିନୀ, ଝାଡ଼ଖଣ୍ଡ ଜାଗୁଆର ଆଦି ପକ୍ଷରୁ ମିଳିତ କମ୍ବିଂ ଅପରେସନ୍ ଜାରି ରହିଥିଲା। ଆଜି ଜରେଇକେଲା ନିକଟରେ ମାଟି ତଳେ ମାଓବୋଦୀମାନେ ପୋତିଥିବା ଲୁଟ୍ ବିସ୍ଫୋରକ ସାମଗ୍ରୀକୁ ଜବତ କରାଯାଇଥିଲା। ଯାହାକି ଅଢ଼େଇଟନ୍‌ରୁ ଅଧିକ ହେବ ବୋଲି କୁହାଯାଇଛି। ଏହାସହ ଅବଶିଷ୍ଟ ଲୁଟ୍ ବିସ୍ଫୋରକ ସାମଗ୍ରୀକୁ ଠାବ କରିବା ପାଇଁ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଓ କମ୍ବିଂ ଅପରେସନ୍ ଜାରି ରହିଛି ବୋଲି ଏସ୍‌ପି ଶ୍ରୀ ୱାଧୱାନୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, ସୁନ୍ଦରଗଡ଼ ଜିଲ୍ଲାର ବଡ଼ଗାଁ ଥାନା ଇତମା ସ୍ଥିତ ବିସ୍ଫୋରକ ଗୋଦାମରୁ କେ. ବଲାଙ୍ଗ ଥାନା ବାଙ୍କୋ ଷ୍ଟୋନ କ୍ୱାରୀକୁ ୫ ଟନ୍ ଓଜନର ୨୦୦ ପ୍ୟାକେଟ ବିସ୍ଫୋରକ ଯାଉଥିଲା ବେଳେ ୩୦ରୁ ୪୦ ସଶସ୍ତ୍ର ମାଓବାଦୀ ବାଙ୍କୋ ନିକଟରୁ ଟ୍ରକ୍ ଚାଳକକୁ ବନ୍ଧୁକ ମୁନରେ ଭୟଭୀତ କରି ଏହି ବିସ୍ଫୋରକ ସାମଗ୍ରୀ ଲୁଟି ନେଇଥିଲେ।

### କିଶୋରୀଙ୍କ 'ଖୁସି'ରେ...

ହଜାର ୫୬ଟି ନାପ୍‌କିନ୍ ଯୋଗାଇ ଦିଆଯାଇଥିଲା। ସେହିପରି ୨୦୨୨-୨୩ ଆର୍ଥିକ ବର୍ଷରେ ୧୮ କୋଟି ୨୪ ଲକ୍ଷ ୫୧ ହଜାର ୫୧୨ ନାପ୍‌କିନ୍ ଯୋଗାଇ ଦିଆଯାଇଥିଲା। ମାତ୍ର ବର୍ଷେ ହେଲା ଏହି କାର୍ଯ୍ୟକ୍ରମ ଏକପ୍ରକାର ବନ୍ଦ ହୋଇ ଯାଇଛି ଓ କିଶୋରୀଙ୍କ 'ଖୁସି'ରେ ସରକାର ତାଲା ପକାଇ ଦେଇଛନ୍ତି । ଏକ ପକ୍ଷରେ ସରକାର ମହିଳାମାନଙ୍କୁ ପ୍ରତି କ୍ଷେତ୍ରରେ ଅଗ୍ରାଧିକାର ଦେଉଥିବା କଥା କହୁଛନ୍ତି, ମାତ୍ର ଅନ୍ୟପକ୍ଷରେ ଗ୍ରାମାଞ୍ଚଳର ମହିଳା ଓ କିଶୋରୀମାନଙ୍କର ଏକ ଅତ୍ୟାବଶ୍ୟକୀୟ ପ୍ରସଙ୍ଗକୁ ଉପେକ୍ଷା କରି ଚାଲିଛନ୍ତି। ଯାହାକୁ ନେଇ ଉଭୟ ସ୍କୁଲ ଛାତ୍ରୀ ଓ କିଶୋରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । କିଛି ଦିନ ତଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରତି ବିଦ୍ୟାଳୟ ଏବଂ ସମସ୍ତ କାର୍ଯ୍ୟାଳୟରେ ସାନିଟାରୀ ନାପକିନ୍ ଭେଣ୍ଡିଂ ମେସିନ୍ ଲଗାଯିବ ବୋଲି ଘୋଷଣା କରିଛନ୍ତି। ମାତ୍ର ଯେଉଁ ଯୋଜନାରେ ସ୍କୁଲ ଛାତ୍ରୀ ଓ କିଶୋରୀମାନଙ୍କୁ ମାଗଣାରେ ସାନିଟାରୀ ନାପକିନ୍ ବଣ୍ଟନ ହେଉଥିଲା, ତାହାକୁ କାହିଁକି ବନ୍ଦ କରି ଦିଆଗଲା ତାହାର ଉତ୍ତର କାହାରି ନିକଟରେ ନାହିଁ।

### ସ୍ତ୍ରୀକୁ ଠେଙ୍ଗାରେ...

ପିଇଥିଲେ। ମଦ ନିଶାରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ରାଗିଯାଇ ସବିତା ଚିତ୍ର ଉପରକୁ ହାତ ଉଠାଇଥିଲେ। ଚିତ୍ର ମଧ୍ୟ ଉତ୍‌କ୍ଷିପ୍ତ ହୋଇ ଉଠିଥିଲା। ଘରେ ଥିବା ଏକ ଠେଙ୍ଗାରେ ସବିତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ଏଥିରେ ସବିତାଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ଏହା ଦେଖି ଚିତ୍ରର ମୁଣ୍ଡ କାମ କରିନଥିଲା। ଗିରଫଦାରୀ ଭୟରେ ସେ ସବିତାଙ୍କ ଶବକୁ ଘରେ ଛାଡ଼ି ଫେରାର୍ ହୋଇଯାଇଥିଲା। ଅପରପକ୍ଷେ, ପଡ଼ୋଶୀଙ୍କଠାରୁ ଖବର ପାଇ ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମଙ୍କ ସମେତ ଅମ୍ବାଦଳା ଆଇଆଇସି କଳ୍ପନା ବେହେରା, ଏଏସ୍‌ଆଇ ପ୍ରଶାନ୍ତ ପାଢ଼ୀ, ଏସ୍‌ଆଇ ମନୋଜ କୁମାର ମାଝୀ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏହାସହ ବାହାର ରାଜ୍ୟକୁ ଖସି ପଳାଇବାକୁ ଉଦ୍ୟମ କରୁଥିବା ଚିତ୍ରକୁ ପୁଲିସ୍ ମଝି ବାଟରୁ ଟେକି ନେଇଥିଲା। ପରେ ତାକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।


**AFFIDAVIT**

I, Raja Bhusan Nayak, S/o- Late Nalini Kanta Nayak, resident of Raikala, Via- G. Udayagiri, Raikala, Dist- Kandhamal, Odisha, Pin- 762100 declare by this affidavit No.13AA 349675 dtd.- 02/06/2025 that now onwards I shall be known as **RAJAT BHUSHAN NAYAK** as for all future purposes.

**AFFIDAVIT**

I Debajani Das Mohapatra, W/O: Devi Prasad Das Mohapatra, Resident of Abanti Nibas, Rajbati Nagar, Athagarh, Radhagobindapur, Cuttack, Dhaipur, Odisha, 754029, declare by this affidavit No: C.F-62 Dt. 05/07/2024 that now onward I shall be known as **Debajani Mohanty** for all future purposes.

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

**AFFIDAVIT**

By virtue of an affidavit sworn before The Executive Magistrate, Nayagarh on date- 29/05/2025. I, **Sumanta Mahanta,** resident of At- Champatipur Patanasahi, Po- Champatipur, Ps- Itamati, Dist- Nayagarh, Odisha. I declared by my minor son Name has been changed from **Deepankar Mahanta** (old name) to **Aditya Mohanta** (new name), Henceforth, he shall be known as **ADITYA MOHANTA** for all future purposes.
**Sumanta Mahanta**

**AFFIDAVIT**

By virtue of an affidavit sworn before The Executive Magistrate, Niali on dtd. 30/04/2025. I, **Adyasha Priyadarshini Behera,** D/o- Swadhin Behera, Village- Nariso (Hatuasahi), Po- Nariso PS- Balipatna, Dist- Khorda, Odisha have changed my name from **Adyas Priyadarshini Behera To Adyasha Priyadarshini Behera**. Henceforth, I shall be known as **ADYASHA PRIYADARSHINI BEHERA** for all purposes.
**Adyasha Priyadarshini Behera**

**AFFIDAVIT**

I smt Snehalata Biswal w/o- RABI rout of Vill- PANPUR, Po- Balimed, Ps- Naikanidihi, Dist- Bhadrak. My actual name is **SNEHALATA BISWAL** as per my Aadhar Card. But in my L.I.C. Policy No.587361624 my name wrongly mentioned as **"RANJITA ROUT"** instead of **"SNEHALATA BISWAL"**, W/O- RABI ROUT is same & one person.

**AFFIDAVIT**

I, Manoranjan Biswal, S/o- Kishor Chandra Biswal, resident of At- Akhuadakhini, P.O- Odanga, P.S- Patkura, Dist.- Kendrapara- 754228, Odisha declare by this affidavit dtd.02.06.2025 that, my actual name is **MANORANJAN BISWAL** but in my HSC Certificate & Mark Sheet my name has been mentioned as **MANARANJAN BISWAL**. Hence **MANORANJAN BISWAL** and **MANARANJAN BISWAL** is one and same person belongs to my name.

**AFFIDAVIT**

I, **Hemanta Kumar Barik,** S/o- Balaram Barik, residing At/Po- Andhari, Ps- korai, Dist- Jajpur, Pin- 755019, Odisha declare by this affidavit No- S209543, dated- 23/05/2025, that my minor daughter's name has been changed from **Rashi Barik** (old name) to **Gayatri Barik** (new name). Henceforth she shall be known as **Gayatri Barik** for all future purposes.
**Hemanta Kumar Barik**

**AFFIDAVIT**

I, Binaya Bhusan Panda, S/o- Bhagirathi Panda, resident of At- Talakia, Po/Ps- Oupada, Dist- Balasore, Pin- 756049, Odisha declared by this affidavit SI No. 1116, dtd- 02/06/2025 that now onwards I shall be known as **BINAY BHUSAN PANDA** for all future purposes.

**AFFIDAVIT**

By virtue of an affidavit sworn before the Notary Public, Cuttack, dated 29.05.2025 I, Sakuntala Behera, D/o. Dinabandhu Sankhua, W/o - Panchanan Behera resident of At- Patuli, P.O.- Baligan, P.S.- Chandbali, Dist- Bhadrak, Odisha, Pin- 756133 have changed my name from **Fakana Sankhua** to **Sakuntala Behera**. Henceforth, I shall be known as **Sakuntala Behera** for all purposes.
**Sd/- Sakuntala Behera**

**Notice (for Minor)**

By virtue of an affidavit sworn before The Executive Magistrate, Udala, Mayurbhanj, dated 21-05-2025 I, Panamani Hansdah, Address At- Gayalamara, P.O.- Gayalamara, P.S.- Khunta, Dist- Mayurbhanj, Odisha, Pin Code – 757104, declare that I have changed the name of my son from **Rituraj Hansdah** to **Sanat Bir Hansdah.** Henceforth he shall be known as **Sanat Bir Hansdah** for all purposes.
**Panamani Hansdah**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dated-02/06/2025, I.Chandana Puhan, At/Po- Mathatentulia, Ps- Gondia, Dist–Dhenkanal, Pin- 759016 declare that I have changed the name of my son from **Subranshu Sekhar to Suryanshu Puhan**. Henceforth, he shall be known as **SURYANSHU PUHAN** for all purposes.
**Chandana Puhan**

**AFFIDAVIT**

By virtue of an affidavit before Executive Magistrate, Bhubaneswar, CF NO-126/Date- 30/05/2025 ,that I, Mausumi Mahapatra, D/o-Akhaya Kumar Mahapatra permanent resident of Plot No. 25/1981, Unit-7, Ganganagar, OUAT Hostel No.9, Ps.- Khandagiri, Bhubaneswar, Odisha, PIN-751003 state that, my former name was Mousumi Mahapatra which has been corrected to Mausumi Mahapatra. So Mousumi Mahapatra and Mausumi Mahapatra is one and same person. Henceforth I will be known as **Mausumi Mahapatra** for all future purposes.

OFFICE OF THE PRINCIPAL-CUM-SECRETARY PH: 06782-233954 9777233584
**NILAGIRI WOMEN'S DEGREE COLLEGE, NILAGIRI**
AT /PO - RAJ-NILGIRI, DIST - BALASORE, ODISHA, PIN -756040
e-mail: nilagiriwomensdegreecollege@gmail.com www.nilagiriwomensdegreecollege.nic.in
Letter No. 2056/25 **TENDER CALL NOTICE** Date: 02.06.2025
Sealed quotations are hereby invited in the prescribed format from the intending registered authorized dealers having valid GST clearance certificate, IT clearance certificate and PAN Card for supply of Dell Desktop Computer, MFM Printer, UPS(S), Sony LED TV,65 Inch Wireless Mic & Camera with MIC for Virtual meeting and Internet facility to Nilagiri Womens Degree College, Nilagiri, Balasore. The details of Tender and tender documents can be obtained from the College Office or College Website: www.nilagiriwomensdegreecollege.in from 10AM dated 02/06/25 .The Tenderer shall submit their tender by registered post on or before dated -17/06/25.The tender will be opened at 2.00 PM on 20/06/25 in the office under signed in the presence of bidders or their authorized representatives.
The authority reserves the rights to accept or reject any or all tenders without assigning any reason thereof. All disputes are subject to the Jurisdiction of Balasore only.
Sd/-Principal,
Nilagiri Womens Degree College, Nilagiri, Balasore.

# ଥମୁନି ଗଞ୍ଜେଇ କାରବାର; ଆଉ ୪ ଗିରଫ



> ପୁଲିସକୁ ଚକ୍‌ମା ଦେବା ପାଇଁ କୁଣ୍ଡା, ଖୁଦ ବସ୍ତା ଲଦିଥିଲେ
> ହରିୟାଣାକୁ ଚାଲାଣ କରିଥାନ୍ତେ

ଜୟପୁର,୨।୬(ସମିସ):

କୋରାପୁଟ ଜିଲ୍ଲା ଜୟପୁର ଟାଉନଥାନା ପୁଲିସ ପକ୍ଷରୁ ଗତ ୨୯ ତାରିଖରେ ଜବତ ହୋଇଥିବା ୧୩ କ୍ୱିଣ୍ଟାଲ ୧୮ କିଗ୍ରା ଗଞ୍ଜେଇ ଜବତ ମାମଲାରେ ଫେରାର ଥିବା ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅନ୍ୟ ୩ରୁ ୪ ଜଣ ଅଭିଯୁକ୍ତ ରହିଥିବା ନେଇ ପୁଲିସ ସୂଚନା ଦେଇଛି। ଏହି ମାମଲାରେ ପୂର୍ବରୁ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟଚାଲାଣ କରାଯାଇଛି। ସୋମବାର ଅପରାହ୍ଣରେ ଟାଉନଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜୟପୁର ଏସ୍‌ଡିପିଓ ପାର୍ଥ କାଶ୍ୟପ ଜଗଦିଶ ଏବଂ ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇ ଗିରଫ ଅଭିଯୁକ୍ତମାନଙ୍କ ନାମ ପ୍ରକାଶ କରିଥିଲେ। ଅଭିଯୁକ୍ତମାନେ ହେଲେ ଜୟପୁର ସଦରଥାନା ବାରିଣିପୁଟର ଅମର କୁମାର ବାହାଦୁର(୩୭) ଏଲିଆସ ଶଙ୍କର ଲାମ୍ବା, ଚିଣ୍ଟୁ ମୁଦୁଲୀ (୨୯), ସଞ୍ଜୟ ଖୋସ୍ଲା(୨୯), ଏଲିଆସ ବାବୁ, କେଶବ ହରିଜନ (୩୦)। ପୁଲିସ ପକ୍ଷରୁ ୨୫୯ ପଲିଥିନ ପ୍ୟାକେଟରେ ରହିଥିବା ୧୩ କ୍ୱିଣ୍ଟାଲ ୧୮ କିଗ୍ରା ଗଞ୍ଜେଇ ହରିଆଣା ରାଜ୍ୟର ଟ୍ରକ (ଏଚ୍‌ଆର୍ ୬୧ଇ ୩୩୩୦) ଏବଂ ମିନି ଟ୍ରକ (ଏପି ୩୯ ୟୁଡି ୬୬୨୫), ୧୨୦ ପ୍ୟାକେଟ କୁଣ୍ଡା, ଖୁଦ ଓ ୩ଟି ମୋବାଇଲ ଫୋନ ଜବତ କରାଯାଇଛି। ଏସ୍‌ଡିପିଓ ଶ୍ରୀ କାଶ୍ୟପଙ୍କ ସୂଚନା ଅନୁଯାୟୀ, ଗତ ୨୯ ତାରିଖ ପୂର୍ବାହ୍ନ ୭ଟା ୪୮ବେଳେ ଏସ୍‌ଆଇ ରାଜେନ୍ଦ୍ର ପାଙ୍ଗୀ ଏବଂ ତାଙ୍କ ଦଳ ପାଟ୍ରୋଲିଂ କରୁଥିବା ସମୟରେ ୨୬ ନମ୍ବର ଜାତୀୟ ରାଜପଥ ପାଶ୍ୱର୍ରେ ରହିଥିବା ହାଲୋଜୟପୁର ହୋଟେଲର ବିପରୀତ ଦିଗରେ ପୁରୁଣା ଗୋଦାମ ଭିତରୁ ୨ ଜଣ ଯୁବକ ପୁଲିସ ପାଟ୍ରୋଲିଂ ଗାଡ଼ିକୁ ଦେଖି ଦୌଡ଼ିଥିଲେ। ପୁଲିସକୁ ଦେଖି ଭିତରକୁ ଗାଡ଼ି ସହିତ ପ୍ରବେଶ କରିଥିଲେ। ଏତିକି ବେଳେ ମିନିଟ୍ରକ୍‌ରୁ ଅନ୍ୟ ଏକ ୬ ଚକିଆ ଟ୍ରକକୁ କିଛି ବସ୍ତାରେ ସାମଗ୍ରୀ ଲୋଡିଂ ଚାଲିଥିଲା। ସେଠାରେ ୧୦ରୁ ୧୨ ଜଣ ବ୍ୟକ୍ତି ଠିଆ ହୋଇଥିଲେ, କିନ୍ତୁ ପୁଲିସକୁ ଦେଖି ଦୌଡ଼ିବା ଆରମ୍ଭ କରିଥିଲେ। ପୁଲିସ କେବଳ ଦୁଇଜଣ ଅଭିଯୁକ୍ତ ଜୟପୁର ସଦରଥାନାର ଦୁର୍ଗା ବାହାଦୁର (୩୫) ଏବଂ କୁସୁମପୁଟର ମୀନ ବାରିକ (୩୫)କୁ ଘଟଣାସ୍ଥଳରୁ ଧରିବା ସହ ଗତ ୩୧ ତାରିଖରେ କୋର୍ଟଚାଲାଣ କରିଥିଲେ। ପୁଲିସ ଚାଲାଣ ହେଉଥିବା ସମସ୍ତ ଗଞ୍ଜେଇକୁ ଜବତ କରିଥିବା ବେଳେ ପରବର୍ତ୍ତୀ ସମୟରେ ଏହି ମାମଲାରେ ଅନ୍ୟ ୪ଜଣ ଫେରାର ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଅଭିଯୁକ୍ତମାନଙ୍କୁ ପଚରାଉଚରା ବେଳେ ଏହି ଗଞ୍ଜେଇକୁ କୋରାପୁଟ ଜିଲ୍ଲା ଲମତାପୁଟ ଅଞ୍ଚଳରୁ ସଂଗ୍ରହ କରିଥିବା ବେଳେ ଏହାକୁ ଟ୍ରକ୍‌ରେ ଲୋଡିଂ କରିବା ପରେ ହରିୟାଣାକୁ ଚାଲାଣ ହୋଇଥାନ୍ତା। ପୁଲିସ ଏବଂ ରାସ୍ତା ଯାଞ୍ଚଦଳକୁ ଚକମା ଦେଖାଇବା ପାଇଁ ଗଞ୍ଜେଇ ପ୍ୟାକେଟ ରଖିବା ପରେ ଏହାଉପରେ କୁଣ୍ଡା ଓ ଖୁଦ ଭର୍ତ୍ତି ବସ୍ତା ଲୋଡିଂ କରାଯାଇ ଚାଲାଣ କରାଯିବାର ଯୋଜନା କରିଥିବା ଗିରଫ ଅଭିଯୁକ୍ତମାନେ ପ୍ରକାଶ କରିଛନ୍ତି।

## ସେମିଳିଗୁଡ଼ାରେ ଶିବବିବାହ ଓ ଶୀତଳ ଷଷ୍ଠୀ

ସେମିଳିଗୁଡ଼ା,୨।୬(ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ସହରରେ ଶିବବିବାହ ଓ ଶୀତଳ ଷଷ୍ଠୀ ପାଳିତ ହେଇଯାଇଛି। ବିବାହ ଉତ୍ସବ ସ୍ଥାନୀୟ ଶିବ ମନ୍ଦିରରେ ଅନୁଷ୍ଠିତ ହେଇଥିଲା। ଏଥିରେ ପ୍ରାୟ ପାଞ୍ଚଶହରୁ ଊର୍ଦ୍ଧ୍ୱ ବରଯାତ୍ରୀ ସାମିଲ ହୋଇ ବାଣ, ରୋଷଣୀ, ନାଚଗୀତରେ କନ୍ୟା ଘର ଅଭିମୁଖେ ବାହାରିଥିଲେ। ପ୍ରେମାନନ୍ଦ ପୃଷ୍ଟି ଓ ତାଙ୍କର ପତ୍ନୀ ବନଜା ପୃଷ୍ଟି ଶିବଙ୍କ ପିତାମାତା ଭାବେ ଦାୟିତ୍ୱ ତୁଲାଇ ପାର୍ବତୀଙ୍କ ବାସଭବନ ଅଭିମୁଖେ ଯାତ୍ରା କରିଥିଲେ। ଗଣେଶ ନଗରସ୍ଥିତ ପାର୍ବତୀଙ୍କ ପିତା ଭାବେ



କାମଦେବ ପରିଡ଼ା ଓ ମାତା ସ୍ମରଣିକା ପରିଡ଼ା ଦାୟିତ୍ୱ ତୁଲାଇଥିଲେ। ଶେଷରେ ରାତି ୯ଟା ବେଳେ ଶିବପାର୍ବତୀଙ୍କ ବିବାହ ଉତ୍ସବ ଆରମ୍ଭ ହୋଇଥିଲା। ମାଙ୍ଗଳିକ କାର୍ଯ୍ୟକ୍ରମ, ହୁଳୁହୁଳି ଏବଂ ଶଙ୍ଖ ନାଦରେ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହେଇଥିଲା। ଉକ୍ତ ବିବାହ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ, କମିଟିର ସଭାପତି କୃଷ୍ଣ ସିଂ, ଲକ୍ଷ୍ମଣ ରାଉତ, ଅନନ୍ତ ସେନାପତି, ଜ୍ଞାନରଞ୍ଜନ ମହାନ୍ତି, ରାଜେନ୍ଦ୍ର ପାତ୍ର, ଅଲେଖ ଦାସ, ଭରତ ମଲ୍ଲିକ, ଚିତ୍ତରଞ୍ଜନ ମିଶ୍ର, ସୁମନ୍ତ ପ୍ରଧାନ, କୁମାର ସ୍ୱାଇଁ, ବାବୁ ସିଂ, ବାବୁ ନାୟକ, ଟୁନା ପାତ୍ର, ଅଲେଖ ନାୟକ, ମୋହନ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଶୀତଳ ଷଷ୍ଠୀରେ ବରପିତା ପ୍ରେମାନନ୍ଦ ପୃଷ୍ଟି ଜ୍ୟୋତି ଶୀଦ୍ଧେଶ୍ୱର ଶିବ ମନ୍ଦିରରେ ଶିବ ପାର୍ବତୀଙ୍କୁ ପାଛୋଟି ନେଇ ପ୍ରତିଷ୍ଠା କରିଥିଲେ।

## ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର



ବୈପାରିଗୁଡ଼ା,୨।୬(ସମିସ): ବୈପାରିଗୁଡ଼ା ବ୍ଲକ ଅଧୀନ ଚେରକା ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ତଥା ଜନ ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନୂତନ ବିଡିଓ ଶକ୍ତି ମହାପାତ୍ର ଅଧକ୍ଷତା କରିଥିଲେ। ଜନଶୁଣାଣିରେ ମୋଟ ୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ଆରଡ଼ି ରାସ୍ତା ଏବଂ ବ୍ରିଜ୍, ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ମରାମତି ସହ ଚେରକାରେ ଏକଶହ ବିଶିଷ୍ଟ ଛାତ୍ରାବାସ ଆବଶ୍ୟକତା ରହିଥିବା ନେଇ ଦରଖାସ୍ତ ପ୍ରଦାନ କରାଯାଇଛି। ଏସବୁ ଅଭିଯୋଗ ଉପରେ ପ୍ରଶାସନ ଗୁରୁତ୍ୱ ଦେବା ସହ ଯଥାଶୀଘ୍ର ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି। ଏଥିରେ ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ଗୁପ୍ତା, ଏବିଡିଓ ନିବେଦିତା ଦଣ୍ଡସେନା, ଜିଲ୍ଲା ପରିଷଦ ସଭ୍ୟ ରାଜେଶ୍ୱର ମହୁରିଆ, ସହକାରୀ ଯନ୍ତ୍ରୀ ସୃଷ୍ଟି ସୁହାଷିନୀ ମଲ୍ଲିକ, ସରପଞ୍ଚ ବଳରାମ ପୂଜାରୀ, ସମିତି ସଭ୍ୟ, ପିଇଓ କାହ୍ନୁଚରଣ ଦଣ୍ଡସେନା, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ସମସ୍ତ ୱାର୍ଡର ସଭ୍ୟସଭ୍ୟାଙ୍କ ସହ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଉପସ୍ଥିତ ଥିବାବେଳେ ବିପିସି ପ୍ରଦୀପ ଆଚାର୍ଯ୍ୟ ପରିଚାଳନା କରିଥିଲେ।

## ମରାମତି ପାଇଁ ୬ ଘଣ୍ଟିଆ ବିଦ୍ୟୁତ୍ କାଟ୍

### ଅଧିକାଂଶ ସରକାରୀ କାର୍ଯ୍ୟାଳୟରେ କାମ ବନ୍ଦ

ଜୟପୁର,୨।୬(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହର ଏବଂ ଆଖପାଖ ଅଞ୍ଚଳରେ ସୋମବାର ପୂର୍ବାହ୍ନ ୮ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ବିଭାଗ ପକ୍ଷରୁ ବର୍ଷାଦିନ ପୂର୍ବରୁ ମରାମତି କରାଯିବା ନେଇ ପୂର୍ବ ଘୋଷଣା ଅନୁଯାୟୀ ବିଦ୍ୟୁତ୍ କାଟ କରାଯାଇଥିଲା। କିନ୍ତୁ ଏହିପରି ବିଦ୍ୟୁତ୍ କାଟ ଯୋଗୁଁ ସାଧାରଣ ଲୋକଙ୍କ ସମେତ ବ୍ୟବସାୟ ଏବଂ ସରକାରୀ ବେସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ ହେବାରେ ସମସ୍ୟା ଦେଖାଦେଇଛି। ଅନ୍ୟପକ୍ଷରେ ଜୟପୁର ପୌରସଂସ୍ଥା, ବ୍ୟାଙ୍କ ଏବଂ ଅନ୍ୟାନ୍ୟ କିଛି ଘରୋଇ କାର୍ଯ୍ୟାଳୟରେ ଜେନେରେଟର ଲଗାଇଯାଇ କାର୍ଯ୍ୟ କରାଯାଇଥିଲା। ଏହିପରି ସହରରେ ରହିଥିବା ଅଧିକାଂଶ କାର୍ଯ୍ୟାଳୟରେ ଜେନେରେଟର ନଥିବାରୁ ଅଧିକାଂଶ କାର୍ଯ୍ୟ କମ୍ପ୍ୟୁଟର ମାଧ୍ୟମରେ ହେଉଛି। ତେଣୁ କାର୍ଯ୍ୟାଳୟରେଗୁଡ଼ିକରେ କର୍ମଚାରୀମାନେ ଅନ୍ଧାରରେ ବସିଥିବା ବେଳେ କମ୍ପ୍ୟୁଟର କାର୍ଯ୍ୟ ହୋଇପାରିନଥିଲା। ତେଣୁ ଅଧିକାଂଶ କର୍ମଚାରୀ ଓ ଅଧିକାରୀମାନେ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିଲେ। ଏହିପରି ବର୍ତ୍ତମାନ ସକାଳୁଆ ଅଫିସ ଚାଲିଥିବା ବେଳେ ଅପରାହ୍ଣ ୨ ପୂର୍ବରୁ ହିଁ ସମସ୍ତ କର୍ମଚାରୀ ଘରକୁ ଚାଲିଯାଇଥିଲେ। ଜୟପୁର ସହରରେ ଜିଲ୍ଲା, ଉପଖଣ୍ଡ ଏବଂ ବ୍ଲକସ୍ତରୀୟ ଅଧିକାଂଶ କାର୍ଯ୍ୟାଳୟ ରହିଥିବା ବେଳେ ବିଦ୍ୟୁତ ସମସ୍ୟା ପାଇଁ ଅଧିକାଂଶ କାର୍ଯ୍ୟାଳୟରେ କାମ ହୋଇପାରିନଥିବା ନେଇ ସାଧାରଣ ଲୋକେ ଅସନ୍ତୋଷ ବ୍ୟକ୍ତ କରିଥିଲେ।

## ଗାଈ ଗୁହାଳ ପାଲଟିଛି ମୁଖ୍ୟରାସ୍ତା

କୋଷାଗୁମୁଡ଼ା,୨।୬(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍‌ର ମୁଖ୍ୟ ରାସ୍ତା ଉପରେ ପଲପଲ ଗାଈଗୋରୁ ରାତି ହେଲେ ଆଶ୍ରୟ ନେଉଛନ୍ତି। ମୁଖ୍ୟରାସ୍ତା ଉପରେ ଗାଈ ଶୋଇରହୁଥିବାରୁ ରାତ୍ରକାଳୀନ ପରିବହନ ଏବଂ ଲୋକଙ୍କ ଗମନାଗମନରେ ନାହିଁନଥିବା ଅସୁବିଧା ସହ ଦୁର୍ଘଟଣା ହେବାର ଆଶଙ୍କାରେ ସ୍ଥାନୀୟ ବଜାରର ଦୋକାନୀ ଓ ଗ୍ରାହକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି ପ୍ରତ୍ୟେକ ରାତିରେ ସ୍ଥାନୀୟ



ଗାଈଗୋରୁ ମୁଖ୍ୟ ରାସ୍ତା ଉପରେ ଶୋଇରହିବାର ନଜର ଆସିଛି। ଗାଈଗୋରୁଙ୍କ ମାଲିକ ଏଭଳି ଖୋଲା ଛାଡ଼ିଦେଉଥିବାରୁ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଯଦି ଏହାଉପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କିଛି ଜରିମାନାର କଟକଣା ଥିଲେ, ଗାଈଗୋରୁଙ୍କ ସେମାନଙ୍କ ମାଲିକମାନେ ଏଭଳି ରାସ୍ତାର ଛାଡିନଥାନ୍ତେ। ତୁରନ୍ତ ଏହାର ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଏବଂ ବଜାରର ବ୍ୟବସାୟୀ ଗଣ ପ୍ରଶାସନକୁ ନିବେଦନ କରିଛନ୍ତି।

## କଂଗ୍ରେସ ପକ୍ଷରୁ ମଦ ବିରୋଧୀ ଅଭିଯାନ



ଲକ୍ଷ୍ମୀପୁର,୨।୬(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର କଂଗ୍ରେସ ପକ୍ଷରୁ ବେଆଇନ ମଦକୁ ବିରୋଧ କରି ରାଜରାସ୍ତାକୁ ଓହ୍ଲାଇଥିବା ଦେଖିବାକୁ ମିଳିଛି। ଲକ୍ଷ୍ମୀପୁର ଯୁବ ବିଧାୟକ ପବିତ୍ର ସାଉଁନ୍ତାଙ୍କ ନେତୃତ୍ୱରେ ପ୍ରାୟ ୧ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ରେଳବାଇ ଛକରୁ ବ୍ଲକ୍ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ମଦ ବିକ୍ରିକୁ ବନ୍ଦ କରିବା ଦାବିକରି ଏକ ମେମୋରାଣ୍ଡମ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଅବକାରୀ କମିଶନଙ୍କ ଉଦ୍ଦେଶ୍ୟରେ ଲକ୍ଷ୍ମୀପୁର ବିଡିଓଙ୍କ ଦାୟିତ୍ୱରେ ଥିବା ମିଳନ ଝାଙ୍କରଙ୍କୁ ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରିଛନ୍ତି ଯେ, ବିଷାକ୍ତ ମଦ ବେଆଇନ ଭାବେ ବିକ୍ରି ହେଉଥିବାରୁ ଆମ ଅଞ୍ଚଳର ନିରୀହ ଆଦିବାସୀ, ଦଳିତ ଲୋକ ଏହାର ଶିକାର ହୋଇ ମୃତ୍ୟୁବରଣ କରୁଛନ୍ତି। ଯୁବପିଢ଼ି ଖରାପ ଦିଗକୁ ଯିବାସହ, ଅକାଳରେ ମୃତ୍ୟୁ ହେବାରୁ ମହିଳାଙ୍କ ମଥାରୁ ସିନ୍ଦୁର ଲିଭିଯାଉଛି ଏବଂ ସନ୍ତାନ ବାପାକୁ ହରାଉଛି। ଲୋକେ ମଦରେ ଏପରି ବଶବର୍ତ୍ତୀ ହେଇଛନ୍ତି ଯେ; ସରକାର ଦେଉଥିବା ଭତ୍ତା ଟଙ୍କା ହେଉ କିମ୍ବା ଚାଉଳକୁ ମଧ୍ୟ ବିକ୍ରିକରି ମଦପିଇ ଘରେ ଝଗଡ଼ା କରିବାରୁ ପରିବାର ଅଶାନ୍ତ ହେଉଛି। ସବୁ କାରଣର ମୂଳ ହେଉଛି ମଦ। ତେଣୁ କଂଗ୍ରେସ ଆଜି ରାଜରାସ୍ତାକୁ ଓହ୍ଲାଇଛି। ଏହାକୁ ସମର୍ଥନ ଜଣାଇ ରାୟଗଡ଼ା ବିଧାୟକ ଲକ୍ଷ୍ମୀପୁରରେ ମଦ ବିରୋଧୀ ଆନ୍ଦୋଳନରେ ଯୋଗଦେଇ ଲକ୍ଷ୍ମୀପୁରରୁ ଆରମ୍ଭ ହୋଇଛି ଏହି ଅଭିଯାନ। ସାରା କେବିକେ ଜିଲ୍ଲାରେ ଏହା ବ୍ୟାପକ ହେବ। ସରକାର ଯଦି ଆମ କଥା ନ ଶୁଣନ୍ତି ତେବେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ତୀବ୍ର କରିବ ବୋଲି କହିଛନ୍ତି। ଏହି ସମୟରେ ଲକ୍ଷ୍ମୀପୁର ଯୁବ ସଭାପତି ସାଂସଦ ପ୍ରତିନିଧି କୈଳାସ ଖୋସ୍ଲା, ଯୁବ ସଭାପତି ମୋଣ୍ଟି ଖୋରା, ଜିଲ୍ଲା ପରିଷଦ ସଭ୍ୟା ପିଙ୍କି ହିମରିକା ଏବଂ ୪ଟି ବ୍ଲକରୁ ଆସିଥିବା ମହିଳା, କଂଗ୍ରେସ କର୍ମୀ, ବ୍ଲକ ସଭାପତି ଓ ଅନ୍ୟମାନେ ଆନ୍ଦୋଳନରେ ଯୋଗଦେଇଥିଲେ।

## ୧୪ ହଜାର ସଦସ୍ୟତା ଲକ୍ଷ୍ୟରେ ଏବିଭିପି

କୋରାପୁଟ,୨।୬(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଆୟୋଜିତ



ହୋଇଛି। ସ୍ଥାନୀୟ ଗୁରୁକୁଳ ପ୍ଲେ-ସ୍କୁଲ ସଭାଗୃହରେ ଆୟୋଜିତ ସମ୍ମିଳନୀରେ ଓଡ଼ିଶା ପଶ୍ଚିମପ୍ରାନ୍ତର ରାଜ୍ୟ ଏସଏଫଡି ସଂଯୋଜକ ପ୍ରତ୍ୟୁଷ ରଞ୍ଜନ ଦାନୀ ଯୋଗଦେଇ ୨୦୨୫-୨୬ ଶିକ୍ଷା ବର୍ଷରେ କୋରାପୁଟ ଜିଲ୍ଲାରେ ୧୪ ହଜାର ସଦସ୍ୟତା ସଂଗ୍ରହ ଲକ୍ଷ୍ୟ ରଖାଯାଇଥିବା ସୂଚନା ଦେଇଛନ୍ତି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବିଶ୍ୱର ସବୁଠାରୁ ବଡ଼ ଛାତ୍ର ସଂଗଠନ। ଏବିଭିପି ୧୯୪୯ ମସିହା ଜୁଲାଇ ୯ ତାରିଖରୁ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ଅନବରତ ରାଷ୍ଟ୍ର ଏବଂ ଛାତ୍ର ହିତରେ କାମ କରୁଛି। ପ୍ରତିବର୍ଷ ଭଳି ଚଳିତ ଶିକ୍ଷା ବର୍ଷରେ ସଦସ୍ୟତା ଅଭିଯାନ ଜୁନ ମାସରୁ ଆରମ୍ଭ ହେବାକୁ ଯାଉଛି। ଚଳିତ ବର୍ଷ ଦୁର୍ଗାପୂଜା ପୂର୍ବରୁ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ କରିବାକୁ ରାଜ୍ୟ ସରକାର ଘୋଷଣା କରିଥିବାରୁ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପଶ୍ଚିମ ପ୍ରାନ୍ତର ଖେଳ ଭାରତ ପ୍ରମୁଖ ଦିବ୍ୟ ଜ୍ୟୋତି ନନ୍ଦ, ଜିଲ୍ଲା ଏସ୍‌ଏଫ୍‌ଏସ ସଂଯୋଜକ ରାଜା ପଣ୍ଡା, ଡିଏଭି ମହା ବିଦ୍ୟାଳୟ ଉପସଭାପତି ଜୟଶ୍ରୀ ବେହେରାଙ୍କ ସହ କୋରାପୁଟ ଜିଲ୍ଲା ଶାଖା ଏବିଭିପି ସଦସ୍ୟମାନେ ଉପସ୍ଥିତ ଥିଲେ।

## ନୂତନ ବିଡିଓଙ୍କୁ ସମ୍ବର୍ଦ୍ଧନା



ବୈପାରିଗୁଡ଼ା,୨।୬(ସମିସ): ବୈପାରିଗୁଡ଼ା ବ୍ଲକର ବିଡିଓ ଭାବେ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି ଶକ୍ତି ମହାପାତ୍ର। ପୂର୍ବତନ ବିଡିଓ ଅଭିମନ୍ୟୁ କବି ଶତପଥୀ ଚାକିରିରୁ ଅବସର ନେବାପରେ ଜୟପୁର ବିଡିଓ ଶ୍ରୀ ମହାପାତ୍ରଙ୍କୁ ବୈପାରିଗୁଡ଼ା ବ୍ଲକ୍ ଦାୟିତ୍ୱରେ ପଠାଯାଇଛି। ବର୍ତ୍ତମାନ ସେ ଉଭୟ ଜୟପୁର ଏବଂ ବୈପାରିଗୁଡ଼ା ବ୍ଲକ ବିଡିଓ ଦାୟିତ୍ୱରେ ରହିଛନ୍ତି। ନୂତନ ବିଡିଓ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଶକ୍ତି ମହାପାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ ଏବିଡିଓ ନିବେଦିତା ଦଣ୍ଡସେନା, ସହକାରୀ ଯନ୍ତ୍ରୀ ସୃଷ୍ଟି ସୁହାଷିନୀ ମଲ୍ଲିକ, କ୍ୟାସିୟର ମନୋଜ ବାରିକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ପାଢ଼ୀ, ଆରଡବ୍ଲୁଏସଏସ ଯନ୍ତ୍ରୀ ପ୍ରମୋଦ ସାହୁ, କାଠପଡ଼ା ଯନ୍ତ୍ରୀ ମିତା ବେସନଙ୍କ ସହ ପ୍ରତି ପଞ୍ଚାୟତର ଯନ୍ତ୍ରୀ, ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସ୍ୱାଗତ ଜଣାଯାଇଥିଲେ।

## ପବିତ୍ର ରେଜାଙ୍ଗଲା ମାଟି କଳସକୁ ଭବ୍ୟ ସ୍ୱାଗତ



ପାପଡ଼ାହାଣ୍ଡି,୨।୬(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ସହିଦ ମିନାରଠାରେ ଯାଦବ ସମାଜ ତରଫରୁ ପବିତ୍ର ରେଜାଙ୍ଗଲା ମାଟି କଳସକୁ କଂଗ୍ରେସ ପକ୍ଷରୁ ଭବ୍ୟ ସ୍ୱାଗତ କରିଛନ୍ତି। କଳସ ଯାତ୍ରା ସୁସଜ୍ଜିତ ରଥ ସହ ଏକ ବାଇକ୍ ରାଲି ପାପଡ଼ାହାଣ୍ଡି ସଦର ପରିକ୍ରମା କରି ନବରଙ୍ଗପୁର ଯାତ୍ରା କରିଥିଲେ। ଅଖିଳ ଭାରତବର୍ଷ ଯାଦବ ମହାସଭା, ଉତ୍କଳ ଯାଦବ ମହାସଭା ମିଳିତ ଆନୁକୂଲ୍ୟରେ ସହିଦ ମାଟି କଳସକୁ ସ୍ୱାଗତ କରି ମିଶନ ଅହୀର ଯାଦବ ରେଜୀମେଣ୍ଟ କରିବା ନେଇ ସମସ୍ତେ ଆହ୍ୱାନ କରିଛନ୍ତି। ୧୯୬୨ ଚୀନ ସହ ଯୁଦ୍ଧ ବେଳେ ମିଶନ ଅହୀର ଯାଦବ ରେଜୀମେଣ୍ଟର ୧୨୦ରୁ ଊର୍ଦ୍ଧ୍ୱ ଯବାନ ସହିଦ ହୋଇଥିଲେ। ମିଶନ ଅହୀର ଯାଦବ ରେଜୀମେଣ୍ଟ ସ୍ଥାପନ ପାଇଁ କେନ୍ଦ୍ର ସରକାରଙ୍କୁ ଦାବି କରିଛନ୍ତି। ସହିଦ ମାଟି କଳସ ଭାରତ ପରିଭ୍ରମଣ କରି ନଭେମ୍ବର ୧୮ ତାରିଖରେ ଦିଲ୍ଲୀ ପହଞ୍ଚି ରେଜିମେଣ୍ଟ ଗଠନ ପାଇଁ ଦୃଢ଼ ଦାବି ଉପସ୍ଥାପନା କରାଯିବାର କାର୍ଯ୍ୟକ୍ରମ ରହିଛି। ଏଅବସରରେ ଜିଲ୍ଲା କଂଗ୍ରେସ ଦଳ ସଭାପତି ଭୂଜବଳ ମାଝୀଙ୍କ ନେତୃତ୍ୱରେ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ସଭ୍ୟା ଲିପିକା ମାଝୀ, ଉମରକୋଟ ବିଧାୟକ ପ୍ରାର୍ଥୀ ସନରାଜ ଗୋଣ୍ଡ, ପାପଡ଼ାହାଣ୍ଡି କଂଗ୍ରେସ ଦଳ ସଭାପତି ଶ୍ରୀକାନ୍ତ ମିଶ୍ର, ନନ୍ଦାହାଣ୍ଡି ବ୍ଲକ୍ ସଭାପତି ବୃନ୍ଦାବନ ତ୍ରିପାଠୀ, ବି ବିକାଶ ରାଓ, ଉତ୍କଳ ଯାଦବ ମହାସଭା ସଭାପତି ମନୋଜ ମହାଙ୍କୋଡ, କୋରାପୁଟ ଅବିଭକ୍ତ ଜିଲ୍ଲା ସମ୍ପାଦକ ମୋତିରାମ ନାୟକ, ଯାଦବ ସମାଜ ଲୋକଙ୍କ ସହ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

## ଶ୍ମଶାନରେ ନଳକୂପ; ଶବଦାହ ଗୃହ ନିର୍ମାଣ ଦାବି

ମୈଦଲପୁର,୨।୬(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ମୈଦଲପୁର ସଦରସ୍ଥିତ ଶ୍ମଶାନ ପରିସରରେ ନଳକୂପ, ଶବଦାହ ଗୃହ ଓ ଆଲୋକୀକରଣ ବ୍ୟବସ୍ଥା ନଥିବାରୁ ମୃତଦେହ ଦାହ ବେଳେ ସ୍ଥାନୀୟ ବାସିନ୍ଦା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ୮୦୦ରୁ ଊର୍ଦ୍ଧ୍ୱ ଲୋକେ ବାସକରନ୍ତି। ପ୍ରଶାସନର ଅବହେଳା ପାଇଁ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳୁଛି ବୋଲି ଆଲୋଚନା ହେଉଛି। ତୁରନ୍ତ ଏହିସବୁ ବ୍ୟବସ୍ଥା କରିବାକୁ ମୈଦଲପୁର ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରାଙ୍କୁ ଯୋଗାଯୋଗ କରିବାରୁ ଅତିଶୀଘ୍ର ନୂତନ ନଳକୂପବ୍ୟବସ୍ଥାକରିବାସହଅନ୍ୟସମସ୍ୟାରସମାଧାନକରାଯିବବୋଲିକହିଛନ୍ତି।




## ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ

ପୋଡ଼ାଗଡ଼,୨।୬(ସମିସ):

କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧୀନ ଗାଦିଆଗୁଡ଼ା ପଞ୍ଚାୟତର ଆମ୍ବତୋଟାରେ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ନନ୍ଦପୁର ବ୍ଲକ୍‌ରେ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଦଶମନ୍ତପୁର ବ୍ଲକ୍‌ର ଗାଦିଆଗୁଡ଼ା ପଞ୍ଚାୟତକୁ ସାମାଜିକ ସମୀକ୍ଷା ଆଦର୍ଶ ପଞ୍ଚାୟତ ଭବେ ଚୟନ କରାଯାଇଥିଲା। ମନରେଗାରେ ହିତାଧିକାରୀ ଜଗନ୍ନାଥ ଦଂଗ୍ରି ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ।

ବ୍ଲକ ପ୍ରଶାସନ ପକ୍ଷରୁ ଆସିଷ୍ଟାଣ୍ଟ ଇଞ୍ଜିନିୟର ଦେବାଶିଷ ଷଡ଼ଙ୍ଗୀ ଉପସ୍ଥିତ ରହି ଆଲେଚନାରେ ଭାଗ ନେଇଥିଲେ। ଜିଲ୍ଲା ସାମାଜିକ ସମୀକ୍ଷକ ଅନୀଲ କୁମାର ମହାରଣା, ବ୍ଲକ ସାମାଜିକ ସମୀକ୍ଷକ ଭାରତ ମାଡିଂ, ଗାଦିଆଗୁଡ଼ା ସରପଞ୍ଚ ଆନନ୍ଦ ନାୟକ, ସମିତିସଭ୍ୟ ଅଭି ଜାନି, ଏଡିଓ ଜି ଜଗଦୀଶ, ଜେଇ ବିଶ୍ମିତା ନାୟକ, ଗୌତମ ଖୋସଲା, ଏପିଓ ମସିଦାସ ଖୋସ୍ଲା, ନାଏବ ସରପଞ୍ଚ ରୀନା ନାୟକ, ମେରି କଣ୍ଡପାଣ, ସମାଜସେବୀ ଭଗବାନ ବାରିକ, ନିବେଦିତା କୁଲଦୀପ, ଶେଷଧର ବିଶୋଇ, ଆନନ୍ଦ ସାଉଁତାଙ୍କ ସମେତ ସମସ୍ତ ପଞ୍ଚାୟତବାସୀ ଉପସ୍ଥିତ ଥିଲେ। ପଞ୍ଚାୟତରେ ମନରେଗାରେ କର୍ମ ନିଯୁକ୍ତି ଓ ଖାଦ୍ୟ ସୁରକ୍ଷା ଯୋଜନା ଉପରେ ଆଲେଚନା କରାଯାଇଥିଲା। ଖାଦ୍ୟ ସୁରକ୍ଷାରେ ମୃତ୍ୟୁବରଣ କରିଥିବା ହିତାଧିକାରୀଙ୍କୁ ବାଦଦେଇ ନୂତନ ହିତାଧିକାରୀମାନଙ୍କୁ ସାମିଲ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି।

ମନରେଗାରେ ସାମୂହିକ କାର୍ଯ୍ୟ, ରାସ୍ତା, ଜମି ମରାମତି ଓ ଜଳସେଚନ ଆଦି କାମ ସଫଳ ହେବା ନେଇ ପଞ୍ଚାୟତବାସୀ କହିଥିଲେ।

## ମରଣଯନ୍ତା ପାଲଟିଛି କଲଭର୍ଟ ପାର୍ଶ୍ୱରେ ଥିବା ଗର୍ତ୍ତ

କୋଷାଗୁମୁଡ଼ା,୨।୬(ସମିସ):



ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ ସଦର ମହକୁମାରୁ ପାପଡ଼ାହାଣ୍ଡିକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ମୁଖ୍ୟରାସ୍ତା ତଥା କୋଷାଗୁମୁଡ଼ା-ମାଉସୀ ମା' ମନ୍ଦିର ନିକଟସ୍ଥ କଲଭର୍ଟ ପାଶ୍ୱର୍ରେ ଥିବା ଗାତ ଏବେ ଯାନବାହାନ ପାଇଁ ମରଣଯନ୍ତା ପାଲଟିଛି। ଅନେକ ସମୟରେ ମଟରଚାଳକ ମାନେ ଏହି ଗାତରେ ପଡ଼ି ଲହୁଲୁହାଣ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ପ୍ରକାଶ ଥାଉକି, ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ଏହି ରାସ୍ତାଟି କୋଷାଗୁମୁଡ଼ାରୁ କୋଡ଼ୀଙ୍ଗା, ପାପଡ଼ାହାଣ୍ଡି, ନବରଙ୍ଗପୁର, ବସ୍ତର, କଳାହାଣ୍ଡି ଆଦି ଅଞ୍ଚଳକୁ ସଂଯୋଗ କରୁଥିବାରୁ ବିଶେଷ କରି ଅଞ୍ଚଳର ଶତାଧିକ ଯାନବାହାନ ଏହି ରାସ୍ତାଦେଇ ଯାତାୟାତ କରିଥାନ୍ତି। ରାସ୍ତା ଉପରେ ଯାନବାହାନ ଚଳାଚଳ ଅଧିକ ହେଉଥିବାରୁ ତାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ୨୮ କୋଟି ଟଙ୍କା ଖର୍ଚ୍ଚରେ ୨୦୨୪-୨୫ଆର୍ଥିକ ବର୍ଷରେ ପ୍ରଶସ୍ତିକରଣ କାର୍ଯ୍ୟ କରାଯାଇଥିବା ବେଳେ ପୂର୍ତ୍ତ ବିଭାଗ ଏହାର ଦାୟିତ୍ୱ ନେଇଥିଲା। ରାସ୍ତା ପ୍ରଶସ୍ତିକରଣ ହେବା ପରେ ରାସ୍ତା ଉପରେ ଅନେକ ଛୋଟ ବଡ଼ କଲଭର୍ଟ ମଧ୍ୟ ନିର୍ମାଣ କରାଯାଇଛି। ହେଲେ କୋଷାଗୁମୁଡ଼ାର ମାଉସୀ ମା' ମନ୍ଦିର ନିକଟରେ ଥିବା କଲଭର୍ଟ ପାଶ୍ୱର୍ରେ ବିରାଟ ଗାତ ସୃଷ୍ଟି ହୋଇଥିଲେ; ହେଁ

### ମରାମତି ପାଇଁ ଦାବି

ପୂର୍ତ୍ତ ବିଭାଗ ଅଣଦେଖା କରି ଛାଡ଼ି ଦେଇଛନ୍ତି ବୋଲି ଅଭିଯୋଗ ହେଉଛି। ରାସ୍ତାରେ ଚଳାଚଳ କରୁଥିବା ଯାନବାହାନ ପାଇଁ ଏହି ଗାତ ମରଣଯନ୍ତା ପାଲଟିଛି। ଅନେକ ସମୟରେ ବାଇକ୍‌ଆରୋହୀମାନେ ଉକ୍ତ ଗାତରେ ପଡ଼ି ଖଣ୍ଡିଆଖାବରା ହେଉଥିବା ଦେଖିବାକୁ ମିଳୁଛି। ତେଣୁ ଦୁର୍ଘଟଣା ଏଡ଼ାଇବାକୁ ହେଲେ ପ୍ରଶାସନ ତତ୍ପରତା ଦେଖେଇ ଏହି ଗର୍ତ୍ତକୁ ସମତୁଲ କରିବା ଅତି ଆବଶ୍ୟକ ରହିଛି; ବୋଲି ସାଧାରଣ ଲୋକେ ଦାବି କରିଛନ୍ତି।

## ରାୟଗଡ଼ା ମହିଳା ମହାବିଦ୍ୟାଳୟ ଛାତ୍ରୀ ପୁରସ୍କୃତ



ରାୟଗଡ଼ା,୨।୬(ସମିସ): ପୂଣ୍ୟଶ୍ଳୋକା ମହାରାଣୀ ଅହଲ୍ୟା ବାଈ ହୋଲକରଙ୍କ ୩୦୦ତମ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ରାୟଗଡ଼ା ମହିଳା ମହାବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ମୌନିକା ବୁ‡ୀ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ଯୋଗଦାନ ନିମନ୍ତେ ମନୋନୀତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅହଲ୍ୟା ବାଈ ହୋଲକରଙ୍କ ଜୀବନୀ ଓ ସୁଶାନ ସମ୍ପର୍କରେ ସୁଶ୍ରୀ ମୌନିକା ବୁ‡ୀ ଆଲୋକପାତ କରି ପୁରସ୍କୃତ ହୋଇଥିଲେ। ଏହି କୃତିତ୍ୱ ପାଇଁ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଅର୍ଚ୍ଚନା ପଟ୍ଟନାୟକଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଅଭିଭାବକ ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଅଗ୍ରଗତିର କାମନା କରିଛନ୍ତି। ଉକ୍ତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଭାଷା, ସାହିତ୍ୟ, ସଂସ୍କୃତି ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଅତିଥି ଭାବେ ଥିଲେ।

### ଅଧାରେ ଅଟକିଛି ଅଗଭୀର ନଳକୂପ ଖନନ କାର୍ଯ୍ୟ

# ୩ ବର୍ଷ ପରେ ବି ସରୁନି; ଜଳାଭାବରୁ କ୍ଷତି ସହୁଛନ୍ତି ଚାଷୀ

ଗୁଡାରୀ,୨।୬(ସମିସ):

କୃଷିର ଉନ୍ନତି ପାଇଁ ରାଜ୍ୟ ସରକାର କୃଷି ଏବଂ କୃଷକଙ୍କ ପାଇଁ ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। କିନ୍ତୁ ଠିକାଦାର ଓ ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀଙ୍କ ମନମାନି ଯୋଗୁଁ ଜମିକୁ ଜଳ ସେଚନ ବ୍ୟବସ୍ଥା ହୋଇ ପାରୁନାହିଁ। ଫଳରେ ଚାଷୀ ଜମିରେ ଜଳସେଚନ ପାଇଁ ଲଘୁଚାପ ବର୍ଷା ଓ ମୌସୁମୀ ଭରସାରେ ରହି ଅନେକ ସମୟରେ ଜଳାଭାବରୁ ଚାଷୀ କ୍ଷତି ସହୁଥିବା ଅଭିଯୋଗ ହୋଇଛି। ଚାଷ ଜମିରେ ଆବଶ୍ୟକୀୟ ଜଳାଭାବକୁ ଆଖି ଆଗରେ ରଖି ରାଜ୍ୟ ସରକାର ଉଠା ଜଳସେଚନ ମାଧ୍ୟମରେ ପ୍ରତ୍ୟେକ ୧୨ ହେକ୍ଟର ଜମିକୁ ଜଳ ସେଚନ ପାଇଁ ଅଗଭୀର ନଳକୂପ ବ୍ୟବସ୍ଥା କରିଛନ୍ତି। କିନ୍ତୁ ସରକାରଙ୍କ ଯୋଜନା କୃଷକର ପାଖରେ ପହଞ୍ଚିପାରୁନଥିବା ଅଭିଯୋଗ ହୋଇଛି। ଯାହାର ଏକ ବାସ୍ତବ ଚିତ୍ର ଗୁଡାରୀ ବ୍ଲକର ଶିରିଗୁଡ଼ା ଓ ଅସଡ଼ା ପଞ୍ଚାୟତରେ ଦେଖିବାକୁ ମିଳିଛି। ସୂଚନା ମୁତାବକ, ଗତ ୨୦୨୩-୨୪ ଆରଆଇଡିଏଫ୍ (ନାବାର୍ଡ) ସହାୟତାରେ ୧୯ ଲକ୍ଷ ୩୦ ହଜାର ୪୪୪ ଟଙ୍କା ବିନିଯୋଗରେ ପଟୁଗୁଡ଼ା, ଲକ୍ଷ୍ମଣଗୁଡ଼ାରେ ଜଳସେଚନ ପାଇଁ ପମ୍ପ ଗୃହ ଅଗଭୀର ନଳକୂପ ପାଇଁ ଯୋଜନା ହୋଇଥିଲା। ମୁନିଗୁଡ଼ା ଯୁଭାନ ଇଲେକ୍ଟ୍ରିକାଲ୍ସକୁ ଏହାର ନିର୍ମାଣ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପୋଟଗୁଡ଼ାରେ ଅଗଭୀର ନଳକୂପ ପମ୍ପ ଗୃହ କାମ ଶେଷ ହୋଇନଥିବା ବେଳେ ଏବେ ଇଲେକ୍ଟ୍ରି ବିଲ୍ ପୈଠ କରିବା ପାଇଁ କାଗଜ ଆସି ପହଞ୍ଚିଛି। ଗତ ୩ ବର୍ଷ ହେଲା ଏହି ଅଗଭୀର ନଳକୂପ କାର୍ଯ୍ୟ ଅଧାରେ ଅଟକିଥିବା ବେଳେ ଜଳାଭାବରୁ ଫସଲ ନଷ୍ଟ ହୋଇ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ବାରମ୍ବାର ନଳକୂପ ନିର୍ମାଣ କରିବା ପାଇଁ ଚେଷ୍ଟା କରି ଫେଲ ମାରିବା ପରେ ପମ୍ପ ହାଉସ ନିର୍ମାଣ କରିଥିବା ଠିକାଦାରଙ୍କ ଲୋକ



ଆସି କିଛି ମାସ ତଳେ ମୋଟର କାଢ଼ି ନେଇଯାଇଥିବା ଚାଷୀମାନେ କହିଛନ୍ତି। ସେହିପରି ଲକ୍ଷ୍ମଣଗୁଡ଼ାରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ସେଠାରେ ମଧ୍ୟ ଅଗଭୀର ନଳକୂପ କାମରେ ଆସୁନି। ଉଠା ଜଳସେଚନ ଏଆଇ ରାୟଗଡ଼ା ଏବଂ ଗୁଡାରୀ ଦାୟିତ୍ୱରେ ଥିବା ଯୋଗୁଁ କାର୍ଯ୍ୟାଳୟରେ ସେ କେଉଁ ସମୟରେ ମଧ୍ୟ ରହୁ ନଥିବା ସେଠାକାର ଲୋକମାନେ କହିଛନ୍ତି। ଅପରପକ୍ଷେ ଉଠାଜଳସେଚନ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଫୁଲବାଣି ବଦଳି ପରେ ଅତିରିକ୍ତ ଦାୟିତ୍ୱରେ ଉଠାଜଳସେଚନ ଗୁମୁଡ଼ା ଏସଡିଓ ରହିଛନ୍ତି। ଗୁମୁଡ଼ା ଉଠାଜଳସେଚନ ବିଭାଗର ଏସ୍‌ଡିଓ ବିଭୁତି ଭୂଷଣ ସ୍ୱାଇଁଙ୍କୁ ପଚାରିବାରୁ, ଅଗଭୀର ନଳକୂପ ନିର୍ମାଣ ବାବଦକୁ ସମ୍ପୂର୍ଣ୍ଣ ବିଲ ପୈଠ କରାଯାଇ ନାହିଁ, କାମ ସମ୍ପୁର୍ଣ୍ଣ ହେଲେ ହିଁ ଅର୍ଥ ଦିଆ ହେବ ବୋଲି କହିଛନ୍ତି। କିନ୍ତୁ ୩ ବର୍ଷ ଧରି ଚାଲିଥିବା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ କେବେ ଶେଷ ହେବ ସେନେଇ ସେ ସ୍ପଷ୍ଟ ଉତ୍ତର ରଖିନାହାନ୍ତି। ମାଟି ତଳେ ପାଣି ଅଭାବରୁ ଅଗଭୀର ନଳକୂପ କାମ ଶେଷ ହେଉନି ବୋଲି କହିବା ସହ ଚାଷୀଙ୍କ ସମସ୍ୟା ଆଗାମୀ ଦିନରେ ସମାଧାନ ହେବ ବୋଲି କହିଛନ୍ତି। ତେବେ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରା ନଗଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚାଷୀମାନେ ଚେତାବନୀ ଦେଇଛନ୍ତି। ଜିଲ୍ଲା ପ୍ରଶାସନ ଏହାର ତଦନ୍ତ କରି ଉଚିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

### ରଥଯାତ୍ରା ପ୍ରସ୍ତୁତି ବୈଠକ

# ପାର୍କିଂ ଓ ପରିମଳ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣକୁ ଗୁରୁତ୍ୱ

ରାୟଗଡ଼ା,୨।୬(ସମିସ):

ରାୟଗଡ଼ାର ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ରଥଯାତ୍ରା ଆୟୋଜନ ନେଇ ସୋମବାର ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜସ୍ୱ ବିଭାଗ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ ରମେଶ ଜେନା ଉପସ୍ଥିତ ରହିଥିଲେ। ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ ପୂର୍ବବର୍ଷମାନଙ୍କର ଆୟବ୍ୟୟ ଉପସ୍ଥାପନ କରିଥିଲେ। ଚଳିତବର୍ଷ ନିମନ୍ତେ ପାଣ୍ଠିର ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ ବିଭାଗ ତରଫରୁ କରାଯାଇଥିବା ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। କ୍ଷୁଦ୍ର ଜଳସେଚନ ଡିଭିଜନ ତରଫରୁ ରଥକୁ ରଙ୍ଗ ଦେବା କାମ କରାଯିବା ସହ ପୂର୍ତ୍ତ ବିଭାଗ ପକ୍ଷରୁ ରଥ ନିର୍ମାଣ ଓ ଫିଟନେସ ସାର୍ଟିଫିକେଟ ପ୍ରଦାନ କରାଯିବ।



ସେହିପରି ଜଗନ୍ନାଥ ମନ୍ଦିର ଭିତରେ ଗ୍ରାମ୍ୟ ନିର୍ମାଣ ବିଭାଗ ଓ ବାହାରେ ପୂର୍ତ୍ତ ବିଭାଗ ମିଳିତ ଭାବରେ ମରାମତି ଓ ରଙ୍ଗ କାର୍ଯ୍ୟ କରିବେ। ପୌର ପରିଷଦ ତରଫରୁ ପରିମଳ ବ୍ୟବସ୍ଥା ଏବଂ ଟ୍ରାଫିକ,ଗାଡି ପାର୍କିଂ ଓ ଆଇନ ଶୃଙ୍ଖଳା ରକ୍ଷା କରିବାକୁ ଜିଲ୍ଲା ପୋଲିସ ବିଭାଗକୁ କୁହାଯାଇଛି। ରଥଯାତ୍ରାର ଧାରା ବିବରଣୀ ପ୍ରସାର ଓ ପ୍ରଚାର ପାଇଁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗକୁ କୁହାଯାଇଥିଲା। ସ୍ୱାସ୍ଥ୍ୟଗତ ସମସ୍ୟା ଓ ଆମ୍ବୁଲାନ୍ସ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପିଇବା ପାଣି ବ୍ୟବସ୍ଥା ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଚଳିତ ରଥଯାତ୍ରାରେ ସାଜସଜ୍ଜା ଓ ଆକର୍ଷଣୀୟ କରିବାକୁ ସଦସ୍ୟମାନେ ବୈଠକରେ ଦାବି କରିଥିଲେ। ବୈଠକରେ ନଗରପାଳ ପି. ମହେଶ ପଟ୍ଟନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୌରହରି ସାହୁ, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଫୁଲ କୁମାର ପାଢ଼ୀ, ଜିଲ୍ଲା ଗ୍ରାମୀୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ, ଆଞ୍ଚଳିକ ପରିବହନ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ ବିଦ୍ୟୁତ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ସହକାରୀ ଯନ୍ତ୍ରୀ, ପୌର ନିର୍ବହୀଅଧିକାରୀ କୁଲଦୀପ କୁମାର, ଅତିରିକ୍ତ ତହସିଲଦାର, ଅଗ୍ନୀଶମ ଅଧିକାରୀ ରମେଶ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ, ରାଜ ପୁରୋହିତ ବିରଞ୍ଚି ନାରାୟଣ ଦାଶ, ସେବାୟତ ସୁନୀଲ ଚନ୍ଦ୍ର ପଣ୍ଡା, ବଚନିକା ସେବାୟତ ରଞ୍ଜନ ରଥ, ସତ୍ୟବାଦୀ ପତି, ସୁଜିତ ପଣ୍ଡା, ମହେନ୍ଦ୍ର ରଥ , ସଚିଦାନନ୍ଦ ଖାଡଙ୍ଗା, ସୁରେଶ ଚନ୍ଦ୍ର ପଣ୍ଡା , ବିନାୟକ କର , ପ୍ରଭାକର ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ତହସିଲଦାର ଧନ୍ୟବାଦ ଅର୍ପଣ କରିଥିଲେ।

## 'ସ୍ୱାନ ଏବଂ ପ୍ରାରମ୍ଭିକ ପାଣିରୁ ବୁଡ଼ିବା ଉଦ୍ଧାର କୌଶଳ' ତାଲିମ




ରାୟଗଡ଼ା,୨।୬(ସମିସ): ରାୟଗଡ଼ା ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରରେ 'ସ୍ୱାନ ଏବଂ ପ୍ରାରମ୍ଭିକ ପାଣିରୁ ବୁଡିବା ଉଦ୍ଧାର କୌଶଳ' ତାଲିମ କାର୍ଯ୍ୟକ୍ରମ ସୋମବାର ଶୁଭାରମ୍ଭ ହୋଇଛି। ଜିଲ୍ଲାପାଳ ପାରୁଲ ପଟୱାରୀ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାଏକ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ମନୋଜ କୁମାର ନାହାକ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ପ୍ରଦୋଶ ରଞ୍ଜନ ଜେନା, ରାୟଗଡ଼ା ଦ୍ୱିତୀୟ ଆଇଆରବିଏନ୍, ଓଡ୍ରାଫ ଦଳ ଓ ପ୍ରଶିକ୍ଷଣାର୍ଥୀ ଉପସ୍ଥିତ ଥିଲେ। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ଓଡ୍ରାଫ ଟିମ ବିଭିନ୍ନ ବିଷୟରେ ଶିକ୍ଷା ପ୍ରଦାନ କରିଛନ୍ତି। ପ୍ରଥମ ବ୍ୟାଚ୍‌ରେ ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟର ୩୦ ଜଣ ଏନ୍‌ସିସି କ୍ୟାଡେଟ୍ ଅଛନ୍ତି। ଏଥିରେ ଜିଲ୍ଲାରୁ ୩୦୦ ଜଣ ପ୍ରାପ୍ତ ବୟସ୍କ ପ୍ରଶିକ୍ଷଣ ନେବେ। ସାତ ଦିନ ଧରି ଚାଲିବାକୁ ଥିବା ଏହି ଆବାସିକ ପ୍ରଶିକ୍ଷଣରେ ପ୍ରଶିକ୍ଷଣାର୍ଥୀଙ୍କୁ ସ୍ୱାନ କ୍ଷୀୟ କ୍ଷମତା, ପାଣି ସମ୍ପର୍କିତ ବିପଦ ପରିସ୍ଥିତିର ମୁକାବିଲା, ପାଣିରେ ବୁଡିବା ବେଳେ ଉଦ୍ଧାର କୌଶଳ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ମନୋଜ କୁମାର ନାହାକ ପ୍ରକାଶ କରିଛନ୍ତି।

## ୫୫ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ



ରାୟଗଡା,୨।୬(ସମିସ): ସୋମବାର ରାୟଗଡା ଜିଲ୍ଲା ସଦର ମହକୁମାସ୍ଥିତ ଜିଲ୍ଲା ପରିଷଦ ସଦଭାବନା ସଭାଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ରାୟଗଡା ଜିଲ୍ଲାପାଳ ପାରୁଲ ପାଟାଓରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଉପ ଜିଲ୍ଲାପାଳ ରମେଶ କୁମାର ଜେନା, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଫୁଲ୍ଲ କୁମାର ପାଢ଼ୀ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୫୫ଟି ଅଭିଯୋଗର ଜିଲ୍ଲାପାଳ ଶୁଣାଣି କରିଥିଲେ। ସେଥିମଧ୍ୟରୁ ୫୩ ଟି ବ୍ୟକ୍ତିଗତ ଓ ୩ଟି ସାମୂହିକ ଅଭିଯୋଗ ଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୧ ଜଣଙ୍କୁ ୧ ଲକ୍ଷ ୧୮ ହଜାର ଟଙ୍କାର ଆର୍ଥିକ ସହାୟତା ଜିଲ୍ଲାପାଳ ପ୍ରଦାନ କରିଥିଲେ। ବିଶେଷ କରି ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟଗତ ସମସ୍ୟା, ଜମାଜମା, ପାରିବାରିକ ସମସ୍ୟା, ଜଳସେଚନ, ଭତ୍ତା, ରାସ୍ତା ନିର୍ମାଣ, ପୋଲ ନିର୍ମାଣ ଓ ଅଙ୍ଗନବାଡି ଗୃହ ନିର୍ମାଣ ସହ ଅନ୍ୟାନ୍ୟ ସମସ୍ୟା ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଜିଲ୍ଲାପାଳ ଉପସ୍ଥିତ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ବିଭାଗୀୟ ଅଧିକାରୀ ମାନଙ୍କୁ ଅଭିଯୋଗ ଗୁଡିକର ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।

## କନେଷ୍ଟବଲଙ୍କ ଉପରେ ମାଡିଗଲା ଟ୍ରକ୍

ରାୟଗଡ଼ା,୨।୬(ସମିସ): ରାୟଗଡ଼ା ସହରର ରାମକୃଷ୍ଣ ନଗର ଛକରେ ଜଣେ କନେଷ୍ଟବଲଙ୍କ ଉପରେ ଟ୍ରକ୍ ମାଡିଯିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ଆହତ କନେଷ୍ଟବଲ ହେଲେ ଶରତ ଚନ୍ଦ୍ର ବିଶିମାଝି (୪୫)। ସେ ରାୟଗଡ଼ା ଅଦାଲତରେ ନିୟୋଜିତ ଥିଲେ। ସକାଳ ୭ ଟା ବେଳେ ଶରତ ଅଦାଲତକୁ ଡ୍ୟୁଟି ପାଇଁ ଯାଉଥିବା ବେଳେ ଆନ୍ଧ୍ରପ୍ରଦେଶ ଆଡକୁ ଯାଉଥିବା ଟ୍ରକ୍(ଏପି -୩୯-ଟିବି-୧୧୬୬) ନିୟନ୍ତ୍ରଣ ହରାଇ ତାଙ୍କ ଉପରେ ମାଡ଼ି ଯାଇଥିଲା। ଶରତଙ୍କ ବାଇକ୍(ଓଡି-୧୮-୮ ୯୪୯) ଟ୍ରକ ତଳକୁ ପଶିଯାଇଥିଲା। ରାସ୍ତାରେ ଯାଉଥିବା କିଛି ଲୋକ ଶରତଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଟ୍ରକ୍ ଚାଳକ ଦୁର୍ଘଟଣା ପରେ ଫେରାର ହୋଇଯାଇଛି। ଘଟଣା ଯୋଗୁଁ ରାସ୍ତାରେ ଯାତାୟତ ଦୀର୍ଘ ସମୟ ଧରି ବାଧାପ୍ରାପ୍ତ ହୋଇଥିଲା। ପୁଲିସ ପହଞ୍ଚି ଟ୍ରକ୍‌କୁ ଜବତ କରି ଥାନାକୁ ନେଇଥିବା ଜଣାପଡ଼ିଛି।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି



ଚନ୍ଦ୍ରପୁର,୨।୬(ସମିସ): ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ୍ ପିସ୍କାପଙ୍ଗା ଗ୍ରାମପଞ୍ଚାୟତ ପରିସରରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଫୁଲମାଇ କ୍ରାଡିକାଙ୍କ ସଂଯୋଜନାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ୟକାନ୍ତ ବୋଗାଲ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଅଧିକ୍ଷଣ ଯନ୍ତ୍ରୀ ବିଶ୍ୱଜିତ ମିଶ୍ର, ସମ୍ମାନିତ ଅତିଥି ଭାବେ ନାଏବ ସରପଞ୍ଚ କୃଷ୍ଣ ଚନ୍ଦ୍ର ବ୍ରେଡେକା, ସମିତି ସଭ୍ୟ ଆକୁମାଝି ଗଗେରେଙ୍ଗା। ଭାରପ୍ରାପ୍ତ ଜିପିଓ ରାଜେନ୍ଦ୍ର ପାଳ ଓ ପିଓ ସଚିନ୍ ହିଆଲ୍ ଉପସ୍ଥିତ ଥିଲେ। ମାତ୍ର ୨ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ବାର୍ଦ୍ଧକ୍ୟ ଭତ୍ତା, ନଳକୂପ ମରାମତି ନେଇ ହୋଇଥିବା ଅଭିଯୋଗର ଶୀଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ବୋଗାଲ୍ ପରାମର୍ଶ ଦେଇଥିଲେ। କିନ୍ତୁ କୌଣସି ଲାଇନ୍ ବିଭାଗର ଅଫିସର ଯୋଗ ଦେଇନଥିବାରୁ ବିଡିଓ ଅସନ୍ତୋଷ ବ୍ୟକ୍ତ କରିବା ସହ ତାଗିଦ୍ କରିଥିବା ଦେଖିବାକୁ ମିଳିଥିଲା। ଏହି ଜନଶୁଣାଣି ଶିବିରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାଳକୃଷ୍ଣ ବିହାରୀ, ବିଏସ୍‌ଏସ୍‌ର ବିକାଶ ନାୟକ, ଡିଓ ସୁବାସ ବୈଦ୍ୟଭୂଷଣ ଉପସ୍ଥିତ ଥିଲେ।

# ଆର୍ଥିକ ସହାୟତା ପାଇଁ ଜିଲ୍ଲାପାଳଙ୍କୁ ନିବେଦନ କଲେ କୁମନ୍ତି

ରାୟଗଡ଼ା,୨।୬(ସମିସ): ଦୀର୍ଘ ଦୁଇ ବର୍ଷ ଧରି କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ଆଦିବାସୀ ଯୁବତୀ କୁମନ୍ତି ହିମିରିକା କଟକ ସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ବିଭିନ୍ନ ବାବଦରେ ସେ ଅଧିକ ଖର୍ଚ୍ଚାନ୍ତ ହୋଇପଡିଛନ୍ତି। ଆଉ ଚିକିତ୍ସା ଜାରି ରଖିବା ପାଇଁ ସେ ସକ୍ଷମ ହୋଇ ପାରୁ ନ ଥିବାରୁ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ସେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଆର୍ଥିକ ସହାୟତା ପାଇଁ ନିବେଦନ କରିଛନ୍ତି। ରାୟଗଡ଼ା ଜିଲ୍ଲା ସଦର ବ୍ଲକ ପିପଲଗୁଡା ଗ୍ରାମର କୁମନ୍ତି ବାପା ଛେଉଣ୍ଡ ହୋଇଥିବା ବେଳେ ନିଜ ଭାଇଙ୍କ ଘରେ ରହି ଆସୁଛନ୍ତି। ସୋମବାର ରାୟଗଡ଼ାଠାରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଆସିବାରେ ବିଳମ୍ବ ହେବାରୁ ସେ ଜିଲ୍ଲାପାଳଙ୍କୁ ଭେଟି ପାରି ନ ଥିବା ବେଳେ ନିଜ ଦରଖାସ୍ତ ଦାଖଲ କରିଥିବା କହିଛନ୍ତି। କୁମନ୍ତି କର୍କଟ ରୋଗରେ ଆକ୍ରାନ୍ତ ଥିବାରୁ ଦୀର୍ଘ ଦିନ ଧରି ତାଙ୍କର ଚିକିତ୍ସାର ଆବଶ୍ୟକ ପଡିବ ବୋଲି ଡାକ୍ତର କହିଛନ୍ତି। ସେ ଜଣେ ଗରିବ ଓ ଆର୍ଥିକ ଅନଗ୍ରସର ଯୁବତୀ ହୋଇଥିବା ବେଳେ କଟକକୁ ଚିକିତ୍ସା ପାଇଁ ଯିବା ଆସିବା, ସେଠାରେ ରହିବା,ଖାଇବା, ଚିକିତ୍ସା ଓ ଔଷଧ ବାବଦକୁ ହେଉଥିବା ଖର୍ଚ୍ଚ ଅତ୍ୟନ୍ତ ବ୍ୟୟବହୁଳ ଓ କଷ୍ଟ ଦାୟକ ହୋଇପଡିଛି। ସରକାରଙ୍କ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଗଲେ ସେ ଉପକୃତ ହେବା ସହ ନିଜର ଚିକିତ୍ସା ଜାରି ରଖିପାରିବେ ବୋଲି ଦରଖାସ୍ତରେ ଉଲ୍ଲେଖ କରିଛନ୍ତି। ଆଜି ଏହି ଦରଖାସ୍ତ ଦେବା ସମୟରେ ପିପଲଗୁଡା ସରପଞ୍ଚ ରେଣୁକା ମାଣ୍ଡାଙ୍ଗି, ସମିତି ସଭ୍ୟ ଅନନ୍ତ ପୁଆଲା ଏବଂ ଅଞ୍ଚଳର ସମାଜସେବୀ ସତ୍ୟବାନ୍ ମାଣ୍ଡାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ।



## 'ଆମ ଗାଁ ଆମ୍ବ ପସରା' ଉଦ୍‌ଘାଟିତ



ରାୟଗଡ଼ା,୨।୬(ସମିସ): ରାୟଗଡ଼ା ଜିଲ୍ଲା ସଦର ମହକୁମାର ସ୍ଥାନୀୟ ଜନଜାତି ଜଗତ କେନ୍ଦ୍ର ସମ୍ମୁଖ ଏବଂ ଜେକେପୁର ଠାରେ ଆଜି ଠାରୁ ଓରମାସ ପକ୍ଷରୁ ଖୋଲାଯାଇଛି 'ଆମ ଗାଁ ଆମ୍ବ ପସରା'। ଏହି ଆମ୍ବ ମେଳା ଆସନ୍ତା ୬ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଚାଲିବ। ଆଜି ଏହି ଆମ୍ବ ପସରାକୁ ରାୟଗଡ଼ା ଜିଲ୍ଲାପାଳ ପାରୁଲ ପଟୱାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିସହ ଏହାର ପ୍ରଚାର ପ୍ରସାର ପାଇଁ ଏକ ରଥକୁ ମଧ୍ୟ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ରାୟଗଡା ଜିଲ୍ଲାର କାଶିପୁର,ବିଷମକଟକ, ମୁନିଗୁଡା,ରାୟଗଡ଼ା, କୋଲନରା,ଗୁଣପୁର ଭଳି ବ୍ଲକ ଗୁଡିକରେ ବିଭିନ୍ନ କୃଷକ ଉତ୍ପାଦକ ସଂସ୍ଥା, ଏସଏଚଜି ଗ୍ରୁପ, ଉତ୍ପାଦକ ସଂସ୍ଥା କମ୍ପାନୀ, ଧରଣୀପେନୁ ସଂସ୍ଥା ଚାଷୀମାନଙ୍କ ଠାରୁ ଆମ୍ବ ସଂଗ୍ରହ କରି ସୁଲଭ ମୂଲ୍ୟରେ ଏହି ଆମ୍ବ ମେଳାରେ ବିକ୍ରି କରୁଛନ୍ତି। ଏହି ଅବସରରେ ରାୟଗଡ଼ା ଜିଲ୍ଲା ସମେତ ରାଜ୍ୟ ଓ ରାଜ୍ୟ ବାହାର ତଥା ଆର୍ନ୍ତଜାତୀୟ ବଜାରରେ ମଧ୍ୟ ରାୟଗଡ଼ା ଜିଲ୍ଲାର ଆମ୍ବର ଢେର ଚାହିଦା ରହିଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏହାଦ୍ୱାରା ଜିଲ୍ଲାର ୯ ଗୋଟି କୃଷକ ଉତ୍ପାଦକ ସଂସ୍ଥାଙ୍କ ସମେତ ଏସଏଚଜୀ ଗ୍ରୁପ୍ ମହିଳାମାନେ ବହୁ ମାତ୍ରାରେ ଲାଭ ପାଇ ଉପକୃତ ହୋଇପାରୁଥିବା ଜିଲ୍ଲାପାଳ କହିଛନ୍ତି। ସେହିପରି ଭାକୁରଗୁଡା ଉଦ୍ୟାନ ପାର୍କ ପରିସରରେ ଜରାଜୀର୍ଣ୍ଣ ଅବସ୍ଥାରେ ପଡିଥିବା ଆମ୍ବ ହବ୍‌କୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଆଗାମୀ ଦିନରେ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ରାୟଗଡ଼ା ଓରମାସ ଉପ ନିର୍ଦ୍ଦେଶକ ମନୋଜ କୁମାର ପାତ୍ର ଚଳିତ ବର୍ଷ ପାଣିପାଗରେ କିଛିଟା ପରିବର୍ତ୍ତନ ଯୋଗୁଁ ବହୁ ପରିମାଣରେ ଆମ୍ବ ଉତ୍ପାଦ ହୋଇ ପାରି ନଥିବା କହିଛନ୍ତି। ତଥାପି ବିଭିନ୍ନ କିସମର ଆମ୍ବ ମଧ୍ୟରେ ଆମରପାଲି, ତୋଟାପୁରୀ, ବାଇଗଣପଲି, ଦେଶରୀ, ସୁନ୍ଦରୀ, ମଲ୍ଲିକା ଭଳି ସ୍ୱାଦିଷ୍ଟ ଆମ୍ବ ଏହି ଆମ୍ବ ପସରାରେ ସ୍ଥାନୀୟ ବଜାର ଠାରୁ ସୁଲଭ ଏବଂ ଜୈବିକ ପ୍ରକ୍ରିୟାରୁ ଗ୍ରାହକଙ୍କ ପାଇଁ କୃଷକ ଉତ୍ପାଦକ ଗୋଷ୍ଠୀ ପକ୍ଷରୁ ବିକ୍ରି କରାଯାଉଛି ବୋଲି ପ୍ରକାଶ କରିଛନ୍ତି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରମେଶ ଜେନା, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝି, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଦୟାନିଧି ରାଉତ, ତହସିଲଦାର ଶ୍ରୀମତୀ ପ୍ରିୟଦର୍ଶନୀ ସ୍ୱାଇଁ, ପୌର ନିର୍ବାହୀ ଅଧିକାରୀ କୁଲଦୀପ କୁମାର, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ବସନ୍ତ ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଅନ୍ଧତ୍ୱ ଓ ଡାଏଲେସିସ୍‌ରେ କଟୁଛି ଜୀବନ

# ଚିକିତ୍ସା ସହାୟତା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ନାରମା

ରାୟଗଡ଼ା,୨।୬(ସମିସ): ନିଜ ୫୭ବର୍ଷୀୟ ସ୍ତ୍ରୀ ନାରମା କୌଶଲ୍ୟାଙ୍କ ଦୁଇଟି କିଡନୀ ସହ ଦୁଇଟି ଆଖି ଖରାପ ହେତୁ ଚିକିତ୍ସା ନିମନ୍ତେ ସହାୟତା ଓ ମିଳୁଥିବା ଭତ୍ତା ବୃଦ୍ଧି କରିବା ପାଇଁ ନିଜ ସ୍ତ୍ରୀ ନାରମାଙ୍କ ସହ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ସ୍ୱାମୀ ସହଦେବ କୌଶଲ୍ୟା। ସୋମବାର ରାୟଗଡ଼ାଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ପାରୁଲ ପଟୱାରୀଙ୍କୁ ସାକ୍ଷାତ କରି ଆର୍ଥିକ ସହାୟତା ପାଇଁ ଗୁହାରି କରିଛନ୍ତି ଗରିବ ଦମ୍ପତି। ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ଦୁଦିଲି ପଞ୍ଚାୟତ ପାତ୍ରପୁଟ ଗ୍ରାମ ନିବାସୀ ତଥା ବର୍ତ୍ତମାନ କେଉଟଗୁଡା ଷ୍ଟେସନ ନିକଟରେ ରହୁଥିବା ସହଦେବ କୌଶଲ୍ୟାଙ୍କ ସ୍ତ୍ରୀ ନାରମାଙ୍କ ଗତ ୫ବର୍ଷ ତଳେ ଦୁଇଟି କିଡ୍‌ନୀ ଖରାପ ହୋଇଥିବା ବେଳେ ଧୀରେ ଧୀରେ ସେ ଅନ୍ଧତ୍ୱର ଶିକାର ହୋଇଥିଲେ। ଏପରିକି ଆଖି



ଅସ୍ତ୍ରୋପ୍ରଚାର ପରେ ମଧ୍ୟ କୌଣସି ସୁଫଳ ମିଳଲା ନାହିଁ। ଏଭଳି ସ୍ଥିତିରେ କୁଲି କାମ କରି ଅତି ଦୁର୍ଦ୍ଦଶାରେ ଜୀବନ ବିତାଉଥିବା ସହଦେବଙ୍କ ଉପରେ ସ୍ତ୍ରୀ ନାରାମାଙ୍କ ଚିକିତ୍ସାର ବୋଝ ଅଧିକ ଜଟିଳ ହୋଇପଡିଛି। ତଥାପି ସେ ହାର ନ ମାନି ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ନିଜ ସ୍ତ୍ରୀଙ୍କୁ ଦୀର୍ଘ ୨ବର୍ଷ ହେବ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାଏଲେସିସ୍ କେନ୍ଦ୍ରରେ ପ୍ରତି ସପ୍ତାହକୁ ୩ଥର ଡାଏଲେସିସ୍ କରାଉଛନ୍ତି। ତେବେ ରାୟଗଡ଼ାକୁ ସପ୍ତାହକୁ ୩ଥର ଯିବା ଆସିବାରେ ପ୍ରାୟତଃ ୧ ହଜାର ଟଙ୍କା ଖର୍ଚ୍ଚାନ୍ତ ହେବାକୁ ପଡୁଥିବା ବେଳେ କୁଲିମଜୁରୀ କରି ଚଳୁଥିବା ସହଦେବଙ୍କ ପାଇଁ ଏହା କଷ୍ଟକର ହୋଇପଡିଛି। ସ୍ତ୍ରୀଙ୍କୁ ମିଳୁଥିବା ୧ ହଜାର ଟଙ୍କା ଭତ୍ତା ଟଙ୍କା ମଧ୍ୟ ନିଅଣ୍ଟ ହେଉଛି। ତେଣୁ ରୋଗ ଉପଶମ ପାଇଁ ବାହାରକୁ ଯାଇ ଉଚ୍ଚ ଚିକିତ୍ସା ନିମନ୍ତେ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ମିଳୁଥିବା ଭତ୍ତାକୁ ବୃଦ୍ଧି କରିବା ପାଇଁ ଜିଲ୍ଲାପାଳଙ୍କୁ ଗୁହାରୀ କରିଛନ୍ତି ଦମ୍ପତି। ତେବେ ଆଜି ପ୍ରଶାସନ ପକ୍ଷରୁ କୌଣସି ସହାୟତା ପାଇ ନ ଥିବା ସହଦେବ ଜଣାଇଥିବା ବେଳେ ମଙ୍ଗଳବାର ରାୟଗଡ଼ା ଆସିବାକୁ ପ୍ରଶାସନିକ ଅଧିକାରୀ କହିଥିବା ସହଦେବ କହିଛନ୍ତି।

# ଡକାୟତି ଗ୍ୟାଙ୍ଗର ଚୋରା ବନ୍ଧୁକ କାରବାର

- ମାଷ୍ଟରମାଇଣ୍ଡ ସମେତ ୬ ଗିରଫ
- ପିସ୍ତଲ, ଗୁଳି, ଖଣ୍ଡା ସମେତ ଅନ୍ୟ ସାମଗ୍ରୀ ଜବତ



ରାଉରକେଲା,୨।୬(ସମିସ): ବନ୍ଧମୁଣ୍ଡାର ପ୍ରେମନଗର ଅଞ୍ଚଳରେ ଚାଲିଥିବା ଏକ ବଡ଼ଧରଣର ଡକାୟତି ଯୋଜନାକୁ ପଣ୍ଡ କରିଛି ରାଉରକେଲା ପୁଲିସ। ଏହି ଘଟଣାରେ ପୁଲିସ ପୂରା ଘଟଣାର ମାଷ୍ଟରମାଇଣ୍ଡ ସମେତ ୬ ଡକାୟତଙ୍କୁ ଗିରଫ କରିଛି। ଚଢ଼ଉ ବେଳେ ସେମାନଙ୍କଠାରୁ ବିପୁଳ ପରିମାଣର ଗୁଳି, ବନ୍ଧୁକ, ଖଣ୍ଡା ଆଦି ମାରଣାସ୍ତ୍ର ଜବତ ହୋଇଛି। ଏହାସହ ସେମାନଙ୍କ ଦ୍ୱାରା ଦୀର୍ଘ ଦିନ ଧରି ଚାଲିଥିବା ବନ୍ଧୁକ ଚୋରାକାରବାରର ମଧ୍ୟ ପୁଲିସ୍ ପର୍ଦ୍ଦାଫାସ୍ କରିଛି।

ବନ୍ଧମୁଣ୍ଡା ଥାନାଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର ଅଧିକ ସୂଚନା ଦେଇ କହିଛନ୍ତି, ବନ୍ଧମୁଣ୍ଡା ଥାନା ପ୍ରେମନଗର ପଡ଼ିଆରେ କିଛି ଦୁର୍ବୃତ୍ତ ଏକ ବଡ଼ଧରଣର ଡକାୟତି ଯୋଜନା କରୁଥିବା ପୁଲିସ୍‌କୁ ସୂଚନା ମିଳିଥିଲା। ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ପୁଲିସ୍ ଟିମ୍ ଚଢ଼ଉ କରିଥିଲା। ତେବେ ସମସ୍ତେ ପୁଲିସକୁ ଦେଖି ଦୌଡ଼ି ପଳାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଉକ୍ତ ଘଟଣାରେ ପୁଲିସ ୬ ଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ସେମାନେ ହେଲେ, ବନ୍ଧମୁଣ୍ଡା ଥାନା ସେକ୍ଟର ସି, ୧୦ ନମ୍ବର ବସ୍ତିର ସିଧୁ ତନ୍ତୀ ଓରଫ୍ ବିଟୁ (୨୮), ସେକ୍ଟର ସି ଗୁଣ୍ଡିଚାପାଲି ବସ୍ତିର ଅଂଶୁ କୁମାର ଲାଲ (୨୨), ସେକ୍ଟର ଡି ଅଞ୍ଚଳର ୱାଇ କ୍ରିଷ୍ଣା (୨୬), ସେକ୍ଟର୍-ସି ହନୁମାନଗଡ଼ର ଅଜୟ ପଟ୍ଟନାୟକ ଓରଫ୍ ବାବୁ (୩୦), ସେକ୍ଟର୍-ସି ୧୦ ନମ୍ବର ବସ୍ତିର ବିବେକ ମୋଦକ୍ (୩୬) ଓ ଗୁଣ୍ଡିଚାପାଲିର ଅନଟୁ ମୁଖୀ (୪୩)। ଗିରଫ ବିଟୁ ତନ୍ତୀ ହେଉଛି ମାଷ୍ଟରମାଇଣ୍ଡ। ସେମାନଙ୍କଠାରୁ ୪ଟି ପିସ୍ତଲ, ଗୋଟିଏ ରିଭଲଭର, ୪ଟି ଖାଲି ମାଗାଜିନ୍, ୧୫ଟି ଜୀବନ୍ତ ଗୁଳି, ୨ଟି ଖଣ୍ଡା, ଗୋଟିଏ ଲୁହା ଛଡ଼, ଗୋଟିଏ କ୍ରୋ ବାର, ଗୋଟିଏ ଟର୍ଚ୍ଚ, ୫ଟି ମୋବାଇଲ ଓ ୬ଟି ଖାଲି ବିଅର ବୋତଲ ଜବତ କରାଯାଇଛି।

ଜେରା ବେଳେ ସେମାନେ ବନ୍ଧୁକ ଚୋରା କାରବାର କରୁଥିଲେ ବୋଲି ପୁଲିସ୍ ନିକଟରେ ସ୍ୱୀକାର କରିଛନ୍ତି। ଏହି ଘଟଣାର ମୁଖ୍ୟ ନାୟକ ବିଟୁ ତନ୍ତୀ ବୋଲି ପୁଲିସ ଜାଣିବାକୁ ପାଇଛି। ସେ ଜଣେ କୁଖ୍ୟାତ ଅପରାଧୀ ହୋଇଥିବା ବେଳେ ତା' ପାଇଁ ଏକ ବଡ଼ଧରଣର ଗ୍ୟାଙ୍ଗ୍ କାମ କରୁଥିବା ଜଣାପଡ଼ିଛି। ଝାଡ଼ଖଣ୍ଡ ଓ ବିହାର ରାଜ୍ୟର ବିଭିନ୍ନ ସ୍ଥାନରୁ ବେଆଇନ ବନ୍ଧୁକ କମ୍ ମୂଲ୍ୟରେ ଆଣି ରାଉରକେଲାରେ ଚଢ଼ା ମୂଲ୍ୟରେ ବିକ୍ରି କରି ମାଲାମାଲ ହେଉଥିଲା ବିଟୁ। ତା' ନାଁରେ ଓଡ଼ିଶା ଓ ଝାଡ଼ଖଣ୍ଡର ବିଭିନ୍ନ ଥାନାରେ ୩୪ଟି ମାମଲା ରହିଥିବା ଅତିରିକ୍ତ ଏସ୍‌ପି ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି। ସେହିପରି ଗିରଫ ଅଂଶୁ ନାଁରେ ଗୋଟିଏ, ଅଜୟ ନାଁରେ ଦୁଇଟି, ଅନଟୁ ନାଁରେ ଗୋଟିଏ ମାମଲା ରହିଛି। ତେବେ ଏହି ଗ୍ୟାଙ୍ଗ୍‌ରେ ଅନ୍ୟ କେଉଁମାନେ ସାମିଲ ଅଛନ୍ତି, କେମିତି ସୀମା ଅତିକ୍ରମ କରି ରାଉରକେଲାକୁ ବନ୍ଧୁକ ଆସୁଥିଲା; ଏଭଳି ବିଭିନ୍ନ ଦିଗକୁ ନେଇ ପୁଲିସ୍ ତଦନ୍ତ ଜାରି ରଖିଛି। ଏହି ଅବସରରେ ଜୋନାଲ ଡିଏସ୍‌ପି ଅମରେନ୍ଦ୍ର ଷଣ୍ଢ, ଇନ୍ସପେକ୍ଟର୍ ଶ୍ରୀକାନ୍ତ ଖମାରୀ, ଏସ୍‌ଆଇ ମନୋଜ ବାରା, ସିଦ୍ଧାନ୍ତ ପ୍ରଧାନ, ଅର୍ଜୁନ ସେଠୀ, ଏଏସ୍‌ଆଇ ରତ୍ନାକର ମୁଣ୍ଡା, ସଞ୍ଜିତା ସାମଲ, ସରୋଜ ପୁହାଣ ସମେତ ଅନ୍ୟ ଥାନା କର୍ମଚାରୀ ଚଢ଼ଉରେ ସାମିଲ ହୋଇଥିଲେ।

# ଦଳ ବିରୋଧୀ କାର୍ଯ୍ୟ; ଢେଙ୍କାନାଳ ସଦର ବ୍ଲକ ପୂର୍ବ ବିଜେଡି ସଭାପତି ନିଲମ୍ବିତ

ଭୁବନେଶ୍ୱର,୨।୬(ସମିସ): ଦଳ ବିରୋଧୀ ଗତିବିଧିରେ ସଂପୃକ୍ତି ଥିବା କାରଣରୁ ଢେଙ୍କାନାଳ ସଦର ବ୍ଲକର ପୂର୍ବତନ ବିଜେଡି ସଭାପତି ବିଭୁ ପ୍ରସାଦ ଦେହୁରୀଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ଏ ସଂପର୍କରେ ବିଜେଡିର ବରିଷ୍ଠ ଉପସଭାପତି ପ୍ରତାପ ଜେନାଙ୍କ ଦସ୍ତଖତ ସମ୍ବଳିତ ଏକ ନିର୍ଦ୍ଦେଶନାମା ସୋମବାର ଦଳ ପକ୍ଷରୁ ପ୍ରକାଶ ପାଇଛି।

## ସୁଧୁରୁନି ଓଏସ୍ଏସ୍‌ସି ପରୀକ୍ଷା ବ୍ୟବସ୍ଥା

# ଏଲ୍‌ଟିଆର୍ ସଂସ୍କୃତ ପରୀକ୍ଷାରେ ବି ବିଭ୍ରାଟ

- ଇଂରାଜୀ ଅନୁବାଦ ଜେରକ୍ସର ଗୋପନୀୟତା ନେଇ ପ୍ରଶ୍ନବାଚୀ
- ସିରିଏଲ୍ ନମ୍ବର ସହ ପ୍ରଶ୍ନପତ୍ର ପ୍ୟାକେଟ୍ ଫଟୋ ଭାଇରାଲ୍
- ପୁନଃ ପରୀକ୍ଷା ସହ ଯାଞ୍ଚ କରିବାକୁ ଆଶାୟୀଙ୍କ ଦାବି

ଭୁବନେଶ୍ୱର,୨।୬(ସମିସ): ଓଡ଼ିଶା ପ୍ରବରଣ ଆୟୋଗ (ଓଏସ୍ଏସ୍‌ସି) ପରୀକ୍ଷାରେ ବାରମ୍ବାର ବିଭ୍ରାଟ ଦେଖିବାକୁ ମିଳୁଛି। କେବଳ ଲିଭ୍ ଟ୍ରେନିଂ ରିଜର୍ଭ (ଏଲ୍‌ଟିଆର୍) ପରୀକ୍ଷାରେ ଏକାଧିକ ବିଭ୍ରାଟ ପଦାକୁ ଆସିଛି। ଗତ ୧୫ ତାରିଖରେ ଅନୁଷ୍ଠିତ ଏଲ୍‌ଟିଆର୍ ହିନ୍ଦୀ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ଦେଖାଦେଇଥିଲା। ୨୦ଟି ପେଡାଗୋଜୀ ଆଣ୍ଡ ଇଭାଲୁଏସନ୍ ପ୍ରଶ୍ନ ଉଭୟ ଇଂରାଜୀ ଓ ହିନ୍ଦୀରେ ଆସିବାର ଥିବା ବେଳେ କେବଳ ହିନ୍ଦୀ ଭାଷାରେ ପ୍ରଶ୍ନ ପଚାରାଯାଇଥିଲା। ଅନୁରୂପ ଭାବେ ୧୭ ତାରିଖରେ ଅନୁଷ୍ଠିତ ସଂସ୍କୃତ ପରୀକ୍ଷାରେ ବିଭ୍ରାଟ ହୋଇଛି। ପ୍ରଶ୍ନପତ୍ରରେ ୨୦ଟି ପେଡାଗୋଜୀ ଆଣ୍ଡ ଇଭାଲୁଏସନ୍ ପ୍ରଶ୍ନ ଉଭୟ ଇଂରାଜୀ ଓ ସଂସ୍କୃତରେ ଆସିବାର ଥିବା ବେଳେ କେବଳ ସଂସ୍କୃତ ଭାଷାରେ ପ୍ରଶ୍ନ ଥିଲା। ଏହାର ଇଂରାଜୀ ଅନୁବାଦ ଅନ୍ୟ କାଗଜରେ ଜେରକ୍ସ କରି ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିଲା। ଯାହାର ବୈଧତା ଓ ଗୋପନୀୟତାକୁ ନେଇ ପରୀକ୍ଷାର୍ଥୀମାନେ ପ୍ରଶ୍ନ ଉଠାଇଛନ୍ତି। ସେହିପରି ପ୍ରଶ୍ନପତ୍ର ପ୍ୟାକେଟ୍‌ର ଫଟୋ ବାହାରକୁ ଆସିବା ପରେ ପରୀକ୍ଷା କେନ୍ଦ୍ରରେ ମୋବାଇଲ୍ ବ୍ୟବହାର ହୋଇଥିବା ଆଶଙ୍କା ଆଶାୟୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

ଏଲ୍‌ଟିଆର୍ ହିନ୍ଦୀ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ସାମ୍ନାକୁ ଆସିବା ପରେ ଏହାକୁ ପୁନଃ ପରୀକ୍ଷା କରିବା ପାଇଁ ଏସ୍ଏସ୍‌ସି ନିଷ୍ପତ୍ତି ନେଇଛି। ଏହାପରେ ସମାନ ତ୍ରୁଟି ଥିବାରୁ ସଂସ୍କୃତ ପ୍ରଶ୍ନପତ୍ରର ଇଂରାଜୀ ଅନୁବାଦ କରି ତାହାର ଜେରକ୍ସ କପି ପରୀକ୍ଷାର୍ଥୀଙ୍କୁ ଦିଆଯାଇଛି। ହେଲେ ଜେରକ୍ସଗୁଡ଼ିକରେ କୌଣସି ବନ୍ଦ ପ୍ୟାକେଟ୍‌ରେ ନଥିଲା। ପରୀକ୍ଷକମାନେ ହାତରେ ଆଣି ତାକୁ ପରୀକ୍ଷାର୍ଥୀଙ୍କୁ ବାଣ୍ଟିଥିବା ବେଳେ ବଳକା ପ୍ରଶ୍ନପତ୍ର ତାଙ୍କ ପାଖରେ ରଖିଥିଲେ। ପରୀକ୍ଷାର୍ଥୀଙ୍କ କହିବା କଥା, ପ୍ରତି ପିଲାଙ୍କ ପିଛା ଗୋଟିଏ ଲେଖାଏଁ ପ୍ରଶ୍ନପତ୍ର ଛପା ଯାଉଥିବା ବେଳେ ଇଂରାଜୀ ଅନୁବାଦର କପି କାହିଁକି ଅଧିକ କରାଯାଇଥିଲା? ପୁଣି ସେଗୁଡ଼ିକ ପରୀକ୍ଷା ପୂର୍ବରୁ ଖୋଲା ଥିବାରୁ ତାହାର ଗୋପନୀୟତା ନେଇ ପ୍ରଶ୍ନ ଉଠାଇଛନ୍ତି। ହିନ୍ଦୀ ପରୀକ୍ଷାରେ ପ୍ରଶ୍ନପତ୍ର ତ୍ରୁଟି ପଦାକୁ ଆସିବା ପରେ ତୁରନ୍ତ ସଂସ୍କୃତ ପରୀକ୍ଷା ପାଇଁ ଇଂରାଜୀ ଅନୁବାଦ କରାଯାଇ ରାତିଅଧିଆ ଜେରକ୍ସ କରାଯାଇ ପିଲାଙ୍କୁ ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଫଳରେ ଅତି କମ୍‌ରେ ୨୦ ପ୍ରଶ୍ନପତ୍ର ପରୀକ୍ଷା ପୂର୍ବରୁ ପ୍ରଘଟ ହୋଇଥିବା ବହୁ ଆଶାୟୀ ଅଭିଯୋଗ କରିଛନ୍ତି।

ଅପରପକ୍ଷରେ ପ୍ରଶ୍ନପତ୍ର ପ୍ୟାକେଟ୍ ଉପରେ ଲାଗୁଥିବା ପ୍ରଶ୍ନପତ୍ର ବୁକ୍‌ଲେଟ୍ ତଥ୍ୟର ଏକ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବା ପରେ ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍ ଯାଉଥିବା ଆଶଙ୍କା ଜୋର୍ ଧରିଛି। ଭାଇରାଲ୍ ଫଟୋରେ ୪୭୧୧୮୪ ଠାରୁ ୪୭୧୨୦୭ ପର୍ଯ୍ୟନ୍ତ ସିରିଏଲ୍ ନମ୍ବର ବିଶିଷ୍ଟ ୨୪ଟି ବୁକ୍‌ଲେଟ୍ ଥିବା ଉଲ୍ଲେଖ ରହିଛି। ପରୀକ୍ଷାର୍ଥୀଙ୍କ ଅଭିଯୋଗ ହେଲା, ପରୀକ୍ଷା କେନ୍ଦ୍ରରେ ମୋବାଇଲ୍ ବ୍ୟବହାର କରିବାକୁ ଉଭୟ ପରୀକ୍ଷକ ଓ ପରୀକ୍ଷାର୍ଥୀଙ୍କୁ ବାରଣ କରାଯାଇଥିବା ବେଳେ ପ୍ରଶ୍ନପତ୍ର ପ୍ୟାକେଟ୍ ଫଟୋ ବାହାରକୁ ଆସିଲା କିପରି କିପରି? ଏକ ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ପ୍ରଥମେ ଏହି ଫଟୋଟି ପକାଇଥିବା ବ୍ୟକ୍ତିଙ୍କୁ ଅନ୍ୟ ଆଶାୟୀମାନେ ପ୍ରଶ୍ନ କଲା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ନମ୍ବର ସେବେଠାରୁ ସୁଇଚ୍-ଅଫ୍ ହୋଇଯାଇଥିବା ଅନ୍ୟ ଜଣେ ପରୀକ୍ଷାର୍ଥୀ ଦୁର୍ଗାମାଧବ ଅଭିଯୋଗ କରିଛନ୍ତି। ଏପରିକି, ରାଜଧାନୀ ମହାବିଦ୍ୟାଳୟ ପରୀକ୍ଷାକେନ୍ଦ୍ରରେ ପର୍ଯ୍ୟାପ୍ତ ଯାଞ୍ଚ କରାଯାଇ ନଥିବାରୁ ପରୀକ୍ଷା ହଲ୍‌କୁ ମୋବାଇଲ୍ ନେଇ କିଛି ପିଲା ଉତ୍ତର ଲେଖୁଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି।

ଓଏସ୍ଏସ୍‌ସି ପରିଚାଳିତ ପରୀକ୍ଷାରେ ବାରମ୍ବାର ବିଭ୍ରାଟ ଆଶାୟୀଙ୍କ ମଧ୍ୟରେ ନିରାଶା ଭାବ ଖେଳାଇଛି। ଚାକିରି ବିକ୍ରି କରିବାକୁ ଏବଂ ନିର୍ଦ୍ଦିଷ୍ଟ ପିଲାଙ୍କୁ କୃତକାର୍ଯ୍ୟ କରିବାକୁ ବହୁ ଗଳାବାଟ ପ୍ରସ୍ତୁତ କରାଯାଇଥିବା ସାମାଜିକ ଗଣମାଧ୍ୟମ 'ଏକ୍ସ' ଓ ୟୁଟ୍ୟୁବ୍‌ରେ ପ୍ରତିକ୍ରିୟା ରଖୁଛନ୍ତି। ଏହାର ଯାଞ୍ଚ କରିବା ସହ ହିନ୍ଦୀ ପରି ସଂସ୍କୃତ ପରୀକ୍ଷାର ୨୦ଟି ପେଡାଗୋଜୀ ଆଣ୍ଡ ଇଭାଲ୍ୟୁସନ୍ ପ୍ରଶ୍ନକୁ ଆଉଥରେ ପରୀକ୍ଷା କରିବାକୁ ଆଶାୟୀମାନେ ଦାବି କରିଛନ୍ତି।

**ବାଲି ମାଫିଆଙ୍କ ଦୌରାତ୍ମ୍ୟ**

# ଥାନା ଆଗରେ ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ

କପ୍ତିପଦା, ୨।୬(ସମିସ): ରାଜ୍ୟରେ ଭୁଶୁଡ଼ି ପଡ଼ିଲାଣି ଆଇନଶୃଙ୍ଖଳା। ସାଧାରଣଲୋକଙ୍କ କଥା ପଚାରେ କିଏ; ଅତିରିକ୍ତ ତହସିଲଦାରଙ୍କ ଭଳି ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ବି ସୁରକ୍ଷିତ ନୁହଁନ୍ତି। ଦିନ ଦି'ପହରେ ଥାନା ଗେଟ୍ ଆଗରେ ଆଜି ଜଣେ ଅତିରିକ୍ତ ତହସିଲଦାରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ୧୦ରୁ ଊର୍ଦ୍ଧ୍ୱ ବାଲିମାଫିଆ ସଂଘବଦ୍ଧ ଭାବେ ତାଙ୍କ କଲର୍ ଧରି ଘୋଷାଡ଼ି ଘୋଷାଡ଼ି ମାଡ଼ ମାରିବା ସହ ଟେକା, ପଥର ଫିଙ୍ଗି ତାଙ୍କ ଗାଡ଼ିକୁ ଭାଙ୍ଗିରୁଜି ଚୂରମାର୍ କରିଦେଇଛନ୍ତି। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ସମ୍ମୁଖରେ ଆଜି ଘଟିଥିବା ଏହି ଘଟଣା ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଆକ୍ରମଣର ଶିକାର ହୋଇଛନ୍ତି କପ୍ତିପଦା ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀ। ସୋମବାର ସକାଳେ ଶ୍ରୀ ମାଝୀ ବେଆଇନ ବାଲି ଚୋରାଚାଲାଣ ଧରପଗଡ଼ ପାଇଁ କାର୍ଯ୍ୟାଳୟରୁ ନିଜ କାର୍ ଧରି ବାହାରିଥିଲେ। ଏହି ସମୟରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମାଫିଆମାନେ ତାଙ୍କୁ ଅଟକାଇ ଧମକଚମକ ଦେଇଥିଲେ। ପରେ ତାଙ୍କୁ ଘେରିଯାଇ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ତେବେ କୌଶଳକ୍ରମେ ସେ ସେଠାରୁ ଖସି ଯାଇ କପ୍ତିପଦା ଥାନାକୁ ପଳାଇ ଆସିଥିଲେ। ଅଭିଯୁକ୍ତମାନେ ମଧ୍ୟ ତାଙ୍କୁ ପିଛା କରି ସେଠାରେ ପହଞ୍ଚି ଯାଇଥିଲେ। କିନ୍ତୁ, ସେହି



ସମୟରେ ଥାନା ଗେଟ୍ ବନ୍ଦ ଥିବା ଦେଖି ମାଫିଆମାନେ ଆହୁରି ଉଗ୍ର ହୋଇଉଠିଥିଲେ ଏବଂ ସେମାନେ ଶ୍ରୀ ମାଝୀଙ୍କୁ ଆକ୍ରମଣ କରିଥିଲେ। ଦୁର୍ବୃତ୍ତମାନେ ତାଙ୍କ କଲର୍ ଧରି କାର୍‌ରୁ ଘୋଷାଡ଼ି ଆଣିବା ସହ ନିସ୍ତୁକ ମାଡ଼ ମାରିଥିଲେ। ଏହାସହ ତାଙ୍କ ଗାଡ଼ିକୁ ଇଟା ଓ ପଥର ମାଡ଼ କରି ଭାଙ୍ଗି ଚୂରମାର୍ କରି ଫେରାର୍ ହୋଇଯାଇଥିଲେ।

ପରେ ଏ ସଂପର୍କରେ ଅତିରିକ୍ତ ତହସିଲଦାର ଅଭିଯୋଗ କରିବା ପରେ ଉପଖଣ୍ଡ ପୁଲିସ୍ ଅଧିକାରୀ ଏକ ଟିମ୍ ଗଠନ କରି ମାଫିଆଙ୍କୁ ଧରିବା ପାଇଁ ତନାଘନା ଚଳାଇଛି। କିନ୍ତୁ ଖବର ଲେଖା ହେବା ବେଳକୁ ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ।


**ଓମ୍‌ଫେଡ୍‌ର ଘୋଷଣା**

# ଚାଷୀଙ୍କୁ ମିଳିବ କ୍ଷୀର ଲିଟର ପିଛା ଅଧିକ ୩ ଟଙ୍କା

ଭୁବନେଶ୍ୱର,୨।୬(ସମିସ): ଜୁନ ୧ ତାରିଖରୁ ଦୁଗ୍ଧ ଚାଷୀଙ୍କୁ ଲିଟର ପିଛା ୩ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରିବ ଓମ୍‌ଫେଡ୍। ଦିନକ ତଳେ ରାଜ୍ୟସ୍ତରୀୟ ଦୁଗ୍ଧ ଦିବସ ଉତ୍ସବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ତତ୍‌କ୍ଷଣାତ୍ କାର୍ଯ୍ୟକାରୀ କରିଛି ଓମ୍‌ଫେଡ୍। କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଏହାକୁ ଘୋଷଣା କରିଛନ୍ତି। ସରକାର କ୍ଷୀର ଲିଟର ପିଛା ୨ ଟଙ୍କା ଓ ଓମ୍‌ଫେଡ୍ ୨ ଟଙ୍କା ପ୍ରଦାନ କରିବ। ମୋଟ ୪ ଟଙ୍କା ମଧ୍ୟରୁ ଚାଷୀଙ୍କୁ ୩ ଟଙ୍କା ମିଳିବ ଓ ଅବଶିଷ୍ଟ ୧ ଟଙ୍କା କ୍ଷୀର ସଂଗ୍ରହ ସମବାୟ ସମିତି ଓ ମିଲ୍କ ଫେଡ଼େରେସନ ଏକ ଟଙ୍କା ପାଇବ। ସେହିପରି ବର୍ତ୍ତମାନ ଗ୍ରାହକଙ୍କ ପାଇଁ କ୍ଷୀର ଦର ବୃଦ୍ଧି ହେବ ନାହିଁ। ଓମ୍‌ଫେଡ୍ କମିଟି ବୈଠକରେ ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପରେ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀ କୁଲାଙ୍ଗେ କହିଛନ୍ତି। ରବିବାର ମୁଖ୍ୟମନ୍ତ୍ରୀ ଓମଫେଡ୍ ଦୁଗ୍ଧ ଚାଷୀଙ୍କ ପାଇଁ ଲିଟଲ ପିଛା ୩ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି। ଏହା ଫଳରେ ରାଜ୍ୟର ୨.୫୦ ଲକ୍ଷ ଚାଷୀ ଉପକୃତ ହେବେ। ଏ ବାବଦରେ ରାଜ୍ୟ ସରକାର ୪୦ରୁ ୪୨ କୋଟି ଟଙ୍କା ବାର୍ଷିକ ବ୍ୟୟ କରିବେ। ଏଥିପାଇଁ ଓମଫେଡ୍ ଏବଂ ଓମଫେଡ୍ ଦୁଗ୍ଧ ଚାଷୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପୂର୍ବରୁ ଦୁଗ୍ଧର ତିରୋଟ ସମୟରେ (ସେପ୍ଟେମ୍ବରରୁ ଫେବୃଆରୀ) ୬ ମାସ ପାଇଁ ଦୁଗ୍ଧର ମାନ ଅନୁଯାୟୀ ଓମଫେଡ୍ ଦୁଗ୍ଧ ଚାଷୀମାନଙ୍କୁ ୧ରୁ ୫ ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ସିଧାସଳଖ ଡିବିଟି ମାଧ୍ୟମରେ ପ୍ରଦାନ କରାଯାଉଥିବା ନିର୍ଦ୍ଦେଶକ କହିଛନ୍ତି।



**ଗ୍ରାହକଙ୍କ ପାଇଁ କ୍ଷୀର ଦର ବୃଦ୍ଧି ନିଷ୍ପତ୍ତି ନେବ କମିଟି**



ସୋମବାର ଶ୍ରୀମନ୍ଦିର ଆକାଶରେ ଭସା ବାଦଲ (ଫଟୋ-ଅନିଲ)

**ବଢୁଛି କୋଭିଡ୍ ସଂକ୍ରମଣ**

# ବିନା ଭକ୍ତରେ ହେବ କି ରଥଯାତ୍ରା ?

ପୁରୀ, ୨।୬(ସମିସ): ରାଜ୍ୟରେ ଧୀରେଧୀରେ ବଢୁଛି କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା। ଯଦିଓ ସଂକ୍ରମଣ ବର୍ତ୍ତମାନ ଚିନ୍ତାଜନକ ନୁହେଁ, କିନ୍ତୁ କେତେବେଳେ ବି ଏହା ବିସ୍ଫୋରଣ ରୂପ ନେଇପାରେ। ତେଣୁ ଆଗୁଆ ସତର୍କ ରହିବା ଜରୁରୀ। ଏଥିପାଇଁ ଷ୍ଟାଣ୍ଡାର୍ଡ ପ୍ରୋଟୋକୋଲ ମାନିବାକୁ ପରାମର୍ଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ। ଏଭଳି ସ୍ଥିତିକୁ ଦେଖିଲେ ଏଥର ବିନା ଭକ୍ତରେ ହେବ କି ରଥଯାତ୍ରା ବୋଲି ଏକପ୍ରକାର ଚର୍ଚ୍ଚା ଆରମ୍ଭ ହେଲାଣି।

କରୋନା ପାଇଁ ୨୦୨୦ ଏବଂ ୨୦୨୧ ରଥଯାତ୍ରା କାଣ୍ଟଛାଣ୍ଟ ହୋଇଥିଲା। ୨୦୨୦ ମସିହାର ରଥଯାତ୍ରା ଇତିହାସ ରଚିଥିଲା। କରୋନାର ଭୟାବହତା ଭିତରେ ରଥଯାତ୍ରା ହେବ କି ନାହିଁ, ସେନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ଆଇନଗତ ଲଢ଼େଇ ବି ଚାଲିଥିଲା। ଶେଷ ମୁହୂର୍ତ୍ତରେ କେବଳ ପୁରୀ ରଥଯାତ୍ରାକୁ ସର୍ତ୍ତମୂଳକ ଅନୁମତି ଦେଇଥିଲେ ସୁପ୍ରିମ୍‌କୋର୍ଟ। ବିନା ଭକ୍ତରେ ଏବଂ ସମସ୍ତଙ୍କ ସହଯୋଗରେ ବଡ଼ଦାଣ୍ଡରେ ଗଡ଼ିଥିଲା ତିନିରଥ। ଡହଡହ ଖରାରେ ସେବାୟତମାନେ ଖାଲି ପାଦରେ ରଥ ଟାଣିଥିଲେ। ମହାପ୍ରଭୁଙ୍କ ରଥଯାତ୍ରାଠୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି ସୁଚାରୁ ରୂପେ ସମ୍ପାଦନ ହୋଇଥିଲା। ୨୦୨୧ରେ ମଧ୍ୟ ସେଭଳି ସ୍ଥିତି ଉପୁଜିଥିଲା। କରୋନାର ଦ୍ୱିତୀୟ ଲହର ଭୟର ବାତାବରଣ ସୃଷ୍ଟି କରିଥିଲା। ରଥଯାତ୍ରା ସମୟକୁ ପ୍ରତିଦିନ ରାଜ୍ୟରୁ ହଜାର ହଜାର ସଂଖ୍ୟାରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହେଉଥିଲେ। ତେଣୁ ୨୦୨୦ ଭଳି ବିନା ଭକ୍ତରେ ବଡ଼ଦାଣ୍ଡରେ ଗଡ଼ିଥିଲା ତିନିରଥ। କେବଳ ସେବାୟତମାନେ ହିଁ ରଥ ଟାଣିଥିଲେ। ଏହାପରେ ୩ ବର୍ଷ ସ୍ୱାଭାବିକ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଏବେ ପୁଣି ଡରାଇଲାଣି କରୋନା।

ସମ୍ପ୍ରତି ଦେଶରେ ଏବେ ଉପରମୁହାଁ କରୋନାଗ୍ରାଫ୍। ଯଦିଓ ଓଡ଼ିଶାରେ କୋଭିଡ୍ ସ୍ଥିତି ଏତେଟା ବିଚଳିତ କଲା ଭଳି ନୁହେଁ, କିନ୍ତୁ ସଂକ୍ରମଣ କେଉଁ ମୁହୂର୍ତ୍ତରେ ବି ବଢ଼ିଯାଇପାରେ। ଏହାକୁ ନଜରରେ ରଖି ଆଗୁଆ ସତର୍କ ହେଲାଣି ସ୍ୱାସ୍ଥ୍ୟ ବିଭାଗ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ରଥଯାତ୍ରା ପାଇଁ ଦିନେ ଦୁଇଦିନ ମଧ୍ୟରେ ସମୀକ୍ଷା ହେବ। ଏହି ସମୀକ୍ଷା ବୈଠକ ପରେ ନିଷ୍ପତ୍ତି ନିଆଯିବ। ଏହି ନିଷ୍ପତ୍ତିକୁ ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପନ କରାଯିବ। ସେମାନେ ହିଁ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ତେବେ ରାଜ୍ୟବାସୀଙ୍କୁ ସତର୍କ ରହିବା ଲାଗି ଆହ୍ୱାନ ଦେଇଛି ସ୍ୱାସ୍ଥ୍ୟ ବିଭାଗ। ଷ୍ଟାଣ୍ଡାର୍ଡ ପ୍ରୋଟୋକଲ୍ ମାନିବାକୁ ପରାମର୍ଶ ଜାରି କରିଛି। ଲୋକଙ୍କୁ ଗହଳିକୁ ନ ଯିବାକୁ ପରାମର୍ଶ ଦିଆଯାଇଥିବା ବେଳେ ହାତ ଧୋଇବା, ଗ୍ଲୋବ୍‌ସ ପିନ୍ଧିବା ଓ ମାସ୍କ ବ୍ୟବହାର କରିବାକୁ କୁହାଯାଇଛି।

ସ୍ୱାସ୍ଥ୍ୟ ବିଭାଗର ଏଭଳି ପ୍ରସ୍ତୁତିକୁ ଦେଖିଲେ ଆସନ୍ତା ରଥଯାତ୍ରା କିପରି ହେବ, ତାକୁ ନେଇ ମମସ୍ତଙ୍କ ମନରେ ଚିନ୍ତା ବଢ଼ିଲାଣି। ପୁରୀ ରଥଯାତ୍ରାକୁ କେବଳ ରାଜ୍ୟ ନୁହେଁ, ଦେଶ ବିଦେଶରୁ ମଧ୍ୟ ଭକ୍ତ ଆସିଥା'ନ୍ତି। ଯେହେତୁ ବର୍ଷକୁ ଥରେ ମହାପ୍ରଭୁ ବଡ଼ଦାଣ୍ଡକୁ ଓହ୍ଲାଇଥା'ନ୍ତି ତେଣୁ ତାଙ୍କୁ ସବୁ ଧର୍ମ ଏବଂ ବର୍ଗର ଲୋକ ଦର୍ଶନ କରିବାର ସୁଯୋଗ ପାଇଥା'ନ୍ତି। ତେଣୁ ଅଣହିନ୍ଦୁମାନଙ୍କ ପାଇଁ ଏହା ଏକ ଭଲ ସୁଯୋଗ ଆଣିଦେଇଥାଏ। ଏଥିପାଇଁ ରଥଯାତ୍ରାରେ ବହୁ ବିଦେଶୀ ଭକ୍ତଙ୍କୁ ମଧ୍ୟ ଦେଖିବାକୁ ମିଳେ। ସେହିପରି ଭାରତର ବିଭିନ୍ନ ରାଜ୍ୟର ହଜାରହଜାର ଶ୍ରଦ୍ଧାଳୁ ପୁରୀ ଆସି ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରାର ମୁକସାକ୍ଷୀ ପାଲଟିଥା'ନ୍ତି। ବର୍ତ୍ତମାନ ଭାରତର କିଛି ରାଜ୍ୟରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଯଦି ସେହି ରାଜ୍ୟରୁ ଭକ୍ତ ଆସନ୍ତି, ତେବେ ଏଠି ସଂକ୍ରମଣ ବ୍ୟାପିବା ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ। ଏମିତି ବି ପୁରୀର ପଡ଼ୋଶୀ ଜିଲ୍ଲା ଖୋର୍ଦ୍ଧାରେ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏ ସବୁକୁ ଦେଖିଲେ ଆଗକୁ ପୁରୀ ପାଇଁ ଯେ କୋଭିଡ୍ ଆଶଙ୍କା ନ ରହିବ, ତାହା କହିହେବ ନାହିଁ।

# ଭାଙ୍ଗିଦେଲେ ଶ୍ରୀମନ୍ଦିର ଐତିହ୍ୟ କୀର୍ତ୍ତିରାଜି

- ଉତ୍ତରଦ୍ୱାର ପାର୍ଶ୍ୱ ପାଦପଦ୍ମସ୍ଥଳୀ ଭାଙ୍ଗିବାକୁ ନେଇ ଉଦ୍‌ବେଗ
- ରାମ୍ପ କାମ ଆମେ କରୁନୁ: ଏଏସ୍‌ଆଇ

ପୁରୀ, ୨।୬ (ସମିସ): ଭାଙ୍ଗିଦେଲେ ଶ୍ରୀମନ୍ଦିରର ଐତିହ୍ୟ କୀର୍ତ୍ତିରାଜି। ଉତ୍ତରଦ୍ୱାର ପାର୍ଶ୍ୱରେ ଥିବା ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସ୍ମାରକୀ ପାଦପଦ୍ମସ୍ଥଳୀକୁ ନଷ୍ଟ କରିଦେଲେ। ଦିବ୍ୟାଙ୍ଗ ଭକ୍ତଙ୍କ ସୁବିଧାରେ ଦର୍ଶନ ନିମନ୍ତେ ରାମ୍ପ ଏବଂ ଶିଡ଼ି ନିର୍ମାଣ ଚାଲିଛି। ଏଥିପାଇଁ ପାଦପଦ୍ମସ୍ଥଳୀକୁ ଭାଙ୍ଗି ଦିଆଯାଇଛି। ପରିଚାଳନା କମିଟି ନ ଥିବା ଏବଂ ଛତିଶା ନିଯୋଗରେ କୌଣସି ଆଲୋଚନା ହୋଇ ନଥିବା ବେଳେ କିଭଳି ଏହାକୁ ଭାଙ୍ଗି ଦିଆଗଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଐତିହ୍ୟ ନଷ୍ଟ କରିବା ସହ ନବକଳେବର ସମୟରେ ଦାରୁ ଶଗଡ଼ି ଯାତାୟାତରେ ସମସ୍ୟା ତଥା ଶାସ୍ତ୍ରୀୟ ବିଧିବିଧାନର ବ୍ୟବସ୍ଥାକୁ ଭଙ୍ଗାଯିବା ଦୁର୍ଭାଗ୍ୟ ଓ ନିନ୍ଦନୀୟ ବୋଲି ସାଧାରଣଲୋକ କହିଛନ୍ତି। ଏହାସହ ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି।

ଶ୍ରୀମନ୍ଦିର ସଂସ୍କୃତି, ପରମ୍ପରା ବେଶ୍ ଐତିହାସିକ ଓ ପ୍ରାଚୀନ। ତେଣୁ ମହାପ୍ରଭୁଙ୍କ ପ୍ରତି ଗଭୀର ଭକ୍ତି ଓ ବିଶ୍ୱାସ ରଖି ଭକ୍ତମାନେ ଛୁଟି ଆସନ୍ତି ଶ୍ରୀମନ୍ଦିର। ଯେଉଁମାନଙ୍କ ମଧ୍ୟରେ ଅନେକ ଦିବ୍ୟାଙ୍ଗ ଶ୍ରଦ୍ଧାଳୁ ରହିଥା'ନ୍ତି। ତେଣୁ ସେମାନଙ୍କ ସୁବିଧା ପାଇଁ ଉତ୍ତର ଦ୍ୱାରଠାରେ ନିର୍ମାଣ ହେଉଛି ସ୍ୱତନ୍ତ୍ର ରାମ୍ପ୍। ଗତ କିଛି ଦିନ ହେବ ସେଠାରେ ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ନୂତନ ଶିଡ଼ି ମଧ୍ୟ କରାଯାଉଛି। ସେଠାରେ ଥିବା ପାଦପଦ୍ମସ୍ଥଳୀକୁ ଭଙ୍ଗାଯାଇଛି। ଏହା ଜଣାପଡ଼ିବା ପରେ ଏହା ପରମ୍ପରା ଓ ଶାସ୍ତ୍ର ବିରୋଧୀ ବୋଲି ମତ ପ୍ରକାଶ ପାଇଛି। ସେବାୟତମାନଙ୍କ ସହ ବିନା ଆଲୋଚନାରେ ଏପରି ନିର୍ମାଣ ଓ ଐତିହ୍ୟ ପାଦପଦ୍ମସ୍ଥଳୀକୁ ଭାଙ୍ଗିବା ଦୁର୍ଭାଗ୍ୟଜନକ। କିଛି ନ୍ୟସ୍ତସ୍ୱାର୍ଥ ଠିକାଦାରଙ୍କ ସହ ସଲାସୁତରା ସାଜି ଶ୍ରୀମନ୍ଦିର ପ୍ରଶାସନ ଏପରି ଲୁଟ୍‌ପାଟ୍ କରିଥିବା ଅଭିଯୋଗ କରିଛନ୍ତି ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଉତ୍ତରଦ୍ୱାର ଦେଇ ଦିବ୍ୟାଙ୍ଗମାନେ ଯେପରି ମହାପ୍ରଭୁଙ୍କୁ ସହଜରେ ଦର୍ଶନ କରିପାରିବେ, ସେଥିଲାଗି ରାମ୍ପ ତିଆରି ହେଉଛି। ଏହାକୁ ସାଧାରଣରେ ସ୍ୱାଗତ କରାଯାଇଛି। ମାତ୍ର ପାଦପଦ୍ମସ୍ଥଳୀ ଭାଙ୍ଗିବାକୁ ସହଜରେ କେହି ବି ହଜମ କରିପାରୁନାହାନ୍ତି। ଏହାବ୍ୟତୀତ ନିର୍ମାଣ ହୋଇଥିବା ନୂତନ ଶିଡ଼ି ଆଗାମୀ ନବକଳେବର ସମୟରେ ଅସୁବିଧା ସୃଷ୍ଟି କରିବ। ବିଶେଷକରି ଦାରୁ ଶଗଡ଼ି ଯିବା ସମୟରେ ଏହି ଅସୁବିଧା ଦେଖାଯିବ। ଏସବୁକୁ ଅଣଦେଖା କରି ସୁବିଧା ସୃଷ୍ଟି କରିବା ଆଳରେ ଐତିହ୍ୟ ନଷ୍ଟ କରିବା କେତେ ଠିକ୍ ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଘଟଣାର ତଦନ୍ତ କରିବା ସହ ଦୋଷୀ ବିରୋଧରେ ଦଣ୍ଡବିଧାନ କରିବାକୁ ଦାବି ହୋଇଛି।

ଅନ୍ୟପକ୍ଷରେ ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଏଏସ୍‌ଆଇର ଜଣେ ଅଧିକାରୀ କହିଛନ୍ତି, ଏହା ଆମ କାମ ନୁହେଁ। ଶ୍ରୀମନ୍ଦିର ପ୍ରଶାସନ ତା'ର ଏହି କାମ କରୁଛି। ଏଥିରେ ଆମର କୌଣସି ଭୂମିକା ନାହିଁ।

ସୂଚନାଥାଉ କି, ଶ୍ରୀଚୈତନ୍ୟ ମହାପ୍ରଭୁ ଯେତେବେଳେ ୧୮ ବର୍ଷ ଧରି ପୁରୀର ଗୌରଗମ୍ଭୀରାରେ ଅବସ୍ଥାନ କରୁଥିଲେ, ସେହି ସମୟରେ ପ୍ରତ୍ୟହ ମହାପ୍ରଭୁଙ୍କ ଦର୍ଶନ କରିବା ଲାଗି ଶ୍ରୀମନ୍ଦିରକୁ ଯାଇଥା'ନ୍ତି। ଭକ୍ତି ଭାବରେ ବିଭୋର୍ ହୋଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ଅବସରରେ ତାଙ୍କ ପାଦ୍ମପଦ୍ମର ଚିହ୍ନ ଗରୁଡ଼ ସ୍ତମ୍ଭ ପଛପଟେ ରହିଯାଇଥିଲା। ପରବର୍ତ୍ତୀ କାଳରେ ସେହି ପାଦପଦ୍ମକୁ ସ୍ଥାନାନ୍ତର କରି ଉତ୍ତର ପାର୍ଶ୍ୱସ୍ଥ ଭିତର ବେଢ଼ାରେ ଅବସ୍ଥାପିତ କରାଯାଇଥିଲା। ବହୁ ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟର ସନ୍ଥ ପ୍ରତିଦିନ ଶ୍ରୀଚୈତନ୍ୟଙ୍କ ପାଦପଦ୍ମକୁ ଦର୍ଶନ କରିବାକୁ ଶ୍ରୀମନ୍ଦିରକୁ ଯାଇଥା'ନ୍ତି। ହେଲେ ତାହାକୁ ଏବେ ଭାଙ୍ଗି ଦିଆଯାଇଛି।

**ସେମିନାରୀ ଫାଦର ଏବଂ ମହିଳା ରୋଷେୟାଙ୍କୁ ଆକ୍ରମଣ**

# ତଥ୍ୟ ଅନୁଧ୍ୟାନ କମିଟି ଗଠନ କଲା କଂଗ୍ରେସ

ଭୁବନେଶ୍ୱର,୨।୬(ସମିସ): ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଚାରବାଟୀ ସେମିନାରୀର ଫାଦର ଏବଂ ମହିଳା ରୋଷେୟାଙ୍କୁ ହୋଇଥିବା ଆକ୍ରମଣ ଓ ଟଙ୍କା ଲୁଟ୍ ଘଟଣାକୁ ଅତ୍ୟନ୍ତ ବର୍ବରୋଚିତ ଓ ଅମାନୁଷିକ କହିଛି ରାଜ୍ୟ କଂଗ୍ରେସ। ଏହି ଘଟଣାର ଅନୁଧ୍ୟାନ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଏହି ଅନୁଧ୍ୟାନ କମିଟିରେ ବିଧାୟକ ସିଏସ୍ ରାଜନ ଏକ୍କା ଅଧ୍ୟକ୍ଷ ଥିବାବେଳେ ଜୟଶଙ୍କର ମିଶ୍ର, ଅମୀତା ବିଶ୍ୱାଳ, ଇଂ ଦିଲୀପ ଦୁରିଆ, କେଦାର ବରିହା, ଦୁର୍ଗା ପାଢ଼ୀ ସଭ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ଉକ୍ତ କମିଟି ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ସମସ୍ତ ତଥ୍ୟ ଅନୁଧ୍ୟାନ କରିବେ ଓ ଏହି ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ପିସିସି ସଭାପତି ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ । ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଉଧାର ଟଙ୍କା ଫେରିପାଇବେ।

**ବୃଷ:** ନୂତନ କାମ ଆରମ୍ଭ କରିବାକୁ ଭଲ ସମୟ। କୋର୍ଟ ସମ୍ବନ୍ଧୀୟ ମାମଲାର ସମାଧାନ ହେବ। ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ। ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ।

**ମିଥୁନ:** ଯାନବାହାନ କିଣିବା ଯୋଗ ଅଛି। ପରିବାରକୁ ସମୟ ଦେବେ। ବ୍ୟବସାୟରେ କମ୍ ନିବେଶ କରି ଅଧିକ ଲାଭ ପାଇବେ। ପିଲାଙ୍କ ବଦମାସ ସ୍ୱଭାବରେ ପିତାମାତା ବିରକ୍ତ ହୋଇପାରନ୍ତି।

**କର୍କଟ:** ଦିନଟି ମିଶ୍ରିତଫଳ ପ୍ରଦାନ କରିବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ପରିବାରର ଦାୟିତ୍ୱଭାର ବଢ଼ିବ। ବ୍ୟବସାୟ ଆରମ୍ଭ କରିବା ପାଇଁ ଅଧିକ ଅର୍ଥର ଆବଶ୍ୟକ ହେବ।

**ସିଂହ:** ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ସମ୍ମାନ ହାନି ଯୋଗ ଅଛି। ଚାଷ କ୍ଷେତ୍ରରେ ଲାଭ ମିଳିବ। ଘରେ ପୂଜାପାଠ ଆୟୋଜନ କରିବେ। ଚକ୍ଷୁ ସମସ୍ୟା ହୋଇପାରେ।

**କନ୍ୟା:** ଅଚାନକ ଖୁସି ଖବର ପାଇପାରନ୍ତି। ଧନପ୍ରାପ୍ତି ଯୋଗ ରହିଛି। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବିଦେଶ ଯାତ୍ରା କରିପାରନ୍ତି। ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିପାରେ। ନୂତନ ଯାନବାହନ କିଣିପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ଦୀର୍ଘ ଦିନର ଆଶା ପୂରଣ ହେବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବିବାହ ସମସ୍ୟା ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ଆଳସ୍ୟ ଅନୁଭବ କରିପାରନ୍ତି। ପ୍ରେମରେ ବିଫଳ ହୋଇପାରନ୍ତି।

**ଧନୁ:** ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିପାରନ୍ତି।

**ମକର:** କର୍ମତତ୍ପର ରହିବେ। ଆଧ୍ୟାତ୍ମିକ ଦିଗରୁ ଦିନଟି ଭଲ। କର୍ମକ୍ଷେତ୍ରରେ କାମ ଚାପ ରହିବ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟରୁ ଆଶାଜନକ ଲାଭ ମିଳିବ। କ୍ରୋଧକୁ ନିୟନ୍ତ୍ରଣରେ ରଖନ୍ତୁ। ଭବିଷ୍ୟତ ପାଇଁ ଚିନ୍ତା ବଢ଼ିବ। ନୂଆ ଯୋଜନା କରିପାରନ୍ତି। ବିଦ୍ୟାର୍ଥୀମାନେ ଖେଳକୁଦରେ ସମୟ ବିତାଇବେ।

**ମୀନ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଧାର କରଜରୁ ଦୂରେଇ ରହିବେ। ପାରିବାରିକ ସମସ୍ୟାର ସମାଧାନ ହେବ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

## ଆଜିର ଇତିହାସ

- ୧୯୧୫- ବ୍ରିଟିଶ ସରକାର ରବୀନ୍ଦ୍ରନାଥ ଟାଗୋରଙ୍କୁ ନାଇଟ୍‌ହୁଡ୍ ଉପାଧି ପ୍ରଦାନ କଲେ ।
- ୧୯୪୭-ଭାରତର ଶେଷ ଭାଇସ୍‌ରାୟ ଲର୍ଡ ମାଉଣ୍ଟବେଟେନ୍ ଭାରତ ବିଭାଜନ ପାଇଁ ଘୋଷଣା କଲେ।
- ୧୯୫୯-ସିଙ୍ଗାପୁରକୁ ସେଲଫ୍ ଗଭର୍ଣ୍ଣିଂ ଷ୍ଟେଟ୍ ଭାବେ ଘୋଷଣା କରାଗଲା।
- ୨୦୦୫- ସୁରକ୍ଷା ପରିଷଦରେ ଭାରତର ଦାବିଦାରୀ ପାଇଁ ଫ୍ରାନ୍ସ ସମର୍ଥନ କଲା।


# ବିଶ୍ୱ ସାଇକଲ ଦିବସ



ନିୟମିତ ସାଇକଲ ଚାଳନା ଶରୀରକୁ ସୁସ୍ଥ ଏବଂ ଫିଟ୍ ରଖେ। ସାଇକଲ କେବଳ ବ୍ୟକ୍ତିର ପରିବହନର ମାଧ୍ୟମ ନୁହେଁ, ବରଂ ଉତ୍ତମ ସ୍ୱାସ୍ଥ୍ୟର ସାଥୀ ପାଲଟି ଯାଇଛି। ସାଇକଲର ବ୍ୟବହାରକୁ ବହୁଳ ଭାବେ ବଢ଼ାଇବା ପାଇଁ ଜୁନ୍ ୩ ତାରିଖକୁ 'ବିଶ୍ୱ ସାଇକଲ ଦିବସ' ଭାବରେ ଘୋଷଣା କରିଛି 'ମିଳିତ ଜାତିସଂଘ' । କୁନି କୁନି ପିଲା ତଥା ଯୁବଗୋଷ୍ଠୀଙ୍କୁ ସାଇକଲ ଚାଳନା ପାଇଁ ପ୍ରୋତ୍ସାହିତ କରିବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ମିଳିତ ଜାତିସଂଘର ସାଧାରଣ ସଭା ଜନ ସଚେତନତା ସୃଷ୍ଟି କରିବା ପାଇଁ ୨୦୧୮ ରେ 'ବିଶ୍ୱ ସାଇକଲ ଦିବସ' ପାଳନ କରିବା ଆରମ୍ଭ କରିଥିଲା। ଏବେ ସାଇକେଲ ଅଛି ସତ । କିନ୍ତୁ ଗଡ଼ିବା ଅବସ୍ଥାରେ ନାହିଁ । ସହରର ରାସ୍ତାଗୁଡ଼ିକରେ ବହୁତ କମ୍ ସଂଖ୍ୟାରେ ସାଇକଲ ଦେଖିବାକୁ ମିଳୁଛି। ଦୁଇଚକିଆ, ଚାରିଚକିଆ ଗାଡ଼ିର ହର୍ଣ୍ଣ ମଧ୍ୟରେ ହଜିଗଲାଣି ସାଇକଲ କ୍ରିଂ କ୍ରିଂ ଶବ୍ଦ। ଅତି ଗରିବ ଶ୍ରେଣୀର ଲୋକେ ମଧ ସାଇକଲ ଛାଡ଼ି ମୋଟର ସାଇକଲ ଚଢ଼ିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଶରୀରକୁ ସୁସ୍ଥ ରଖିବା ସହ ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ଉଦ୍ଦେଶ୍ୟରେ 'ବିଶ୍ୱ ସାଇକଲ ଦିବସ' ପାଳନ କରାଯାଉଛି। ସାରା ବିଶ୍ୱରେ ନେଦରଲ୍ୟାଣ୍ଡ ଏକମାତ୍ର ଦେଶ, ଯେଉଁଠି ଆଜି ବି ସାଇକଲ ଅଧିକ ଭାବେ ବ୍ୟବହାର କରାଯାଇଥାଏ। ଏହି ଦେଶର ସରକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଅକ୍ଷୁଣ୍ଣ ରଖିବା ପାଇଁ ସାଇକଲ ଚଳାଇବା ଉପରେ ସେଠାକାର ନାଗରିକଙ୍କୁ ପରାମର୍ଶ ଦେଇଥାନ୍ତି। ନେଦରଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ସାଇକଲ ଚଳାଇ ତାଙ୍କ କାର୍ଯ୍ୟାଳୟକୁ ଆସନ୍ତି। ସାଇକଲ ଚଳାଇବା ଦ୍ୱାରା ଏହା ଉଭୟ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ। ଏହା ହୃଦ୍‌ଯନ୍ତ୍ର ଓ ଫୁସ୍‌ଫୁସ୍‌କୁ ଭଲ ରଖିବାରେ ସାହାଯ୍ୟ କରେ। ନିୟମିତ ଅଧଘଣ୍ଟା ସାଇକଲ ଚଳାଇବା ଦ୍ୱାରା ପେଟର ଚର୍ବି ହ୍ରାସ ପାଇଥାଏ। କେବଳ ସେତିକି ନୁହେଁ, ନିୟମିତ ସାଇକଲ ଚଳାଇବା ଦ୍ୱାରା ଶରୀରର ଇମ୍ୟୁନୋ ସିଷ୍ଟମ୍ ଠିକ୍ ଭାବେ କାମ କରିଥାଏ। ୧୯୬୦ରୁ ୧୯୯୦ ମସିହା ପର୍ଯ୍ୟନ୍ତ ସାଇକଲର ସମୟ ଥିଲା। ଏବେ କିନ୍ତୁ ସାଇକଲ କେବଳ ବ୍ୟାୟାମ କରିବା ଉଦ୍ଦେଶ୍ୟରେ ତଥା ଆଥ୍‌ଲେଟିକ୍ସମାନଙ୍କ ଦ୍ୱାରା ବ୍ୟବହାର କରାଯାଉଛି। ସମୟ ସହ ତାଳ ଦେଇ ସାଇକଲରେ ଅନେକ ପରିବର୍ତ୍ତନ ଆସିଛି। ଦିନ ଥିଲା 'ରାଲେ', 'ଆଟ୍‌ଲାସ୍', 'ହରକ୍ୟୁଲେସ୍'ଏବଂ 'ହିରୋ' ପରି କିଛି କମ୍ପାନୀ ନିଜ ସାଇକେଲ ବ୍ରାଣ୍ଡ ଭାବେ ଲୋକମାନଙ୍କ ମଧ୍ୟରେ ଛାପ ସୃଷ୍ଟି କରିଥିଲେ । କିନ୍ତୁ ଜଗତୀକରଣ ପରେ ବିଶ୍ୱର ନାମୀଦାମୀ କମ୍ପାନୀର ସାଇକଲ ଏବେ ହାତ ପାହାନ୍ତାରେ ମିଳି ପାରୁଛି। ଅଳ୍ପ ଦୂରରେ ଥିବା ସ୍ଥାନଗୁଡ଼ିକୁ ଯିବା ଆସିବା ପାଇଁ ବାଇକ୍ କିମ୍ବା ଚାରିଚକିଆ ଯାନ ପରିବର୍ତ୍ତେ ସାଇକଲ୍ ବ୍ୟବହାର କରିବା ଦ୍ୱାରା ଦିନକୁ ହଜାର ହଜାର ଲିଟରର ପେଟ୍ରୋଲ୍ ଓ ଡିଜେଲ୍ ନଷ୍ଟ ହେବାରୁ ରକ୍ଷା ମିଳିବା ସହ ପ୍ରଦୂଷଣ ସ୍ତର ମଧ୍ୟ ହ୍ରାସ ପାଇବ। ସାଇକଲକୁ ଓଡ଼ିଆରେ ଆଗରୁ 'ଶୁନଗାଡ଼ି' କୁହାଯାଉଥିଲା । ଏବେ ଏହି ଶବ୍ଦ ପ୍ରାୟତଃ ମୃତ। ତେବେ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ ସାଇକଲ ଦିବସ ପାଳନ କରି ଏହାର ବ୍ୟବହାରକୁ ବଢ଼ାଇବା ପାଇଁ ପ୍ରୋତ୍ସାହିତ କରନ୍ତି ସାଇକଲ ପ୍ରେମୀ। ସେହିଭଳି ଏହି ଦିନ ସାଇକଲ ର୍‍ୟାଲି, ପୋଷ୍ଟର ପ୍ରତିଯୋଗିତା, ବିତର୍କ, ନିବନ୍ଧ ଲିଖନ ଓ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଏ।

# 'ରାମାୟଣ' ସୁଟିଂ ସେଟ୍‌ରୁ ଆସିଲା ଯଶ୍‌ଙ୍କ ଫଟୋ

ନୀତେଶ ତିୱାରୀଙ୍କ ଫିଲ୍ମ 'ରାମାୟଣ'ରେ ରଣବୀର କପୁର ଭଗବାନ ରାମ, ସାଇ ପଲ୍ଲବୀ ସୀତା ଓ ଯଶ୍ ରାବଣ ଭୂମିକାରେ ନଜର ଆସିବେ। ଫିଲ୍ମର ବଜେଟ୍ ରହିଛି ୮୩୫ କୋଟି। ଏହାର ପ୍ରଥମ ପାର୍ଟ ୨୦୨୬ ଦୀପାବଳି ଅବସରରେ ରିଲିଜ୍ ହେବାକୁ ଥିବାବେଳେ ଏହାର ଦ୍ୱିତୀୟ ପାର୍ଟ ଦୀପାବଳି ୨୦୨୭ରେ ଆସିବ। ପୂର୍ବରୁ ରଣବୀର ଓ ସାଇ ପଲ୍ଲବୀଙ୍କ ସୁଟିଂ ସେଟ୍‌ର ଫଟୋ ଭାଇରାଲ ହୋଇଥିବାବେଳେ ଏବେ ଯଶ୍‌ଙ୍କ ଫଟୋ ସାମ୍ନାକୁ ଆସିଛି। ରାବଣ ଭୂମିକାରେ ନଜର ଆସିବା ପାଇଁ ଯଶ୍ ଅପେକ୍ଷାକୃତ ଲମ୍ବା ଦାଢ଼ି ରଖିଥିବାର ଦେଖାଯାଇଛନ୍ତି। ଫଟୋରୁ ସେ କୌଣସି ଏକ ସିନ୍ ସୁଟ୍ ପାଇଁ ପ୍ରସ୍ତୁତି ଚଳାଇଥିବା ଲାଗୁଛି। ଯଶ୍‌ଙ୍କ ସହ ହଲିଉଡ୍‌ର ଷ୍ଟଣ୍ଟ ଡାଇରେକ୍ଟର ଗାଏ ନରିସ୍ ମଧ ଦେଖାଯାଇଛନ୍ତି। ନରିସ୍ ଏବେ ଭାରତ ଆସିଛନ୍ତି। ସେ 'ରାମାୟଣ'ର ହାଇ ଆକ୍ସନ୍ ସିନ୍‌ଗୁଡ଼ିକର କୋରିଓଗ୍ରାଫି ଦାୟିତ୍ୱରେ ଅଛନ୍ତି। ତେବେ ଯଶ୍‌ଙ୍କୁ 'ରାମାୟଣ'ର ପ୍ରଥମ ପାର୍ଟ ପାଇଁ ୬୦ରୁ ୭୦ ଦିନ ସୁଟ୍ କରିବାକୁ ପଡ଼ିବ। 'କେଜିଏଫ୍-୨' ପରେ ଯଶ୍‌ଙ୍କ ପ୍ରଶଂସକମାନେ ତାଙ୍କ ଆଗାମୀ ଫିଲ୍ମ ଅପେକ୍ଷାରେ ଅଛନ୍ତି। 'ଟକ୍ସିକ୍' ଫିଲ୍ମ ମାଧ୍ୟମରେ ସେ ପରଦାକୁ ଫେରିବେ ବୋଲି କୁହାଯାଉଛି। ଗୀତୁ ମୋହନଦାସ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି।



# ରଖେ ହରି, ମାରେ କିଏ



କଥାରେ ଅଛି, 'ରଖେ ହରି, ତ ମାରେ କିଏ !', ଯାହାର ଅର୍ଥ ଯଦି ଭଗବାନ ଜଣକୁ ରକ୍ଷା କରିବାକୁ ଚାହିଁବେ, ସଂସାରର କୌଣସି ଶକ୍ତି ସେହି ପ୍ରାଣୀର ଜୀବନ ନେଇପାରିବ ନାହିଁ। ନିକଟରେ ଚୀନ୍‌ର ଜଣେ ମହିଳାଙ୍କ କ୍ଷେତ୍ରରେ ଏଭଳି କିଛି ଘଟଣା ଘଟିଛି। ଜିୟାଂସିରେ ରହୁଥିବା ୪୪ ବର୍ଷୀୟା ପେଙ୍ଗ ହୁଇଫାଙ୍ଗ ସିଧାସଳଖ ମୃତ୍ୟୁମୁଖରୁ ବଞ୍ଚି ଯାଇଛନ୍ତି। ପେଙ୍ଗ ୧୨ ମହଲାରୁ ତଳକୁ ଖସି ପଡ଼ି ବି ଜୀବିତ ରହିବା ଘଟଣା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ୧୨ ମହଲା ଉପରୁ ତଳକୁ ଖସିବା ପରେ ପେଙ୍ଗ ତାଙ୍କ ସ୍ୱାମୀଙ୍କୁ ଜୋର୍‌ରେ ପାଟି କରି କହିଥିଲେ, 'ମୁଁ ଏବେ ଜୀବିତ ଅଛି। ୧୨୦ ନମ୍ବରରେ କଲ୍ କର।' ଘଟଣାଟି କିଛି ଏହିପରି- ପେଙ୍ଗଙ୍କ ସ୍ୱାମୀ ବିଲ୍ଡିଂଗୁଡ଼ିକରେ ଝରକା ଲଗାଇବା କାମ କରନ୍ତି। ଗତ ମେ' ୧୩ ତାରିଖରେ ପେଙ୍ଗକୁ ତାଙ୍କ ସ୍ୱାମୀ ଜଣେ ଗ୍ରାହକଙ୍କ ବାଲକୋନିରେ ସିଲିଂ କରିବାକୁ ସାହାଯ୍ୟ ମାଗିଥିଲେ। ପେଙ୍ଗ ସୁରକ୍ଷିତ କୋଠରୀ ଅଛି ଭାବି ସେଫ୍ଟି ବେଲ୍ଟ ପିନ୍ଧି ନ ଥିଲେ। ପେଙ୍ଗଙ୍କ ସ୍ୱାମୀ କ୍ରେନ୍ ଦ୍ୱାରା ୧୨ ମହଲା ଉପରକୁ ଏକ ଝରକାକୁ ଉଠାଉଥିଲେ। ଝରକାଟି ଅଧିକ ଓଜନ ଥିଲା। ଝରକାଟି ଉପରକୁ ଉଠିବାବେଳେ ଏକ ଗଛ ଦେହରେ ଲାଖିଯାଇ ତଳକୁ ଖସି ପଡ଼ିଥିଲା। ଅନ୍ୟପକ୍ଷରେ ଝରକାକୁ ଉପରୁ ଟାଣୁଥିବା ପେଙ୍ଗ ମଧ ତଳକୁ ଖସି ପଡ଼ିଥିଲେ। ତଳକୁ ଖସିବା ସମୟରେ ପେଙ୍ଗଙ୍କୁ ସେ ଆଉ ବଞ୍ଚିବେନି ବୋଲି ଲାଗିଥିଲା। ହେଲେ ସୌଭାଗ୍ୟବଶତଃ ଯେଉଁଠି ସେ ପଡ଼ିଥିଲେ, ସେଠାରେ ଏକ କମ୍ପାନୀର ଟେଣ୍ଟର ଛତା ଭାଙ୍ଗିଯାଇ ପଡ଼ିଥିଲା। ପେଙ୍ଗ ତାହା ଉପରେ ପଡ଼ିଥିଲେ। ତାଙ୍କୁ ତୁରନ୍ତ ହସ୍‌ପିଟାଲ ନିଆଯାଇଥିଲା। ତାଙ୍କର ଡାହାଣ ଗୋଡ଼, ବାମ ଗୋଡ଼ ଏବଂ ପିଠିର ତଳଭାଗର ହାଡ଼ ଭାଙ୍ଗି ଯାଇଥିବା କଥା ଡାକ୍ତର କହିଥିଲେ। ଏଯାବତ୍ ପେଙ୍ଗଙ୍କ ପରିବାର ଲୋକେ ତାଙ୍କ ଚିକିତ୍ସାରେ ୧୦ହଜାର ଆମେରିକୀୟ ଡଲାର ଖର୍ଚ୍ଚ କରିସାରିଲେଣି। ତାଙ୍କ ପରିବାର ଲୋକେ ଅଧିକ ଚିକିତ୍ସା ପାଇଁ ଏବେ ସାହାଯ୍ୟ ମାଗୁଛନ୍ତି। ଆଉ ଛଅ ମାସ ପରେ ସେ ଚାଲିବା ଆରମ୍ଭ କରିଦେବେ ବୋଲି ପେଙ୍ଗକୁ ଚିକିତ୍ସା କରୁଥିବା ଡାକ୍ତରମାନେ କହୁଛନ୍ତି। ତେବେ ଏଥିରେ ତାଙ୍କର ଓ ତାଙ୍କ ସ୍ୱାମୀଙ୍କର ଭୁଲ ଥିବାରୁ ସେ ଗ୍ରାହକଙ୍କୁ କୌଣସି କ୍ଷତିପୂରଣ ମାଗିବେ ନାହିଁ ବୋଲି ପେଙ୍ଗ କହିଛନ୍ତି।




## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ତ୍ତମାନ ଅନେକ ସ୍ଥାନରେ, ବର୍ଷା ହୋଇଯାଇଥିବାରୁ ଜମିର ଅବସ୍ଥା ଦେଖି ଖରାଦିନିଆ ହଳ କରନ୍ତୁ।
- ଧାନ ଚାଷ ପାଇଁ ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ଘରେ ସାଇତି ରଖିଥିବା ବିହନ ବ୍ୟବହାର କରିଥିଲେ ଗଜା ପରୀକ୍ଷା କରାଇ ଦିଅନ୍ତୁ।
- ଆଖୁ ଫସଲରେ ଘାସୁଆ ରୁଗୁଡ଼ିଆ ରୋଗର ନିୟନ୍ତ୍ରଣ ପାଇଁ ଆକ୍ରାନ୍ତ ଗଛକୁ ଓପାଡ଼ି ଦୂରରେ ପୋଡ଼ି ନଷ୍ଟ କରିଦିଅନ୍ତୁ। ରୋଗର ବାହକ ଜଉପୋକ ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ୍ ଥିୟାମିଥୋକ୍ସାମ କିମ୍ବା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଆମ୍ବଗଛରେ ଫଳ ମାଛିର ନିୟନ୍ତ୍ରଣ ପାଇଁ ଫଳ ମାଛି ଟ୍ରାପର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି।

# ଲଙ୍କା ଗଛ ବଢୁ ନଥିଲେ



**ଅଧିକାଂଶ ଘର ବାଡ଼ି ବଗିଚାରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରିଥାନ୍ତି। ପରିବା ଚାଷ ମଧ୍ୟରେ ମୁଖ୍ୟତଃ ଲଙ୍କା ଗଛ ରହିବା ସାଧାରଣ କଥା। ତେବେ ଲଙ୍କା ଗଛ ଯଦି ବଢୁନଥାଏ ଏହି ଉପାୟ ଆପଣାଇ ପାରିବେ।**

ଅନେକ ସମୟରେ ଲଙ୍କା ଗଛ ନ ବଢ଼ିବା, ପତ୍ରାକାର ଛୋଟ, ଫୁଲ ଓ ଫଳ ଆସିବାରେ ବିଳମ୍ବ ଆଦି ଲକ୍ଷଣ ଦେଖାଯାଏ। ଏହି ଲକ୍ଷଣ ଦେଖାଦେଲେ ବିଳମ୍ବ ନ କରି ଉଚିତ ଯତ୍ନ ନେବା ଜରୁରି। ତେଣୁ ଗଛଟି ଅଧିକ ଉଚ୍ଚଆକାରରେ ବଢ଼ି ପାର୍ଶ୍ୱ ଶାଖା ଆସୁନଥିଲେ ଗଛଉପର କୋମଳ ଶାଖାକୁ କାଟିଲେ ନୂଆ ଶାଖା ଆସି ଗଛ ଘନ ହୋଇଯାଇଥାଏ। ଫୁଲ ଓ ଫଳ ମଧ୍ୟ ଅଧିକ ଆସିଥାଏ। ମୁଖ୍ୟତଃ ୧୫ରୁ ୨୦ ଦିନ ଅନ୍ତରରେ ଏହିପରି ଭାବେ କାଟି ପାରିବେ।

**ସନ୍ତୁଳିତ ପୋଷାଣ:**
ପୋଷଣତତ୍ତ୍ୱର ଅଭାବ ହେଲେ ଗଛ ବିକାଶରେ ବୃଦ୍ଧି ଘଟେ। ତେଣୁ ଆରମ୍ଭରୁ ନାଇଟ୍ରୋଜେନ୍‌ର ଆବଶ୍ୟକତା ଥାଏ। ଏହାପରେ ପତ୍ର ବଢ଼ିବା ତଥା ଫୁଲ ଓ ଫଳ ହେବାକୁ ଫସ୍‌ଫରସ୍ ଏବଂ ପଟାସିୟମ ଜରୁରି। ଏଥିପାଇଁ ପ୍ରତି ୧୫ ଦିନରେ ଗୋବର ଖତ କିମ୍ବା ଜିଆ ଖତ ପ୍ରୟୋଗ କରିପାରିବେ। ଫୁଲ ଆସିବା ସମୟରେ ଜୈବିକ ଖତ, ଏନ୍‌ପିକେ ସାର କିମ୍ବା ଘୋଳ କରି ସିଞ୍ଚିପାରିବେ। ଗଛକୁ ସୂର୍ଯ୍ୟାଲୋକ ୫ରୁ ୬ ଘଣ୍ଟା ପଡ଼ୁଛି କି ନାହିଁ ତାହାକୁ ଧ୍ୟାନ ଦେବା ଆବଶ୍ୟକ । ଯଦି ପତ୍ର ତଳେ ଧଳା ପୋକ, ଲାଲ୍ ମାଛି ଲାଗିଥିବାର ଦେଖନ୍ତି, ତେବେ ନିମ ତେଲ ସିଞ୍ଚନ କରିପାରିବେ । ଏଥିପାଇଁ ୫ ମିଲି ନିମତେଲ, ଏକ ଲିଟର ପାଣିରେ ମିଶାଇ ସପ୍ତାହକୁ ଥରେ ସିଞ୍ଚନ କରିପାରିବେ। ଗଛ ଚାରିପାଖେ ସଫା ଓ ଶୃଙ୍ଖଳା ରଖିବା ଜରୁରି।

# ଜଳବାୟୁ ପରିବର୍ତ୍ତନ ଓ ସାମୂହିକ ବିହନ ବ୍ୟାଙ୍କ

**ଦେଶର ବିକାଶରେ କୃଷିକାର୍ଯ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ହେଲେ ଏବେ ଜଳବାୟୁ ପରିବର୍ତ୍ତନ ଖାଦ୍ୟ ଶୃଙ୍ଖଳାକୁ ବିଗାଡ଼ି ସମାଜ ପାଇଁ ସଙ୍କଟ ସୃଷ୍ଟି କରିବା ସହ ବୀଜ ଉତ୍ପାଦନ ଏବଂ ସଂରକ୍ଷଣ ପାଇଁ ଗୁରୁତର ବିପଦ ସୃଷ୍ଟି କରିଛି। ଏପରି ପରିସ୍ଥିତିରେ ସାମୂହିକ ବିହନ ବ୍ୟାଙ୍କଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। 'ସାମୂହିକ ବିହନ ବ୍ୟାଙ୍କ' ଜିନ୍ ବ୍ୟାଙ୍କର ଏକ ରୂପ। ଏହି ବ୍ୟାଙ୍କଗୁଡ଼ିକରେ ବିହନ ସଂଗ୍ରହ, ସଂରକ୍ଷଣ ଏବଂ ବଣ୍ଟନର ଏକ ସୁବିକଶିତ ବ୍ୟବସ୍ଥା ଅଛି।**

ସାମୂହିକ ବିହନ ବ୍ୟାଙ୍କଗୁଡ଼ିକ ସ୍ୱୟଂସହାୟକ ଗୋଷ୍ଠି, ଏନ୍‌ଜିଓ ଓ ସ୍ଥାନୀୟ କୃଷକମାନଙ୍କ ଦ୍ୱାରା ପରିଚାଳିତ ସୁବ୍ୟବସ୍ଥିତ ସଂସ୍ଥାନ। ଏହି ସଂସ୍ଥାନଗୁଡିକ ଦେଶୀ ତଥା ଜଳବାୟୁ ପରିବର୍ତ୍ତନ ସହଣୀ କିସମ ଏବଂ ଏହା ସମ୍ବନ୍ଧୀୟ ଜ୍ଞାନର ସଂରକ୍ଷଣ କରିଥାନ୍ତି। ଆଜି ପର୍ଯ୍ୟନ୍ତ ସମୁଦାୟ ୭୧ ପ୍ରକାର ଫସଲର ୮୮୭ ଜଳବାୟୁ ପରିବର୍ତ୍ତନ ସହଣୀ କିସମ ସଂରକ୍ଷଣ କରିଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗୋଷ୍ଠୀ ତଥା ସାମୂହିକ ବିହନ ବ୍ୟାଙ୍କ ଓ ବିହନ ସଂରକ୍ଷଣ କେନ୍ଦ୍ରମାନେ ପାଣିଯୋଗାଣ, ଆବଶ୍ୟକୀୟ ଭିତ୍ତିଭୂମି ଏବଂ ନୀତି ସହାୟତା ସମ୍ବନ୍ଧୀୟ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଏହା ବ୍ୟତୀତ ସେମାନଙ୍କୁ ପରିବର୍ତ୍ତିତ ମନୋବୃତ୍ତି, ପାରମ୍ପରିକ ମଞ୍ଜି ପ୍ରତି ଆଗ୍ରହ ହ୍ରାସ ପାଇ ହାଇବ୍ରିଡ୍ ଓ ଜେନେଟିକାଲି ମୋଡିଫାଏଡ୍ ମଞ୍ଜି ଆଗ୍ରହ ବୃଦ୍ଧି ଯୋଗୁଁ କିପରି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ସେ ନେଇ ଆନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳନ ଅବସରରେ ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭର୍ଣ୍ଣମେଣ୍ଟ (ସିଏସ୍‌ଇ) ଏକ ରିପୋର୍ଟ ପ୍ରକାଶ କରିଛନ୍ତି। ଏଥିରେ ଯୁବଚାଷୀମାନଙ୍କର ଦେଶୀ କିସମ ପ୍ରତି ଅନାଦାର ଏବଂ ଅଧିକ ଲାଭର ପ୍ରତିଶ୍ରୁତି ଦେଉଥିବା ବାଣିଜ୍ୟିକ ମଞ୍ଜି ପସନ୍ଦ କରିବା କଥା ଉଲ୍ଲେଖ ରହିଛି। ତେଣୁ ସିଏସ୍‌ଇ ଚାଷୀଙ୍କୁ ବିହନ ସଂରକ୍ଷଣ, ଦେଶୀ କିସମ ବିହନ, ଜ୍ଞାନକୌଶଳକୁ ଉପଯୋଗ କରିବାକୁ ଆହ୍ୱାନ ମଧ ଦେଇଛନ୍ତି। ସେହିପରି ପାରମ୍ପରିକ କିସମର ବିହନ ସଂରକ୍ଷଣ କରୁଥିବା କୃଷକ ଏବଂ ସମ୍ପ୍ରଦାୟକୁ ଆନୁଷ୍ଠାନିକ ଭାବେ 'ଜୈବ ବିବିଧତାର ରକ୍ଷକ' ଭାବେ ସ୍ୱୀକୃତି ଦିଆଯିବା ଉଚିତ। ବିହନ ସଂରକ୍ଷଣକାରୀଙ୍କ ଉତ୍ସାହ ବଜାୟ ରଖିବା ପାଇଁ ଉପଯୁକ୍ତ ନୀତି ଏବଂ ଦେଶୀ ବିହନକୁ ଉପଯୁକ୍ତ ପରିଚୟ ମିଳିବା ଅତ୍ୟନ୍ତ ଜରୁରି। ଏହା ଏକ ସରକାରୀ ପ୍ରମାଣପତ୍ର ଭାବେ କାମ କରିବ। ସାମୂହିକ ବିହନ ସଂରକ୍ଷଣ କେନ୍ଦ୍ରଗୁଡ଼ିର ଦେଶୀ ବିହନ କିସମ ଏବଂ ଏହାର ଜ୍ଞାନ କୌଶଳକୁ ଉପଯୋଗ କରି ବିବିଧ କୃଷି ପ୍ରଣାଳୀ ଦ୍ୱାରା ଖାଦ୍ୟ ସୁରକ୍ଷାକୁ ନିଶ୍ଚିତ କରାଯାଇପାରିବ।



# ମାଟି ତଳେ ଆଳୁ, ଉପରେ ଟମାଟୋ



କୃଷିକ୍ଷେତ୍ରରେ ନୂତନ ଜ୍ଞାନକୌଶଳ ପ୍ରୟୋଗ କରି ଚାଷୀମାନେ ବିଭିନ୍ନ ପ୍ରକାର ଚାଷକାର୍ଯ୍ୟ କରୁଛନ୍ତି। ଏହି କ୍ରମରେ ଝାଡ଼ଖଣ୍ଡ, ରାଞ୍ଚିର ଅନଗଡ଼ା ସ୍ଥିତ ମୋବାଇଲ ଏଗ୍ରିକଲଚର ସ୍କୁଲ ଆଣ୍ଡ ସର୍ଭିସେସ (ମାସ)ର ଫାର୍ମରେ ଆଳୁ ଫସଲରେ ଟମାଟୋ ଫଳୁଥିବା ଚର୍ଚ୍ଚାର ବିଷୟ ପାଲଟିଛି। ମାଟି ତଳେ ଆଳୁ ଗଛର ଉପ ଅଂଶରେ ଟମାଟୋ ଫଳିବା ପାଇଁ ପ୍ରଥମେ ଆଳୁ ବିହନରୁ ଗଛ ପ୍ରସ୍ତୁତ କରାଯାଇଥିଲା। ୨୦ ଦିନ ଯାଏଁ ମାଟି ତଳେ ଆଳୁକୁ ପୋତି ଦେବା ପରେ ଗଛ ପ୍ରସ୍ତୁତ ହୋଇଥିଲା। ସେହିପରି ପୃଥକଭାବେ ଟମାଟୋ ଗଛ ପ୍ରସ୍ତୁତ କରାଯାଇଥିଲା। ଆଳୁଗଛକୁ ମୂଳଠାରୁ ପ୍ରାୟ ଦୁଇ ଇଞ୍ଚ ଉପରକୁ କଟାଯାଇ ସେହି ସ୍ଥାନରେ ଟମାଟୋ ଗଛକୁ କଲମୀକରଣ କରାଯାଇଥିଲା। ଗଛକୁ ୭ଦିନ ଯାଏଁ ଅନ୍ଧାରରେ ରଖାଯାଇ ପରେ ଏହାକୁ ବିଭିନ୍ନ ସ୍ଥାନରେ ଲଗାଯାଇଥିଲା। ଆବଶ୍ୟକତା ଅନୁଯାୟୀ ଗଛମୂଳରେ ଖତ ଏବଂ କୀଟନାଶକ ପ୍ରୟୋଗ କରାଯାଇଥିଲା। ଜମିରେ ୨୫୦ ଗଛ କଲମୀକରଣରେ ଲଗାଯାଇଥିବା ବେଳେ ସମସ୍ତ ଗଛ ଜୀବିତ ରହିଥିଲା। ସଠିକ ଯତ୍ନ ଦ୍ୱାରା ଟମାଟୋ ଫଳିବାକୁ ଲାଗିଥିଲା। ଗୋଟେ ଗଛରୁ ପାଖାପାଖି ୨୫୦ରୁ ୩୦୦ ଗ୍ରାମ୍ ଆଳୁ ଅମଳ ହୋଇଥିଲାବେଳେ ୧୦ କିଲୋ ଟମାଟୋ ମିଳିଥିଲା।




# କ୍ରୀଡ଼ା



ସକାଳ
THE SAKALA
www.sakalaepaper.com

## ଅନ୍ତର୍ଜାତୀୟ କ୍ରିକେଟରୁ କ୍ଲାସେନ, ଦିନିକିଆରୁ ମ୍ୟାକ୍ସୱେଲଙ୍କ ଅବସର





ନୂଆଦିଲ୍ଲୀ,୨।୬ (ଏଜେନ୍ସି): ବିଶ୍ୱରେ ଖ୍ୟାତି ଲାଭ କରିଥିବା ଦୁଇଜଣ କ୍ରିକେଟ ଖେଳାଳି ଦକ୍ଷିଣ ଆଫ୍ରିକାର ହେନ୍‌ରିକ୍ କ୍ଲାସେନ ସମସ୍ତ ପ୍ରକାର ଅନ୍ତର୍ଜାତୀୟ କ୍ରିକେଟ ଓ ଅଷ୍ଟ୍ରେଲିଆର ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଆଜି ମୋ ଲାଗି ଏକ ଦୁଃଖର ଦିନ। ଦୀର୍ଘଦିନ ଧରି ଏ ସମ୍ପର୍କରେ ଚିନ୍ତା କରିବା, ପରିବାର ଓ ବନ୍ଧୁମାନଙ୍କ ସହ ପରାମର୍ଶ କରିବା ପରେ ଏହି ନିଷ୍ପତ୍ତି ନେଇଛି ବୋଲି କ୍ଲାସେନ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି କହିଛନ୍ତି। ଦକ୍ଷିଣ ଆଫ୍ରିକା ପକ୍ଷରୁ ୬୦ଟି ଦିନିକିଆ, ୫୮ଟି ଟି-୨୦ ଓ ୪ଟି ଟେଷ୍ଟ ମ୍ୟାଚ୍ ଖେଳିବା ପରେ କ୍ଲାସେନ ଏହି ନିଷ୍ପତ୍ତି ନେଇଛନ୍ତି। ଏହା ପରେ ସେ ପରିବାର ସହ ଅଧିକ ସମୟ କାଟିପାରିବେ ବୋଲି ଆଶା ପ୍ରକାଶ କରିଛନ୍ତି। ଗ୍ଲେନ୍ ମ୍ୟାକ୍ସୱେଲ ୨୦୧୨ରେ ଡେବ୍ୟୁ କରି ଅଷ୍ଟ୍ରେଲିଆ ପକ୍ଷରୁ ୧୪୯ଟି ଦିନିକିଆ ମ୍ୟାଚ ଖେଳି ୩,୯୯୦ ରନ୍ କରିଛନ୍ତି ଓ ୭୭ଟି ୱିକେଟ ନେଇଛନ୍ତି। କିନ୍ତୁ ୨୦୨୭ ବିଶ୍ୱକପ୍ ଖେଳିବାର ସମ୍ଭାବନା ନ ଥିବାରୁ ସେ ଦିନିକିଆ ଫର୍ମାଟରୁ ଅବସର ନେଇଛନ୍ତି। ୨୦୧୫ ଓ ୨୦୨୩ରେ ଅଷ୍ଟ୍ରେଲିଆକୁ ଚାମ୍ପିଅନ କରାଇବାରେ ତାଙ୍କର ବଡ ଭୂମିକା ରହିଥିଲା। ବିଶେଷକରି ୨୦୨୩ ବିଶ୍ୱକପ୍‌ର ଆପଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ସଂଗ୍ରହ କରିଥିବା ଅପରାଜିତ ୨୦୧ ରନ୍ ସବୁଦିନେ ସ୍ମରଣୀୟ ହୋଇ ରହିବ।

## ସେପ୍ଟେମ୍ବର ୩୦ରୁ ନଭେମ୍ବର ୨ ଯାଏ ଭାରତରେ ମହିଳା ଦିନିକିଆ ବିଶ୍ୱକପ୍

ଦୁବାଇ,୨।୬ (ଏଜେନ୍ସି): ଚଳିତବର୍ଷ ଭାରତରେ ଖେଳାଯିବାକୁ ଥିବା ମହିଳା ଦିନିକିଆ ବିଶ୍ୱକପ୍ ସେପ୍ଟେମ୍ବର ୩୦ରୁ ଆରମ୍ଭ ହୋଇ ନଭେମ୍ବର ୨ରେ ଶେଷ ହେବ। ଏହି



ବିଶ୍ୱକପ୍‌ର ସମସ୍ତ ମ୍ୟାଚ୍ ୫ଟି ଭେନ୍ୟୁରେ ଯଥା ବେଙ୍ଗାଲୁରୁ, ଗୁଆହାଟୀ, ଇନ୍ଦୋର, ବିଶାଖାପାଟଣା ଓ ଶ୍ରୀଲଙ୍କାର କଲମ୍ବୋସ୍ଥିତ ଆର୍ ପ୍ରେମଦାସା ଷ୍ଟାଡିୟମ୍‌ରେ ଖେଳାଯିବ। ଆଇସିସି ସହ ହୋଇଥିବା ବୁଝାମଣା ଅନୁଯାୟୀ ପାକିସ୍ତାନ ଗୋଟିଏ ହେଲେ ମ୍ୟାଚ୍ ଭାରତରେ ଖେଳିବ ନାହିଁ। ଏବେ ସୁଦ୍ଧା ଖେଳସୂଚୀ ପ୍ରକାଶ ପାଇ ନ ଥିଲେ ମଧ୍ୟ ପାକିସ୍ତାନ ତାହାର ସମସ୍ତ ମ୍ୟାଚ୍ କଲମ୍ବୋରେ ଖେଳିବ। ପାକିସ୍ତାନ ଯଦି ସେମିଫାଇନାଲ ଓ ଫାଇନାଲରେ ପ୍ରବେଶ କରେ ତେବେ କଲମ୍ବୋରେ ଏହି ଦଳ ପ୍ରଥମ ସେମିଫାଇନାଲ ଅକ୍ଟୋବର ୨୯ରେ ଓ ଫାଇନାଲ ନଭେମ୍ବର ୨ରେ ଖେଳାଯିବ। ପାକିସ୍ତାନ ଲିଗ୍ ପର୍ଯ୍ୟାୟରେ ଅଟକିଲେ ଉପରୋକ୍ତ ମ୍ୟାଚ୍ ଦୁଇଟି ଯଥାକ୍ରମେ ଗୁଆହାଟୀ ଓ ବେଙ୍ଗାଲୁରୁରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ଶ୍ରେଷ୍ଠ ୮ଟି ଦଳ ଅଂଶଗ୍ରହଣ କରିବେ। ଏଗୁଡିକ ହେଲେ ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ବାଂଲାଦେଶ ଓ ପାକିସ୍ତାନ। ୭ଥର ଟାଇଟଲ ଜିତିଥିବା ଅଷ୍ଟ୍ରେଲିଆ ଏବେ ଡିଫେଣ୍ଡିଂ ଚାମ୍ପିଅନ ରହିଛି।

## ଭାରତ-ଏ ବନାମ ଇଂଲଣ୍ଡ ଲାୟନ୍ସ ମ୍ୟାଚ୍ ଡ୍ର

କାଣ୍ଟରବରୀ,୨।୬ (ଏଜେନ୍ସି): ଭ୍ରମଣକାରୀ ଭାରତ-ଏ' ଏବଂ ଆୟୋଜକ ଇଂଲଣ୍ଡ ଲାୟନ୍ସ ମଧ୍ୟରେ ଏଠାରେ ଅନୁଷ୍ଠିତ ୪ ଦିନିଆ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଡ୍ର ରହିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ-ଏ' କରୁନ ନାୟାରଙ୍କ ୨୦୪ ରନ୍ ସହାୟତାରେ ୫୫୭ ରନ୍ କରିଥିଲା। ଜବାବରେ ଇଂଲଣ୍ଡ ଲାୟନ୍ସ ୫୮୭ ରନ୍ କରି ପ୍ରଥମ ଇନିଂସରେ ୩୦ ରନ୍‌ରେ ଆଗୁଆ ରହିଥିଲା। ଲାୟନ୍ସ ପକ୍ଷରୁ ଓପନର ଟମ୍ ହେନ୍ସ ୧୭୧, ମ୍ୟାକ୍ସ ହୋଲ୍ଡନ ୧୦୧ ଓ ଡାନ ମୁସ୍‌ଲୀ ୧୧୩ ରନ୍ କରିଥିଲେ। ଭାରତ ପକ୍ଷରୁ ମୁକେଶ କୁମାର ୩ଟି ଓ ଶାର୍ଦ୍ଦୁଳ ଠାକୁର ୨ଟି ୱିକେଟ ପାଇଥିଲେ। ଆଜି ସୋମବାର ମ୍ୟାଚ୍‌ର ଚତୁର୍ଥ ତଥା ଶେଷ ଦିନରେ ଭାରତ-ଏ' ଦ୍ୱିତୀୟ ଇନିଂସରେ ୨ ୱିକେଟରେ ୨୪୧ ରନ୍ କରିବା ପରେ ମ୍ୟାଚ ଡ୍ର ରହିଥିଲା। ଦଳ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ୬୪, ଅଭିମନ୍ୟୁ ଈଶ୍ୱରନ ୬୮ ରନ୍ କରିଥିଲେ। ଅନ୍ୟ ଦୁଇ ଖେଳାଳି ଧ୍ରୁବ ଜୁରେଲ ୫୩ ଓ ନୀତୀଶ କୁମାର ରେଡ୍ଡି ୫୨ ରନ୍‌ରେ ଅପରାଜିତ ରହିଥିଲେ। ଜୁନ୍ ୬ରୁ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳାଯିବ।

## କଟକ-ଏ ୭ ୱିକେଟ୍‌ରେ ବିଜୟୀ



ଭୁବନେଶ୍ୱର, ୨।୬ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ୍‌ରେ ସୋମବାର ଗୋଟିଏ ମ୍ୟାଚ୍ ଖେଳାଯାଇଥିଲା। ରେଭେନଶା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ଏହି ମ୍ୟାଚରେ କଟକ-ଏ ୭ ୱିକେଟ୍‌ରେ ବାଲେଶ୍ୱରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ବାଲେଶ୍ୱର ୧୮.୧ ଓଭରରେ ମାତ୍ର ୭୨ ରନରେ ଅଲ୍‌ଆଉଟ୍ ହୋଇଥିଲା। କଟକ-ଏ'ର ପିୟୂଷ ମନ୍ତ୍ରୀ ୩ ଓ ଅର୍ନବ ପଟ୍ଟନାୟକ ୨ଟି ୱିକେଟ୍ ନେଇଥିଲେ। ଜବାବରେ କଟକ-ଏ ଚୌଧୁରୀ ମହାନ୍ତିଙ୍କ ୩୪ ରନ ବଳରେ ୧୪.୨ ଓଭରରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ପିୟୂଷ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

### ଆଇପିଏଲ୍-୧୮ ର ଉଦ୍‌ଯାପନ ଆଜି

# ବେଙ୍ଗାଲୁରୁ-ପଞ୍ଜାବ ଗ୍ରାଣ୍ଡ ଫାଇନାଲ

ଅହମ୍ମଦାବାଦ୍,୨।୬ (ଏଜେନ୍ସି)



ରୟାଲଚ୍ୟାଲେଞ୍ଜର୍ସବେଙ୍ଗାଲୁରୁଓପଞ୍ଜାବକିଙ୍ଗସ ମଧ୍ୟରେ ଆଇପିଏଲ୍-୧୮ର ଗ୍ରାଣ୍ଡ ଫାଇନାଲ ସ୍ଥାନୀୟ ମୋଟେରା ଷ୍ଟାଡିୟମ୍‌ରେ ଆସନ୍ତାକାଲି ମଙ୍ଗଳବାର ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ଆରମ୍ଭରୁ ଖେଳି ଆସୁଥିଲେ ମଧ୍ୟ କେହି ଟାଇଟଲ ଜିତିବାରେ ସମର୍ଥ ହୋଇ ନାହାନ୍ତି। ଏଣୁ ଏଠାରେ ଆସନ୍ତାକାଲି ଯେଉଁ ଦଳ ବିଜୟୀ ହେବ ଆଇପିଏଲ୍‌ରେ ସେହି ଦଳ ନୂଆ ଚାମ୍ପିଅନ ହେବ। ଆଇପିଏଲ୍ ଇତିହାସରେ ବେଙ୍ଗାଲୁରୁ ସର୍ବଦା ତାରକା ଖେଳାଳିଙ୍କୁ ସାମିଲ କରିଆସିଛି। ଦଳ ଏହା ପୂର୍ବରୁ ୩ଥର ମଧ୍ୟ ଫାଇନାଲ ଖେଳିସାରିଛି। କିନ୍ତୁ ଥରେ ହେଲେ ଟାଇଟଲ ଜିତିବାକୁ ସମର୍ଥ ହୋଇନାହିଁ। ଏହି ଟିମ୍‌ର ଶ୍ରେଷ୍ଠ ତାରକା ବିରାଟ କୋହଲି ଆରମ୍ଭରୁ ଖେଳିଆସିଛନ୍ତି। ଖାସ୍ ତାଙ୍କ ଲାଗି ବେଙ୍ଗାଲୁରୁ ଏଠାରେ ଟାଇଟଲ ଜିତିବାକୁ କୌଣସି ପ୍ରଚେଷ୍ଟା ଛାଡିବ ନାହିଁ ବୋଲି ଅଧିନାୟକ ରଜତ ପାଟିଦାର କହିଛନ୍ତି। ଏହାର ଅର୍ଥ ଖେଳାଳିମାନେ ଯେପରି ହେଉ ବେଙ୍ଗାଲୁରୁକୁ ଚାମ୍ପିଅନ କରିବାକୁ ଜୋରଦାର ଉଦ୍ୟମ କରିବେ। ଅନ୍ୟ ପକ୍ଷରେ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଯୁବ ଖେଳାଳିଙ୍କୁ ନେଇ ପଞ୍ଜାବ କିଙ୍ଗ୍‌ସ ଏହି ଟୁର୍ଣ୍ଣାମେଣ୍ଟରେ ଦମ୍‌ଦାର ଖେଳିଛି। ଟାଇଟଲ ଜିତିବାକୁ ଏହି ଦଳର ସମସ୍ତ ପ୍ରକାର ଯୋଗ୍ୟତା ରହିଛି। ଏଣୁ ଆସନ୍ତାକାଲିର ଫାଇନାଲ ବେଙ୍ଗାଲୁରୁର ଭାବପ୍ରବଣତା ଓ ପଞ୍ଜାବର ଯୁବ ଉଦ୍ଦାମତା। ଏଣୁ ମ୍ୟାଚ୍‌ଟି ବେଶ ରୋମାଞ୍ଚକର ହେବ ବୋଲି ନିଃସନ୍ଦେହରେ କୁହାଯାଇପାରେ।

### ■ ବେଙ୍ଗାଲୁରୁ ବିପକ୍ଷରେ ପଞ୍ଜାବ ଟପ୍ ଅର୍ଡରର ବ୍ୟାଟିଂ ଫେଲ୍

ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ୧୪ଟି ଲେଖାଏଁ ମ୍ୟାଚ୍ ଖେଳି ୯ ବିଜୟ ଓ ଗୋଟିଏ ବାତିଲ ମ୍ୟାଚ୍‌ରୁ ସମାନ ୧୯ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଉନ୍ନତ ରନ୍ ହାରରେ ପଞ୍ଜାବ ପଏଣ୍ଟ ଟେବଲରେ ପ୍ରଥମ ଓ ବେଙ୍ଗାଲୁରୁ ଦ୍ୱିତୀୟ ସ୍ଥାନରେ ରହିଥିଲା। ଏମାନଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରଥମ କ୍ୱାଲିଫାୟରକୁ ସହଜରେ ଜିତି ବେଙ୍ଗାଲୁରୁ ଫାଇନାଲରେ ପ୍ରବେଶ କରିଥିଲା। ଅନ୍ୟ ପକ୍ଷରେ ରୋମାଞ୍ଚକ ଦ୍ୱିତୀୟ କ୍ୱାଲିଫାୟରରେ ପଞ୍ଜାବ ଅଧିନାୟକ ଶ୍ରେୟସ ଆୟରଙ୍କ ବିସ୍ଫୋରକ ୮୭ ରନ୍ ବଳରେ ମୁମ୍ବାଇ ଇଣ୍ଡିଆନ୍ସକୁ ୫ ୱିକେଟରେ ହରାଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଏହା ପରେ ଚଳିତ ଟୁର୍ଣ୍ଣାମେଣ୍ଟର ଫାଇନାଲ ଉଭୟଙ୍କ ମଧ୍ୟରେ ଚତୁର୍ଥ ମୁକାବିଲା ହେବ। ଏଣୁ ଉଭୟ ଦଳ ପରସ୍ପରର ଦକ୍ଷତା ଓ ଦୁର୍ବଳତା ସମ୍ପର୍କରେ ବେଶ ଅବଗତ। ଉଲ୍ଲେଖନୀୟ କଥା ହେଲା, ପଞ୍ଜାବ ଏହି ଟୁର୍ଣ୍ଣାମେଣ୍ଟରେ ୪ଟି ମ୍ୟାଚ୍‌ରେ ହାରିଥିଲାବେଳେ ଏହା ମଧ୍ୟରୁ ୨ଥର କେବଳ ବେଙ୍ଗାଲୁରୁଠାରୁ ହାରିଛି। ପଞ୍ଜାବର ଟପ୍ ଅର୍ଡରରେ ୩ଜଣ ବ୍ୟାଟର ଓ ଶେଷଭାଗରେ ପ୍ରବେଶ କରିଥିବା ଜୋଶ ଇଂଲିଶ ୧୦୦ରୁ ଅଧିକ ଷ୍ଟ୍ରାଇକ୍ ରେଟ୍‌ରେ ରନ ସଂଗ୍ରହ କରିଥିଲେ ମଧ୍ୟ ବେଙ୍ଗାଲୁରୁ ବିପକ୍ଷରେ ଏମାନେ ସମସ୍ତ ୩ଟି ଯାକ ମ୍ୟାଚ୍‌ରେ ଫେଲ୍ ମାରିଛନ୍ତି। ବେଙ୍ଗାଲୁରୁ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ପଞ୍ଜାବ ୫୩ ରନ୍‌ରେ ୪ଟି, ଦ୍ୱିତୀୟ ମ୍ୟାଚ୍‌ରେ ୭୬ ରନ୍‌ରେ ୪ଟି ଓ କ୍ୱାଲିଫାୟରରେ ୩୮ ରନ୍‌ରେ ୪ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏଣୁ ଜୋଶ ହାଜ୍‌ଲେଉଡ୍, ଭୁବନେଶ୍ୱର କୁମାର, ଯଶ ଦୟାଳଙ୍କ ପେସ୍ ବିପକ୍ଷରେ ପଞ୍ଜାବ ଟପ୍ ଅର୍ଡର ଫେଲ ମାରିଛି। ଏମାନେ ଆସନ୍ତାକାଲି ମ୍ୟାଚ୍‌ରେ ସମାନ ପ୍ରଦର୍ଶନ କଲେ ବେଙ୍ଗାଲୁରୁ ଟାଇଟଲ ଜିତିବା ନିଶ୍ଚିତ।

### ଫାଇନାଲ ବାତିଲ ହେଲେ ପଞ୍ଜାବ ଜିତିବ ଟାଇଟଲ

ପଞ୍ଜାବ କିଙ୍ଗସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଅହମ୍ମଦାବାଦ୍‌ର ମୋଟେରା ଷ୍ଟାଡିୟମ୍‌ରେ ଆସନ୍ତାକାଲି ଖେଳାଯିବାକୁ ଥିବା ଫାଇନାଲ ମୁକାବିଲାରେ ବର୍ଷା ହେବାର ଯଥେଷ୍ଟ ସମ୍ଭାବନା ରହିଛି। କିନ୍ତୁ ଏହା ଅଳ୍ପ ସମୟ ଲାଗି ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। କିନ୍ତୁ ବର୍ଷା ଯୋଗୁଁ ଖେଳ ବାଧାପ୍ରାପ୍ତ ହେଲେ ୨ ଘଣ୍ଟା ଯାଏ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ। ଏହା ପରେ ଖେଳ ଆରମ୍ଭ ହେଲେ ଓଭର ସଂଖ୍ୟା କମିବ ନାହିଁ। କିନ୍ତୁ ବର୍ଷା ନ ଛାଡିଲେ ଫାଇନାଲ ଖେଳ ରିଜର୍ଭ ଦିବସରେ ଖେଳାଯିବ। ରିଜର୍ଭ ଦିବସରେ ଯଦି ବର୍ଷା ଯୋଗୁ ଖେଳ ସ୍ଥଗିତ ରୁହେ, ତେବେ ପଏଣ୍ଟ ଟେବଲରେ ଆଗୁଆ ଥିବା ବା ପ୍ରଥମ ସ୍ଥାନରେ ଥିବା ପଞ୍ଜାବ ଚାମ୍ପିଅନ ହେବ।

### ଶ୍ରେଷ୍ଠ ବ୍ୟାଟିଂ ପ୍ରଦର୍ଶନ

| ବ୍ୟାଟର୍ | ମ୍ୟାଚ୍ | ରନ | ହାରାହାରି |
|---|---|---|---|
| **ପଞ୍ଜାବ** | | | |
| ଶ୍ରେୟସ ଆୟର | ୧୬ | ୬୦୩ | ୫୪.୮୧ |
| ପ୍ରଭସିମରନ ସିଂହ | ୧୬ | ୫୨୩ | ୩୨.୬୮ |
| ପ୍ରିୟାଂଶ ଆର୍ଯ୍ୟ | ୧୬ | ୪୫୧ | ୨୮.୧୮ |
| ନେହାଲ ୱାଧେରା | ୧୫ | ୩୫୪ | ୩୨.୧୮ |
| **ବେଙ୍ଗାଲୁରୁ** | | | |
| ବିରାଟ କୋହଲି | ୧୪ | ୬୧୪ | ୫୫.୮୧ |
| ଫିଲ୍ ସଲ୍ଟ | ୧୨ | ୩୮୭ | ୩୫.୧୮ |
| ରଜତ ପାଟିଦାର | ୧୪ | ୨୮୬ | ୨୩.୮୩ |
| ଦେବଦତ୍ତ ପାଡ଼ିକଲ | ୧୦ | ୨୪୭ | ୨୭.୪୪ |

### ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ

| ବୋଲର୍ | ମ୍ୟାଚ୍ | ୱିକେଟ୍ | ହାରାହାରି |
|---|---|---|---|
| **ପଞ୍ଜାବ** | | | |
| ଅର୍ଶଦୀପ୍ ସିଂହ | ୧୬ | ୧୮ | ୨୬.୫୫ |
| ମାର୍କୋ ଜାନସେନ | ୧୪ | ୧୬ | ୨୭.୧୨ |
| ଯୁଜବେନ୍ଦ୍ର ଚହଲ | ୧୩ | ୧୫ | ୨୬.୨୦ |
| ହରପ୍ରୀତ୍ ବ୍ରାର | ୮ | ୧୦ | ୧୯.୦୦ |
| **ବେଙ୍ଗାଲୁରୁ** | | | |
| ଜୋଶ୍ ହାଜଲେଉଡ୍ | ୧୧ | ୨୧ | ୧୫.୮୦ |
| କ୍ରୁନାଲ ପାଣ୍ଡ୍ୟା | ୧୪ | ୧୫ | ୨୪.୧୩ |
| ଭୁବନେଶ୍ୱର କୁମାର | ୧୩ | ୧୫ | ୨୯.୬୬ |
| ଯଶ ଦୟାଲ | ୧୪ | ୧୨ | ୩୭.୬୬ |

### ଚଳିତ ଆଇପିଏଲ୍‌ରେ ଫଳାଫଳ

| ତାରିଖ | ଫଳାଫଳ | ଭେନ୍ୟୁ |
|---|---|---|
| ୧୮।୪ | ପଞ୍ଜାବ ୫ ୱିକେଟରେ ବିଜୟୀ | ବେଙ୍ଗାଲୁରୁ |
| ୨୦।୪ | ବେଙ୍ଗାଲୁରୁ ୭ ୱିକେଟରେ ବିଜୟୀ | ମୁଲାନପୁର |
| ୨୯।୪ | ବେଙ୍ଗାଲୁରୁ ୮ ୱିକେଟରେ ବିଜୟୀ | ମୁଲାନପୁର |



### ଆଇପିଏଲ୍ ଫାଇନାଲ

ଭେନ୍ୟୁ : ଅହମ୍ମଦାବାଦ୍
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ସମ୍ଭାବ୍ୟ ଦଳ

**ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ** : ଫିଲ୍ ସଲ୍ଟ, ବିରାଟ କୋହଲି, ମୟଙ୍କ ଅଗରୱାଲ୍, ରଜତ ପାଟିଦାର (ଅଧିନାୟକ), ଲିଆମ ଲିଭିଂଷ୍ଟୋନ, ଜିତେଶ ଶର୍ମା (ୱିକେଟ୍‌ରକ୍ଷକ), ରୋମାରିଓ ସେଫର୍ଡ, କ୍ରୁନାଲ ପାଣ୍ଡ୍ୟା, ଜୋଶ ହାଜଲେଉଡ୍, ଭୁବନେଶ୍ୱର କୁମାର, ଯଶ ଦୟାଲ, ସୂୟାଶ ଶର୍ମା।

**ପଞ୍ଜାବ କିଙ୍ଗ୍‌ସ** : ପ୍ରିୟାଂଶ ଆର୍ଯ୍ୟ, ପ୍ରଭସିମରନ ସିଂହ, ଜୋଶ୍ ଇଂଲିଶ (ୱିକେଟରକ୍ଷକ), ଶ୍ରେୟସ ଆୟର (ଅଧିନାୟକ), ନେହାଲ ୱାଧେରା, ଶଶାଙ୍କ ସିଂହ, ମାର୍କସ ଷ୍ଟୋଇନିସ, ଆଜମାତୁଲ୍ଲା ଓମାରଜାଇ, କାଏଲ୍ ଜାମିସନ, ବିଜୟ ବୈଶ୍ୟକ, ଅର୍ଶଦୀପ୍ ସିଂହ, ଯୁଜବେନ୍ଦ୍ର ଚହଲ/ ହରପ୍ରୀତ୍ ବ୍ରାର।

### ଫ୍ରେଞ୍ଚ ଓପନ୍

## ପେଗୁଲାଙ୍କ ବିପର୍ଯ୍ୟୟ



କୋକୋ ଗଫ୍

ପ୍ୟାରିସ, ୨।୬ (ଏଜେନ୍ସି): ଆମେରିକାର କୋକୋ ଗଫ୍ କ୍ରମାଗତ ୫ମଥର ଲାଗି ଫ୍ରେଞ୍ଚ ଓପନ୍ ଟେନିସ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାରେ ସଫଳ ହୋଇଛନ୍ତି। ସୋମବାର ଅନୁଷ୍ଠିତ ମହିଳା ଏକକ ୪ର୍ଥ ରାଉଣ୍ଡ ମ୍ୟାଚରେ ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ଥିବା ଗଫ୍ ୬-୦, ୭-୫ ସିଧାସଳଖ ସେଟ୍‌ରେ ରୁଷିଆର ଏକତେରିନା ଆଲେକ୍ସଜାଣ୍ଡ୍ରୋଭାଙ୍କୁ ପରାସ୍ତ କରିଥିଲେ। ୨୧ ବର୍ଷୀୟା ଗଫ୍ କ୍ୱାର୍ଟରରେ ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିଅନ ମାଡିସନ କିଜ୍‌ଙ୍କୁ ଭେଟିବେ। ରୁଷିଆର ଯୁବା ଖେଳାଳି ମିରା ଆନ୍ଦ୍ରିଭା ମଧ୍ୟ କ୍ୱାର୍ଟରରେ ସ୍ଥାନ ପକ୍କା କରିଛନ୍ତି। ପ୍ରି-କ୍ୱାର୍ଟରର ଏକ ମ୍ୟାଚରେ ଆନ୍ଦ୍ରିଭା ୬-୩, ୭-୫ ସେଟ୍‌ରେ ଏକ ଘଣ୍ଟା ୩୪ ମିନିଟ୍‌ରେ ଅଷ୍ଟ୍ରେଲିଆର ଡାରିଆ କାସାତକିନାଙ୍କୁ ହରାଇଛନ୍ତି। ତେବେ ବିଶ୍ୱ ମାନ୍ୟତାର ୩ୟ ସ୍ଥାନରେ ଥିବା ଆମେରିକାର ଜେସିକା ପେଗୁଲା ପ୍ରି-କ୍ୱାର୍ଟରରେ ହାରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ବିଶ୍ୱ ମାନ୍ୟତାର ୩୬୧ତମ ସ୍ଥାନରେ ରହିଥିବା ଫ୍ରାନ୍ସର ଲୋଇସ ବୋଇସନ ୩-୬, ୬-୪, ୬-୪ରେ ପେଗୁଲାଙ୍କୁ ହରାଇ ଅଗ୍ରଗତି କରିଛନ୍ତି।

ଅପରପକ୍ଷରେ ପୁରୁଷ ଏକକରେ ଜର୍ମାନୀର ୩ୟ ସିଡ୍ ଆଲେକ୍ସଜାଣ୍ଡର ଜ୍ୱେରେଭ ମଧ୍ୟ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ସୋମବାରା ଅନୁଷ୍ଠିତ ପ୍ରି-କ୍ୱାର୍ଟର ମୁକାବିଲାରେ ଜ୍ୱେରେଭ ୬-୪, ୩-୦ରେ ଆଗୁଆ ରହିଥିବାବେଳେ ତାଙ୍କ ପ୍ରତିପକ୍ଷ ନେଦରଲାଣ୍ଡସର ତାଲୋନ ଗ୍ରିଏକସ୍ପୋର ଆହତ ହୋଇ ଓହରିଯାଇଥିଲେ। ଅନ୍ୟ ଏକ ରାଉଣ୍ଡ-୧୬ ମ୍ୟାଚରେ ସର୍ବିୟାର ନୋଭାକ ଜୋକୋଭିଚ୍ ୬-୨, ୬-୩, ୬-୨ ସେଟ୍‌ରେ ବ୍ରିଟେନର କାମେରନ ନୋରିଙ୍କ ବିପକ୍ଷରେ ବିଜୟୀ ହୋଇଛନ୍ତି ଜୋକୋଭିଚ୍ କ୍ୱାର୍ଟରରେ ଜ୍ୱେରେଭଙ୍କ ସହ ଖେଳିବ।

### ଦୃଷ୍ଟିହୀନ ଟି-୨୦ କ୍ରିକେଟ୍

## ଦିଲ୍ଲୀ ବିପକ୍ଷ ସିରିଜ୍ ଲାଗି ଲିଙ୍ଗରାଜଙ୍କୁ ନେତୃତ୍ୱ

ଭୁବନେଶ୍ୱର, ୨।୬ (ସମିସ)




ଓଡ଼ିଶା ଓ ଦିଲ୍ଲୀ ଦୃଷ୍ଟିହୀନ କ୍ରିକେଟ୍ ଦଳ ମଧ୍ୟରେ ଏକ ୩ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଖେଳାଯିବ। ହରିୟାଣାର ଗୁରୁଗ୍ରାମଠାରେ ଜୁନ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ସିରିଜ ଲାଗି ଓଡ଼ିଶା ଦଳ ଘୋଷଣା କରାଯାଇଛି। ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ସଂଘ (କାଭି) ପକ୍ଷରୁ ଘୋଷିତ ୧୬ ଜଣିଆ ଦଳର ନେତୃତ୍ୱ ଭାର ଲିଙ୍ଗରାଜ ରାଉତରାୟଙ୍କୁ ପ୍ରଦାନ କରାଯାଇଛି। ଗତ ମେ ୨୩ରୁ ଜୁନ ୧ ତାରିଖ ପର୍ଯ୍ୟନ୍ତ ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ଦଳର ଚୟନ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଚନ୍ଦ୍ରଶେଖର ପଟ୍ଟନାୟକ ଓଡ଼ିଶା ଦଳର ପ୍ରଶିକ୍ଷକ ରହିଛନ୍ତି।

ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ଦଳ: ଲିଙ୍ଗରାଜ ରାଉତରାୟ (ଅଧିନାୟକ), କାଳିଆ ପ୍ରଧାନ (ଉପ-ଅଧିନାୟକ), ଚିରଞ୍ଜୀବ ମଲ୍ଲିକ, ପ୍ରତାପ ସାମନ୍ତ, ମହମ୍ମଦ ଜାଫର ଇକବାଲ, ଦେବରାଜ ବେହେରା, ଅଞ୍ଜନ ସିଂ, ଅଭିଜିତ୍ ଦାସ, କିଶାନ ମଲ୍ଲିକ, ପଙ୍କଜ ଭୁଏ, ଲାଲପ୍ରସାଦ ସୋରେନ, ଆକାଶ ରାଉତ, ସୁଖରାମ ମାଝୀ, ଧନପତି ଗୌଡ଼ (ୱିକେଟ୍‌କିପର) ଓ ରଘୁରାମ ନାଏକ।

## ରାଜୀବ ହେବେ ବିସିସିଆଇ ସଭାପତି

ମୁମ୍ବାଇ,୨।୬ (ଏଜେନ୍ସି): ବିସିସିଆଇ ସଭାପତି ରୋଜର ବିନ୍ନିଙ୍କୁ ଜୁଲାଇ ୧୯ରେ ୭୦ ବର୍ଷ ପୂରିଯିବ। ଜାତୀୟ କ୍ରୀଡ଼ା ନୀତି ଅନୁଯାୟୀ ୭୦ ବର୍ଷ ହେବା ପରେ ଜଣେ ପ୍ରଶାସକ କୌଣସି ଜାତୀୟ କ୍ରୀଡ଼ା ସଂଗଠନରେ କର୍ମକର୍ତ୍ତା ଭାବେ ରହିପାରିବେ ନାହିଁ। ଏଣୁ ବିନ୍ନିଙ୍କ ସ୍ଥାନରେ ବରିଷ୍ଠ ଉପସଭାପତି ରାଜୀବ ଶୁକ୍ଲା କାମଚଳା ସଭାପତି ଦାୟିତ୍ୱରେ ରହିବାର ଯଥେଷ୍ଟ ସମ୍ଭାବନା ରହିଛି। ସେ ଏହି ପଦରେ ମାତ୍ର ୩ ମାସ ରହିବା ପରେ ନିର୍ବାଚନ ଅନୁଷ୍ଠିତ ହେବ।

## ଜାତୀୟ ଶିଶୁ ଚେସ୍: ଓଡ଼ିଶାର ଅନନ୍ୟା ଅଗ୍ରଣୀ

ଖୋର୍ଦ୍ଧା,୨।୬ (ସମିସ): ଏଠାରେ ଚାଲିଥିବା ୩୮ତମ ଜାତୀୟ ରାଜ୍ୟ ୭ ବର୍ଷରୁ କମ୍ ବା ଶିଶୁ ଚେସ ପ୍ରତିଯୋଗିତାର ୪ର୍ଥ ରାଉଣ୍ଡ ଶେଷ ସୁଦ୍ଧା ବାଳିକା ବିଭାଗରେ ଓଡ଼ିଶାର ଅନନ୍ୟା ଅନ୍ୱେଷା ମିଶ୍ର ୪ ପଏଣ୍ଟ ପାଇ ମିଳିତଭାବେ ଅଗ୍ରଣୀ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗୋଆର ଆରାଧ୍ୟା ଦେଶାଇ, ପଶ୍ଚିମବଙ୍ଗର ସାଇଆସ୍ଥା ସିଂ ଓ ଅଦ୍ରିତି ମଜୁମଦାର, ରାଜସ୍ଥାନର ଶ୍ରେୟାଂଶୀ ଜୈନ, ମହାରାଷ୍ଟ୍ରର ଦୁଇ ଖେଳାଳି ସାମାଇକା ଓମ୍‌କାର ଥୋରାଟ ଓ ପ୍ରିତିକା ନନ୍ଦି ମଧ୍ୟ ୪ ରାଉଣ୍ଡରୁ ୪ ପଏଣ୍ଟ ପାଇ ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ବାଳକ ବିଭାଗରେ ୮ଜଣ ଖେଳାଳି ୪ ରାଉଣ୍ଡରୁ ୪ ପଏଣ୍ଟ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ସେମାନେ ହେଲେ ମହାରାଷ୍ଟ୍ରର କାଭିସ ଭଟ୍ଟଦ, ଆନ୍ଧ୍ରର ଆଶିଷ ଏସ୍, ପଶ୍ଚିମବଙ୍ଗର କାଜି ଆଦ୍ୟାନ ଅହମ୍ମଦ୍, ରାଜସ୍ଥାନର ପାର୍ଥ ସୋନି, ବିହାରର ବିଷ୍ଣୁ ବୈଭବ, ପୁଡୁଚେରୀର ଦୁବେଶ ମିଳନ, ଉତ୍ତପ୍ରଦେଶର ଚିତ୍ରାଂଶ ମାଲହୋତ୍ରା ଓ ହରିୟାଣାର ଆରିସ୍ ଗାନ୍ଧି। ଓଡ଼ିଶାର କୌଣସି ଖେଳାଳି ପ୍ରଥମ ୧୫ଜଣଙ୍କ ମଧ୍ୟରେ ସ୍ଥାନ ପାଇନାହାନ୍ତି। ରାଜ୍ୟ ଚାମ୍ପିଅନ ରିୟାଂଶ ଅଗରୱାଲ ୩ ଓ କାବ୍ୟାଂଶ ଚକ୍ରବର୍ତ୍ତୀ ୨.୫ ପଏଣ୍ଟ ସଂଗ୍ରହ କରିଛନ୍ତି। ସ୍ଥାନୀୟ କେଟି ଗ୍ଲୋବାଲ ସ୍କୁଲ ପରିସରରେ ୯ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତା ଜୁନ୍ ୫ ତାରିଖରେ ଶେଷ ହେବ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS